# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୧/୨୦୨୨ (୧୬ ପୃଷ୍ଠା) | Bhubaneswar, Thursday, July 21/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ରାନିଲ ୱିକ୍ରମସିଂଘେ ଶ୍ରୀଲଙ୍କା ରାଷ୍ଟ୍ରପତି**

ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି ଭାବେ ବୁଧବାର ନିର୍ବାଚିତ ହୋଇଛନ୍ତି ରାନିଲ ୱିକ୍ରମସିଂଘେ।

୧୧

୧୨

**ସାହାଯ୍ୟ ମାଗୁଛନ୍ତି ତନୁଶ୍ରୀ**

ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀଙ୍କୁ ଫିଲ୍ମ ଇଣ୍ଡଷ୍ଟ୍ରିର କେତେଜଣ ଜୀବନରୁ ମାରିବା ପାଇଁ ଚେଷ୍ଟା କରୁଥିବା ସେ କହିଛନ୍ତି।





ଗ୍ରୀସ୍‌ର ପୂର୍ବ ଏଥେନ୍ସସ୍ଥିତ ଡ୍ରର୍ଫି ଜଙ୍ଗଲରେ ଲାଗିଥିବା ନିଆଁକୁ ଲିଭାଇବା ପାଇଁ ଏକ ଫାୟାରଫାଇଟିଂ ହେଲିକପ୍ଟର ଦ୍ୱାରା ବୁଧବାର ପାଣି ପକାଯାଉଛି। ୟୁରୋପରେ ସମ୍ପ୍ରତି ତାପମାତ୍ରା ପ୍ରାୟ ୪୫ ଡିଗ୍ରୀ ଯାଏ ରହୁଥିବାବେଳେ ବିଭିନ୍ନ ସ୍ଥାନରେ ବନାଗ୍ନି ଦେଖିବାକୁ ମିଳୁଛି। ଡ୍ରର୍ଫି ସଂଲଗ୍ନ ଜଙ୍ଗଲରୁ ଭୟଙ୍କର ନିଆଁ ବ୍ୟାପିଥିବା ଯୋଗୁ ବହୁ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି।

# ୨୧ଶହ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ

- **ହାଇସ୍କୁଲରେ ୧୧ ହଜାର ଶିକ୍ଷକ ପଦବୀ ଖାଲି**
- **ମନ୍ତ୍ରୀଙ୍କ ଲମ୍ବା ଉତ୍ତରରେ ବାଚସ୍ପତି ଅସନ୍ତୁଷ୍ଟ**

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ସରକାର କହୁଛନ୍ତି। ଏପରି କି ବିଦ୍ୟାଳୟକୁ ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇ ଉନ୍ନତ ଏବଂ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯାଉଛି। ଭିତ୍ତିଭୂମି ବିକାଶ ସହ ଆଧୁନିକୀକରଣ କରାଯାଉଛି। ହେଲେ ଶିକ୍ଷକ ଅଭାବ ଏହି ସବୁ ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଜ୍ୟର ୨୧୦୭ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ମାତ୍ର ଜଣେ ଲେଖାଏ ଶିକ୍ଷକ ରହିଛନ୍ତି। ଭାଜପା ବିଧାୟକ ଗଣେଶ ରାମ ସିଂଙ୍କ ଦ୍ୱାରା ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ବୁଧବାର ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଧାନସଭାରେ ଉତ୍ତର ରଖିଛନ୍ତି। ରାଜ୍ୟରେ ୩୦,୩୭୭ ପ୍ରାଥମିକ ବିଦ୍ୟାଳୟ, ୧୯,୨୩୮ ଉଚ୍ଚ ପ୍ରାଥମିକ, ୨୬୦୧ ଇଂରାଜି ମାଧ୍ୟମ ଏବଂ ୧୦,୦୧୭ ହାଇସ୍କୁଲ ରହିଛି। ସେଥିମଧ୍ୟରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ୧,୬୭୨ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ରହିଛନ୍ତି। ମୟୂରଭଞ୍ଜ ଜିଲାରେ ସର୍ବାଧିକ ୧୭୧ ଏବଂ ☞ପୃଷ୍ଠା-୪

## ୨୦ ବ୍ଲକରେ ଡିଗ୍ରୀ କଲେଜ ନାହିଁ

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ରାଜ୍ୟର ୧୦ଟି ଜିଲାର ୨୦ ବ୍ଲକରେ ଡିଗ୍ରୀ କଲେଜ ନାହିଁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ସୂଚନା ଦେଇଛନ୍ତି। ରାଜ୍ୟରେ କେଉଁ କେଉଁ ସ୍ଥାନରେ ଡିଗ୍ରୀ କଲେଜ ଓ କେତେ ପିଲା ପଢୁଛନ୍ତି ଏବଂ କେଉଁ ବ୍ଲକରେ ଡିଗ୍ରୀ କଲେଜ ନାହିଁ, ସେ ନେଇ ବିଧାନସଭାରେ ବିଧାୟକ ମନୋହର ରନ୍ଧାରୀ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଉତ୍ତର ରଖି ଏହି ତଥ୍ୟ ଦେବା ସହ କହିଥିଲେ ନବରଙ୍ଗପୁର ଜିଲାର ସର୍ବାଧିକ ୫ଟି ବ୍ଲକ୍‌ରେ ଡିଗ୍ରୀ କଲେଜ ନାହିଁ। ଏହାପରେ ରାୟଗଡ଼ାରେ ୪ଟି ବ୍ଲକ, ଗଜପତି, କୋରାପୁଟ ଓ ସୁନ୍ଦରଗଡ଼ରେ ୨ଟି ଲେଖାଏ ବ୍ଲକ, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା ଏବଂ ମୟୂରଭଞ୍ଜର ଗୋଟିଏ ଲେଖାଏ ବ୍ଲକ୍‌ରେ ଡିଗ୍ରୀ କଲେଜ ନାହିଁ। ଏହି ବ୍ଲକଗୁଡ଼ିକରେ କଲେଜ ଖୋଲିବାକୁ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ସରକାରୀ ସ୍କୁଲରେ ପିଲାଙ୍କ ମୁଣ୍ଡପିଛା ଖର୍ଚ୍ଚ ୨୫ ହଜାର ୫୬ ଟଙ୍କା

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

୨୦୨୦-୨୧ ଆର୍ଥିକ ବର୍ଷରେ ୬ରୁ ୧୪ ବର୍ଷର ପିଲାଙ୍କ ପାଇଁ ମୁଣ୍ଡ ପିଛା ଖର୍ଚ୍ଚ ୨୫,୦୫୬ ଟଙ୍କା ହୋଇଥିଲା ବେଳେ ୨୦୧୪-୧୫ରେ ଏହି ରାଶି ୯,୧୮୪ ଟଙ୍କା, ୨୦୧୫-୧୬ରେ ଏହି ରାଶି ୧୨, ୬୦୨ ଟଙ୍କା, ୨୦୧୭-୧୮ରେ ୧୪ ହଜାର ୩୧୫ ଟଙ୍କା, ୨୦୧୮-୧୯ରେ ୧୭ ହଜାର ୩୭୦ ଟଙ୍କା ଖର୍ଚ୍ଚ କରାଯାଇଛି। ଭାଜପା ସଭ୍ୟ ମୋହନ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ବିଧାନସଭାରେ ଏହା କହିଛନ୍ତି। ରାଜ୍ୟରେ ୨୦୧୩-୧୪ରୁ ୨୦୨୧-୨୨ ମଧ୍ୟରେ ବିଭିନ୍ନ ସ୍ତରରେ ସରକାରୀ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମୁଣ୍ଡପିଛା ପାଇଁ ସରକାର କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି। ଶିକ୍ଷା କାର୍ଯ୍ୟକ୍ରମରେ କେଉଁ ବର୍ଷ କେତେ ଛାତ୍ରୀଛାତ୍ରଙ୍କ ପାଇଁ କେତେ ଅର୍ଥ ସରକାର ବ୍ୟୟ କରିଛନ୍ତି ବୋଲି ମାଝି ପ୍ରଶ୍ନ କରିଥିଲେ।

**ଆଜିର ସମ୍ପାଦକୀୟ** ଏବେକାର ମହାସଙ୍କଟ

# ଖବରଦାତାଙ୍କୁ ଲେଖିବାକୁ ମନା କରାଯାଇପାରିବ ନାହିଁ

ନୂଆଦିଲ୍ଲୀ, ୨୦।୭

ଆପତ୍ତିଜନକ ଟୁଇଟ୍ ପାଇଁ ଅଲ୍ଟ ନ୍ୟୁଜ୍ ସହପ୍ରତିଷ୍ଠାତା ମହମ୍ମଦ ଜୁବୈରଙ୍କ ବିରୋଧରେ ଥିବା ସମସ୍ତ ମାମଲାରେ ସୁପ୍ରିମକୋର୍ଟ ବୁଧବାର ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସମାନ ଅଭିଯୋଗରେ ଜୁବୈରଙ୍କ ବିରୋଧରେ ଆଗକୁ ଏପରି ମାମଲା ହେଲେ ଏହି ଅନ୍ତରୀଣ ଜାମିନ ବଳରେ ଗିରଫ କରାଯାଇପାରିବ ନାହିଁ ବୋଲି କହିବା ସହ ତୁରନ୍ତ ତାଙ୍କୁ ଜେଲରୁ ମୁକୁଳାଇବା ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ସେ ସନ୍ଧ୍ୟାରେ ଜେଲ୍‌ରୁ ମୁକୁଳିଛନ୍ତି।

ଗିରଫଦାରି କ୍ଷମତାକୁ ସଂଯମତାର ସହ ଉପଯୋଗ କରାଯିବା ଉଚିତ ବୋଲି ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ। ଜୁବୈରଙ୍କୁ



ମହମ୍ମଦ ଜୁବେର

## ଜୁବୈରଙ୍କୁ ଜାମିନ ପ୍ରଦାନ ବେଳେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ଟୁଇଟ୍ କରିବାକୁ ବାରଣ କରିବାକୁ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ହୋଇଥିବା ଆବେଦନକୁ ଖାରଜ କରି ଖଣ୍ଡପୀଠ କହିଥିଲେ, ଏହା କିପରି ହୋଇପାରିବ। ଜଣେ ଓକିଲଙ୍କୁ ଯୁକ୍ତିତର୍କ ନ କରିବାକୁ କୁହାଯାଇପାରିବ କି? ସେହିପରି ଜଣେ ଖବରଦାତାଙ୍କୁ ଲେଖିବାକୁ ମନା କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ୟୁପିରେ ଜୁବୈରଙ୍କ ବିରୋଧରେ ଥିବା ମାମଲାଗୁଡ଼ିକୁ ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍‌କୁ ଟ୍ରାନ୍ସଫର କରାଯାଇଛି। ମାମଲା ଉଠାଇବା ପାଇଁ ଜୁବୈର ଦିଲ୍ଲୀ ହାଇକୋର୍ଟକୁ ଯାଇପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, ହିନ୍ଦୁ ଠାକୁରଙ୍କ ଉପରେ କରିଥିବା ୨୦୧୮ର ଏକ ଟୁଇଟ୍ ପାଇଁ ଜୁବୈରଙ୍କୁ ଜୁନ୍ ୨୭ରେ ଗିରଫ କରାଯାଇଥିଲା। ସେ କ୍ରମାଗତ ଭାବେ ଧର୍ମୀୟ ଭାବନାକୁ ଆଘାତ ଦେବା ଭଳି ଟୁଇଟ କରିବା ସହ ଦୁଇ ସମ୍ପ୍ରଦାୟ ମଧ୍ୟରେ ତିକ୍ତତା ସୃଷ୍ଟି ଉଦ୍ୟମ କରୁଥିବା ଦିଲ୍ଲୀ ପୋଲିସ କହିଥିଲା।

# ଗାଡ଼ି ଚଢ଼ାଇ ପୋଲିସକୁ ହତ୍ୟା

# ୨୪ ଘଣ୍ଟାରେ ୩ ମୃତ

## ଝାଡ଼ଖଣ୍ଡ, ଗୁଜରାଟରେ ହରିୟାଣା ଭଳି କାଣ୍ଡ

- **ରାଞ୍ଚିରେ ମହିଳା ସବ୍-ଇନ୍‌ସ୍ପେକ୍ଟରଙ୍କୁ ଗାଡ଼ି ମଡ଼ାଇଲେ ଗୋରୁ ଚାଲାଣକାରୀ**
- **ଆନନ୍ଦରେ ଯାଞ୍ଚ ବେଳେ କନଷ୍ଟେବଲଙ୍କ ଉପରକୁ ଟ୍ରକ୍ ଚଢ଼ିଲା**

ରାଞ୍ଚି/ବଡ଼ୋଦରା, ୨୦।୭

ହରିୟାଣାର ନୁହ ଜିଲାରେ ବେଆଇନ ଖନନ ବେଳେ କର୍ତ୍ତବ୍ୟରତ ଡିଏସ୍‌ପି ସୁରେନ୍ଦ୍ର ସିଂ ବିଷ୍ଣୋଇଙ୍କୁ ଡମ୍ପର ଚଢ଼ାଇ ହତ୍ୟା କରାଯିବାର ୨୪ ଘଣ୍ଟା ନ ବିତୁଣୁ ଝାଡ଼ଖଣ୍ଡର ରାଞ୍ଚି ଓ ଗୁଜରାଟର ଆନନ୍ଦ ଜିଲାରେ ଦୁଇଟି ଅନୁରୂପ ଘଟଣା ସାମ୍ନାକୁ ଆସିଛି। ରାଞ୍ଚିରେ ମଙ୍ଗଳବାର ରାତିରେ ଜଣେ ମହିଳା ସବ୍-ଇନ୍‌ସ୍ପେକ୍ଟରଙ୍କୁ ଗୋରୁ ଚାଲାଣକାରୀମାନେ ଗାଡ଼ି ଚଢ଼ାଇ ହତ୍ୟା କରିଛନ୍ତି। ସେହିପରି ଆନନ୍ଦ ଜିଲା ବୋରସାଦ୍ ଥାନାର ଜଣେ କନଷ୍ଟେବଲ ଯାନବାହନ ଯାଞ୍ଚ କରୁଥିବାବେଳେ ତାଙ୍କ ଉପରକୁ ଏକ ଟ୍ରକ୍ ଚଢ଼ିଯାଇଛି। ଅଭିନବ ଶୈଳୀରେ ପୋଲିସ ହତ୍ୟାର ଏହି ତିନି ଘଟଣା ଅପରାଧର ନୂଆ ଟ୍ରେଣ୍ଡ୍‌କୁ ନେଇ ଅନେକ ପ୍ରଶ୍ନ ଛିଡ଼ା କରିଛି। ଓଡ଼ିଶାରୁ ଗୋରୁଙ୍କୁ ନେଇ ଏକ ଗାଡ଼ି ରାଞ୍ଚି ଅତିକ୍ରମ କରିବ ବୋଲି ଝାଡ଼ଖଣ୍ଡ ପୋଲିସ ଆଗୁଆ ସୂଚନା ପାଇଥିଲା। ତେଣୁ ଝାଡ଼ଖଣ୍ଡ ପୋଲିସ ମଙ୍ଗଳବାର ରାତିରେ ରାଜଧାନୀ ରାଞ୍ଚିରେ ପ୍ରସ୍ତୁତ ହୋଇ ରହିଥିଲା। ଉକ୍ତ ପିକ୍‌ଅପ୍ ଭ୍ୟାନ୍ ରାଞ୍ଚିରେ ପହଞ୍ଚିବା ପୂର୍ବରୁ ଦୁଇଟି ସ୍ଥାନରେ ପୋଲିସ ପାଟ୍ରୋଲିଂ ଟିମ୍‌କୁ ଚକମା ଦେଖାଇ ଫେରାର ହେବାରେ ସକ୍ଷମ ହୋଇଥିଲା। ସେପଟେ ରାଞ୍ଚିର ତୁପୁଦନା ଫାଣ୍ଡିର ଇନ୍‌ଚାର୍ଜ ସନ୍ଧ୍ୟା ଟପ୍ନୋ ବେଆଇନ ଗୋରୁ ଚାଲାଣ ରୋକିବା ପାଇଁ ଉକ୍ତ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇବାକୁ କହିଥିଲେ। କିନ୍ତୁ ଏହାର ଚାଳକ ନ ଅଟକି ତାଙ୍କ ଉପରେ ଗାଡ଼ି ଚଢ଼ାଇବା ପରେ ଦ୍ରୁତଗତିରେ ଫେରାର ହୋଇଯାଇଥିଲେ। ସେଠାରେ ମୁତୟନ ଥିବା ଅନ୍ୟ ପୋଲିସ କର୍ମଚାରୀମାନେ ଉକ୍ତ ଭ୍ୟାନ୍‌କୁ ପିଛା କରିଥିଲେ। ଫଳରେ ଭ୍ୟାନ୍‌ଟି ବାଟରେ ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ଡ୍ରାଇଭର ନିସାର ଖାନ୍‌ଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ଫେରାର ହେବାରେ ସକ୍ଷମ ହୋଇଥିଲେ। ଏନେଇ ରାଞ୍ଚି ଏସ୍‌ଏସ୍‌ପି କୌଶଳ କିଶୋର କହିଛନ୍ତି, ଭ୍ୟାନ୍‌କୁ ଜବତ କରାଯାଇଛି। ସେଥିରୁ ୧୦ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି। ଗୋରୁ କେଉଁ ସ୍ଥାନକୁ ନିଆଯାଉଥିଲା ତାହା ଜାଣିବା ପାଇଁ ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚରା କରୁଛି। ଇତିମଧ୍ୟରେ ରାଞ୍ଚି ପୋଲିସ ଆସୋସିଏଶନ୍‌ର ଆନନ୍ଦ ଖାଲ୍‌କୋ କହିଛନ୍ତି, ସନ୍ଧ୍ୟା ଟପ୍ନୋ ଜଣେ କର୍ତ୍ତବ୍ୟନିଷ୍ଠ ଓ ଦକ୍ଷ ଅଫିସର ଥିଲେ। ଏହି ମାମଲାର ତ୍ୱରିତ ଶୁଣାଣି ଏବଂ ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି। ମୃତା ସନ୍ଧ୍ୟାଙ୍କ ଭାଇ ଅଜିତ ଟୋପ୍ନୋ କହିଛନ୍ତି, ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଏକ ☞ପୃଷ୍ଠା-୪




**ବିଷାକ୍ତ ମଦ ପିଇ ୭ ମୃତ**

ପଶ୍ଚିମବଙ୍ଗର ହାଓ୍ୱଡ଼ା ସହର ଘୁଷୁରିଠାରେ ବିଷାକ୍ତ ମଦ ପିଇ ବୁଧବାର ୭ ଜଣଙ୍କ ମୃତ୍ୟୁ ଘଟିଛି। ଆଉ ୨୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନକଲି ମଦ କାରବାର ନେଇ ବାରମ୍ବାର ସେଠାକାର ଲୋକେ ଅଭିଯୋଗ କରିଆସୁଥିଲେ ହେଁ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଏଭଳି ଘଟିଥିବା ଅଭିଯୋଗ ହୋଇଛି। ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।



ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁକୁ ବିରୋଧ କରି ବୁଧବାର ବେଙ୍ଗାଲୁରୁରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଏଏପି କର୍ମୀ।

### ଥମୁନି ମୁଦ୍ରାସ୍ଫୀତି, ଜିଏସ୍‌ଟି ଝଡ଼

## ଗୃହ ପୁଣି ମୁଲତବୀ

ନୂଆଦିଲ୍ଲୀ, ୨୦।୭

ପାର୍ଲାମେଣ୍ଟର ମୌସୁମୀ ଅଧିବେଶର ବୁଧବାର ତୃତୀୟ ଦିନରେ ପହଞ୍ଚିଥିବାବେଳେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହକାର୍ଯ୍ୟ ପୁଣି ବାଧାପ୍ରାପ୍ତ ହୋଇଛି। ଦରଦାମ ବୃଦ୍ଧି, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ଜିଏସ୍‌ଟି ଲାଗୁ ଆଦି ପ୍ରସଙ୍ଗରେ କେନ୍ଦ୍ର ସରକାର ଆଲୋଚନା କରିବା ଦାବିରେ ବିରୋଧୀ ଅଡ଼ି ବସିଥିଲେ। ହୋହଲ୍ଲା ଲାଗି ରହିବା ଯୋଗୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପ୍ରଥମେ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଗୃହ ମୁଲତବୀ କରିଥିଲେ। ଅଧିବେଶନର ଶୂନ୍ୟକାଳରେ ବିରୋଧୀଙ୍କୁ ସେମାନଙ୍କ କଥା ରଖିବାକୁ ସୁଯୋଗ ଦିଆଯିବ ବୋଲି ବାଚସ୍ପତି କହିଥିଲେ। ହେଲେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ପୁଣି ହଟ୍ଟଗୋଳ କରିଥିଲେ। ସେମାନେ ପ୍ଲାକାର୍ଡ ଧରି ନାରାବାଜି କରିବା ସହ ବିରୋଧ ପ୍ରଦର୍ଶନ କରିଥିଲେ। ଫଳରେ ଗୃହକୁ ଗୁରୁବାର ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

# ରଷି ବନାମ ଲିଜ୍





### ଡାଉନିଂ ଷ୍ଟ୍ରିଟ୍ ଦୌଡ଼

ଲଣ୍ଡନ,୨୦।୭

ବ୍ରିଟେନ ଇତିହାସରୁ ସବୁଠୁ ଉତ୍ତପ୍ତ ଦିବସ ହୁଏତ ଉଭେଇଯାଇପାରେ। କିନ୍ତୁ ଶାସକ କଞ୍ଜରଭେଟିଭ୍ ପାର୍ଟିରେ ଚାଲିଥିବା ତୀବ୍ର କ୍ଷମତାଯୁଦ୍ଧର ତାତି ଆଗକୁ ଆହୁରି ଅଧିକ ଅନୁଭୂତ ହେବ। ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ଉତ୍ତରାଧିକାରୀ ହେବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ବୁଧବାର ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ପଞ୍ଚମ ତଥା ଚୂଡ଼ାନ୍ତ ପର୍ଯ୍ୟାୟକୁ ପୂର୍ବତନ ଅର୍ଥମନ୍ତ୍ରୀ ରଷି ସୁନକ ଓ ବହିର୍ବ୍ୟାପାର ମନ୍ତ୍ରୀ ଲିଜ୍ ଟ୍ରୁସ୍ ଉନ୍ନୀତ ହୋଇଛନ୍ତି। ୪୨ ବର୍ଷୀୟ ରଷିଙ୍କୁ କଞ୍ଜରଭେଟିଭ୍ ପାର୍ଟିର ୧୩୭ ଏମ୍‌ପି ସମର୍ଥନ କରିଥିବାବେଳେ ୪୬ ବର୍ଷୀୟା ଲିଜ୍ ୧୧୩ ସଦସ୍ୟଙ୍କ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦିନକ ପୂର୍ବରୁ ଦ୍ୱିତୀୟ ସ୍ଥାନରେ ଥିବା ୪୯ ବର୍ଷୀୟା ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ତଥା ପୂର୍ବତନ ପ୍ରତିରକ୍ଷା ସଚିବ ପେନି ମୋର୍ଡଣ୍ଟ ୧୦୫ ଭୋଟ ପାଇ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଛନ୍ତି। ତେବେ ଟୋରି ପାର୍ଟି ନେତା ତଥା ବ୍ରିଟେନ ପ୍ରଧାନମନ୍ତ୍ରୀ କିଏ ହେବେ ସେହି ନିଷ୍ପତ୍ତି ସେପ୍ଟେମ୍ବର ୫ରେ ହେବ।

ଅର୍ଥମନ୍ତ୍ରୀ ପଦରୁ ଇସ୍ତଫା ଦେଇ ପ୍ରଧାନମନ୍ତ୍ରୀ ପଦ ଛାଡ଼ିବା ପାଇଁ ବୋରିସ୍ ଜନ୍‌ସନଙ୍କୁ ବାଧ୍ୟ କରିଥିବା ବ୍ରିଟିଶ୍-ଇଣ୍ଡିଆନ୍ ପୂର୍ବତନ ଚାନ୍ସେଲର ରଷି ସୁନକ ପ୍ରତ୍ୟେକ ପର୍ଯ୍ୟାୟରେ ଅଧିକରୁ ଅଧିକ ଭୋଟ ହାସଲ କରି ଦୌଡ଼ରେ ଆଗୁଆ ରହିଆସିଛନ୍ତି। ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟରେ ରଷି ୧୧୮ ଭୋଟ ପାଇ ମ୍ୟାଜିକ୍ ନମ୍ବର ୧୨୦ର ନିକଟତର ହୋଇଥିବାବେଳେ ଗୁରୁବାର ତାଙ୍କୁ ଆଉ ୧୯ ଏମ୍‌ପିଙ୍କ ସମର୍ଥନ ମିଳିଛି। ସେହିପରି ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଲିଜ୍ ଟ୍ରୁସ୍‌ଙ୍କୁ ମଙ୍ଗଳବାର ୮୬ ଭୋଟ ମିଳିଥିବାବେଳେ ସେ ଆଉ ୨୭ ଏମ୍‌ପିଙ୍କ ସମର୍ଥନ ହାସଲ କରିବା ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ୧୯୨୨ କମିଟି ଅଧ୍ୟକ୍ଷ ଗ୍ରାହାମ ବ୍ରାଡି ପ୍ରକାଶ କରିଛନ୍ତି। ଆସନ୍ତା ସୋମବାର ରଷି ଓ ଲିଜ୍ ବିବିସିରେ ହେବାକୁ ଥିବା ସିଧା ପ୍ରସାରଣରେ ପରସ୍ପର ସହ ମୁହାଁମୁହିଁ ହେବେ।

ରଷି ସୁନକଙ୍କ ପୂର୍ବପୁରୁଷ ପଞ୍ଜାବର ଗୁଜରନଓ୍ୱାଲା (ଅଧୁନା ପାକିସ୍ତାନ) ନିବାସୀ ଥିଲେ। ହିନ୍ଦୁ-ମୁସଲିମ୍ ସମ୍ପର୍କରେ ତିକ୍ତତା ବଢ଼ିବାରୁ ତାଙ୍କ ଜେଜେବାପା ରାମଦାସ ସୁନକ ୧୯୩୫ରେ ନାଇରୋବି ଯାଇ କିରାଣି ଭାବେ କାର୍ଯ୍ୟ କରିଥିଲେ। ରାମଦାସଙ୍କ ସ୍ତ୍ରୀ ସୁହାଗରାଣୀ ସୁନକ ୧୯୩୭ରେ କେନିଆ ଯିବା ପୂର୍ବରୁ ଗୁଜରନଓ୍ୱାଲାରୁ ନିଜ ଶାଶୁଙ୍କ ସହ ଦିଲ୍ଲୀ ଆସି ରହୁଥିଲେ। ୧୯୪୯ରେ ନାଇରୋବିରେ ରଷିଙ୍କ ବାପା ଯଶବୀର ଜନ୍ମ ଗ୍ରହଣ କରିଥିଲେ। ସେ ପାଠ ପଢ଼ିବା ପାଇଁ ବ୍ରିଟେନ ଯାଇଥିଲେ। ୧୯୭୭ରେ ଯଶବୀର ଲିସେଷ୍ଟରରେ ଉଷାଙ୍କୁ ବିବାହ କରିଥିଲେ। ୧୯୮୦ ମେ’ ୧୨ରେ ଜନ୍ମିତ ରଷି ୨୦୦୯ରେ ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର. ନାରାୟଣମୂର୍ତ୍ତିଙ୍କ ଝିଅ ଅକ୍ଷତା ମୂର୍ତ୍ତିଙ୍କୁ ବିବାହ କରିଥିଲେ। ୨୦୧୯ରେ ରଷି ଥେରେସା ମେ’ଙ୍କ କ୍ୟାବିନେଟରେ ସ୍ଥାନ ପାଇବା ପରେ ୨୦୨୦ ଫେବୃୟାରୀରେ ବୋରିସ୍‌ଜନ୍‌ସନ ତାଙ୍କୁ ଅର୍ଥମନ୍ତ୍ରୀ କରିଥିଲେ।

# ଆଜି ନୂଆ ରାଷ୍ଟ୍ରପତି

### ପାର୍ଲାମେଣ୍ଟରେ ପୂର୍ବାହ୍ଣ ୧୧ଟାରେ ଭୋଟ ଗଣତି


ଯଶଓ୍ୱନ୍ତ ସିହ୍ନା


ଦ୍ରୌପଦୀ ମୁର୍ମୁ

ନୂଆଦିଲ୍ଲୀ, ୨୦।୭

ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉତ୍ତରାଧିକାରୀ କିଏ ହେବେ ତାହା ଗତ ୧୮ ତାରିଖରେ ସ୍ଥିର ହୋଇସାରିଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ (୬୪) ଓ ବିରୋଧୀ ଚ୍ୟାଲେଞ୍ଜର ଯଶଓ୍ୱନ୍ତ ସିହ୍ନା (୮୪)ଙ୍କ ଭାଗ୍ୟ ବାଲଟ ବାକ୍ସରେ ରହିଛି। ଦ୍ରୌପଦୀଙ୍କ ସପକ୍ଷରେ ଇଲେକ୍ଟୋରାଲ କଲେଜର ସର୍ବାଧିକ ସଦସ୍ୟ ଭୋଟ ଦେଇଥିବା ଅନୁମାନ କରାଯାଉଥିଲେ ହେଁ ଫଳାଫଳର ଆନୁଷ୍ଠାନିକ ଘୋଷଣାକୁ ଦେଶବାସୀ ଅପେକ୍ଷା କରିଛନ୍ତି। ଗୁରୁବାର ପୂର୍ବାହ୍ଣ ୧୧ଟାରେ ପାର୍ଲାମେଣ୍ଟ ହାଉସରେ ଭୋଟ ଗଣତି ଆରମ୍ଭ ହେବ। ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟଚିତ୍ର ଆସିବା ସହ ଦେଶର ପ୍ରଥମ ନାଗରିକଙ୍କ ନାମ ଜଣାପଡ଼ିବ। ଦ୍ରୌପଦୀ ପ୍ରାୟ ଦୁଇ-ତୃତୀୟାଂଶ ଭୋଟ ପାଇଲେ ପ୍ରଥମ ଆଦିବାସୀ ମହିଳା ରୂପେ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିବେ। ଏଥିସହ ସ୍ୱାଧୀନୋତ୍ତର ଭାରତରେ ଜନ୍ମିତ ପ୍ରଥମ ରାଷ୍ଟ୍ରପତି ହେବାର ସୌଭାଗ୍ୟ ଲାଭ କରିବେ।

ପଞ୍ଚଦଶ ରାଷ୍ଟ୍ରପତିଙ୍କୁ ବାଛିବା ପାଇଁ ସୋମବାର ନିର୍ବାଚନ ହୋଇଥିଲା। ପାର୍ଲାମେଣ୍ଟ ହାଉସ୍ ଏବଂ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ଓ ପଣ୍ଡିଚେରୀ ବିଧାନସଭାରେ ଭୋଟ ଗ୍ରହଣ କରାଯାଇଥିଲା। ଇଲେକ୍ଟୋରାଲ କଲେଜର ମୋଟ ଭୋଟ ସଂଖ୍ୟା ୧୦,୮୬,୪୩୧ ଥିବାବେଳେ ୯୯.୧୮% ମତଦାନ ହୋଇଛି। ତହିଁରୁ ଛତିଶଗଡ଼, ଗୋଆ, ଗୁଜରାଟ, ହିମାଚଳ ପ୍ରଦେଶ, କେରଳ, କର୍ନାଟକ, ମଧ୍ୟପ୍ରଦେଶ, ମଣିପୁର, ସିକିମ, ତାମିଲନାଡୁ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀରେ ୧୦୦% ଭୋଟ ଗ୍ରହଣ କରାଯାଇଥିଲା। ଦିଲ୍ଲୀ ବିଧାନସଭା ସମେତ ସମସ୍ତ ୩୧ ପୋଲିଂ ଷ୍ଟେଶନରୁ ବାଲଟ ବକ୍ସଗୁଡ଼ିକ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ପାର୍ଲାମେଣ୍ଟ ହାଉସ୍‌ରେ ପହଞ୍ଚିସାରିଛି।

### କେମିତି ହୁଏ କାଉଣ୍ଟିଂ

- ପ୍ରଥମେ ରିଟର୍ନିଂ ଅଫିସରମାନେ ସବୁ ଭୋଟକୁ ସର୍ଟିଂ କରି ଯାଞ୍ଚ କରିବେ।
- ଏମ୍‌ପିମାନେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ କ୍ରମାନ୍ୱୟରେ ବାଛିବା ପାଇଁ ସବୁଜ ଏବଂ ବିଧାୟକମାନେ ଗୋଲାପୀ କାଳି ଥିବା କଲମ ବ୍ୟବହାର କରିଥିଲେ।
- ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଗୋଟିଏ ଓ ଯଶଓ୍ୱନ୍ତ ସିହ୍ନାଙ୍କ ଲାଗି ଆଉ ଏକ ଟ୍ରେ’ ରଖାଯିବ।
- ପ୍ରଥମେ ବିଧାୟକ ଓ ପରେ ଏମ୍‌ପିମାନଙ୍କ ବାଲଟ ପେପର(ମତପତ୍ର) ବାହାର କରି ପୃଥକ୍ ଭାବେ ସଜାଇ ରଖାଯିବ।
- ଦ୍ରୌପଦୀଙ୍କ ନାମ ପ୍ରଥମରେ ଥିବା ବାଲଟ ପେପରଗୁଡ଼ିକୁ ତାଙ୍କ ଟ୍ରେ’ରେ ରଖାଯିବ। ସେହିପରି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଯଶଓ୍ୱନ୍ତଙ୍କୁ ଫାଷ୍ଟ ପ୍ରିଫରେନ୍ସ(ପ୍ରଥମ ପସନ୍ଦ)ରେ ମିଳିଥିବା ବାଲଟଗୁଡ଼ିକୁ ତାଙ୍କ ଟ୍ରେ’ରେ ଗଣତି ପାଇଁ ରଖାଯିବ।
- ଉଭୟ ରାଜ୍ୟ ସଭା ଓ ଲୋକ ସଭା ସଦସ୍ୟମାନଙ୍କ ଭୋଟ ମୂଲ୍ୟ ୭୦୦ ହୋଇଥିବାବେଳେ ବିଧାୟକଙ୍କ ଭୋଟ ମୂଲ୍ୟ ତାଙ୍କ ରାଜ୍ୟର ଜନସଂଖ୍ୟା ଉପରେ ନିର୍ଭର କରେ।
- ସର୍ଟିଂ ଶେଷ ହେବା ପରେ ଗଣତି ଆରମ୍ଭ ହେବ। ପାର୍ଲାମେଣ୍ଟ ହାଉସ୍‌ର ରୁମ୍ ନଂ. ୭୩ ବାହାରେ ମିଡିଆ ଷ୍ଟାଣ୍ଡ କରାଯାଇଛି। ଗଣତି ଆରମ୍ଭ ହେବାମାତ୍ରେ ଟ୍ରେଣ୍ଡ୍ (ପ୍ରାରମ୍ଭିକ ଫଳାଫଳ) ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦିଆଯିବ।
- ସର୍ବାଧିକ ଭୋଟ ପାଇଥିବା ପ୍ରାର୍ଥୀ ରାଷ୍ଟ୍ରପତି ନିର୍ବାଚନରେ ବିଜେତା ଘୋଷିତ ହେବେନାହିଁ। ଉଭୟ ପ୍ରାର୍ଥୀଙ୍କୁ ମିଳିଥିବା ଭୋଟର ସମ୍ମିଶ୍ରଣରେ ନିର୍ଦ୍ଧାରିତ କୋଟା ଅନୁସାରେ ଯିଏ ଅଧିକ ଭୋଟ ପାଇଥିବେ ସେ ବିଜୟୀ ହେବେ। ମୋଟ ଭୋଟର ସମ୍ମିଶ୍ରଣ ହରଣ ଦୁଇ ଯୋଗ ଏକ ହେଉଛି ନିର୍ଦ୍ଧାରିତ କୋଟା। ଏହି ମୂଲ୍ୟରୁ ଅଧିକ ଭୋଟ ପାଇଥିବା ପ୍ରାର୍ଥୀ ରାଷ୍ଟ୍ରପତି ପଦ ଅଳଙ୍କୃତ କରିବେ।



# ଡୋକଲାମରେ ଚାଇନା ଗାଁ

**ନୂଆଦିଲ୍ଲୀ, ୨୦।୭:** ୨୦୧୭ ମସିହାରେ ସିକିମ-ଭୁଟାନ-ଚାଇନା ମଧ୍ୟସ୍ଥ ଡୋକ୍‌ଲାମ ମାଳଭୂମିର ଯେଉଁସ୍ଥାନରେ ଭାରତୀୟ ଯବାନ ଏବଂ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟ ମୁହାଁମୁହିଁ ହୋଇଥିଲେ ସେଇଠୁ ୯ କି.ମି. ଦୂରରେ ଜନବସତି ସ୍ଥାପନ କରିଛି ବେଜିଂ। ସେହି ଗାଁଗୁଡ଼ିକରେ ଲୋକେ ବସବାସ କରୁଛନ୍ତି। ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଉପଗ୍ରହ ଚିତ୍ରରୁ ଏହି ବିଷୟ ପ୍ରଘଟ ହୋଇଛି। ଚାଇନା ଭାଷାରେ ପାଙ୍ଗଡା କୁହାଯାଉଥିବା ଏକ ଗାଁ ଭୁଟାନ ଭୂଖଣ୍ଡରେ ଅବସ୍ଥିତ। ଗାଁରେ ଥିବା ଘରଗୁଡ଼ିକ ଆଗରେ କାର୍ ରଖାଯାଇଥିବା ଦେଖିବାକୁ ମିଳିଛି। ଆମୋ ଚୁ ନଦୀ ଅବବାହିକାରେ ଜନବସତି ସ୍ଥାପନ କରିବା ଫଳରେ ଚାଇନା ସୈନ୍ୟମାନେ ଡୋକ୍‌ଲାମ ନିକଟବର୍ତ୍ତୀ ଅଞ୍ଚଳରେ ଭାରତୀୟ ପ୍ରତିରକ୍ଷା ପ୍ରସ୍ତୁତିସମ୍ପର୍କରେ ତଥ୍ୟ ହାସଲ କରିପାରିବେ। ଏପରି କି ସିଲିଗୁଡି କରିଡରରେ ପହଞ୍ଚିବା ପାଇଁ ଏହା ସେମାନଙ୍କୁ ସହାୟକ ହେବ। ପ୍ରକାଶ ଯେ, ୨୦୧୭ରେ ପିଏଲ୍‌ଏ ସୈନ୍ୟ ଓ ଭୁଟାନ ସାମରିକ ବଳ ମଧ୍ୟରେ ଡୋକଲାମରେ ଚାଇନାର ରାସ୍ତା ନିର୍ମାଣକୁ ନେଇ ବିବାଦ ହୋଇଥିଲା। ଭୁଟାନର ଅନୁରୋଧକ୍ରମେ ଭାରତୀୟ ଯବାନମାନେ ଏଥିରେ ହସ୍ତକ୍ଷେପ କରିଥିଲେ। ଚାଇନା ସୈନ୍ୟ ଉତ୍କ୍ଷିପ୍ତ ହୋଇ ଭାରତୀୟ ଯବାନଙ୍କ ସହ ବଳ କଷାକଷି ହୋଇଥିଲେ।

### ଧରାପଡ଼ାଇଲା ଉପଗ୍ରହ ଚିତ୍ର




# ୧ ଯାଏ ଅଟକିଲା ଶୁଣାଣି

ନୂଆଦିଲ୍ଲୀ,୨୦।୭

ମହାରାଷ୍ଟ୍ରର ଶାସକ ଦଳ ଶିବସେନା କାହାର। ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏହାର ଅସଲ ନେତା ନା ବିଦ୍ରୋହ କରି କ୍ଷମତାସୀନ ହୋଇଥିବା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ। ଏହି ପ୍ରଶ୍ନର ଉତ୍ତର ଏତେ ଶୀଘ୍ର ମିଳିବ ନାହିଁ। କାରଣ ଶିବସେନା ଓ ବିଦ୍ରୋହୀ ବିଧାୟକଙ୍କ ପକ୍ଷରୁ ଦାଏର ପୃଥକ୍ ପିଟିଶନଗୁଡ଼ିକ ଦଳବଦଳ, ମିଶ୍ରଣ ଓ ଅଯୋଗ୍ୟତାକୁ ନେଇ ଅନେକ ସାମ୍ବିଧାନିକ ପ୍ରଶ୍ନ ଉଠାଇଛି। ତେଣୁ ଅଗଷ୍ଟ ୧ରେ ସୁପ୍ରିମକୋର୍ଟଙ୍କ ଏକ ବୃହତ୍ ପୀଠରେ ସେଗୁଡ଼ିକର ଶୁଣାଣି ହୋଇପାରେ ବୋଲି ବୁଧବାର ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ସଙ୍କେତ ଦେଇଛନ୍ତି। ସୁପ୍ରିମକୋର୍ଟରେ ଏକନାଥ ଶିନ୍ଦେ ଏବଂ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ଗୋଷ୍ଠୀ ପକ୍ଷରୁ ୬ଟି ପିଟିଶନ ଦାଏର ହୋଇଛି। ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ପ୍ରକ୍ରିୟା, ବାଚସ୍ପତିଙ୍କ ନିର୍ବାଚନ, ଦଳର ସଚେତକଙ୍କୁ ସ୍ୱୀକୃତି ଏବଂ ମହାରାଷ୍ଟ୍ର ବିଧାନସଭାରେ ଶିନ୍ଦେ ସରକାରଙ୍କ ଆସ୍ଥାଭୋଟ ସମ୍ପର୍କିତ ଏହି ଆବେଦନଗୁଡ଼ିକର ଶୁଣାଣି ବୁଧବାର ସିଜେଆଇ ରମନା, ଜଷ୍ଟିସ୍ କୃଷ୍ଣ ମୁରାରୀ ଏବଂ ଜଷ୍ଟିସ୍ ହେମା କୋହିଲଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହୋଇଥିଲା। ସିଜେଆଇ ରମନା କହିଥିଲେ, ଏହି ମାମଲାଗୁଡ଼ିକରେ ଉଠୁଥିବା ସାମ୍ବିଧାନିକ ପ୍ରଶ୍ନର ସମାଧାନ ପାଇଁ ବୃହତ୍ ପୀଠରେ ବିଚାର ଆବଶ୍ୟକ। ପ୍ରାଥମିକ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ପାଇଁ ଅଗଷ୍ଟ ୧ ତାରିଖ ଧାର୍ଯ୍ୟ କରାଯାଇଛି। ବିଦ୍ରୋହୀ ବିଧାୟକଙ୍କ ପ୍ରସଙ୍ଗରେ ଜୁଲାଇ ୧୧ରେ ଅଦାଲତ ଜାରି କରିଥିବା ସ୍ଥିତାବସ୍ଥା ନିର୍ଦ୍ଦେଶ ବଜାୟ ରହିବ ବୋଲି ଖଣ୍ଡପୀଠ କହିଛନ୍ତି। ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଅଭିଷେକ ମନୁ ସିଂଘଭି ଉଦ୍ଧବ ଗୋଷ୍ଠୀ ପକ୍ଷରୁ ମାମଲା ପରିଚାଳନା କରୁଥିବାବେଳେ ପୂର୍ବତନ ଆର୍ଟର୍ନି ଜେନେରାଲ ହରିଶ ସାଲ୍‌ଭେ ଏକନାଥ ଗୋଷ୍ଠୀର ପ୍ରତିନିଧିତ୍ୱ କରିଥିଲେ।

### ସୁପ୍ରିମକୋର୍ଟରେ ଉଦ୍ଧବ ବନାମ ଶିନ୍ଦେ





# ସମଲିଙ୍ଗୀ ବିବାହକୁ ସୁରକ୍ଷା ଦେବା ପାଇଁ ବିଲ୍ ପାରିତ

ଓ୍ୱାଶିଂଟନ୍, ୨୦।୭

ଆମେରିକାରେ ସମଲିଙ୍ଗୀ ବିବାହକୁ ଆଇନଗତ ସୁରକ୍ଷା ଦେବା ପାଇଁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ମଙ୍ଗଳବାର ଏକ ବିଲ୍ ପାରିତ ହୋଇଛି। ଏଲ୍‌ଜିବିକ୍ୟୁ ସମ୍ପ୍ରଦାୟର ସୁରକ୍ଷା ପାଇଁ ଶାସକ ଡେମୋକ୍ରାଟ୍ସଙ୍କ ପକ୍ଷରୁ ଆସିଥିବା ରେସପେକ୍ଟ ଫର୍ ମ୍ୟାରେଜ ଆକ୍ଟ ସପକ୍ଷରେ ୨୬୭ ଭୋଟ ଏବଂ ବିପକ୍ଷରେ ୧୫୭ ଭୋଟ ପଡ଼ିଥିଲା। ରିପବ୍ଲିକାନ ପାର୍ଟି ପକ୍ଷରୁ ୪୭ ସଦସ୍ୟ ବିଲ୍‌କୁ ସମର୍ଥନ ଦେଇଥିଲେ। ସିନେଟ୍‌ରେ ପାରିତ ହେବା ପରେ ହିଁ ଏହି ବିଲ୍ ଆଇନରେ ପରିଣତ ହୋଇପାରିବ। ଏଥିପାଇଁ ରିପବ୍ଲିକାନ୍ ପାର୍ଟିର ୧୦ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ଦେଶରେ ଅନେକ ଜରୁରୀ ପ୍ରସଙ୍ଗ ରହିଥିବାବେଳେ ଏହି ବିଲ୍ ଏବେ ଅନାବଶ୍ୟକ ବୋଲି କହି ଅଧିକାଂଶ ରିପବ୍ଲିକାନ୍ ଏହାକୁ ବିରୋଧ କରିଛନ୍ତି। ତେଣୁ ସିନେଟ୍‌ରେ ଉକ୍ତ ବିଧେୟକ ପାରିତ ହେବା ସହଜ ହୋଇ ନ ପାରେ।

# ୫ ଘଣ୍ଟା ଏନ୍‌କାଉଣ୍ଟର: ୨ ନିହତ

ଚଣ୍ଡିଗଡ଼,୨୦।୭

ପଞ୍ଜାବ ଗାୟକ ସିଦ୍ଧୁ ମୂସେଓ୍ୱାଲାଙ୍କ ହତ୍ୟା ଅଭିଯୁକ୍ତ ତଥା ୨ ଶୁଟର ବୁଧବାର ପୋଲିସ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ମୃତ ଗ୍ୟାଙ୍ଗଷ୍ଟର ହେଲେ ଜଗ୍‌ରୂପ ସିଂ ରୂପା ଏବଂ ମନ୍‌ପ୍ରୀତ ମନୁ ଓରଫ ମନ୍ନୁ କୁସା। ଭାରତ-ପାକିସ୍ତାନ ସୀମାରୁ ୧୦ କିଲୋମିଟର ଦୂର ହୁସିଆରପୁରରେ ୫ ଘଣ୍ଟା ଧରି ପୋଲିସ ଏନ୍‌କାଉଣ୍ଟର କରିଥିଲା। କ୍ରସ୍ ଫାୟାରିଂରେ ଏକ ନ୍ୟୁଜ୍ ଚ୍ୟାନେଲର ଜଣେ କ୍ୟାମେରାମ୍ୟାନ୍‌ଙ୍କ ଗୋଡ଼ରେ ଗୁଳି ବାଜିଛି। ଆଉ ୩ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ଗ୍ୟାଙ୍ଗଷ୍ଟରଙ୍କ ନିକଟରୁ ଏକ ଏକେ-୪୭ ରାଇଫଲ, ପିସ୍ତଲ, ବିପୁଳ ସଂଖ୍ୟାରେ ବୁଲେଟ ଏବଂ ଏକ ବ୍ୟାଗ୍ ମିଳିଛି।

ଗତ ମେ’ ୨୯ରେ କଂଗ୍ରେସ ନେତା ମୂସେଓ୍ୱାଲାଙ୍କୁ ଗୁଳି କରି ହତ୍ୟା କରାଯିବା ପରଠାରୁ ଏଥିରେ ସମ୍ପୃକ୍ତ ୩ ଶୁଟର ଫେରାର ଥିଲେ। ଓ୍ୱାଣ୍ଟେଡ୍ ତାଲିକାରେ ଥିବା ଏହି ୩ ଜଣଙ୍କୁ ଧରିବାକୁ ପୋଲିସ ମନ୍‌ପ୍ରୀତ ଡ୍ରଗ୍ସ ପାଇଁ ପଞ୍ଜାବ ଫେରିଥିବା ସୂଚନା ମିଳିବା ପରେ ଉଭୟଙ୍କୁ ଧରିବା ପାଇଁ ପୋଲିସ ଯୋଜନା କରିଥିଲା। ସେମାନେ ଏକ ଫାର୍ମ ହାଉସ୍‌ରେ ଲୁଚି ରହିଥିବାବେଳେ ପୋଲିସ ସେଠାରେ ପହଞ୍ଚି ଚାରିପଟୁ ଘେରାଉ କରିଥିଲା। ଏହି ସମୟରେ ଅଭିଯୁକ୍ତମାନେ ମଧ୍ୟ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ୫ ଘଣ୍ଟାର ଅପରେଶନ ପରେ ଅପରାହ୍ଣରେ ଏନ୍‌କାଉଣ୍ଟରରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ୨ ମୃତକ ମୁଖ୍ୟ ଅଭିଯୁକ୍ତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ସଦସ୍ୟ ଥିଲେ। ଅନ୍ୟ ଜଣେ ଶୁଟର ଦୀପକ ମୁଣ୍ଡି ଏବେ ମଧ୍ୟ ଫେରାର ଅଛନ୍ତି। ଅଦ୍ୟାବଧି ୮ ଶୁଟରଙ୍କୁ ଗିରଫ କରାଯାଇଛି। ଉକ୍ତ ଅଞ୍ଚଳକୁ ଘେରାଉ କରାଯିବା ସହ ଲୋକଙ୍କୁ ବାହାରକୁ ନ ଆସିବାକୁ କୁହାଯାଇଛି। ଆଣ୍ଟାଇ-ଗ୍ୟାଙ୍ଗଷ୍ଟର ଟାସ୍କ ଫୋର୍ସ ଏହି ଏନ୍‌କାଉଣ୍ଟର କରିଛି। ଡିଜିପି ଗୌରବ ଯାଦବ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। କାନଡାରୁ ସତିନ୍ଦରଜିତ୍ ସିଂ ଓରଫ୍ ଗୋଲ୍ଡି ବ୍ରାର୍ ଏବଂ ତିହାର ଜେଲରେ ଥିବା ଲରେନ୍ସ ବିଷ୍ଣୋଇ ମୂସେଓ୍ୱାଲାଙ୍କ ହତ୍ୟାକାଣ୍ଡର ଯୋଜନା କରିଥିବାବେଳେ ଏହି ଘଟଣାରେ ପଞ୍ଜାବ ସମେତ ଦିଲ୍ଲୀ ଏବଂ ମୁମ୍ବାଇ ପୋଲିସ ମଧ୍ୟ ତଦନ୍ତ କରୁଛନ୍ତି।


ଜଗ୍‌ରୂପ ସିଂ ରୂପା


ମନ୍‌ପ୍ରୀତ ମନୁ

### ମୂସେଓ୍ୱାଲା ହତ୍ୟାକାଣ୍ଡ

- ପାକିସ୍ତାନ ସୀମା ନିକଟରେ ପୋଲିସ-ଅଭିଯୁକ୍ତ ମୁହାଁମୁହିଁ
- ଡ୍ରଗ୍ସ ପାଇଁ ପଞ୍ଜାବ ଫେରି ଜୀବନ ଗଲା

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୭,୦୦,୫୦,୯୩୪ | ୬୩,୯୨,୪୩୨ | ୫୪,୧୧,୭୩,୦୨୭ |
| ଭାରତ | ୪,୩୮,୦୩,୬୧୯ | ୫,୨୫,୮୨୫ | ୪,୩୧,୩୨,୧୪୦ |
| ଓଡ଼ିଶା | ୧୩,୦୧,୯୯୫ | ୯୧୩୦(+୫୩) | ୧୨,୮୬,୯୧୫ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଏକ୍ସପାଏରି ଇଞ୍ଜେକ୍ସନ ନେଇ ନାବାଳକ ଗୁରୁତର

- ଚାନ୍ଦପୁରର ଏକ ଘରୋଇ କ୍ଲିନିକ୍ ବିକ୍ରି କରିଥିଲେ ଇଞ୍ଜେକଶନ
- ନୟାଗଡ଼ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ତଦନ୍ତ
- ଲାଇସେନ୍ସ ନ ଥାଇ ଔଷଧ ବିକ୍ରି କରାଯାଉଥିଲା

**ନୟାଗଡ଼ ଅଫିସ/ ରଣପୁର,୨୦।୭(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁରର ଏକ ଘରୋଇ କ୍ଲିନିକ୍‌ରୁ ଏକ୍ସପାଏରି ଇଞ୍ଜେକଶନ ନେଇ ଟାଙ୍ଗୀ ଥାନା ଝରିଆ ଗାଁର ରଶ୍ମିରଞ୍ଜନ ପଲାଇ ନାମକ ଜଣେ ୧୨ ବର୍ଷର ବାଳକ ଗୁରୁତର ହୋଇଛନ୍ତି। ମଙ୍ଗଳବାର ଘଟିଥିବା ଏହି ଘଟଣାର ତଦନ୍ତ ହୋଇଛି। ନୟାଗଡ଼ ଡ୍ରଗ୍ସ ଇନ୍ସପେକ୍ଟର ଏହାର ତଦନ୍ତ କରିବାରେ ଜଣାପଡିଛି ଯେ, ଲାଇସେନ୍ସ ନ ଥାଇ ସଂପୃକ୍ତ ଘରୋଇ କ୍ଲିନିକ୍ ଔଷଧ ବିକ୍ରି କରିଛନ୍ତି। ଏ ଘଟଣା ଲୋକଲୋଚନକୁ ଆସିବା ପରେ ମଙ୍ଗଳବାର ଓ ବୁଧବାର ସେଠାରେ ଉତ୍ତେଜନା ପ୍ରକାଶ ପାଇଛି।

ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଝରିଆର ଗାଁର ନବକିଶୋର ପଲାଇଙ୍କ ପୁଅ ରଶ୍ମି ପେଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ଗତ ୧୬ ତାରିଖରେ ତାଙ୍କର ପେଟ ଯନ୍ତ୍ରଣା ବଢ଼ିଥିଲା। ରଶ୍ମିଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀର ଜଣେ ଡାକ୍ତରଙ୍କ ପାଖକୁ ନିଆଯାଇଥିଲା। ସେଠାରେ ଡାକ୍ତର ପ୍ରେସ୍‌କ୍ରିପଶନ ଲେଖି ଚାନ୍ଦପୁରର ଏକ ଘରୋଇ କ୍ଲିନକରୁ ଔଷଧ କିଣିବାକୁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ରୋଗୀଙ୍କ ସମ୍ପର୍କୀୟ ଚାନ୍ଦପୁର ଘରୋଇ କ୍ଲିନିକକୁ ଯାଇ ଔଷଧ କିଣି ସେଠାରେ ଓଡିସେଫ୍- ୫୦୦ ଇଞ୍ଜେକଶନ ନେଇଥିଲେ। ରୋଗୀ ଓଡିସେଫ୍- ୫୦୦ର ଇଞ୍ଜେକଶନ ନେବା ପରେ ଗତ ୨୦ ତାରିଖରେ ଗୁରୁତର ହୋଇ ପଡ଼ିଥିଲେ। ରଶ୍ମିଙ୍କ ଏଭଳି ଅବସ୍ଥା ଦେଖି ପରିବାର ଲୋକେ ତାଙ୍କ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଓଡିସେଫ୍- ୫୦୦ଏକ୍ସପାଏରି ହୋଇଥିବାରୁ ରିଆକ୍ସନ ହୋଇଥିବା ଦର୍ଶାଇ ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ରଶ୍ମି ଏମ୍ସକୁ ଯାଇ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ତେବେ ଘରୋଇ କ୍ଲିନିକ ପକ୍ଷରୁ ଏକ୍ସପାଏରି ଇଞ୍ଜେକଶନ ଦେବାକୁ ନେଇ ତାଙ୍କ ବାପା ପ୍ରତିବାଦ କରିବା ସହ ଥାନାରେ ଅଭିଯୋଗ କରିଛନ୍ତି।

ଏନେଇ ନୟାଗଡ଼ ଡ୍ରଗ୍ସ ଇନ୍ସପେକ୍ଟର ପ୍ରିୟଙ୍କା ଚକ୍ରବର୍ତ୍ତୀ କୁହନ୍ତି, ଚାନ୍ଦପୁର ଥାନା ଆଇଆଇସିଙ୍କ ସୂଚନା ଅନୁସାରେ ଔଷଧ ବିକ୍ରିର ବିଲ୍ ଯାଞ୍ଚ ଲାଗି ଯାଇଥିଲି।




ଏକ୍ସପାଏରି ଇଞ୍ଜେକଶନ ଖୋଳ।

ହେଲେ ସଂପୃକ୍ତ କ୍ଲିନିକ୍ ମେଡିସିନ ବିକ୍ରି କରିବାକୁ ଲାଇସେନ୍ସ ପାଇ ନାହିଁ। ଅନ୍ୟପକ୍ଷେ କ୍ଲିନିକ୍ ମେଡିସିନ ବିକ୍ରି କରି ପାରିବ କି ନାଁ ତାହା ସ୍ୱାସ୍ଥ୍ୟ ବିଭାଗ ଯାଞ୍ଚ କରିବ ବୋଲି ସେ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା କୁହନ୍ତି, ଚାନ୍ଦପୁରର ଏକ ଘରୋଇ କ୍ଲିନିକ୍‌ରୁ ଏକ୍ସପାଏରି ଇଞ୍ଜେକଶନ ନେଇ ନାବାଳକ ଗୁରୁତର ଘଟଣାର ଅଭିଯୋଗ ଆମକୁ ମିଳିନି। ଏନେଇ ଅଭିଯୋଗ ଆସିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରୋଗୀଙ୍କ ବାପା ନବ କିଶୋର ପଲାଇ କୁହନ୍ତି, ଚାନ୍ଦପୁରର ଘରୋଇ କ୍ଲିନିକ୍‌ରୁ ଏକ୍ସପାଏରି ଇଞ୍ଜେକଶନ ନେବା ପରେ ପୁଅ ଗୁରୁତର ହେଲା। ଠିକ୍ ସେବା ପାଇବା ପରେ ପୁଅ ସୁସ୍ଥ ହୋଇ ଫେରିଛି। ରୋଗୀଙ୍କୁ ଖାମଖିଆଲି ଚିକିତ୍ସା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମୁଁ ଏନେଇ ଥାନାରେ ଅଭିଯୋଗ କରିଛି ବୋଲି ସେ ସ୍ପଷ୍ଟ କରିଛନ୍ତି।




# ନିର୍ମାଣାଧୀନ କୋଠା ଛାତ ଭୁଶୁଡ଼ିଲା

- ରାଜମିସ୍ତ୍ରି, ୪ ଶ୍ରମିକ ଚାପିହୋଇଗଲେ
- ଓଡ୍ରାଫ୍, ଅଗ୍ନିଶମ ବାହିନୀ ଉଦ୍ଧାର କଲେ

**ପୁରୀ ଅଫିସ, ୨୦।୭**

ପୁରୀ ସହରରେ ବୁଧବାର ଏକ ବଡ଼ ଅଘଟଣ ଘଟିଛି। ମଶାଣିଚଣ୍ଡୀ ଛକ ନିକଟରେ ଏକ ନିର୍ମାଣାଧୀନ କୋଠା ଘରର ଛାତ ଭୁଶୁଡ଼ି ପଡ଼ିଛି। ଭାଙ୍ଗିପଡ଼ିଥିବା ଛାତ ତଳେ ରାଜମିସ୍ତ୍ରିଙ୍କ ସମେତ ୪ ଶ୍ରମିକ ଚାପିହୋଇ ରହିଥିଲେ। ଖବର ପାଇ ଓଡ୍ରାଫ୍ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରାୟ ୩ ଘଣ୍ଟାର ଅକ୍ଳାନ୍ତ ଉଦ୍ୟମ ପରେ ସମସ୍ତ ୫ଜଣଙ୍କୁ ଉଦ୍ଧାର କରିଛନ୍ତି। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ବାସେଳି ସାହି ଥାନା ଅନ୍ତର୍ଗତ ପୁରୀ-ବ୍ରହ୍ମଗିରି ରାସ୍ତା ପାର୍ଶ୍ୱସ୍ଥ ମଶାଣିଚଣ୍ଡୀ ଛକ ନିକଟରେ ବିଭୂତି ମିଶ୍ରଙ୍କର ଏକ କୋଠା ଘର ନିର୍ମାଣ ଚାଲିଛି। ବୁଧବାର ଛାତ ପାଇଁ ଢଳେଇ କାମ ହେଉଥିଲା। ଏହି କାମରେ ପ୍ରାୟ ୧୫ଜଣ ଶ୍ରମିକ ନିୟୋଜିତ ଥିଲେ। କାମ ସରିଆସୁଥିଲା। ତେବେ ଏହା ପୂର୍ବରୁ ଅର୍ଥାତ୍ ଅପରାହ୍ନ ପ୍ରାୟ ସାଢ଼େ ୪ଟାରୁ ୫ଟା ମଧ୍ୟରେ ହଠାତ୍ ବହ୍ଲା ସ୍ଥାନରେ ଦିଆଯାଇଥିବା ବାଉଁଶ ଖସୁଥିବା ଜଣେ ଶ୍ରମିକ ଦେଖି ରାଜମିସ୍ତ୍ରି ଭରତ ଜେନାଙ୍କୁ ଜଣାଇଥିଲେ। ଭରତ ଆସି ଅନ୍ୟ ଏକ ବାଉଁଶ ଠେସ ଦେବା ବେଳେ ଏହା ଖସିଯିବାରୁ କୋଠାର ଛାତ ଦବିଯାଇ ଭୁଶୁଡ଼ି ପଡ଼ିଥିଲା। ଫଳରେ ଭରତ ଓ ୪ଜଣ ଶ୍ରମିକ ଚାପିହୋଇଯାଇଥିଲେ। ଖବର ପାଇ ଜିଲା ପ୍ରଶାସନର ଅଧିକାରୀଙ୍କ ସମେତ ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଜଣକ ପରେ ଜଣେ ଏଭଳି ଭାବେ ୪ଜଣ ଶ୍ରମିକଙ୍କୁ ପ୍ରଥମେ ଉଦ୍ଧାର କରାଯାଇଥିଲା। ତେବେ ଭରତଙ୍କ ଦୁଇଟି ଗୋଡ଼ କଂକ୍ରିଟ ଗଦା ଓ ବାଇଣ୍ଡିଂ ହୋଇଥିବା ଲୁହାରଡ୍ ମଧ୍ୟରେ ଚାପିହୋଇ ରହିଯାଇଥିଲା। ସେ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରୁଥିଲେ। ତେଣୁ ଭରତଙ୍କୁ ଉଦ୍ଧାର କରିବା ପାଇଁ କଂକ୍ରିଟ ଗଦା ସଫା କରାଯିବା ସହ ଲୁହାରଡ୍‌ଗୁଡ଼ିକୁ କଟର ଦ୍ୱାରା କଟାଯାଇଥିଲା। ଏହାପରେ ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଭରତଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ବାମଗୋଡ଼ ଭାଙ୍ଗିଯାଇଛି। ଘଟଣାସ୍ଥଳରେ ଉପଜିଲାପାଳ ଭବତାରଣ ସାହୁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଘଟଣାର ତଦନ୍ତ କରାଯିବା ସହ ଭରତଙ୍କ ଚିକିତ୍ସା ଖର୍ଚ୍ଚ ପ୍ରଶାସନ ପକ୍ଷରୁ ବହନ କରାଯିବ ବୋଲି ଉପଜିଲାପାଳ ସାହୁ କହିଛନ୍ତି। ଉଦ୍ଧାର କାର୍ଯ୍ୟ ସମୟରେ ଗହଳି ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସୂଚନାଯୋଗ୍ୟ, ୨୦୧୨ କାର୍ତ୍ତିକ ମାସରେ ପୁରୀ ଟାଉନ ଥାନା ଅନ୍ତର୍ଗତ ଦୋଳମଣ୍ଡପ ସାହିର ଦଇତା ଗଳିରେ ଏକ ଘରର ଛାତ ଭୁଶୁଡ଼ି ପଡ଼ିଥିଲା। ଏଥିରେ ପ୍ରାୟ ୪ଜଣଙ୍କ ଜୀବନ ଯାଇଥିଲା।



ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି।

# ପୁଅର ଜାମିନ ପାଇଁ କୋର୍ଟ ଆଗରେ ରହିଲା ମା'ଙ୍କ ମୃତଦେହ

**ଜାମିନ ମିଳିଲାନି, ଦୂରରେ ଥାଇ ଶେଷ ଦର୍ଶନ କଲେ**

**ବୌଦ୍ଧ,୨୦।୭(ସ୍ୱ.ପ୍ର.):** ବାପା ମରିବାର ମାସେ ପୂରିନି। ବୁଧବାର ମାଆ ଚାଲିଗଲେ ଆରପାରିକି। ହେଲେ ବଡ଼ପୁଅ ମେଘନାଦ ସାହୁ(୪୮) ମା' ବାପା କାହାରିକୁ ଦେଇ ପାରିଲେନି ମୁଖାଗ୍ନି। ଜେଲରୁ ମେଘନାଦଙ୍କୁ ମୁକୁଳାଇବା ପାଇଁ ପରିବାର ଲୋକେ ତାଙ୍କ ମା'ଙ୍କ ମୃତଦେହକୁ ଆମ୍ବୁଲାନ୍ସରେ ୩ ଘଣ୍ଟା ବୌଦ୍ଧ କୋର୍ଟ ଆଗରେ ରଖି ଜାମିନ ପାଇବାକୁ ଚେଷ୍ଟା କରିଥିଲେ। ଶେଷରେ ନିରାଶ ହୋଇ ଘରକୁ ଫେରି ମେଘନାଦଙ୍କ ମା'ଙ୍କ ଅନ୍ତିମ ସଂସ୍କାର କରିଥିଲେ।

ବୌଦ୍ଧ ଜିଲା କଣ୍ଟାମାଲ ବ୍ଲକ ବିଲାସପୁର ଗ୍ରାମ ପଞ୍ଚାୟତ ପଦରପଡ଼ା ଗ୍ରାମର ମେଘନାଦ ଗତ ମାସ ୨୫ ତାରିଖରୁ ବୌଦ୍ଧ ସ୍ୱତନ୍ତ୍ର ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ବିଲାସପୁର ସେବା ସମବାୟ ସମିତି ନିର୍ବାଚନକୁ ନେଇ ହୋଇଥିବା ଗଣ୍ଡଗୋଳ ଘଟଣାରେ ମନମୁଣ୍ଡା ପୋଲିସ ତାଙ୍କୁ ଗିରଫ କରିଥିଲା। ମେଘନାଦ ଜେଲ ଯିବାର ଦୁଇ ଦିନ ପରେ ତାଙ୍କ ବାପା ବୁଧୁ ସାହୁଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ମେଘନାଦ ବଡ଼ପୁଅ ହୋଇଥିବାରୁ ବାପାଙ୍କୁ ମୁଖାଗ୍ନି ଦେବା ପାଇଁ ତାଙ୍କ ପରିବାର ଲୋକେ ବୌଦ୍ଧ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଜାମିନ ଆବେଦନ କରିଥିଲେ। କିନ୍ତୁ ବିଚାରପତି ଜାମିନ ନ ଦେବାରୁ ସେ ମୁଖାଗ୍ନି ଦେଇ ପାରି ନ ଥିଲେ। ବୁଧବାର ମାଆ ବେଟିଖାଇ ସାହୁଙ୍କ ମୃତ୍ୟୁ ଘଟିଛି। ଏଥର ମଧ୍ୟ ତାଙ୍କୁ ଜାମିନ ମିଳି ନ ଥିଲା। ହେଲେ ଜେଲ କର୍ତ୍ତୃପକ୍ଷ ମାନବିକତା ଦୃଷ୍ଟିକୋଣରୁ ମେଘନାଦଙ୍କୁ ବହୁଦୂରରୁ ଥାଇ ମାଆଙ୍କ ଶେଷ ଦର୍ଶନ କରାଇବା ବ୍ୟବସ୍ଥା କଲା ପରେ ପରିବାର ନିରୁପାୟ ହୋଇ ମୃତଦେହ ଧରି ଗାଁକୁ ଫେରି ଆସିଥିଲେ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅଜୟ ପରିଡ଼ାଙ୍କ ଶେଷକୃତ୍ୟ ସମ୍ପନ୍ନ



ଅଜୟ ପରିଡ଼ାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଉଛି।

- ଶେଷ ଦର୍ଶନ କଲେ ମନ୍ତ୍ରୀ, ବିଧାୟକ ଓ ଜିଲାପାଳଙ୍କ ସମେତ ବିଶିଷ୍ଟ ବ୍ୟକ୍ତି
- ଗାଁରେ ଶୋକାକୁଳ ପରିବେଶ, ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ପ୍ରଦାନ

**ଧର୍ମଶାଳା,୨୦।୭(ଡି.ଏନ.ଏ.)**

ଆସାମର ଗୁଆହାଟୀଠାରେ ହୃଦ୍‌ଘାତରେ ପ୍ରାଣ ହରାଇଥିବା ଜୀବବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍‌ଏସ୍) ନିର୍ଦ୍ଦେଶକ ପଦ୍ମଶ୍ରୀ ଡକ୍ଟର ଅଜୟ କୁମାର ପରିଡ଼ାଙ୍କ ବୁଧବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପାର୍ଥିବ ଶରୀରକୁ ତାଙ୍କ ଜନ୍ମମାଟି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଭଗବାନପୁରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତୋପ ସଲାମୀ ଦିଆଯାଇ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ପୂର୍ବାହ୍ନରେ ତାଙ୍କ ପାର୍ଥିବ ଶରୀର ଜାରକାଠାରେ ପହଞ୍ଚିବା ପରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଶେଷ ଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ପାର୍ଥିବ ଶରୀରକୁ ଭଗବାନପୁର ନିଆଯାଇଥିଲା। ବାଟରେ ବିଭିନ୍ନ ଛକରେ ଲୋକେ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଭଗବାନପୁରରେ ପାର୍ଥିବ ଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ତାଙ୍କ ପୈତୃକ ବାସଭବନକୁ ନିଆଯାଇଥିଲା। ସେଠାରେ ଗ୍ରାମବାସୀ ଓ ପରିଜନ ତାଙ୍କର ଶେଷ ଦର୍ଶନ କରିବା ପରେ ଗାଁ ଶ୍ମଶାନକୁ ନିଆଯାଇଥିଲା। ତାଙ୍କର ଏକମାତ୍ର ପୁଅ ଆଶିଷ ପରିଡ଼ା ମୁଖାଗ୍ନି ଦେଇଥିଲେ।

ଭାଗବାନପୁରରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ପୂର୍ବତନ ଏମ୍‌ପି ରୀତା ତରାଇ, ଧର୍ମଶାଳା ବିଧାୟକ ପ୍ରଣବେ ବଳବନ୍ତରାୟ, ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍‌ପି ରାହୁଲ ପିଆର୍, ବିଡିଓ ଅରବିନ୍ଦ ବେହେରା, ତହସିଲଦାର ସ୍ୱାଗତ ଦାସ, ପୂର୍ବତନ ବିଧାୟକ ରବି ଲାବଣ୍ୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମେଶ ପରିଡ଼ା, ଜିଲାପରିଷଦ ସଭ୍ୟ ଜଳଧର ମହାନ୍ତି, ଭାଗ୍ୟଧର ସେଠୀ, ଭାଜପା ନେତ୍ରୀ ସ୍ମୃତିରେଖା ପହି, ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ସୂଚନାଯୋଗ୍ୟ, ପରିଡ଼ା ଆସାମର ଗୁଆହାଟୀଠାରେ ହେବାକୁ ଥିବା ଏକ କନ୍‌ଫରେନ୍ସରେ ଯୋଗଦେବାକୁ ଯାଇଥିଲେ। ତେବେ କନଫରେନ୍ସ ପୂର୍ବରୁ ସେ ରହୁଥିବା ହୋଟେଲ ରୁମ୍‌ରେ ମଙ୍ଗଳବାର ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଥିଲା।






ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ ନେଇ ଜମ୍ମୁଠାରେ ବୁଧବାର ନ୍ୟାଶନାଲ କନ୍‌ଫରେନ୍ସର କର୍ମୀମାନେ ବିକ୍ଷୋଭ କରୁଛନ୍ତି।

# କଂଗ୍ରେସର ୨ ବିଧାୟକ ଦ୍ରୌପଦୀଙ୍କୁ ଭୋଟ ଦେଇଛନ୍ତି: ମୋହନ

- ଫଳାଫଳ ବାହାରିବା ଯାଏଁ ଅପେକ୍ଷା କରିବାକୁ ପଡ଼ିବ: କଂଗ୍ରେସ
- କାର୍ଯ୍ୟାନୁଷ୍ଠାନ ହେବ ନା ନାହିଁ ଫୋନ୍‌ରେ କହି ହେବନି: ଶରତ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ୨ଜଣ କଂଗ୍ରେସ ବିଧାୟକ ସମର୍ଥନ କରିଛନ୍ତି। କେବଳ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ ନୁହନ୍ତି, ତାଙ୍କ ସହିତ ଆଉ ଜଣେ କଂଗ୍ରେସ ବିଧାୟକ ମଧ୍ୟ ମୁର୍ମୁଙ୍କୁ ଭୋଟ ଦେଇଛନ୍ତି। ଏନେଇ ବୁଧବାର ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ସୂଚନା ଦେବାପରେ ରାଜନୈତିକ ମହଲରେ ଚର୍ଚ୍ଚା ବଢ଼ିଯାଇଛି। ଦ୍ୱିତୀୟ ବିଧାୟକ ଜଣଙ୍କ କିଏ ତାକୁ ନେଇ ଜୋର୍‌ଦାର ଚର୍ଚ୍ଚା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ କଂଗ୍ରେସ କିନ୍ତୁ ପାଲଟା ଭାଜପାକୁ ଟାର୍ଗେଟ କରିଛି। ସମାନଭାବେ ଭାଜପାର ୨ ଜଣ ବିଧାୟକ ବିରୋଧୀ ମେଣ୍ଟର ପ୍ରାର୍ଥୀ ଯଶବନ୍ତ ସିହ୍ନାଙ୍କୁ ଭୋଟ ଦେଇଥିବା କଂଗ୍ରେସ ଅଭିଯୋଗ କରିଛି। ତେବେ ମୋକିମଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାବେଳେ ଏହାର କାରଣ କ'ଣ ବୋଲି ସବୁଆଡ଼େ ପ୍ରଶ୍ନ ଉଠିବାରେ ଲାଗିଛି।

ଅନ୍ୟପଟେ ମୋହନ ଆହୁରି କହିଛନ୍ତି, ରାଷ୍ଟ୍ରପତି ନିର୍ବାଚନରେ ମାଟିର ଝିଅକୁ ସମସ୍ତେ ସମର୍ଥନ ଦେଇଛନ୍ତି। କଂଗ୍ରେସ ବିଧାୟକ ମୋକିମ ମଧ୍ୟ ଦ୍ରୌପଦୀଙ୍କୁ ସମର୍ଥନ ଦେଲେ। ତାଙ୍କ ଦଳର ଅନ୍ୟ ଜଣେ ମଧ୍ୟ ଏନ୍‌ଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ଗୁରୁବାର ଗଣତି ପରେ ଏସବୁ ସ୍ପଷ୍ଟ ହୋଇଯିବ ବୋଲି ମୋହନ କହିଛନ୍ତି। ତେବେ ମୋହନଙ୍କ ଏଭଳି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଆଗ ପାର୍ଟି ତା'ପରେ ମାଟି। ଦଳୀୟ ନିଷ୍ପତ୍ତି ଅନୁଯାୟୀ ସିହ୍ନାଙ୍କୁ ଭୋଟ ଦେଇଛନ୍ତି। ଦଳର ୮ଟି ଭୋଟ ସିହ୍ନାଙ୍କ ସପକ୍ଷରେ ଯାଇଛି। ହେଲେ ବିଜେଡି ଏବଂ ଭାଜପାର ଜଣେ ଲେଖା ବିଧାୟକ ଦ୍ରୌପଦୀଙ୍କୁ ଭୋଟ ନ ଦେଇ ଯଶୱନ୍ତଙ୍କୁ ଦେଇଥିବା ସୁର କହିଛନ୍ତି।

ସେହିପରି ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, କଂଗ୍ରେସରେ ସବୁ ମର୍ଦ୍ଦିଫିଲା। ଭାଜପାର ୨ ବିଧାୟକ ଯଶୱନ୍ତଙ୍କୁ ଭୋଟ ଦେଇଥିବା ସେ କହିଛନ୍ତି। ତେବେ ଏହି କଥାରୁ କଂଗ୍ରେସ ଏବଂ ଭାଜପାର କେଉଁ ବିଧାୟକମାନେ ରାଷ୍ଟ୍ରପତି ଭୋଟିଂ ସମୟରେ କ୍ରସ୍ ଭୋଟିଂ କରିଛନ୍ତି ନା ଏହି କଥାର କିଛି ସତ୍ୟତା ନାହିଁ ସେ କଥା ଗୁରୁବାର ସ୍ପଷ୍ଟ ହୋଇଯିବ। ତେବେ ମୋକିମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନା ନାହିଁ ସେନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏନେଇ ଟେଲିଫୋନ୍ ଯୋଗେ କିଛି କହିବା ଠିକ୍ ହେବ ନାହିଁ, ଭୋଟ ଫଳାଫଳ ବାହାରିବା ପରେ ସବୁ ଜଣାପଡ଼ିଯିବ।

# ବଣ୍ଟା ହେବ ୫ କୁଇଣ୍ଟାଲ ଲଡ୍ଡୁ

- ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ଘୋଷଣାକୁ ଅପେକ୍ଷା
- ବିଜୟ ଉତ୍ସବ ମନାଇବାକୁ ଚଳଚଞ୍ଚଳ ମୟୂରଭଞ୍ଜ

**ବାରିପଦା ଅଫିସ,୨୦।୭**

ଦେଶର ପ୍ରଥମ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ହେବା ନେଇ ସମ୍ଭାବନା ଥିବାରୁ ବିଜୟ ଉତ୍ସବ ମନାଇବାକୁ ମୟୂରଭଞ୍ଜ ଜିଲାବାସୀ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଗୁରୁବାର ଫଳାଫଳ ଘୋଷଣାକୁ ଅପେକ୍ଷା କରି ରହିଛନ୍ତି ସମଗ୍ର ଜିଲାର ଲୋକେ। ଦ୍ରୌପଦୀଙ୍କ ଜନ୍ମମାଟି କୁସୁମୀ ବ୍ଲକ ଉପରବେଡ଼ା, ଶାଶୁଘର ପାହଡ଼ପୁର ଓ ନିଜସ୍ୱ ବାସସ୍ଥାନ ରାଇରଙ୍ଗପୁରରେ ଏହାର ପ୍ରଭାବ ବେଶ୍ ଦେଖିବାକୁ ମିଳୁଛି। ରାଇରଙ୍ଗପୁର ସହରବାସୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଥିବା ବେଳେ ସମସ୍ତ ସହରବାସୀଙ୍କ ମୁହଁ ମିଠା କରିବାକୁ ଚାଲିଛି ଲଡ୍ଡୁ ପ୍ରସ୍ତୁତି। ୫ କୁଇଣ୍ଟାଲ ଓଜନର ଲଡ୍ଡୁ ତିଆରି କରିବାକୁ ଲାଗିଛନ୍ତି ୧୨ଜଣ କାରିଗର।

ଭାଜପା (ପଶ୍ଚିମ) ସଂଗଠନ ସଭାପତି ନବ ଚରଣ ମାଝୀଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ଲଡ୍ଡୁ, ମିଠା, ବାଣ ରୋଶଣି ଓ ଗୀତନାଚରେ ମସ୍‌ଗୁଲ ହେବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଦଳ ପକ୍ଷରୁ ୧୦ହଜାର ଲଡ୍ଡୁ ପ୍ରସ୍ତୁତି ଚାଲିଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ମଧ୍ୟ ୧୦ହଜାର ଲଡ୍ଡୁ ତିଆରି ଲାଗିଛି। ଭୋଟ ଗଣତି ଆରମ୍ଭ ହେବା ପରେ ଲଡ୍ଡୁ ବଣ୍ଟନ ସହିତ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବ। ସେହିପରି ଜିଲାର ୨୬ ବ୍ଲକରେ ଥିବା ଗ୍ରାମଗୁଡ଼ିକରେ ବିଜୟ ଉତ୍ସବ ପାଳନ ପାଇଁ ଭାଜପା ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗାଁ ଗଣ୍ଡାରେ ନାଚଗୀତର ଆସର ପାଇଁ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ମହିଳାପୁରୁଷମାନେ ସଜବାଜ ଆରମ୍ଭ କରିଛନ୍ତି। ଜିଲାର ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ହେବାକୁ ନେଇ ଦଳୀୟ କର୍ମକର୍ତ୍ତା ଦିଲ୍ଲୀରେ ପହଞ୍ଚିଛନ୍ତି।

ଭାଜପାର ମୟୂରଭଞ୍ଜ ଜିଲା (ପୂର୍ବ) ସଭାପତି କାନ୍ଦରା ସୋରେନ କହନ୍ତି, ଅତି ଖୁସି ଓ ଆନନ୍ଦର ଦିନକୁ ଆମେ ଅପେକ୍ଷା କରିଛୁ। ଜିଲାର ଘରେ ଘରେ ବିଜୟ ଉତ୍ସବ ମନାଇବା ପାଇଁ ଆମେ ଆଶା ପ୍ରକଟ କରିଛୁ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ.କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ କହିବା ଅନୁଯାୟୀ, ଜଣେ ଆଦିବାସୀ ମହିଳା ସର୍ବୋଚ୍ଚ ଆସନରେ ବସିବାକୁ ଯାଉଥିବା ବେଳେ ଆମ ଜିଲା ତଥା ରାଜ୍ୟ ପାଇଁ ମହାଆନନ୍ଦର ପର୍ବ। ଭାଜପାର ବରିଷ୍ଠ ସଦସ୍ୟ କବି ବିଷ୍ଣୁ ଶତପଥୀଙ୍କ ମତରେ ଜଣେ ଆଦିବାସୀ ମହିଳା ଦେଶର ସମ୍ମାନଜନକ ଆସନରେ ବସିବାକୁ ଯାଉଥିବାରୁ ଜିଲାବାସୀଙ୍କ ସମେତ ରାଜ୍ୟବାସୀ ବେଶ୍ ଉତ୍ସାହିତ ଅଛନ୍ତି। ରାଇରଙ୍ଗପୁର ଅଞ୍ଚଳର ବାସିନ୍ଦା ବିକାଶ ମହାନ୍ତ କହନ୍ତି, ସହରବାସୀଙ୍କ ମୁହଁ ମିଠା କରିବା ପାଇଁ ବୁନ୍ଦି ଲଡ୍ଡୁ ତିଆରି କରାଯାଇଛି। ପଡ଼ୋଶୀ ରାଜ୍ୟରୁ ଆସୁଥିବା ଲୋକଙ୍କ ସହ ଅଞ୍ଚଳବାସୀଙ୍କୁ ଲଡ୍ଡୁ ବଣ୍ଟାଯିବ।



ଜଣେ କାରିଗର ଲଡ୍ଡୁ ତିଆରି କରୁଛନ୍ତି।

# '୧୦୦ କୋଟି ଦିଅ, ମନ୍ତ୍ରୀ ପଦ ନିଅ'

**ପୁଣେ,୨୦।୭:** ମହାରାଷ୍ଟ୍ରର ପୁଣେରେ ଜଣେ ଭାଜପା ବିଧାୟକଙ୍କୁ ମନ୍ତ୍ରୀ ପଦ ଦେବା ନାଁରେ ଠକେଇ ଉଦ୍ୟମ ସାମ୍ନାକୁ ଆସିଛି। ଏହି ଘଟଣାରେ ମୁମ୍ବାଇ କ୍ରାଇମବ୍ରାଞ୍ଚ ୪ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତମାନେ ଭାଜପା ବିଧାୟକ ରାହୁଲ କୁଲଙ୍କୁ ମହାରାଷ୍ଟ୍ର କ୍ୟାବିନେଟରେ ସ୍ଥାନ ଦେବାକୁ କହି ୧୦୦ କୋଟି ଟଙ୍କା ମାଗିଥିଲେ। ନିକଟରେ ମହାରାଷ୍ଟ୍ରରେ ନୂତନ ସରକାର ଗଠନ କରାଯାଇଛି। ନବ ଗଠିତ ସରକାରରେ ଏପର୍ଯ୍ୟନ୍ତ କ୍ୟାବିନେଟ ଗଠନ ହୋଇନାହିଁ। ବର୍ତ୍ତମାନ ଏହି କ୍ୟାବିନେଟରେ କିଏ ରହିବେ ତାହା ଉପରେ ସମସ୍ତଙ୍କ ଧ୍ୟାନ ରହିଛି। ଏହାର ଫାଇଦା ନେବାକୁ ଚେଷ୍ଟା କରୁଥିବା ୪ ଅଭିଯୁକ୍ତ କ୍ୟାବିନେଟରେ ମନ୍ତ୍ରୀ ପଦ ଦେବା ନାଁରେ ଭାଜପାର ଡୌଣ୍ଡ ବିଧାୟକ ରାହୁଲ କୁଲଙ୍କୁ ଠକିବାକୁ ଚେଷ୍ଟା କରିଥିଲେ। ରାହୁଲଙ୍କୁ ୧୦୦ କୋଟି ଟଙ୍କାରେ ମନ୍ତ୍ରୀ ପଦର ଅଫର ମିଳିଥିଲା। ରିୟାଜ ଶେଖ ନାମକ ଜଣେ ବ୍ୟକ୍ତି ଜୁଲାଇ ୧୬ରେ ରାହୁଲଙ୍କ ପିଏଙ୍କୁ ଫୋନ କରିଥିଲେ। ସେ ବିଧାୟକଙ୍କୁ ଭେଟି ଗୋଟିଏ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁଥିବା ଫୋନରେ କହିଥିଲେ। ଏହି ଫୋନ କଲ ପରେ ବିଧାୟକ ରିୟାଜଙ୍କୁ ମୁମ୍ବାଇର ଗୋଟିଏ ହୋଟେଲରେ ଭେଟିଥିଲେ। ଏହି ସମୟରେ ସେ ବିଧାୟକଙ୍କୁ କହିଥିଲେ ଯେ ତା'ର ବଡ ବଡ ରାଜନେତା ଚିହ୍ନା ଅଛନ୍ତି। ସେମାନେ ଚାହିଁଲେ ରାହୁଲ ବେଶ ସହଜରେ ମନ୍ତ୍ରୀ ପଦ ପାଇପାରିବେ। ହେଲେ ଏଥିପାଇଁ ତାଙ୍କ ଠାରୁ ରିୟାଜ ୧୦୦ କୋଟି ଟଙ୍କା ଦାବି କରିଥିଲେ। ବିଧାୟକ ଏହି ପ୍ରସ୍ତାବରେ ରାଜି ଥିବା ଜଣାଇବା ପାଇଁ ସେ ରିୟାଜ ସହ ଟଙ୍କାକୁ ନେଇ ବୁଝାମଣା ଆରମ୍ଭ କରିଥିଲେ। ଶେଷରେ ୯୦ କୋଟି ଟଙ୍କାରେ ଡିଲ ଫାଇନାଲ କରିଥିଲେ। ତେବେ ଏହାର ୨୦% ମନ୍ତ୍ରୀ ହେବା ପୂର୍ବରୁ ଦେବାକୁ ପଡିବ ବୋଲି ରିୟାଜ କହିଥିଲେ। ଏଥିରେ ବିଧାୟକ ରାଜି ହେବା ସହ ଟଙ୍କା ନେବାକୁ ପଛରେ ଆସିବା ପାଇଁ କହିଥିଲେ। କିନ୍ତୁ ବିଧାୟକ ଏନେଇ ଦଳର ବରିଷ୍ଠ ନେତାଙ୍କୁ ଜଣାଇବା ସହ ପୋଲିସ ଷ୍ଟେଶନରେ ଅଭିଯୋଗ କରିଥିଲେ। ମୁମ୍ବାଇ ପୋଲିସ କମିଶନର ବିବେକ ଫାନସଲକର ଘଟଣାର ତଦନ୍ତ ଦାୟିତ୍ୱ ମୁମ୍ବାଇ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଯୋଜନା ମୁତାବକ ୧୮ କୋଟି ଟଙ୍କା ଦେବାକୁ ବିଧାୟକ ଜଣକ ରିୟାଜକୁ ହୋଟେଲ ଆସିବା ପାଇଁ କହିଥିଲେ। ଟଙ୍କା ଲୋଭରେ ସେ ନିଜର ଆଉ ୩ ସହଯୋଗୀଙ୍କ ସହ ହୋଟେଲରେ ପହଞ୍ଚିଥିଲେ। ହେଲେ ପୋଲିସ ଟିମ ସମସ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଗଣତନ୍ତ୍ର ପ୍ରତି କଂଗ୍ରେସର ବିନାଶକାରୀ ମନୋଭାବ ରହିଛି: କେନ୍ଦ୍ର ମନ୍ତ୍ରୀ

**ନୂଆଦିଲ୍ଲୀ,୨୦।୭:** ପ୍ୟାକଡ୍ କ୍ଷୀର, ଦହି, ଅଟା, ଚାଉଳ ଇତ୍ୟାଦି ଦୈନନ୍ଦିନ ଆବଶ୍ୟକ ଖାଦ୍ୟ ଉପରେ ଜିଏସ୍‌ଟି ଲାଗୁ ହେବା ପରେ ବିରୋଧୀ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ମୁଦ୍ରାସ୍ଫୀତି ଏବଂ ଜିଏସ୍‌ଟି ଉପରେ ଆଲୋଚନାରୁ ସରକାର ପଳାୟନ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ବୁଧବାର କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି, ସରକାର ମୁଦ୍ରାସ୍ଫୀତି ଏବଂ ଜିଏସ୍‌ଟି ବିତର୍କରୁ ଦୂରେଇ ଯାଉନାହାଁନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କରୋନାରୁ ସୁସ୍ଥ ହେବା ପରେ ସଂସଦରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇପାରିବ। ଗୃହ କାର୍ଯ୍ୟରେ କଂଗ୍ରେସ ବାଧା ସୃଷ୍ଟି କରିଥିବା ସେ ଅଭିଯୋଗ କରିଛନ୍ତି। ଗଣତନ୍ତ୍ର ପ୍ରତି କଂଗ୍ରେସର ବିନାଶକାରୀ ମନୋଭାବ ରହିଛି। କଂଗ୍ରେସ ନେତା ଜୟରାମ ରମେଶଙ୍କ ଟୁଇଟ୍‌ରୁ ଯାହା ଜଣାପଡୁଛି କଂଗ୍ରେସ ଗୃହକୁ ଭଣ୍ଡୁର କରବାକୁ ଚାହୁଥିବା ଏକପ୍ରକାର ପ୍ରତିଯୋଗିତା ଚାଲିଛି ବୋଲି ଗୋୟଲ କହିଛନ୍ତି।

DSPL-110

ଓଡ଼ିଶା ଶାସନ

**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**

**NOTICE**

**File No. HFW-MSI-ESTT-0036-2022__________/H. Dated.**

The Orientation Programme for newly recruited Medical Officers (Allopathic), Medical Officers (Homoeopathic) and Lecturers (Homoeopathic) under Health & Family Welfare Department as per the recommendation of OPSC will be held at Convention Centre, Loka Seva Bhawan, Bhubaneswar on 22.07.2022 AT 5.30 P.M.

**They will report at 12.30 P.M. at Gita Govinda Sadan (Near IG Park), Bhubaneswar on 22.07.2022 for receipt of appointment order.**

The details of the concerned Medical Officers are available in Health & FW Department website http//www.odisha gov.in/health_portal/index.html.

They are requested to attend the event as per the above programme.

**For any clarification, Please contact**
**Shri Sudhanshu Sekhar Panda**
**Deputy Secretary to Government**
**Mob. No.- 7846974148**

**Sd./-**
**Additional Secretary to Government**

OIPR-10001/13/0015/2223

YEARS OF CELEBRATING THE MAHATMA

**Govt. of India, Ministry of Defence,**
**Defence Estates Office, Odisha Circle,**
**E-AUCTION NOTICE**

It is hereby notified for information of general public that **E-auction notice of 398** different standing trees at Army AD Centre in Gopalpur Mil. Stn., District Ganjam through Central Public Procurement Portal of Govt of India i.e. www.eauction.gov.in. The bidders have to submit their bid documents online till 30.07.2022 up to 04:20 PM and the e-auction will be carried out on 02.08.2022 from 10:00AM to 05:00PM. The other details/descriptions of the trees along with terms and conditions of the auction can be obtained through www.eauction.gov.in. For further information if required, kindly mail deobhub-stats@nic.in.

Auction Id 2022_MoD_1912 — Sd/-
Ph No.0674-2747631, 2747345 — Defence Estates Officer, Bhubaneswar

**ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ**

**ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଆର୍ଥିକ ସହାୟତା ପାଉଥିବା କଳାକାରଙ୍କ ନିମନ୍ତେ ବିଶେଷ ସୂଚନା**

No. RR-15: ରାଜ୍ୟ ସରକାର ପ୍ରଥମେ "ଦୁଃସ୍ଥ କଳାକାରମାନଙ୍କୁ ଭତ୍ତା" ଯୋଜନାରେ ଆର୍ଥିକ କ୍ଷେତ୍ରରେ ଅନଗ୍ରସର କଳାକାରମାନଙ୍କୁ ମାସିକ କଳାକାର ଭତ୍ତା ପ୍ରଦାନ କରୁଥିଲେ। ପରବର୍ତ୍ତୀ ସମୟରେ ଏହି ଯୋଜନାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ସରକାର ୨୦୧୮ ମସିହାରେ ଏକ ନୂତନ ଯୋଜନା **"ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା"** ପ୍ରଣୟନ କଲେ। ବର୍ତ୍ତମାନ ରାଜ୍ୟର ପ୍ରାୟ ୩୫,୦୦୦ କଳାକାର ଏହି ଯୋଜନାରେ ଉପକୃତ ହେଉଛନ୍ତି।

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଉପକୃତ ହେଉଥିବା ରାଜ୍ୟର ସମସ୍ତ କଳାକାରମାନେ ପ୍ରତି ବର୍ଷ ଏପ୍ରିଲ ମାସରେ ସେମାନଙ୍କରେ ଜୀବିତ ପ୍ରମାଣପତ୍ର ଦାଖଲ କରିବା ବିଧେୟ। ତେବେ ୨୦୨୦ ମସିହାରୁ ମହାମାରୀ କୋଭିଡ୍-୧୯ ହେତୁ ଅନେକ କଳାକାର ସେମାନଙ୍କର ଜୀବିତ ପ୍ରମାଣପତ୍ର ଦାଖଲ କରିବା ପାଇଁ ସମର୍ଥ ହୋଇନାହାନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଏହିକି ଯେ ବର୍ତ୍ତମାନ ଡି.ବି.ଟି. (D.B.T.) ମାଧ୍ୟମରେ ଆର୍ଥିକ ସହାୟତା ସମସ୍ତ ହିତାଧିକାରୀ କଳାକାରମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯାଉଛି। ଏଥିପାଇଁ ପ୍ରତ୍ୟେକ କଳାକାରମାନେ ସେମାନଙ୍କର ଜୀବିତ ପ୍ରମାଣପତ୍ର, ଆଧାର କାର୍ଡର ନକଲ ଏବଂ ବ୍ୟାଙ୍କ ଜମାଖାତାର ପ୍ରଥମ ପୃଷ୍ଠାର ନକଲ ଆସନ୍ତା ଅଗଷ୍ଟ ମାସ ୩୧ତାରିଖ, ୨୦୨୨ ମଧ୍ୟରେ ଦାଖଲ କରି ଉକ୍ତ ସହାୟତାର ନବୀକରଣ କରାଇବା ଜରୁରୀ ଅଟେ।

ତେଣୁ ଯେଉଁ କଳାକାରମାନେ ଏହି ବିଭାଗସ୍ତରରୁ ଉକ୍ତ ସହାୟତା ପାଉଛନ୍ତି ସେମାନେ ସେମାନଙ୍କର ଜୀବିତ ପ୍ରମାଣପତ୍ର, ଆଧାର କାର୍ଡର ନକଲ, ମୋବାଇଲ ନମ୍ବର ଏବଂ ବ୍ୟାଙ୍କ ଜମାଖାତାର ପ୍ରଥମ ପୃଷ୍ଠାର ନକଲ ଏହି ବିଭାଗରେ ଦାଖଲ କରିବେ ଏବଂ ଯେଉଁ କଳାକାରମାନେ ଜିଲ୍ଲାସ୍ତରରୁ ଏହି ସହାୟତା ପାଉଛନ୍ତି ସେମାନେ ସେମାନଙ୍କର ଜୀବିତ ପ୍ରମାଣପତ୍ର, ଆଧାର କାର୍ଡ଼ର ନକଲ ଏବଂ ବ୍ୟାଙ୍କ ଜମାଖାତାର ପ୍ରଥମ ପୃଷ୍ଠାର ନକଲ ନିଜ ନିଜ ଜିଲ୍ଲାର ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ଏହି ଜୀବିତ ପ୍ରମାଣପତ୍ର ଦାଖଲର ଶେଷ ତାରିଖ ଆସନ୍ତା ଅଗଷ୍ଟ ମାସ ୩୧ତାରିଖ, ୨୦୨୨ ଧାର୍ଯ୍ୟ କରାଯାଇଛି।

ଉକ୍ତ ସହାୟତାର ନବୀକରଣ ନ କରାଇଲେ ଆସନ୍ତା ସେପ୍ଟେମ୍ବର ମାସଠାରୁ ସହାୟତା ଆପେ ଆପେ ବନ୍ଦ ହୋଇଯିବ।

ଉପରୋକ୍ତ ବିଷୟରେ କଳାକାରମାନଙ୍କ ସହାୟତା ସକାଶେ ବିଭାଗ ତରଫରୁ ଏକ ସହାୟକ (Helpline) ନମ୍ବର 0674-2432945 ଉପଲବ୍ଧ ଅଛି, ଯାହାକି ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ବ୍ୟବହାର କରାଯାଇପାରିବ। ଏତଦ୍‌ବ୍ୟତୀତ କଳାକାରମାନେ ମଧ୍ୟ ଆବଶ୍ୟକ ସ୍ଥଳେ E-mail: **helpdesk.ollc@gmail.com** ଜରିଆରେ ଯୋଗାଯୋଗ କରିପାରିବେ। ତେବେ Email ଜରିଆରେ ଜୀବିତ ପ୍ରମାଣ ପତ୍ର ପଠାଇବେ ନାହିଁ।

**ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ**
**ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ**

**OIPR-03001/11/0007/2223**

ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। -ଶ୍ରୀମା



# ଏବକାର ମହାସଙ୍କଟ



ଜୋସେ ରାମୋସ-ହୋର୍ତ୍ତା
ନୋବେଲ ବିଜେତା ; ରାଷ୍ଟ୍ରପତି, ଟିମୋର ଲିସ୍ତେ ( ପୂର୍ବ ଟିମୋର)



ଡାନିଲୋ ତୁର୍କ
ଅଧ୍ୟକ୍ଷ କ୍ଲବ୍ ଡେ ମାଡ୍ରିଡ୍, ପୂର୍ବତନ ରାଷ୍ଟ୍ରପତି, ସ୍ଲୋଭେନିଆ

ନିକଟରେ ଜି୭, ନାଟୋ ସଦସ୍ୟ ଓ ଜି୨୦ ବୈଦେଶିକ ମନ୍ତ୍ରୀମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତେ ଜାଣିଲେ ଯେ, ପୃଥିବୀ ଅନେକ ସଙ୍କଟଜନକ ସ୍ଥିତିକୁ ଏକାଠି ସାମ୍ନା କରୁଛି। ଖାଦ୍ୟ ଓ ଶକ୍ତି ଅସୁରକ୍ଷା, ମୁଦ୍ରା ମୂଲ୍ୟହ୍ରାସ, ଜଳବାୟୁ ପରିବର୍ତ୍ତନର ତୀବ୍ରତା ଏବଂ ସଶସ୍ତ୍ର ସଂଘର୍ଷକୁ ନେଇ ଏବେ ଅନ୍ତର୍ଜାତୀୟ ସ୍ତରରେ ଚିନ୍ତା ବଢ଼ିଯାଇଛି। ଏ ଦୃଷ୍ଟିରୁ ଆଗକୁ ନଭେମ୍ବରରେ ହେବାକୁ ଥିବା ଜି୨୦ ଗୋଷ୍ଠୀର ନେତାମାନଙ୍କ ସମ୍ମିଳନୀ ଅତି ଗୁରୁତ୍ୱପୂର୍ଣ୍ଣ ମନେ ହୁଏ। କିନ୍ତୁ ଏକାବେଳକେ ଦେଖାଦେଇଥିବା ସଙ୍କଟଗୁଡ଼ିକର ସମାଧାନ କରିବାକୁ ଆମେ ଆଉ ଅପେକ୍ଷା କରିପାରିବା ନାହିଁ। ଏଣୁ ନଭେମ୍ବରରେ ହେବାକୁ ଥିବା ଜି୨୦ ସମ୍ମିଳନୀ ପୂର୍ବରୁ ଏକ ସାଧାରଣ, ସମନ୍ୱିତ କାର୍ଯ୍ୟ କରିବା ଲାଗି ଏକ ଅନ୍‌ଲାଇନ ପ୍ରକ୍ରିୟା ଆରମ୍ଭ କରିବା ଉଚିତ।

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ(ଡବ୍ଲ୍ୟୁଏଫ୍‌ପି) ଅନୁଯାୟୀ, ବିଶ୍ୱରେ ଦୀର୍ଘ ବର୍ଷ ହେବ ଭୋକିଲା ରହୁଥିବା ଲୋକଙ୍କ ସଂଖ୍ୟା ୮୦୦ ମିଲିୟନରୁ ଅଧିକ ଥିବାବେଳେ ଏବେ ଆଉ ୩୨୩ ମିଲିୟନ ଲୋକ କ୍ଷୁଧାକୁ ସାମ୍ନା କରୁଥିବା ଅନୁମାନ କରାଯାଉଛି। ଶକ୍ତି ମୂଲ୍ୟ ବୃଦ୍ଧି ପାଇଛି । ଗରିବ ଦେଶଗୁଡ଼ିକ ମଧ୍ୟରୁ ୬୦% ଏବେ ଋଣ ସଙ୍କଟରେ ପଡ଼ିଛନ୍ତି। ବିଶ୍ୱର ବିଭିନ୍ନ ଅଞ୍ଚଳରେ ଲୋକମାନେ ମରୁଡ଼ି, ବନ୍ୟା, ବନାଗ୍ନି ଏବଂ ଜଳବାୟୁ ଖରାପ ହେବାର ଅନ୍ୟ ସଙ୍କେତଗୁଡ଼ିକୁ ଅନୁଭବ କରୁଛନ୍ତି। ଏପ୍ରିଲରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ସତର୍କ କରିଦେଇଥିଲେ ଯେ, ଏବେ ଏକାଠି ପ୍ରକାଶ ପାଇଥିବା ସବୁ ସଙ୍କଟ ମାନବଜାତିର ଏକ ପଞ୍ଚମାଂଶ ଅର୍ଥାତ୍ ୧.୭ ବିଲିୟନ ଲୋକଙ୍କୁ ବିଗତ ଦଶନ୍ଧି ତୁଳନାରେ ସବୁଠୁ ଭୟଙ୍କର ଦାରିଦ୍ର୍ୟ, ଅଭାବ ଓ କ୍ଷୁଧା ମଧ୍ୟକୁ ଠେଲି ଦେଇପାରେ। କିନ୍ତୁ ସ୍ଥିତି ଅତ୍ୟନ୍ତ ବିପଜ୍ଜନକ ହୋଇଥିଲେ ବି ଆମେ ଏହାକୁ ପରିବର୍ତ୍ତନ କରିବାରେ ଅକ୍ଷମ ନୋହୁଁ। ଋଣ, ଶକ୍ତି ଏବଂ ଖାଦ୍ୟ ଅସୁରକ୍ଷା ସ୍ଥିତିର ସମାଧାନ କରିବା ଲାଗି ବିଭିନ୍ନ ଦେଶ ଦ୍ୱାରା କିଛି ପଦକ୍ଷେପ ନେବା ଆରମ୍ଭ ହୋଇଗଲାଣି। ତେବେ ସମନ୍ୱିତ ଏବଂ ସମ୍ମିଳିତ ପଦକ୍ଷେପଗୁଡ଼ିକ ନିଆଯିବା ଦରକାର। ସମସ୍ୟାଗୁଡ଼ିକ ପରସ୍ପର ଭାବେ ଏଭଳି ଯୋଡ଼ି ହୋଇ ରହିଛି ଯେ, ଏଗୁଡ଼ିକୁ ସ୍ତର ସ୍ତର କରି ଆମକୁ ସମାଧାନ କରିବାକୁ ପଡ଼ିବ।

ସାମ୍ପ୍ରତିକ ପରିସ୍ଥିତିରେ ଆମକୁ ପ୍ରାଥମିକତାଭିତ୍ତିରେ ଉଚିତ ମୂଲ୍ୟ ସୁନିଶ୍ଚିତ କରିବା ସହ ସାରା ବିଶ୍ୱରେ ଖାଦ୍ୟ ଓ ଶକ୍ତି ବଜାରରେ ଯୋଗାଣଗୁଡ଼ିକୁ ସୁରକ୍ଷିତ କରିବାକୁ ହେବ। ଚଳିତ ବର୍ଷ ଡବ୍ଲ୍ୟୁଏଫ୍‌ପିର ନିଅଣ୍ଟ ଥିବା ୧୦ ବିଲିୟନ ଡଲାର ଯୋଗାଡ଼ କରିବା ଆବଶ୍ୟକ। ଏବେ ସୁଦ୍ଧା ଅନ୍ତର୍ଜାତୀୟ ସଂସ୍ଥାସବୁ ଏବଂ ଅନେକ ଦେଶ ଖାଦ୍ୟ ଅଭାବ ପ୍ରତି ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଖାଦ୍ୟ ବ୍ୟବସ୍ଥାର ସାମର୍ଥ୍ୟ ବଢ଼ାଇବା ଲାଗି ମାନବୀୟ ପାଣ୍ଠି ଯୋଗାଣ ଏବଂ ନିବେଶକୁ ସଂଯୋଜିତ କରିବା ସକାଶେ ସେମାନେ ନିକଟରେ 'ଖାଦ୍ୟ ସୁରକ୍ଷା ପାଇଁ ବୈଶ୍ୱିକ ମେଣ୍ଟ' ଗଠନ କରିଛନ୍ତି। ଆମେରିକା ନେତୃତ୍ୱରେ 'ଗ୍ଲୋବାଲ ଫୁଡ୍ ସିକ୍ୟୁରିଟି ଟୁ ଆକ୍ସନ' ପାଇଁ ପ୍ରସ୍ତୁତ ନକ୍ସାକୁ ୮୦ରୁ ଉର୍ଦ୍ଧ୍ୱ ଦେଶ ସମର୍ଥନ କରିଛନ୍ତି। ଅନେକ ଆଞ୍ଚଳିକଭିତ୍ତିକ ସମ୍ମିଳନୀ ଯଥା ଖାଦ୍ୟ ସୁରକ୍ଷା ସଙ୍କଟ ଉପରେ ମେଡିଟେରିଆନ ମନ୍ତ୍ରୀସ୍ତରୀୟ ବୈଠକ ଏବଂ ବିଶ୍ୱ ଖାଦ୍ୟ ସୁରକ୍ଷା ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଆୟୋଜିତ କରାଯାଇଛି। କିନ୍ତୁ ଖାଦ୍ୟ ଅସୁରକ୍ଷା ରୋକିବାକୁ ମୁକ୍ତ ବାଣିଜ୍ୟ ଅତି ଜରୁରୀ ବୋଲି ଆମେ ଜାଣିଥିଲେ ମଧ୍ୟ ୨୦ରୁ ଅଧିକ ଦେଶ ଖାଦ୍ୟ ରପ୍ତାନି ଉପରେ କଟକଣା ଲଗାଇଛନ୍ତି। ତେବେ ରପ୍ତାନି କଟକଣାରୁ ଡବ୍ଲ୍ୟୁଏଫ୍‌ପିର ମାନବୀୟ କ୍ରୟକୁ ବାଦ୍ ଦେବା ଲାଗି ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟ ଦେଶଗୁଡ଼ିକ ରାଜି ହୋଇଥିବାବେଳେ, ତାହା ଏଥିପାଇଁ ପର୍ଯ୍ୟାପ୍ତ ନୁହେଁ। ଭଣ୍ଡାରଗୁଡ଼ିକରେ ଖାଦ୍ୟ ଶସ୍ୟ ଗଚ୍ଛିତ ରଖିଥିବା ପ୍ରମୁଖ ଦେଶଗୁଡ଼ିକ ଆଗକୁ ମୂଲ୍ୟବୃଦ୍ଧି ରୋକିବା ସହ ଏହାକୁ ହ୍ରାସ କରିବା ଲାଗି ଅନ୍ତର୍ଜାତୀୟ ବଜାରକୁ ଗଚ୍ଛିତ ଖାଦ୍ୟ ଯୋଗାଇବା ଦରକାର। ଏହା ସହ ବଜାରର ସ୍ୱଚ୍ଛତା ଏବଂ ସଞ୍ଚାଳନରେ ଉନ୍ନତି ଆଣିବା ଏବଂ ଅଧିକ ମୂଲ୍ୟରେ ବିକ୍ରିକୁ ରୋକିବା ଲାଗି ସରକାରଗୁଡ଼ିକ କୃଷି ବଜାର ସୂଚନା ବ୍ୟବସ୍ଥା(ଏଏମ୍‌ଆଇଏସ୍)କୁ ଦୃଢ଼ କରିବା ଉଚିତ।



ଶକ୍ତି କ୍ଷେତ୍ରରେ ଇଟାଲୀର ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଅନ୍ୟମାନେ ଏକ ତୈଳ କ୍ରେତା ସଂଘ ଗଠନ କରି ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ସେମାନେ ମଧ୍ୟ ଅକ୍ଷୟ ଶକ୍ତି ଉପଯୋଗକୁ ଗତିଶୀଳ କରିବା , ଶକ୍ତି ଦକ୍ଷତା ବଢ଼ାଇବା ଏବଂ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା କମାଇବା ସକାଶେ ଅନେକ ନୂଆ ପଦକ୍ଷେପ ନେଇଛନ୍ତି। କିନ୍ତୁ ଇଜିପ୍ଟରେ ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କପ୍‌୨୭)କୁ ଦୃଷ୍ଟିରେ ରଖି ଜୋର୍ ଦାର କାମ କରିବାକୁ ପଡ଼ିବ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ( ଆଇଏମ୍‌ଏଫ୍) ଏବଂ ବହୁ ଦେଶୀୟ ଡେଭଲପ୍‌ମେଣ୍ଟ ବ୍ୟାଙ୍କଗୁଡ଼ିକ ତରଫରୁ ଏବକାର ଖାଦ୍ୟ, ଶକ୍ତି ଏବଂ ଋଣ ସଙ୍କଟରୁ ମୁକ୍ତି ଦେବା ପାଇଁ ଅଧିକ କିଛି କରିବା ଉଚିତ। କେବଳ ଆଇଏମ୍‌ଏଫ୍ ଏବେ ସଙ୍କଟରେ ସଂଘର୍ଷରତ ଦେଶଗୁଡ଼ିକୁ ଋଣ ଓ ଆର୍ଥିକ ସହାୟତା ଯୋଗାଇ ଦେବାରେ ଟ୍ରିଲିୟନ ଡଲାରର ଏକ ତ୍ରୈମାସିକ ଲାଗି ପ୍ରତିବଦ୍ଧତା ପ୍ରକାଶ କରିଛି। ସେହିଭଳି ସଙ୍କଟ ଦୂର କରିବା ଲାଗି ବିଶ୍ୱ ବ୍ୟାଙ୍କ ମଧ୍ୟ ପୁଣି ପୁଞ୍ଜି ଯୋଗାଇ ଦେବା ଲାଗି ତା ସଦସ୍ୟ ଦେଶଗୁଡ଼ିକ ସହ କଥାବାର୍ତ୍ତ କରିପାରେ। ଗରିବ ଦେଶଗୁଡ଼ିକରେ ୨୦୧୫ରୁ ଋଣ ସଙ୍କଟ ଓ ତଜ୍ଜନିତ ବିପଦ ଦୁଇଗୁଣ ବଢିଯାଇଛି। ଏଣୁ ଋଣ ସଙ୍କଟ ଦୂର କରିବା ଲାଗି ଏବକାର ପଦକ୍ଷେପ ଠାରୁ ଆହୁରି ଅଧିକ କିଛି କରିବାକୁ ପଡ଼ିବ। ମହାମାରୀ ପୂର୍ବରୁ ଆରମ୍ଭ କରାଯାଇଥିବା ଡେବିଟ ସର୍ଭିସ ସସ୍‌ପେନସନ ଇନିସିଏଟିଭ(ଡିଏସ୍‌ଏସ୍‌ଆଇ) ୪୮ଟି ଗରିବ ଦେଶକୁ ୩ ବିଲିୟନ ଡଲାରର ସହାୟତା ଯୋଗାଇ ଦେବା ପରେ ତା'ର କାର୍ଯ୍ୟ ସମାପ୍ତ ହୋଇଯାଇଛି। ଡିଏସ୍‌ଏସ୍‌ଆଇ ପରେ ଦେଶଗୁଡ଼ିକୁ ଦେବାଳିଆ ସମସ୍ୟାରୁ ରକ୍ଷା କରିବା ଓ ଅନ୍ତର୍ଜାତୀୟ ସ୍ତରରୁ ଋଣ ଆଣି ନିଅଣ୍ଟ ଭରଣା କାମ କରିବା ଲାଗି 'କମନ ଫ୍ରେମ୍‌ୱାର୍କ ଫର୍ ଡେବିଟ୍ ଟ୍ରିଟ୍‌ମେଣ୍ଟ ଗଠନ କରାଗଲା। ଏହା ଋଣ ସହାୟତା ଯୋଗାଇବା ଏବଂ ଋଣଦାତାର ଅପରିହାର୍ଯ୍ୟ ବ୍ୟୟ ଆବଶ୍ୟକତା ଓ ଦେୟ କ୍ଷମତାକୁ ପୁନର୍ଗଠନ ତଥା ସୁସଙ୍ଗତ କରିବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଗଠନ ହେବାର ଦେଢ ବର୍ଷ ପରେ କେବଳ ଚାଦ,ଇଥିଓପିଆ ଏବଂ ଜାମ୍ବିଆ ଏଥିରେ ସ୍ୱାକ୍ଷର କରିଛନ୍ତି ଏବଂ କେହି ବି ସେମାନଙ୍କ ଋଣ ଜନିତ ଦୁଃଖ ଦୂର କରିବାକୁ ସକ୍ଷମ ହୋଇ ନାହାନ୍ତି। କମନ ଫ୍ରେମ୍‌ୱାର୍କରେ ଏବେ କେବଳ ୭୩ଟି ଗରିବ ଦେଶ ଯୋଗ ଦେବାରେ ସୀମିତ ଥିବାରୁ ଯୋଗ୍ୟତା ମାନଦଣ୍ଡ ଉପରେ ପୁନଃ ସମୀକ୍ଷା କରି ଏହି ସଂଖ୍ୟା ବଢ଼ାଇବା ଆବଶ୍ୟକ।

ଶେଷରେ ଅତ୍ୟଧିକ ଋଣ ନେଉଥିବା ଦେଶଗୁଡ଼ିକ ଉପରେ ଆଇଏମ୍‌ଏଫ୍‌ର ଅତିରିକ୍ତ ଦେୟ ଲଗାଯିବା ଧାରାକୁ ଶୀଘ୍ର ବନ୍ଦ କରିବା ଉଚିତ। ମହାମାରୀ ଆରମ୍ଭ ହେବା ପରଠାରୁ ଏଭଳି କ୍ଷତିକୁ ସାମ୍ନା କରୁଥିବା ଦେଶଗୁଡ଼ିକର ସଂଖ୍ୟା ୯ରୁ ବଢି ୧୬ରେ ପହଞ୍ଚିଛି। ୨୦୧୫ ସୁଦ୍ଧା ଆଇଏମ୍‌ଏଫ୍ ପ୍ରୋଜେକ୍ଟଗୁଡ଼ିକ ସଂଖ୍ୟା ମୋଟରେ ୩୮ରେ ପହଞ୍ଚିପାରେ। ତେବେ ଆମେ ଏବେ ଏକାଠି ଅନେକ ସଙ୍କଟକୁ ଅପ୍ରତ୍ୟାଶିତ ଭାବେ ସାମ୍ନା କରୁଛୁ, ଯାହା ଆମ ଭବିଷ୍ୟତକୁ ଗମ୍ଭୀର ରୂପେ ବିପଦକୁ ଠେଲି ଦେଇପାରେ। ଏଣୁ ଜି୨୦ ଆଗକୁ ଆସି ପ୍ରତିବଦ୍ଧତାର ସହ ଏହି ସଙ୍କଟଗୁଡ଼ିକର ସମାଧାନ କରୁ, ଏହା ହିଁ ଆଜିର ବିଶ୍ୱ ଆବଶ୍ୟକ କରୁଛି।

## ଏଇ ଭାରତରେ

ବର୍ଷାଦିନରେ ଜାମୁକୋଳି ଚାହିଦା କାହିଁରେ କ'ଣ। କିନ୍ତୁ ବର୍ଷାଋତୁ ପରେ ଏହି କୋଳି ପାଇବା ସାତସପନ ହୋଇଯାଏ । ହେଲେ ରାଜସ୍ଥାନର ଏକ ଦମ୍ପତି ବର୍ଷସାରା ଜାମୁ ଉପାଦ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ପାଲି ଜିଲାର ରାଜେଶ ଓ ପୂଜା ଓଜା 'ଜୋଭାକି 'ଏବଂ 'ଟ୍ରାଇବାଲ୍‌ବେଦ୍' ନାମକ ସଂସ୍ଥା ମାଧ୍ୟମରେ ଜାମୁ କୋଳି ପ୍ରୋସେସିଂ କରିବା ସହ ପାଲି ଜିଲାର ବେରା ଗାଁର ୧ ହଜାର ଆଦିବାସୀ ପରିବାରକୁ ସଶକ୍ତ କରିପାରିଛନ୍ତି। ବେରାରେ ପ୍ରଚୁର ପରିମାଣରେ ବିଭିନ୍ନ ଋତୁଭିତ୍ତିକ ଫଳ ଫଳେ। ସେଠାକାର ଲୋକେ ପୂର୍ବରୁ ଏହାକୁ ବଜାରରେ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହୋଇଥାନ୍ତି। ଏବେ ଆଉ ସେମାନେ କ୍ଷତି ସହୁନାହାନ୍ତି। ଏହି ଦମ୍ପତିଙ୍କ ଉଦ୍ୟମରେ ସେମାନେ ଜାମୁମଞ୍ଜି ପାଉଡର ଓ ଜାମୁରୁ ଗ୍ରୀନ୍ ଟି ଏବଂ ଭିନେଗାର ଆଦି ପ୍ରସ୍ତୁତ କରୁଛନ୍ତି। ଏଣୁ ଏହି ଫଳର ସ୍ୱାଦ ବର୍ଷର ବିଭିନ୍ନ ସମୟରେ ପାଇ ହେଉଛି ବୋଲି କହନ୍ତି ରାଜେଶ। ଗୋଟିଏ ୟୁନିଟ୍‌ରେ ସେମାନେ ପ୍ରୋସେସିଂ ଲାଗି ୭୦ ଜଣ ଆଦିବାସୀ ମହିଳା ଏବଂ କୋଳି ତୋଳିବା ଲାଗି ୧୫୦ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ମହିଳାମାନେ ଏଥିରୁ ମାସକୁ ୧୫,୦୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇପାରିଛନ୍ତି। ରାଜସ୍ଥାନ ବାଦ୍ ଏବେ ସେମାନେ ଏହି କାର୍ଯ୍ୟ ଛତିଶଗଡ଼ ଏବଂ ମଧ୍ୟପ୍ରଦେଶରେ ଆରମ୍ଭ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜୁଲାଇ ୧୯୯୭

- ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଅଭିଯୋଗରେ ଆସାମ ଗଣପରିଷଦର ପ୍ରାଥମିକ ସଦସ୍ୟ ପଦରୁ ପୂର୍ବତନ ଗୃହମନ୍ତ୍ରୀ ଭୃଗୁ ଫୁକନ ନିଲମ୍ବିତ।
- ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ଲେଖକ, ସମାଜସେବୀ ଜୟକୃଷ୍ଣ ମିଶ୍ରଙ୍କ ୮୫ ବର୍ଷ ବୟସରେ ପରଲୋକ।
- କୋରାପୁଟ ଜିଲାର ବନ୍ଧୁଗାଁ, ନାରାୟଣପାଟଣା ଓ ଲକ୍ଷ୍ମୀପୁର ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଝାଡ଼ାବାନ୍ତି, ମ୍ୟାଲେରିଆ ଓ ମସ୍ତିଷ୍କ ଜ୍ୱରରେ ଆକ୍ରାନ୍ତ ହୋଇ ୩୦ ଜଣଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 6 | |
| 8 | | 7 | | 4 | | 9 | | |
| | | | 8 | | | | | |
| | | 2 | 3 | | | | | |
| | 3 | | | 6 | | 1 | | 7 |
| | | | | | | | 3 | |
| | 5 | | | | 1 | | | |
| | | | | 3 | 8 | 2 | 9 | |
| 7 | | | | | 9 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 2 | 1 | 8 | 5 | 9 | 6 | 7 |
| 7 | 1 | 9 | 4 | 3 | 6 | 5 | 2 | 8 |
| 6 | 5 | 8 | 2 | 9 | 7 | 1 | 3 | 4 |
| 9 | 6 | 1 | 8 | 7 | 2 | 3 | 4 | 5 |
| 3 | 8 | 7 | 6 | 5 | 4 | 2 | 1 | 9 |
| 2 | 4 | 5 | 9 | 1 | 3 | 8 | 7 | 6 |
| 1 | 7 | 6 | 5 | 2 | 9 | 4 | 8 | 3 |
| 8 | 9 | 4 | 3 | 6 | 1 | 7 | 5 | 2 |
| 5 | 2 | 3 | 7 | 4 | 8 | 6 | 9 | 1 |

ଗତକାଲିର ଉତ୍ତର

# ଓଲଟା ପାଦ



ପରଂବ୍ରହ୍ମ ତ୍ରିପାଠୀ

ମହାଭାରତ ସମୟରେ ନିୟୋଗ ପ୍ରଥାର ପ୍ରଚଳନ ଥିଲା। ଧୃତରାଷ୍ଟ୍ର, ପଣ୍ଡୁ ଓ ବିଦୁର ଏ ତିନିଜଣ ନିୟୋଗ ପ୍ରଥାର ଉପୃଜ ଥିଲେ। ସେମିତି ଅନେକ ଦିନ ଧରି ସତୀଦାହ ପ୍ରଥା ପ୍ରଚଳିତ ଥିଲା। ବିକଶିତ ଦେଶ ଓ ପୃଥିବୀର ବିଭିନ୍ନ ପ୍ରାନ୍ତରେ କ୍ରୀତଦାସ ପ୍ରଥା ବି ଅନେକ ଦିନ ଧରି ବିଦ୍ୟମାନ ଥିଲା। ସେ ସମୟର ସମ୍ଭ୍ରାନ୍ତ ଓ ତଥାକଥିତ ବଡ଼ପଣ୍ଡାମାନେ ଏହାର ପୃଷ୍ଠପୋଷକ ଥିଲେ। ଚର୍ଚ୍ଚ ଅନେକ ଦିନ ଧରି ବିଶ୍ୱର ଅନେକ ଦେଶରେ କ୍ଷମତା ଓ ଶାସନର ପ୍ରାଣକେନ୍ଦ୍ର ଥିଲା। ସୂର୍ଯ୍ୟ ପୃଥିବୀ ଚାରିପଟେ ବୁଲୁଛି ବୋଲି ଅବଧାରଣାର ବିରୋଧ ପାଇଁ ମୃତ୍ୟୁଦଣ୍ଡ ମଧ୍ୟ ମିଳୁଥିଲା। ହେଲେ ଆଜିର ସମୟରେ ସତୀଦାହ ହେଉ କି କ୍ରୀତଦାସ ପ୍ରଥା, ଏ ସମସ୍ତ ଦଣ୍ଡନୀୟ ଅପରାଧ। ଉପରେ ଦିଆଯାଇଥିବା ପ୍ରଥା ପରମ୍ପରାକୁ ଆଜି ଯଦି ଆପଣଙ୍କ ଉପରେ ଲଦି ଦିଆଯାଏ, ଆପଣଙ୍କୁ ସେସବୁ ଭିତରୁ କୌଣସି ଗୋଟିଏକୁ ମାନିବା ପାଇଁ ବାଧ୍ୟ କରାଯାଏ, ଆପଣ କ'ଣ ତାକୁ ମାନିବେ ? ଉତ୍ତର ବୋଧହୁଏ ନା, କାରଣ ଏ ସମସ୍ତ ବିଷୟ ବର୍ତ୍ତମାନ ସମୟ ପାଇଁ ଅପ୍ରାସଙ୍ଗିକ।

ପ୍ରତି କାଳଖଣ୍ଡର ନିଜସ୍ୱ ନିୟମ ଥାଏ, ନିଜସ୍ୱ ଯୁଗସତ୍ୟ ଥାଏ, ନିଜସ୍ୱ ରୀତିନୀତି ଚାଲିଚଳନ ଥାଏ। ଏହି ପ୍ରସଙ୍ଗରେ ପ୍ରତିଟି କାଳଖଣ୍ଡ ତା' ପୂର୍ବ ଓ ପରବର୍ତ୍ତୀ କାଳଖଣ୍ଡଠାରୁ ଭିନ୍ନ। କେଉଁ ସମୟରେ କେଉଁ ପରିସ୍ଥିତି ପାଇଁ କେଉଁ ନିୟମ ବା ରୀତିନୀତି ତିଆରି କରାଯାଇଛି ତା'ର ପ୍ରାସଙ୍ଗିକତା ଏକ ସର୍ବକାଳୀନ ବ୍ୟାପାର ନୁହେଁ। ସଭ୍ୟତାର ବିବର୍ତ୍ତନ ସହ ତାଳ ଦେଇ ମଣିଷ ବଦଳେ, ସମାଜ ବଦଳେ ଓ ତା' ସହ ବଦଳେ ପରମ୍ପରା ଓ ରୀତିନୀତି। କାରଣ ମଣିଷ ପରମ୍ପରା, ବ୍ୟବସ୍ଥା, ଲୋକାଚାର, ରୀତିନୀତି ଆଦିକୁ ଜନ୍ମ ଦେଇଛି। ସେମାନେ ମଣିଷକୁ ତିଆରି କରିନାହାନ୍ତି। ସେଇଥିପାଇଁ ତ ଗୋଟିଏ କାଳଖଣ୍ଡର ସତ୍ୟ-ଅସତ୍ୟ, ନ୍ୟାୟ-ଅନ୍ୟାୟ ତା' ପରବର୍ତ୍ତୀ ବା ପୂର୍ବବର୍ତ୍ତୀ କାଳଖଣ୍ଡର କଷଟି ପଥରରେ ନିଜ ପରାକାଷ୍ଠା ଦେଖାଇବାରେ ଅନେକ ସମୟରେ ବିଫଳ ହୁଅନ୍ତି।

ସମୟ ଓ ସମସ୍ୟା ଅନୁଯାୟୀ ପରିବର୍ତ୍ତନ ହିଁ ଅବଧାରିତ ନିୟମ ଏବଂ କୌଣସି ଜିନିଷକୁ ଅନ୍ଧ ଭାବେ ଜାବୁଡ଼ି ଧରିବା କାଳଖଣ୍ଡ ବିବର୍ତ୍ତନର ମୌଳିକ ନିୟମର ବିରୋଧାଚରଣ କରେ। ଧର୍ମର କଥା ନିଅନ୍ତୁ। ଧର୍ମ ଆତ୍ମାର ବିଷୟ। ଆଗ ମଣିଷର ସୃଷ୍ଟି, ମଣିଷ ଜନ୍ମଦେଲା ଧର୍ମକୁ। ମଣିଷକୁ ଭଲ ମଣିଷ କରିବା ପ୍ରାୟ ସବୁ ଧର୍ମର ସାରକଥା। ମାତ୍ର ମାନବ ସଭ୍ୟତାର ଇତିହାସ ଯଦି ଆମେ ଦେଖିବା ତେବେ ଏହାର ଓଲଟା କଥାଟି ପାଇବା। ସଭ୍ୟତା ଆରମ୍ଭରୁ ମହାମାରୀ ଓ ପ୍ରାକୃତିକ ବିପର୍ଯ୍ୟୟରେ ଯେତିକି ଲୋକ ମରି ନାହାନ୍ତି, ତା'ଠାରୁ ଅଧିକ ମଣିଷ ମରିଛନ୍ତି ବିଭିନ୍ନ ଧର୍ମଯୁଦ୍ଧରେ। ସିଏ ଧର୍ମଯୁଦ୍ଧ ହିନ୍ଦୁ-ବୌଦ୍ଧଙ୍କ ଭିତରେ ହେଉ, ଇହୁଦୀ-ଖ୍ରୀଷ୍ଟିଆନଙ୍କ ଭିତରେ ହେଉ, ହିନ୍ଦୁ-ମୁସଲମାନଙ୍କ ଭିତରେ ହେଉ କିମ୍ବା ଶିୟା-ସୁନ୍ନିଙ୍କ ଭିତରେ ହେଉ, ଆତ୍ମାର ଉତ୍କର୍ଷ ପ୍ରମାଣ କରିବାର ଯଜ୍ଞବେଦିରେ ଆହୁତି ଦିଆଯାଇଛି କୋଟି କୋଟି ମଣିଷ ଜୀବନ। ଆଉ ସେ ପ୍ରକ୍ରିୟା ଆଜି ବି ବଳବତ୍ତର ରହିଛି। ଏହା ପଛର ପ୍ରମୁଖ କାରଣଟି ବୋଧ ହୁଏ ଏଇଆ ଯେ ଆତ୍ମାଠାରୁ ରୁଢ଼ିବାଦକୁ ଅଲଗା କରିବାରେ ପୃଥିବୀର ବିଭିନ୍ନ ପ୍ରାନ୍ତରେ ମଣିଷ ଓ ବିଭିନ୍ନ ସମୟରେ ହୋଇଥିବା ସାଂସ୍କୃତିକ ବିପ୍ଳବଗୁଡ଼ିକ ବିଫଳ ହୋଇଛି।



ଶିଳ୍ପ ବିପ୍ଳବ, ବୈଜ୍ଞାନିକ ନବାଚାର ଓ ନବଜାଗରଣ ପରେ ରୁଢ଼ିବାଦ ତା'ର ପ୍ରାସଙ୍ଗିକତା ହରେଇବ ବୋଲି ବିଶ୍ୱର ବିଭିନ୍ନ କୋଣରେ ଆଶାଟିଏ ସଂଚାର ହୋଇଥିଲା। ଦାରିଦ୍ର୍ୟ, ଅସମାନତା, କ୍ଷୁଧା ବିରୋଧରେ ସାମୂହିକ ଲଢ଼େଇ ମଣିଷ ସମାଜର ଧ୍ୟେୟ ହେବ ବୋଲି ସାରା ବିଶ୍ୱର ବୁଦ୍ଧିଜୀବୀମାନେ ଆଶାବାଦୀ ହୋଇଉଠିଥିଲେ। ମାତ୍ର ଏ ଆଶା ଦୀର୍ଘସ୍ଥାୟୀ ହେଲାନାହିଁ। ପରବର୍ତ୍ତୀ କାଳଖଣ୍ଡରେ ଶାସକ ଓ କ୍ଷମତାଧାରୀମାନେ ଜନସାଧାରଣଙ୍କ ଆଶା ଆକାଂକ୍ଷା, ସ୍ୱପ୍ନକୁ ପୂରଣ କରିବାରେ ବିଫଳ ହେଲେ। ଜନତାର ମୋହଭଙ୍ଗ ସମୟ ଆସିଲା। ଶାସକଙ୍କ କ୍ଷମତା ଓ ପଦ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଲେ। କିନ୍ତୁ ଯିଏ ଥରେ କ୍ଷମତା ଉପଭୋଗ କରିଛି, କ୍ଷମତା ବିନା ବଞ୍ଚିବା ତା' ପାଇଁ ଅସମ୍ଭବ ପ୍ରାୟ। ସେଇଠୁ ହିଁ ପୁଣି ଥରେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ କଡ଼ ଲେଉଟାଇଲା ଆତ୍ମା ଓ ମନଗଢା କୃତ୍ରିମ ଉତ୍କର୍ଷକୁ ଆୟୁଧ କରି ଜନତାଙ୍କୁ ମୁଖ୍ୟ ପ୍ରସଙ୍ଗରୁ ଦୂରେଇ ରଖି ଶାସନ କରିବାର ପ୍ରକ୍ରିୟା। ଶାସକ ଜାଣିଥିଲେ ଯେ ଆତ୍ମା ଏମିତି ଏକ ଜିନିଷ ଯାହାଠାରୁ ରୁଢ଼ିବାଦକୁ ଅଲଗା କରିବା ସାଧାରଣ ମଣିଷ ପକ୍ଷେ ଏକ ଦୁରୂହ ବ୍ୟାପାର। ଆତ୍ମା ଏମିତି ଏକ ଯାଦୁବାଡ଼ି ଯାହା ସଂଖ୍ୟାଲଘୁ ହେଉ କି ସଂଖ୍ୟାଗରିଷ୍ଠ, ଉଭୟଙ୍କୁ କ୍ଷମତାକୁ ପ୍ରଶ୍ନ ନ କରି କ୍ଷମତା ପଛରେ ଅନ୍ଧ ଭାବେ ସଂଘବଦ୍ଧ ହୋଇ ଏକାଠି କରି ପାରିବାର କ୍ଷମତା ରଖେ। ଏ ପ୍ରକ୍ରିୟାରେ ଶାସକ ତା' କ୍ଷମତା ବଜାୟ ରଖିବାରେ ଅନେକ କ୍ଷେତ୍ରରେ ସଫଳ ହେଲା, ହେଲେ ସାଧାରଣ ମଣିଷ ପାଇଲା କ'ଣ ? ଯେଉଁ ସମୟରେ ବୈଜ୍ଞାନିକ ଆଭିମୁଖ୍ୟ, ପ୍ରଗତିବାଦୀ ଦୃଷ୍ଟିଭଙ୍ଗୀ ଆଉ ସମ୍ମିଳିତ ପ୍ରୟାସର ଆବଶ୍ୟକତା ରହିଛି, ସେତେବେଳେ ସାଧାରଣ ମଣିଷଟିକୁ ଉସୁକା ଯାଉଛି ନିଜ ପଡ଼ୋଶୀକୁ ସନ୍ଦେହ କରିବାକୁ। ତା' ମୁଣ୍ଡରେ ବୁଣା ଯାଉଛି ବିଭେଦର ମଞ୍ଜି। ତାକୁ ପ୍ରୋତ୍ସାହିତ କରାଯାଉଛି ରୁଢ଼ିବାଦକୁ ବଞ୍ଚିବାର ଆଦର୍ଶ ଭାବେ ଗ୍ରହଣ କରିବାକୁ। ଏହା ପଛରେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଉଦ୍ଦେଶ୍ୟ ସ୍ପଷ୍ଟ। ସେମାନେ ଜାଣନ୍ତି ଆତ୍ମାର ରୁଢ଼ିବାଦରେ ବାନ୍ଧି ହୋଇ ରହିଲେ ଜନତା କ୍ଷମତାକୁ ପ୍ରଶ୍ନ କରିବ ନାହିଁ।

କଟୁ ହେଲେ ବି କଥାଟି ସତ। ଯେତେବେଳେ ଆଉ କିଏ ଆସି ଆପଣଙ୍କୁ ଆପଣଙ୍କ ଗାଁ, ଦେଶ, ଜାତି, ଧର୍ମ କି ଭାଷା ପୃଥିବୀର ଶ୍ରେଷ୍ଠ ବୋଲି ବୁଝେଇବା ଆରମ୍ଭ କରେ, ବୁଝିଯିବେ ଯେ ଏ ଶ୍ରେଷ୍ଠ ଗୁଣଗାନ ପଛରେ ଭିନ୍ନ କିଛି ଉଦ୍ଦେଶ୍ୟ ନିହିତ। ଏବଂ ଯେତେବେଳେ ଏ ଶ୍ରେଷ୍ଠତ୍ୱର ଗୁଣଗାନ ଅନ୍ୟ କୌଣସି ଜିନିଷକୁ ଛୋଟ ବା ଘୃଣିତ କରି କରାଯାଏ, ସେତେବେଳେ ବୁଝିବା ଆବଶ୍ୟକ ଯେ ଆପଣଙ୍କୁ ଏମିତି ଏହା ବିଷମ ବଳୟରେ ଛନ୍ଦି ଦେବାର ପ୍ରୟାସ କରାଯାଉଛି। ଯାହାର ଆରମ୍ଭ ଘୃଣା, ଶେଷରେ ଘୃଣା ଏବଂ ଉଭୟ ଗରିଷ୍ଠ ସାଧାରଣ ଗୁଣନୀୟକ ଓ ଲଘିଷ୍ଠ ଗୁଣିତକ ହେଉଛି ଚବିଶ କ୍ୟାରେଟ ଖାଣ୍ଟି ଘୃଣା। ଘୃଣାର ବିଷମବଳୟ ଭିତରେ ଶାନ୍ତି, ସାମ୍ୟ, ପ୍ରଗତି, ସହାବସ୍ଥାନ ହେଉଛି କେବଳ ଅଭିଧାନର ଶବ୍ଦ।

ଶେଷରେ ଏତିକି ଯେ ଆମେ ଆଗକୁ ଯିବା ନା ରୁଢ଼ିବାଦର ଘୃଣା ବଳୟ ଦିଗରେ ଓଲଟା ପାଦ ପକେଇବା। ରୁଢ଼ିବାଦକୁ ତା' କବର ତଳୁ ଉଠେଇବା ପାଇଁ ବର୍ତ୍ତମାନ ଯେଉଁ ସଂଘବଦ୍ଧ ପ୍ରୟାସ ଚାଲିଛି ତା' ବିରୋଧରେ ଆମେ ସମସ୍ତେ ସତର୍କ ହୋଇଯିବାର ଆବଶ୍ୟକତା ରହିଛି। କାରଣ ପରମ୍ପରାରେ ଏ ମାନ୍ୟତା ବି ଅଛି ଯେ ଓଲଟା ପାଦ ଜୀବନ୍ତ ମଣିଷର ନୁହେଁ, ଭୂତର ଥାଏ।

ନାଉଗାଁହାଟ, ଜଗତ୍‌ସିଂହପୁର
ମୋ-୯୭୧୭୩୦୨୨୦୫

# ଅପରାଧର ପେଟେଣ୍ଟ ମେଡିସିନ



ଓମ୍‌ପ୍ରକାଶ ନାଥ

ଗାଁଠୁ ସହର, ଦେଶଠୁ ବିଦେଶ, ସବୁଠି ଦିନକୁ ଦିନ ବଢ଼ିଚାଲିଛି ଅପରାଧ, ଦୁର୍ନୀତି, କଳାବଜାର। ସରକାର ଯେତେ ବି କଡ଼ା କାର୍ଯ୍ୟାନୁଷ୍ଠାନ ନେଲେ ଅପରାଧ କମିବା ବଦଳରେ ଦ୍ରୁତ ଗତିରେ ବଢ଼ିଚାଲିଛି। ଘର ବାହାରେ ହେଉ କି ଭିତରେ ସବୁଠି କାୟା ମେଲେଇ ଚାଲିଛି ଅପରାଧ। ଅପରାଧ ରୋକିବାକୁ ସରକାରୀ ସ୍ତରରେ ଅନେକ ନୀତି ନିୟମ ହେଉଛି ସତ, କିନ୍ତୁ ତାହା କେବଳ ଧର୍ମକୁ ଆଖିଠାର ସଦୃଶ। ନିଶା କାରବାର ହେଉ କି ଚୋରି ଡକାୟତି ଏ ସବୁଥିରେ ଯେତେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତା'ର କିଛି ପ୍ରଭାବ ପଡୁନି। ଏଠି ସଚେତନତା ଅଭାବର ଆଳ ଦେଖେଇ ଜନତାଠୁ ସରକାର ସବୁ ଚୁପ୍ ହୋଇ ଖସି ଯାଉଛନ୍ତି।

ପ୍ରକୃତରେ ଏହାର ବିକଳ୍ପ କେଉଁଠି ଅଛି ଖୋଜିବାକୁ କାହା ପାଖେ ସମୟ ନାହିଁ କି ଚେଷ୍ଟା ନାହିଁ। ଅନେକ ଘଟଣା ଦେଖିବାକୁ ମିଳିଛି ଜନତାଙ୍କ ରକ୍ଷକ ନିଜେ ଭକ୍ଷକ ସାଜି ଶେଷରେ ଆଇନକାନୁନ ଦ୍ୱାରା ସଜା ପାଇଛି, ଆଉ କେତେକ ଅର୍ଥ ବଳରେ ଖସି ବି ଯାଉଛନ୍ତି। ଦୋଷ କାହାର ? ଯେଉଁଠି ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇ ଦୁର୍ନୀତିରେ ବୁଡ଼ି ରହି ନିଜକୁ ସୁରକ୍ଷିତ କରିବା ପାଇଁ ଅପରାଧ ଘଟାଉଛି, ଅର୍ଥ ଲୋଭରେ କଳାବଜାରକାରୀଙ୍କୁ ପୋଲିସ ନିଜେ ସହଯୋଗ କରୁଛି, ସମ୍ବିଧାନର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ବି ଏଥିରୁ ବାଦ୍‌ପଡ଼ିନି ଓ ସମସ୍ତେ ନିଜ ହିତ ସ୍ୱାର୍ଥରେ ଲିପ୍ତ, କିଏ ବା କାହିଁକି ଅନ୍ୟ ପାଇଁ ହେଉ କି ସମାଜର ହିତ ଚିନ୍ତା କରିବ ! କିନ୍ତୁ ହଁ ଏ ସ୍ୱାର୍ଥପର ଦୁନିଆରେ କିଛି ଭଲ ଲୋକ ଅଛନ୍ତି ଯେଉଁଥିପାଇଁ କି ଆଜି ଏ ଦୁନିଆ ବିଶ୍ୱାସର ସହ ବଞ୍ଚିଛି।

ଅପରାଧକୁ ରୋକିବା ପାଇଁ ବିଚାର ବିଭାଗ ରହିଛି ଏବଂ ସେଥିରେ ଅନେକ ନିୟମକାନୁନ ଅଛି। ଅପରାଧ ଅନୁଯାୟୀ ବିଭିନ୍ନ ପ୍ରକାର ଦଫା ଅଛି ଏବଂ ଦଫା ଅନୁସାରେ ଦଣ୍ଡ ବି , କିନ୍ତୁ ସେଇ କାନୁନ କଚେରି ଭିତରେ ଅନେକ ଗଳାବାଟ ଅଛି, ଯେଉଁ ବାଟ ଦେଇ ଅପରାଧୀ ଦଣ୍ଡରୁ ମୁକ୍ତ ହୋଇ ଖଲାସ ହେଉଛନ୍ତି । ନ୍ୟାୟ ଅପେକ୍ଷାରେ ଅନେକ ମାଟିରେ ମିଶି ଗଲେଣି । ଏଠି କହିବ କାହାକୁ ଶୁଣିବ କିଏ, ଶୁଣିଲାବାଲା ତ କାଉ, କୋଇଲିର ଗପ ଶୁଣାଏ। ନୀତିନିୟମରେ ଏମିତି ଅନେକ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ଯଦି କରୋନା ସଂକ୍ରମଣ ସମୟରେ କୋଟି କୋଟି ଲୋକଙ୍କ ଭିତରେ ସଂକ୍ରମିତ ରୋଗୀକୁ ଠାବ କରାଯାଇପାରୁଛି, ତାହାହେଲେ ଅପରାଧୀକୁ କାହିଁକି ଧରାଯାଇପାରିବନି ? ଏତେବଡ଼ ବିପଦକୁ ଯଦି ଚତୁରତା ସହ ମୁକାବିଲା କରିପାରୁଛି ତାହାହେଲେ ଅପରାଧକୁ କାହିଁକି ଅଟକାଇ ପାରିବନି ? ସଚେତନ ଦ୍ୱାରା କୋଟି କୋଟି ଜନତାଙ୍କୁ ଆୟତ୍ତ କରିପାରିଲ କିନ୍ତୁ ସେଇ ସଚେତନ ଦ୍ୱାରା ଅପରାଧକୁ କାହିଁକି ଆୟତ୍ତ କରାଯାଇପାରୁନାହିଁ। ଆଉ କିଛି ବି କାରଣ ନାହିଁ, କେବଳ ଆନ୍ତରିକତାର ଅଭାବ, ଯେଉଁଥିପାଇଁ ଏ ସମାଜ ଅପରାଧର କଳାବାଦଲରେ ଢାଙ୍କି ହୋଇଗଲାଣି।

ନୀତିନିୟମ ଲାଗୁ କରିଦେଲେ ଅପରାଧ ବନ୍ଦ ହୋଇଯାଏନା, ତତ୍ପରତା ଦେଖେଇବା ଦରକାର। କିଛି ନିୟମକାନୁନ ବଦଳିବା ଦରକାର, ଯେମିତି କି ସାମାନ୍ୟ ଅପରାଧ ପାଇଁ ହାଲୁକା ଦଣ୍ଡ ବଦଳରେ କଠୋର ଦଣ୍ଡ ଦିଆଯାଉ। କାରଣ ଗୋଟେ ଅପରାଧୀ ଏକାଥରେ ବଡ଼ ଅପରାଧ କରି ନ ଥାଏ। ଛୋଟମୋଟ ଅପରାଧ କରୁ କରୁ ବଡ଼ ଅପରାଧ କରିବସେ, ଛୋଟ ଅପରାଧ କରି ଅଳ୍ପ ଦଣ୍ଡରେ ମୁକୁଳିବା ପରେ ଦେହସୁହା ହୋଇଯାଏ ଏବଂ ପୁଣି ସେ ନିର୍ଭୟରେ ବାରମ୍ବାର ଅପରାଧ କରିଚାଲେ। ଯେମିତି କି ଚୋରି, ଲାଞ୍ଚ, ଦୁର୍ନୀତି, କଳାବଜାର ଭଳି ପେସାଦାର ଅପରାଧୀଙ୍କ ସଂଖ୍ୟା ଶତକଡା ୯୦ଭାଗ। ତେଣୁ ପ୍ରଥମ ଅପରାଧରୁ ଯଦି ବଡ଼ ଦଣ୍ଡ ମିଳେ ତାହାହେଲେ ସେ ଅପରାଧୀର ପୁନର୍ବାର ସାହସ ହେବନି କି ଅନ୍ୟମାନେ ବି ଅପରାଧ କରିବାକୁ ସାହସ କରିବେ ନାହିଁ। ସେ ଚୋରି ହେଉ କି ହତ୍ୟା ହେଉ କି ଦୁର୍ନୀତି ହେଉ। ପ୍ରଥମ ଅପରାଧ କଲେ ଦୃଷ୍ଟାନ୍ତମୂଳକ ଦଣ୍ଡରେ ଦଣ୍ଡିତ କରାଯାଉ। ଅପରାଧ ମାନେ ଅପରାଧ। ସେ ଯେକୌଣସି ପ୍ରକାର ଅପରାଧ ହେଉ ପଛକେ, ଛୋଟ ହେଉ ବା ବଡ଼। ୧୦ ଟଙ୍କା ଚୋରି ହେଉ କି ଦୁର୍ନୀତି କଲେ ତା'ର ୧୦ଗୁଣା ଅର୍ଥ ଆଦାୟ କରାଯାଉ, କଳାବଜାର କଲେ କଠିନ କାରାଦଣ୍ଡରେ ଦଣ୍ଡିତ କରାଯାଉ, ବିନା କାରଣରେ ଆକ୍ରମଣ କଲେ ହତ୍ୟାକାଣ୍ଡର ଦଫା ଲଗାଇ ଦଣ୍ଡିତ କରାଯାଉ। ତତସହିତ ନିୟମକାନୁନ ସ୍ୱଚ୍ଛଳ ରହିବା ନିହାତି ଜରୁରୀ। ପ୍ରଥମ ଅପରାଧ ଉପରେ ଯଦି କଡ଼ା ଏବଂ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଏ ତେବେ ଅପରାଧ ଦୁନିଆରେ ପାଦ ଥାପିବାକୁ ଅନ୍ୟମାନେ ଭୟଭୀତ ହେବେ, ତେବେ ହିଁ ଅପରାଧକୁ ରୋକାଯାଇପାରିବ।

ଭଦ୍ରକ, ମୋ: ୯୬୫୮୪୧୮୯୪୧

## ପାଠକ ଶ୍ରେଷ୍ଠ ବିଚାରକ

### ଗଛ ପାଇଁ ଚିନ୍ତା

ମହାଶୟ,

ଗଛ ହିଁ ଜୀବମାନଙ୍କର ଆତ୍ମା। ବିଶେଷ କରି ମନୁଷ୍ୟଙ୍କୁ ଖାଦ୍ୟପେୟ ଓ ବସ୍ତ୍ର ଗଛରୁ ହିଁ ମିଳିଥାଏ। ଏତଦ୍‌ଭିନ୍ନ ମଣିଷ ଶରୀରକୁ ସୁସ୍ଥ ସବଳ ରଖିବା ପାଇଁ ଏଥିରୁ ଔଷଧୀୟ ଗୁଣ ମିଳିଥାଏ। ବର୍ତ୍ତମାନ ବର୍ଦ୍ଧିତ ଜନସଂଖ୍ୟା ହେତୁ ବହୁ ପରିମାଣରେ ରାସ୍ତାଘାଟ, କୋଠାବାଡ଼ି ଓ ଶିଳ୍ପ କାରଖାନା ନିର୍ମାଣ ପାଇଁ ବହୁ ଗଛ ହଣା ହେଉଛି। କାଠ ଚୋରମାନେ ଜଙ୍ଗଲରୁ କାଠ ହାଣି ନେଇଯିବା ଯୋଗୁ ଜଙ୍ଗଲ ଗଛଶୂନ୍ୟ ହେବାରେ ଲାଗିଛି। ଯାହାଫଳରେ ଜଙ୍ଗଲୀ ଜୀବଜନ୍ତୁ ଲୋକମାନଙ୍କ ବାସସ୍ଥଳୀକୁ ଆସି ଉତ୍ପାତ କରୁଛନ୍ତି। ଏହିପରି ନିରବଚ୍ଛିନ୍ନ ଭାବେ ଗଛକଟା ଲାଗି ରହିଲେ, ଧରିତ୍ରୀ ଗଛଶୂନ୍ୟ ହୋଇଯିବ ଏଥିରେ ସନ୍ଦେହ ନାହିଁ। ରଥ ଲାଗି ମଧ୍ୟ ଗଛ କଟାଯାଉଛି। ଏହି ଧାରା ଚାଲିଲେ ଆଗକୁ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ କାଠର ସମସ୍ୟା ଦେଖାଦେଇପାରେ। ଉକ୍ତ ପରିପ୍ରେକ୍ଷୀରେ ଗଜପତି ମହାରାଜା ସରକାରଙ୍କ ଜଙ୍ଗଲ ବିଭାଗକୁ ଗଛର ଯତ୍ନ ନେବା ସହ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଛନ୍ତି। ସବୁଜ ବଳୟ ସୃଷ୍ଟି ପାଇଁ ବେସରକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ଗଛ ଲଗାଯାଉଛି। କେବଳ ଗଛ ଲଗାଇଲେ ହେବ ନାହିଁ, ଏହାର ଯତ୍ନ ନେଇ ବଢ଼ାଇବା ଅଧିକ ଗୁରୁତ୍ୱପୂର୍ଣ୍ଣ।

-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଥରାଇ ଧୀରେ ଧୀରେ କୁସୁମ ବନ
ପବନ ଉଲୁସାଏ ପରାଣ ମନ
ସରସୀ ନୀଳ ନୀରେ ସରୋଜ ଢଳେ ଧୀରେ
ଚଳଇ ହଂସ କରି ମଧୁର ସ୍ୱନ
ପବନ ଉଲୁସାଏ ପରାଣ ମନ।

-(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଗିଂ ଅଭିଯୋଗ ଆକ୍ରୋଶରୁ ଆକ୍ରମଣ

## ମାଡ଼ ମାରି ଟଙ୍କା ଛଡ଼ାଇନେଲେ ସହପାଠୀ

**ବିଜେବି କଲେଜ**

- ବଡ଼ଗଡ଼ ଥାନାରେ ଆହତ ଛାତ୍ରଙ୍କ ଅଭିଯୋଗ
- ସହପାଠୀଙ୍କ ମଧ୍ୟରେ ଗଣ୍ଡଗୋଳ, ରାଗିଂ ନୁହେଁ: ଡିସିପି

ଭୁବନେଶ୍ୱର,(ବ୍ୟୁରୋ) ୨୦।୭

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ପୁଣି ରାଗିଂ ଘଟଣା ସାମ୍ନାକୁ ଆସିଛି। ୧୪ ଦିନ ତଳେ ବିଜେବି ଜୁନିୟର କଲେଜ ଯୁକ୍ତ୨ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗର ଛାତ୍ର ରୁଦ୍ର ନାରାୟଣ ପାତ୍ରଙ୍କୁ ରାଗିଂ କରାଯାଇଥିଲା। କିଛି ସହପାଠୀ ତାଙ୍କୁ ମାଡ଼ ମାରିବା ସହ ବାଇକ୍ ଛଡ଼ାଇ ନେଇଥିବା ସେ ବଡ଼ଗଡ଼ ଥାନାରେ ଏତଲା ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ପୁଣି ରୁଦ୍ରଙ୍କୁ ରାଗିଂ କରାଯାଇଛି। ସେ କଲେଜରୁ କ୍ଲାସ୍ ସାରି ଫେରୁଥିବା ବେଳେ ଯୁକ୍ତ୩ କ୍ୟାମ୍ପସ୍ ଆମ୍ବେଡକର ହଷ୍ଟେଲର ୩୦ରୁ ଅଧିକ ଛାତ୍ର ତାଙ୍କୁ ମାଡ଼ ମାରିବା ସହ ୨ ହଜାର ଟଙ୍କା ଛଡ଼ାଇ ନେଇଯାଇଛନ୍ତି। ସେମାନଙ୍କ ମାଡ଼ରେ ରୁଦ୍ର ଆହତ ହେବା ସହ ତାଙ୍କ ଶାର୍ଟ ମଧ୍ୟ ଚିରିଯାଇଛି। ଏନେଇ ରୁଦ୍ର ତାଙ୍କ ମା'ବାପାଙ୍କ ସହ ବଡ଼ଗଡ଼ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମାଡ଼ ମାରିଥିବା ଛାତ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ରୁଦ୍ରଙ୍କ ବାପା କୁମୁଦ ପାତ୍ର ଗଣମାଧ୍ୟମକୁ କହିଛନ୍ତି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ଏହି ଘଟଣା ରାଗିଂ ନୁହେଁ। ପୂର୍ବ ଘଟଣାକୁ ନେଇ ସହପାଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଉଭୟ ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗକୁ ଆଧାର କରି ପୋଲିସ ପକ୍ଷରୁ ତଦନ୍ତ କରାଯାଉଥିବା ଡିସିପି ସିଂ କହିଛନ୍ତି। ବଡ଼ଗଡ଼ ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ରୁଦ୍ରଙ୍କ ପକ୍ଷରୁ ମଧ୍ୟ କିଛି ପିଲା ଉକ୍ତ ହଷ୍ଟେଲକୁ ଗଣ୍ଡଗୋଳ କରିବାକୁ ଯାଇଥିଲେ। ଉଭୟ ପକ୍ଷଙ୍କ ଅଭିଯୋଗ ଆଧାରରେ ୨ଟି ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ପୂର୍ବରୁ ମାଡ଼ ମାରିଥିବା ଛାତ୍ରଙ୍କୁ ଭୟ କରି ରୁଦ୍ର କଲେଜ ଆସୁ ନ ଥିଲେ। ବୁଧବାର ସେ କଲେଜ ଆସି ଅପରାହ୍ନରେ କ୍ଲାସ୍ ସାରି ଫେରିବା ବେଳେ ଜୁନିୟର କଲେଜ କ୍ୟାମ୍ପସ୍‌ର ଗେଟ ପାଖରୁ ଆମ୍ବେଡକର ହଷ୍ଟେଲର କିଛି ଛାତ୍ର ତାଙ୍କ ସହ ଯୁକ୍ତି କରିଥିଲେ। ପୂର୍ବ ଘଟଣାକୁ ନେଇ ଥାନାରେ ଏତଲା ଓ ଆମ ହଷ୍ଟେଲ ପିଲାଙ୍କ ବିରୋଧରେ କାହିଁକି ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇଥିଲୁ ବୋଲି ସେମାନେ କହିଥିଲେ। ଏହାପରେ ରୁଦ୍ରଙ୍କ ବାଇକକୁ ସେମାନେ ଫୋପାଡ଼ିଦେବା ସହ ତାଙ୍କୁ ଆମ୍ବେଡକର ହଷ୍ଟେଲକୁ ଘୋଷାଡ଼ି ନେଇଥିଲେ। ଉକ୍ତ ହଷ୍ଟେଲର ମେନ୍ ଗେଟକୁ ତାଲା ପକାଇ ଦେଇଥିଲେ। ୱାର୍ଡେନଙ୍କ ଆଗରେ ଡାଇନିଂ ହଲରେ ୩୦ରୁ ୪୦ ଜଣ ଛାତ୍ର ରୁଦ୍ରଙ୍କୁ ମାଡ଼ ମାରିବା ସହ ଟଙ୍କା ଛଡ଼ାଇ ନେଇଯାଇଥିଲେ ବୋଲି ରୁଦ୍ର ଅଭିଯୋଗରେ ଦର୍ଶାଇଛନ୍ତି।




୨୦।୦୭।୨୦୨୨

| ୨,୫୭, ୬୨୫ ଟଙ୍କା | |
|---|---|
| ସୁନା | ୧୫୦ ମି.ଗ୍ରା |
| ରୁପା | ୩୧ ଗ୍ରାମ |

### ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ୨୨ତମ ଭାରତ ରଙ୍ଗ ମହୋତ୍ସବ, କିଟ୍ କ୍ୟାମ୍ପସ୍, ଅଡିଟୋରିୟମ ହଲ୍, ସନ୍ଧ୍ୟା ୬ଟା ୩୦।

କଟକ
- ପଛୁଆବର୍ଗ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।

## ନନ୍ଦନକାନନ: ଆକ୍ରମଣରେ ଜଳହସ୍ତୀ ଶାବକ ମୃତ

**ବାରଙ୍ଗ,୨୦।୭(ଡି.ଏନ୍.ଏ.):** ନନ୍ଦନକାନନର ୬୨ ନଂ. ଏନ୍‌କ୍ଲୋଜରରେ ମା' ଜଳହସ୍ତୀ ସହିତ ରହୁଥିବା ୧୫ ଦିନର ଜଳହସ୍ତୀ ଶାବକର ବୁଧବାର ସକାଳେ ମୃତ୍ୟୁ ଘଟିଛି। ଶାବକଟିକୁ ଏନ୍‌କ୍ଲୋଜରରେ ଥିବା ଅନ୍ୟ ଅଣ୍ଡିରା ଜଳହସ୍ତୀ ପାଣି ଭିତରେ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଥିଲେ। ଫଳରେ ଶାବକଟିର ପେଟରେ କ୍ଷତ ସୃଷ୍ଟି ହୋଇ ଅଚେତ ହୋଇ ପାଣି ଭିତରେ ବୁଡ଼ିଯାଇଥିଲା। କିଛି ସମୟ ପରେ ଶାବକଟି ମୃତ ଅବସ୍ଥାରେ ପାଣିରେ ଭାସୁଥିବା କର୍ମଚାରୀ ଦେଖିଥିଲେ। ବନ୍ୟପ୍ରାଣୀ ଚିକିତ୍ସକ ଶାବକର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ତେବେ ଶାବକର ମୃତ୍ୟୁ ପରେ ଜଳହସ୍ତୀ ସଂଖ୍ୟା ୧୧କୁ ହ୍ରାସ ପାଇଛି। ୫ ଅଣ୍ଡିରା ଏବଂ ୬ ମାଈ ଜଳହସ୍ତୀ ରହିଛନ୍ତି। ଏହା ଭିତରେ ବର୍ଷାରେ ଓଦା ହୋଇ ଅସୁସ୍ଥ ହାଡଗିଲା ପକ୍ଷୀର ମୃତ୍ୟୁ ଏବଂ ବୁଲା କୁକୁରଙ୍କ ଆକ୍ରମଣରେ ଅଣ୍ଡିରା ଚିତ୍ରା ହରିଣ ପ୍ରାଣ ଯାଇଥିଲା। ଏଥିସହ ଲଘୁଚାପଜନିତ ବର୍ଷାରେ ତୃଣଭୋଜି ସଫାରୀ ପାଚେରି ଭାଙ୍ଗିବା ଓ ନବନିର୍ମିତ ମାଙ୍କଡ଼ ଏନ୍‌କ୍ଲୋଜରର ପାଚେରି ଭାଙ୍ଗିବା ଘଟଣା ଅଧିକାରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠାଉଛି।

## ଆହୁରି ୫ଦିନ ବର୍ଷିବ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ):** ସାରା ରାଜ୍ୟରେ ଲଘୁଚାପ ସକ୍ରିୟ ଥିବାରୁ ବର୍ଷା ଜାରି ରହିଛି। ଆହୁରି କିଛିଦିନ ଏପରି ବର୍ଷିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାରିପାଗ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୫ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ କିଛି ସ୍ଥାନରେ ପ୍ରବଳ ବର୍ଷା ହେବ। ୨୧ ତାରିଖରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଗଞ୍ଜାମରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୨୨ରେ ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାରୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଉକ୍ତଦିନ ବରଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, ପୁରୀ, ୨୩ରେ ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, କେନ୍ଦୁଝର, ସୁନ୍ଦରଗଡ଼, ପୁରୀ, ୨୪ରୁ ୨୫ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସୋନପୁର, ବୌଦ୍ଧ, ନବରଙ୍ଗପୁର ଓ କନ୍ଧମାଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି।




ବିଜେବି କଲେଜ ଛାତ୍ରୀ ରୁଚିକାଙ୍କୁ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସ ପକ୍ଷରୁ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ରାଗିଂରୁ ଆତ୍ମହତ୍ୟା କରିଥିବା ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ, ରାଗିଂମୁକ୍ତ କ୍ୟାମ୍ପସ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଛାତ୍ର ପ୍ରଦେଶ କଂଗ୍ରେସ ପକ୍ଷରୁ ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ବାସଭବନ ଘେରାଉ କରାଯାଇଥିଲା। ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ନାରାବାଜି କରିଥିଲେ। ୟାସିର କହିଥିଲେ, ରୁଚିକାଙ୍କ ପରିବାରକୁ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସ ପୂର୍ବରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରିଥିଲା। କିନ୍ତୁ ମନ୍ତ୍ରୀ ନିଜକୁ କୋଭିଡ୍ ରୋଗୀ ବୋଲି କହି ଦାୟିତ୍ୱ ନିର୍ବାହ କାର୍ଯ୍ୟରୁ ଖସି ଯାଇଥିଲେ। ପରବର୍ତ୍ତୀ ସମୟରେ ମଧ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଏହି ପ୍ରସଙ୍ଗରେ କିଛି ଉତ୍ତର ରଖି ନାହାନ୍ତି। ତେଣୁ ମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି ଛାତ୍ର କଂଗ୍ରେସ କର୍ମୀମାନେ ସେଓ, କମଳା, କଦଳୀ, ହର୍ଲିକ୍ସ ଧରି ଫାଟକ ସମ୍ମୁଖରେ ନିଆରା ପ୍ରତିବାଦ କରିଥିଲେ। ସେମାନେ ଫାଟକ ପାଖକୁ ଯାଉଥିବାବେଳେ ପୋଲିସ ବାଟ ଓଗାଳିବାରୁ ଧସ୍ତାଧସ୍ତି ହୋଇଥିଲା। ପରେ ୟାସିରଙ୍କ ସମେତ ଅନ୍ୟନେତୃବୃନ୍ଦଙ୍କୁ ଉଠାଇ ନେଇଥିଲା। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ହେଉଥିଲେ ମଧ୍ୟ କୁଳପତି ଓ କର୍ମଚାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହି ପ୍ରସଙ୍ଗଗୁଡ଼ିକରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଛାତ୍ର କଂଗ୍ରେସ ଦାବି କରିଛି। ରୁଚିକା ମହାନ୍ତିଙ୍କ ପରିବାରକୁ ନ୍ୟାୟ ସହ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଉ। ଶିକ୍ଷାନୁଷ୍ଠାନ କ୍ୟାମ୍ପସକୁ ରାଗିଂମୁକ୍ତ କରିବା, ରାଗିଂ ନିରୋଧ ଆଇନ ଆଣିବା, ଏଥିପାଇଁ ସରକାର ଏକ ୨୪ ଘଣ୍ଟିଆ ଟୋଲଫ୍ରି ନମ୍ବର ଜାରି କରିବା ପାଇଁ ସଭାପତି ୟାସିର ଦାବି କରିଛନ୍ତି। ଏଥିରେ ରଜତ ଚୌଧୁରୀ, ପ୍ରକାଶ ମିଶ୍ର, ମନୋଜ ବିଶ୍ୱାଳ, ରଞ୍ଜିତ ପାତ୍ର, ଅଜୟ ସାହୁ, ନଳିନୀକାନ୍ତ ନାୟକ, ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ସାମିଲ ଥିଲେ।



ବିକ୍ଷୋଭ ପ୍ରଦର୍ଶନ କରୁଥିବା ମହିଳା କଂଗ୍ରେସ ନେତ୍ରୀଙ୍କୁ ପୋଲିସ ଧରି ନେଉଛି।

**ରୁଚିକାଙ୍କୁ ନ୍ୟାୟ, ରାଗିଂମୁକ୍ତ କ୍ୟାମ୍ପସ୍ ଓ ପ୍ରଶ୍ନପତ୍ର ପ୍ରଘଟରେ କାର୍ଯ୍ୟାନୁଷ୍ଠାନ ଦାବି**

## ଜୀବନସାଥୀ ବାହାନା କରି ଇଞ୍ଜିନିୟରଙ୍କଠାରୁ ୨୪ ଲକ୍ଷ ଲୁଟିନେଲେ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ମୁଁ ବାଲେଶ୍ୱରର ଝିଅ ପ୍ରିୟା ଗୁପ୍ତା। କାଲିଫର୍ଣ୍ଣିଆରେ ରହି ମେଡିକାଲରେ ପାଠ ପଢୁଛି। ହେଲେ ୭୦ହଜାର ପାଉଣ୍ଡ ବିଦେଶୀ ମୁଦ୍ରା ଆଣି ଦିଲ୍ଲୀ ବିମାନବନ୍ଦରରେ ଫସିଯାଇଛି। ମୁକୁଳିବା ପାଇଁ କିଛି ଟଙ୍କା ଦରକାର। ଜୀବନ ସାଥୀ ଖୋଜୁଥିବା ଜଣେ ଆଇଟି ଇଞ୍ଜିନିୟରଙ୍କୁ ଏଭଳି ମୋହରା ବନାଇ ଜଣେ ମହିଳା ସାଇବର ଠକ ଲୁଟି ନେଇଛନ୍ତି ୨୪ଲକ୍ଷ। ଠକେଇର ଶିକାର ହୋଇଥିବା ଇଞ୍ଜିନିୟର ଜଣକ ହେଉଛନ୍ତି ଜଟଣୀ ଅଞ୍ଚଳର। ସେ ଏନେଇ ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଇଞ୍ଜିନିୟର ଜଣକ ବିବାହ ପାଇଁ ମାଟ୍ରିମୋନି ସାଇଟ୍‌ରେ ରେଜିଷ୍ଟ୍ରେଶନ କରିଥିଲେ। ଜୀବନସାଥୀ ଖୋଜିବାକୁ ଯାଇ ସେ ସମ୍ପୃକ୍ତ ଠକ ଯୁବତୀଙ୍କ ହାବୁଡ଼ରେ ପଡ଼ିଥିଲେ। ଏହାପରେ ଯୁବତୀ ଜଣକ ହିନ୍ଦୀ ଓ ଇଂଲିଶରେ ଯୁବକଙ୍କ ସହ ୨୦୧୯ରୁ ଚାଟିଂ କରିଥିଲେ। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ବାର୍ତ୍ତାଳାପ ଚାଲିଲା। ଇଞ୍ଜିନିୟର ଜଣକ ମଧ୍ୟ ଯୁବତୀଙ୍କୁ ଜୀବନସାଥୀ ଭଳି ବିଶ୍ୱାସ କରିସାରିଥିଲେ। ସମ୍ପର୍କ ବଢ଼ିଯିବା ପରେ ସୁଯୋଗ ଦେଖି ଯୁବତୀ ଜଣକ ଭୁଆଁ ବୁଲାଇ ୨୪ ଲକ୍ଷ ଟଙ୍କା ଠକିନେଲେ।

## ପୁରୁଣା ସ୍ମୃତିକୁ ତାଜା କରିବ ଫିଲ୍ମ 'ବୋଉର ହାତବାକ୍ସ'

**ଅଡିଓ ରିଲିଜ୍**

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ବୋଉ ଏକ ଅବର୍ଣ୍ଣନୀୟ ଶବ୍ଦ। ତାକୁ ନେଇ କାହାଣୀ ଲେଖିବା କିଛି କମ୍ କଥା ନୁହେଁ । ସେ ଏତେ ପରିବ୍ୟାପ୍ତ ଯେ, ତାକୁ କଳନା ମଧ୍ୟ କରିବା ଅସମ୍ଭବ। ତେବେ ପିଲା ଦିନେ ବୋଉ ତା'ର କିଛି ସଞ୍ଚୟ ଧନରୁ ଆମକୁ କାଢ଼ି ଦେଇଥାଏ। ଗାଁରେ ସେ ବୋଉ ତାକ ଓ ତା' ହାତବାକ୍ସ ଏବେ ନିଶ୍ଚିହ୍ନ ପ୍ରାୟ। ଏଭଳି କିଛି ମୌଳିକ କଥାବସ୍ତୁକୁ ନେଇ ତିଆରି ହୋଇଛି ଫିଲ୍ମ 'ବୋଉର ହାତବାକ୍ସ', ଯାହା ଦର୍ଶକଙ୍କ ଏହି ପୁରୁଣା ସ୍ମୃତିକୁ ତାଜା କରିବ। ମା' – ପୁଅର ଅନାବିଳ ସମ୍ପର୍କ ଓ ସ୍ୱାମୀ ଏବଂ ସ୍ତ୍ରୀର ପ୍ରେମ ସମ୍ପର୍କକୁ ନେଇ ଫିଲ୍ମଟି ଗତିଶୀଳ ହୋଇଛି। ବିଶେଷକରି ପିଲାଙ୍କ ପାଇଁ ବୋଉ ସହିଯାଉଥିବା କଷ୍ଟ ଓ କହିପାରୁ ନ ଥିବା ଦୁଃଖ ସହ ପରିବାର ପ୍ରତି ବୋଉର ଦାୟିତ୍ୱ ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ବୁଧବାର ଏହି ଚଳଚ୍ଚିତ୍ରର ଅଡିଓ ରିଲିଜ୍ ସ୍ଥାନୀୟ ଏକ ହୋଟେଲରେ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଫିଲ୍ମ ଫେଡେରେଶନର ଉପସଭାପତି ବି. ଏଲ. ଅଗ୍ରୱାଲ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ, ହିନ୍ଦୁସ୍ଥାନ କ୍ଲାସିକାଲ ଗାୟକ ଦେବେନ୍ଦ୍ର ଶତପଥୀ, କଣ୍ଠଶିଳ୍ପୀ ସୁସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଚାଇରୋଶନା ଫିଲ୍ମ ପ୍ରଯୋଜିତ ଓ ସଞ୍ଜୟ ଦାସ ନିବେଦିତ 'ବୋଉର ହାତବାକ୍ସ'ରେ ମନଛୁଆଁ ଗୀତ ଲେଖିଛନ୍ତି ଦେବଦାସ ଛୋଟରାୟ ଓ ମାନଗୋବିନ୍ଦ ବାରିକ। ଯୁବ ସଙ୍ଗୀତଜ୍ଞ କ୍ଷିତିପ୍ରକାଶ ମହାପାତ୍ର ସଂଗୀତକୁ ସଜାଇଛନ୍ତି। ଡ. ଆରତୀ ପାଟ୍ଟଯୋଶୀଙ୍କ କାହାଣୀ, ନାରାୟଣ ପତି ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି। ବୋଉ ଚରିତ୍ରରେ ଲୋପାମୁଦ୍ରା ମିଶ୍ର ରହିଥିବାବେଳେ ଅନ୍ୟାନ୍ୟ ଭୂମିକାରେ ରାଜେଶ ପଣ୍ଡା, ସୁଶ୍ରୀ ସବିତା ପଲେଇ, ଶିଶୁ କଳାକାର ଭାବରେ ଅଭିଷେକ ସାହୁ, ବିନୟ କୁମାର ବିଶ୍ୱାଳ, ଆୟୁଷ ବଳ ପ୍ରମୁଖ ନଜରକୁ ଆସିବେ। ସିନେମାର ମିଡିଆ କ୍ରିଏଟିଭ୍ ହେଡ ପ୍ରଣୟ ଜେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖୁବ୍‌ଶୀଘ୍ର ଚଳଚ୍ଚିତ୍ରଟି ପ୍ରେକ୍ଷାଳୟକୁ ଆସିବ ଓ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପ୍ରଯୋଜକ କହିଛନ୍ତି।

### ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରାଜଶ୍ରୀ



@ ସତ୍ୟବ୍ରତ



@ ଅନନ୍ୟା



@ ସଞ୍ଜୟ



@ ଟିକୁନ୍

## ମାଟି କାନ୍ଥ ତଳେ ଚାପିହୋଇ ଶିଶୁପୁତ୍ର ମୃତ

ବୋଲଗଡ,୨୦।୭(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ ତହସିଲ ଅଧୀନ ବେଗୁନିଆମୂଳ ପାଟଣା ଗ୍ରାମରେ ବୁଧବାର ମଧ୍ୟାହ୍ନରେ ଏକ ଚାଳ ଛପର ମାଟି ଘରର କାନ୍ଥ ଭୁଶୁଡି ପଡିବାରୁ ତଳେ ଚାପି ହୋଇ ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ବାଣପୁର ଥାନା ବଡପଦର ଅଞ୍ଚଳରେ ରହୁଥିବା ସୁବ୍ରତ ମହାରଣାଙ୍କ ପୁଅ ରାହୁଲ(୪)। ସୂଚନା ଅନୁଯାୟୀ, ରାହୁଲଙ୍କ ବାପା ସୁବ୍ରତ ଚେନ୍ନାଇରେ ରହୁଥିବା ବେଳେ ମା'ଙ୍କ ସହ କିଛିଦିନ ଧରି ଅଜାଘର ବୋଲଗଡ ବ୍ଲକ ଆରିକିମା ପଞ୍ଚାୟତ ବେଗୁନିଆମୂଳ ପାଟଣା ଗ୍ରାମରେ ରହି ଆସୁଥିଲେ। ଗତ କିଛିଦିନ ହେବ ରାହୁଲଙ୍କ ଅଜାଆଇ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ ମା ଓ ପୁଅ ରହୁଥିଲେ। ତେବେ ବୁଧବାର ରାହୁଲ ଘର ସାମ୍ନା ଦାଣ୍ଡବାରଣ୍ଡାରେ ଖେଳୁଥିବା ବେଳେ ଅଚାନକ ମାଟି କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ଏହା ତଳେ ରାହୁଲ ଚାପି ହୋଇ ଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଶିଶୁଟିକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଗତ କିଛିଦିନ ଧରି ଲଗାଣ ବର୍ଷା କାରଣରୁ ଘରର କାନ୍ଥ ଓଦା ହୋଇରହିଥିଲା। ଏଥି ଯୋଗୁ ମାଟି କାନ୍ଥ ଭୁଶୁଡ଼ି ପଡ଼ିଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ରାହୁଲ ତାଙ୍କ ପରିବାରର ଏକ ମାତ୍ର ସନ୍ତାନ ହୋଇଥିବା ବେଳେ ଅକାଳରେ ଜୀବନ ଚାଲିଯାଇଥିବାରୁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଧଳାପଥର ଆର୍‌ଆଇ ଅବନୀ ରଞ୍ଜନ ଚମ୍ପତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅନ୍ୟପଟେ ରାହୁଲଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାମାଜିକ କର୍ମୀ ପ୍ରଭାତ ବାରିକ ଓ ଗ୍ରାମବାସୀ ଦାବି କରିଛନ୍ତି।





ସାମାନ୍ୟ ବର୍ଷାରେ ଭୁବନେଶ୍ୱର ବମିଖାଲ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତାରେ ପାଣି ଜମି ରହୁଥିବାରୁ ଲୋକେ ଏଭଳି ଅବସ୍ଥାରେ ଯିବାଆସିବା କରୁଛନ୍ତି।



କଟକ ଯୋବ୍ରା ଆନିକଟଠାରେ ମହାନଦୀରେ ପ୍ରବାହିତ ବନ୍ୟାଜଳ।




ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଫିଲ୍ମ 'ବୋଉର ହାତବାକ୍ସ'ର ଅଡ଼ିଓ ରିଲିଜ କରାଯାଉଛି।



ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବୁଧବାର ଗଣଧାରଣା ଦିଆଯାଇଛି।

# ମଧ୍ୟାହ୍ନଭୋଜନ ଚାଉଳ ବାଟମାରଣା

- ବିଧାନସଭାରେ ବିରୋଧୀଙ୍କ ଉଦ୍‌ବେଗ
- ତଦନ୍ତ କରିବାକୁ ବିଇଓଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ମଧ୍ୟାହ୍ନଭୋଜନ ପାଇଁ ରାଜ୍ୟ ସରକାର ଯୋଗାଇ ଦେଉଥିବା ଚାଉଳ ବାଟମାରଣା ହେଉଛି। ୫୦ କିଲୋ ବସ୍ତାରୁ ୨ରୁ ୪ କେଜି ପର୍ଯ୍ୟନ୍ତ ହଡ଼ପ କରାଯାଉଛି। ଠିକାଦାର ଓ ବିଜେଡି ନେତାଙ୍କ ମଧୁଚନ୍ଦ୍ରିକାରେ ପିଲାମାନଙ୍କ ପେଟକୁ ଲାତ ମରାଯାଉଛି। ସରକାର ତୁରନ୍ତ ଏହାର ତଦନ୍ତ କରାନ୍ତୁ ବୋଲି ବିରୋଧୀ ସଭ୍ୟମାନେ ଦାବି କରିଛନ୍ତି।

ବୁଧବାର ଶୂନ୍ୟକାଳରେ ଭାଜପା ସଭ୍ୟ ମୋହନ ଚରଣ ମାଝି କହିଲେ, ସ୍କୁଲ ପିଲାଙ୍କ ପେଟକୁ ଲାତ ମରାଯାଉଛି। ସେମାନଙ୍କ ପାଇଁ ଆସୁଥିବା ଚାଉଳକୁ ହଡ଼ପ କରାଯାଉଛି। କୋରାପୁଟ ଜିଲା ଜୟପୁର ପାରାବାଡ଼ା ସ୍କୁଲରେ ବସ୍ତାରୁ ୨ରୁ ୪ କେଜି ପର୍ଯ୍ୟନ୍ତ ଚାଉଳ କାଢ଼ି ନିଆଯାଉଛି। ଆଶ୍ରମ ସ୍କୁଲଠାରୁ ଆରମ୍ଭ କରି ଜିଲାର ସବୁ ସ୍କୁଲରେ ଏଭଳି ଅବସ୍ଥା ହୋଇଛି। ଏ ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ କରାଯାଇଛି। ଜିଲାପାଳଙ୍କୁ କହି ଯୋଗାଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠା ନେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ମଧ୍ୟ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ ସ୍କୁଲରେ ଓଜନ କରିବା ବ୍ୟବସ୍ଥା ନ ଥିବାରୁ ଚାଉଳ ଚୋରି ସହଜ ହୋଇଛି। ଗୋଟିଏ ଗୋଟିଏ ୫୦ କିଲୋ ବସ୍ତାର ଓଜନ ୪୭ କିଲୋ ୯୫୦ ତ ପୁଣି କେଉଁଠି ୪୮ କିଲୋ ୨୫୦ ରହୁଛି। ସରକାର ତୁରନ୍ତ ଏହାର ତଦନ୍ତ କରାନ୍ତୁ ବୋଲି ସେ ଦାବି କରିଥିଲେ।

ବିଧାନସଭାରେ ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ପରେ କୋରାପୁଟ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ ଏହାର ଏକ ରିପୋର୍ଟ ବିଇଓଙ୍କୁ ମାଗିଛନ୍ତି। କେଉଁ ପରିସ୍ଥିତିରେ ଜିଲାରେ ଏପରି ସମସ୍ୟା ଉପୁଜିଲା, ଏଥିପାଇଁ ଏକ କମିଟି ଗଠନ କରି ଏହାର ତଦନ୍ତ କରିବା ସହ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ସ୍କୁଲର ରିପୋର୍ଟ ଆସିବା ପରେ ଠିକାସଂସ୍ଥା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଜିଲାର ୫ ବ୍ଲକର ସୁନାବେଡ଼ା ଓମ୍ ଏଣ୍ଟରପ୍ରାଇଜେସ୍ ଓ ଅନ୍ୟ ୯ଟି ବ୍ଲକର ଜୟପୁର ସିଂହଲ ଟ୍ରାନ୍ସପୋର୍ଟ ନାମକ ଠିକାସଂସ୍ଥା ଚାଉଳ ବଣ୍ଟନ ଦାୟିତ୍ୱ ନେଇଛି। ଚାଉଳ ବଣ୍ଟନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚିଠି ଆସେ। ଏହାପରେ କେତେ ପରିମାଣର ଚାଉଳ ଯିବ ତାହାର ଟଙ୍କା ଜିଲା ଯୋଗାଣ ବିଭାଗରେ ଜମା କରନ୍ତି। ଜିଲା ଶିକ୍ଷା ବିଭାଗ ଚାଉଳ ବଣ୍ଟନ ବ୍ୟବସ୍ଥା ତଦାରଖ କରେ। ଏଥିରେ ଜିଲା ଯୋଗାଣ ବିଭାଗର କୌଣସି ଦାୟିତ୍ୱ ନାହିଁ ବୋଲି ଜିଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି।

**ବିଧାନସଭାରେ ଶ୍ୱେତପତ୍ର-୨୦୨୧ ଉପସ୍ଥାପିତ**

# ବଢ଼ିଛି ମାମଲା, ଚାର୍ଜଶିଟ୍ କମ୍

- ଦିନକୁ ୩ ହତ୍ୟା, ୯ ବଳାତ୍କାର
- ଚୋରି, ଡକାୟତି, ଲୁଣ୍ଠନ ଚିନ୍ତାଜନକ
- ବଢ଼ୁଛି ଯୌତୁକ ନିର୍ଯାତନା
- ରୁଜୁ ହୋଇଛି ୧,୫୫,୪୨୦ ଧର୍ତ୍ତବ୍ୟ ଅପରାଧ ମାମଲା

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ଗତ ବର୍ଷ ତୁଳନାରେ ରାଜ୍ୟରେ ଆପରାଧିକ ମାମଲା ବଢ଼ିଛି। ରାଜ୍ୟରେ ଦିନକୁ ୩ଟି ହତ୍ୟା ହେଉଥିବାବେଳେ ୯ ଜଣ ବଳାତ୍କାରର ଶିକାର ହେଉଛନ୍ତି। କେବଳ ସେତିକି ନୁହେଁ ଚୋରି, ଡକାୟତି, ଲୁଣ୍ଠନ, ମୋଟରଯାନ ଦୁର୍ଘଟଣା ମଧ୍ୟ ଚିନ୍ତାଜନକ ରହିଛି। ଆପରାଧିକ ମାମଲା ସଂଖ୍ୟା ବଢୁଥିବା ବେଳେ ଚାର୍ଜଶିଟ୍ ସେହି ଅନୁପାତରେ ହେଉ ନାହିଁ। ବୁଧବାର ଗୃହ ବିଭାଗ ପକ୍ଷରୁ ବିଧାନସଭାରେ ଉପସ୍ଥାପିତ ହୋଇଥିବା ଶ୍ୱେତପତ୍ରରୁ ଏଭଳି ସୂଚନା ମିଳିଛି। ରାଜ୍ୟରେ ୨୦୨୦ରେ ୨,୯୮୪ ବଳାତ୍କାର ମାମଲା ରୁଜୁ ହୋଇଥିଲାବେଳେ ୨୦୨୧ରେ ଏହା ୩,୩୨୭ରେ ପହଞ୍ଚିଛି। ପଞ୍ଜୀକୃତ ହୋଇଥିବା ଏହି ମାମଲା ମଧ୍ୟରୁ ୩,୨୪୪ ସତ୍ୟ। ସେଥିରୁ ବର୍ଷ ଶେଷ ସୁଦ୍ଧା ୨,୩୩୫ ମାମଲାର ଚାର୍ଜଶିଟ୍ ଦାଖଲ ହୋଇଛି। ସେହିପରି ୨୦୨୦ରେ ୫୧୪ ଡକାୟତି ମାମଲା ରୁଜୁ ହୋଇଥିବାବେଳେ ୨୦୨୧ରେ ଏହି ସଂଖ୍ୟା ୫୫୨ରେ ପହଞ୍ଚିଛି।

ଶ୍ୱେତପତ୍ର ତଥ୍ୟ ଅନୁଯାୟୀ ୨୦୨୧ରେ ମୋଟ ୧,୫୫,୪୨୦ ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଛି। ଏଥିମଧ୍ୟରେ ୧,୩୯୪ ହତ୍ୟା, ୫୫୨ ଡକାୟତି, ୨,୮୨୬ ଲୁଣ୍ଠନ, ୫,୧୩୩ ସିନ୍ଧିଚୋରି, ୧୩,୦୨୪ ଚୋରି, ୫,୧୩୮ ପ୍ରତାରଣା, ୨,୨୨୦ ଦଙ୍ଗା, ୩,୩୨୭ ବଳାତ୍କାର, ୧୦,୯୮୩ ମୋଟରଯାନ ଦୁର୍ଘଟଣା ଓ ୧,୧୦,୮୨୩ ଅନ୍ୟାନ୍ୟ ମାମଲା ରହିଛି। ସେଥିରୁ ମୋଟ ୧,୪୯,୨୩୨ ମାମଲା ସତ୍ୟ ଉପରେ ଆଧାରିତ। ବର୍ଷ ଶେଷ ସୁଦ୍ଧା ମୋଟ ୧,୦୬,୨୮୩ ମାମଲାର ଚାର୍ଜଶିଟ୍ ଦାଖଲ ହୋଇଛି। ସୂଚନାଯୋଗ୍ୟ ଯେ ୨୦୨୦ରେ ଧର୍ତ୍ତବ୍ୟ ଅପରାଧ ମାମଲା ସଂଖ୍ୟା ଥିଲା ୧,୩୪,୨୩୦। ରାଜ୍ୟରେ ଯୌତୁକଜନିତ ମାମଲା ମଧ୍ୟ ଚିନ୍ତାଜନକ ରହିଛି। ୨୦୨୦ରେ ୪,୦୮୮ ଯୌତୁକ ମାମଲା ରୁଜୁ ହୋଇଥିବା ବେଳେ ୨୦୨୧ରେ ଏହା ୫,୦୮୦ ରହିଛି। ଏଥିରୁ ୩,୭୦୭ ମାମଲାର ଚାର୍ଜଶିଟ୍ ଦାଖଲ ହୋଇଛି। ୨୯୮ଟି ଯୌତୁକଜନିତ ହତ୍ୟା ମାମଲା ମଧ୍ୟରୁ ୧୮୧ଟିରେ ଚାର୍ଜଶିଟ୍ ଦାଖଲ ହୋଇଛି। ୧୨୯ଟି ଯୌତୁକଜନିତ ଆତ୍ମହତ୍ୟା ମାମଲା ମଧ୍ୟ ରୁଜୁ ହୋଇଛି। ସେଥିରୁ ୧୧୧ଟି ମାମଲାର ଚାର୍ଜଶିଟ୍ ଦାଖଲ ହୋଇଥିବା ବେଳେ ୧୮ଟି ତଦନ୍ତାଧୀନ ରହିଛି। ସେହିପରି ରାଜ୍ୟରେ ଯୌତୁକଜନିତ ନିର୍ଯାତନା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ରୁଜୁ ହୋଇଥିବା ମୋଟ ୪,୯୪୯ ମାମଲାରୁ ୩,୬୬୮ ମାମଲାର ଚାର୍ଜଶିଟ୍ ଦାଖଲ କରାଯାଇଛି।

ଅନୁରୂପ ଭାବେ ୨୦୨୧ରେ ୧,୩୯୪ ହତ୍ୟା ମାମଲା ହୋଇଛି। ସେଥିରୁ ୧,୩୨୩ ମାମଲା ସତ୍ୟ। ଏଥିରୁ ମାତ୍ର ୬୫୮ ମାମଲାର ଚାର୍ଜଶିଟ୍ ଦାଖଲ କରାଯାଇଛି। ୨୦୨୧ରେ ୫୫୨ ଡକାୟତି ମାମଲା ରୁଜୁ ହୋଇଥିବାବେଳେ ୧୭ ଜଣ ଆନ୍ତଃରାଜ୍ୟ ଡକାୟତଙ୍କ ସମେତ ମୋଟ ୧୬୮୨ ଜଣଙ୍କୁ ଗିରଫ କରାଯାଇଛି। ବିଭିନ୍ନ ଡକାୟତି ମାମଲାରେ ଲୁଟ ହୋଇଥିବା ୧୦,୩୦,୦୫,୦୩୬ ଟଙ୍କା ମୂଲ୍ୟର ସମ୍ପତ୍ତି ମଧ୍ୟରୁ ୩,୮୨,୭୦, ୩୫୫ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ସେହିପରି ଲୁଣ୍ଠନ ମଧ୍ୟ ବଢ଼ିଛି। ୨୦୨୧ରେ ୨,୮୨୬ ଲୁଣ୍ଠନ ମାମଲା ରୁଜୁ କରାଯାଇଥିବାବେଳେ ବେଳେ ୧,୩୦୬ର ଚାର୍ଜଶିଟ୍ ଦାଖଲ କରାଯାଇଛି। ୨,୪୫୮ ଜଣଙ୍କୁ ଗିରଫ କରାଯାଇଛି। ଲୁଟ ହୋଇଥିବା ୧୪,୮୩,୯୪, ୭୮୬ ଟଙ୍କା ମୂଲ୍ୟର ସମ୍ପତ୍ତି ମଧ୍ୟରୁ ୬,୩୭,୮୨,୩୪୩ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି।

ରାଜ୍ୟରେ ବର୍ଷକରେ ୫,୦୫୫ ମାମଲା ରୁଜୁ ହୋଇଛି। ସେଥିରୁ ୧,୭୦୩ ମାମଲାର ଚାର୍ଜଶିଟ ଦାଖଲ ହୋଇଛି। ୩,୧୮୧ ଜଣ ସିନ୍ଧି ଚୋରଙ୍କୁ ଗିରଫ କରାଯାଇଥିବାବେଳେ ଲୁଟ୍ ହୋଇଥିବା ୪୭, ୬୮, ୬୩, ୦୫୨ ଟଙ୍କାରୁ ୭, ୩୭,୫୯,୦୪୧ ଟଙ୍କା ମୂଲ୍ୟର ସମ୍ପତ୍ତି ଉଦ୍ଧାର କରାଯାଇଛି। ୨୦୨୧ରେ ୨,୦୩୭ଟି ସାଇବର ଅପରାଧ ମାମଲା ରୁଜୁ ହୋଇଛି। ତାହା ମଧ୍ୟରୁ ୩୦୭ ମାମଲାର ଚାର୍ଜଶିଟ ଦାଖଲ ହୋଇଛି। ଏହି ମାମଲାରେ ୫୪୨ ଜଣ ଅପରାଧୀ ସମ୍ପୃକ୍ତ ଥିଲା ବେଳେ ୪୨୫ ଜଣଙ୍କୁ ରାଜ୍ୟ ଭିତରୁ ଓ ବାହାରୁ ଗିରଫ କରାଯାଇଛି।

ଅପରପକ୍ଷରେ ୨୦୨୧ରେ ମାଓବାଦୀ କାର୍ଯ୍ୟକଳାପ ସାମଗ୍ରିକ ଭାବେ ନିୟନ୍ତ୍ରଣାଧୀନ ଅଛି। ପ୍ରଭାବୀ ଢଙ୍ଗରେ ପୋଲିସ ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଯୋଗୁ ମାଓବାଦୀ ପ୍ରଭାବିତ ୧୦ ଜିଲା ମଧ୍ୟରୁ ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ ଓ କଳାହାଣ୍ଡି-ରାୟଗଡା ଜିଲା ସମେତ ଅଧିକାଂଶ ଅଞ୍ଚଳର ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି। ଏହି ବର୍ଷ ମାଓବାଦୀଙ୍କ ସହିତ ସଂଗଠିତ ୨୧ଟି ଗୁଳି ବିନିମୟ ଘଟଣା ସମେତ ରାଜ୍ୟରେ ମୋଟ ୨୮ଟି ଘଟଣା ଘଟିଥିଲା। ଏଥିରେ ୨ ଜଣ ସାଧାରଣ ବ୍ୟକ୍ତିଙ୍କ ପ୍ରାଣହାନି ହୋଇଥିବାବେଳେ ଜଣେ ସୁରକ୍ଷାକର୍ମୀ ଶହୀଦ ହୋଇଛନ୍ତି। ପୋଲିସ ସହ ପୃଥକ୍ ପୃଥକ୍ ଗୁଳି ବିନିମୟ ଘଟଣାରେ ୭ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା ବେଳେ ୩୬ ଜଣଙ୍କୁ ଗିରଫ କରାଯାଇଥିଲା। ୨୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ସେହିପରି ୧୬୪ଥର ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତାରୋକୋ, ୧୮ ଥର ରେଳ ରୋକୋ, ୯୩୪ ଥର ଧାରଣା, ୫୧୯ ଥର ରାଲି, ୧୧୫୨ ଥର ବିକ୍ଷୋଭ, ୪୪ ଥର ଅନଶନ, ୨୬ ଥର ବନ୍ଦ ଓ ୧୦୭ ଥର ଘେରାଉ କରାଯାଇଛି। ମୋଟାମୋଟି ଭାବେ ପୋଲିସ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବାରେ ସଫଳ ହୋଇଛି ବୋଲି ଶ୍ୱେତପତ୍ରରେ ଉଲ୍ଲେଖ କରାଯାଇଛି।

# ଆଇନଶୃଙ୍ଖଳା ଶାନ୍ତିପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୭ (ବ୍ୟୁରୋ)

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି। ରାଜ୍ୟରେ ପଞ୍ଚାୟତ, ପୌର ଓ ସମବାୟ ସମିତି ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ପୋଲିସ ଓ ପ୍ରଶାସନର ସହଯୋଗରେ ୨ ବର୍ଷ ପରେ ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ରଥଯାତ୍ରା ସୁରୁଖୁରୁରେ ଶେଷ ହୋଇଛି ବୋଲି ବୁଧବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗୃହ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମାଓବାଦୀ ହିଂସା ହ୍ରାସ ପାଇଛି। ମାଓବାଦୀପ୍ରବଣ ଅଞ୍ଚଳରେ ମଧ୍ୟ ପଞ୍ଚାୟତ ନିର୍ବାଚନ ବିନା ଗଣ୍ଡଗୋଳରେ ହୋଇଛି। ପୋଲିସ ବିଭାଗରେ ଭିତ୍ତିଭୂମି ଓ ମାନବ ସମ୍ବଳକୁ ବୃଦ୍ଧି କରାଯାଇଛି। ଗତ ବର୍ଷ ୯୪୪ ପଦବୀ ସୃଷ୍ଟି କରାଯାଇଛି। ସାଇବର ଓ ଅର୍ଥନୈତିକ ଅପରାଧ ପାଇଁ ସ୍ୱତନ୍ତ୍ର ଥାନା ବ୍ୟବସ୍ଥା କରାଯାଇଛି। ଏସ୍ଆଇ, ଏଏସ୍ଆଇ, ଜେଲ ଓ ଅଗ୍ନିଶମ ବିଭାଗର ୧,୭୩୦ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଜେଲଗୁଡ଼ିକର ଭିତ୍ତିଭୂମି ବିକାଶ ଓ ଆଧୁନିକୀକରଣ ପାଇଁ କାରାଗାର ବିକାଶ ବୋର୍ଡ ଗଠନ କରାଯାଇଛି। ମାନବ ଚାଲାଣ, ମହିଳା ଓ ଶିଶୁମାନଙ୍କ ବିରୋଧରେ ହେଉଥିବା ଅପରାଧକୁ ରୋକିବାକୁ ଥାନାରେ ମହିଳା ଓ ଶିଶୁ ଡେସ୍କ କରାଯାଇଛି। ମହିଳାଙ୍କ ବିରୋଧରେ ହେଉଥିବା ସମସ୍ତ ମାମଲାକୁ ରେଡ୍ ଫ୍ଲାଗ୍ କେସ୍ ଭାବେ ବିଚାର କରାଯାଇ ଆଇନ ସହାୟତା ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚ ଦାବି ଉପରେ ବକ୍ତବ୍ୟ ଦେଇ କହିଛନ୍ତି ଯେ ଲୋକମାନେ ଗଣତନ୍ତ୍ରର ଆତ୍ମା। ଜନସାଧାରଣଙ୍କ ସନ୍ତୁଷ୍ଟି ଉତ୍ତମ ପ୍ରଶାସନର ହଲ୍‌ମାର୍କ। ପ୍ରତ୍ୟେକ ବିଭାଗକୁ ମୋ ସରକାର ଓ ୫-ଟି ଅଧୀନକୁ ଆଣି ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ସମୟଭିତ୍ତିକ ଓ ନିର୍ବିଘ୍ନ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ୩୧ଟି ବିଭାଗର ୪୧୨ ସରକାରୀ ସେବାକୁ ଓଡ଼ିଶା ଜନସେବା ଆଇନ ଅଧିକାର ପରିସରଭୁକ୍ତ କରିଛନ୍ତି। ଦୁର୍ନୀତି କ୍ଷେତ୍ରରେ ରାଜ୍ୟ ସରକାର ସର୍ବଦା ଶୂନ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି। ରାଜ୍ୟ ଭିଜିଲାନ୍ସ ଏହି ବର୍ଷ ୪୭୫ ଜଣଙ୍କ ବିରୋଧରେ ୨୬୭ ଆପରାଧିକ ମାମଲା ରୁଜୁ କରିଛି। ଗଣତନ୍ତ୍ରରେ ଲୋକମାନେ ହେଉଛନ୍ତି ସର୍ବୋଚ୍ଚ। ଆମେ ସେମାନଙ୍କ ସେବା କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ। ଶେଷରେ ଗୃହ ବିଭାଗର ୬୨୪୧,୨୦,୯୬ ୦୦୦ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୫୦୯,୫୧,୦୨,୦୦୦ ଟଙ୍କାର ଖର୍ଚ୍ଚ ଦାବି ବିଧାନସଭାରେ ଗୃହୀତ ହୋଇଛି।

# କୋଭିଡ୍‌ରେ ୪୩,୨୬୨ ପିଲା ଅନାଥ

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ରାଜ୍ୟରେ କୋଭିଡ୍ ଯୋଗୁ ୨୦୨୦ ଏପ୍ରିଲ ୧ରୁ ୨୦୨୧ ସେପ୍ଟେମ୍ବର ୧୫ ମଧ୍ୟରେ ୪୩,୨୬୨ ପିଲା ଅନାଥ ହୋଇଛନ୍ତି। ୯୮୮ ଜଣ ଉଭୟ ମାତାପିତାଙ୍କୁ ହରାଇଥିବା ଶିଶୁ ରହିଥିବାବେଳେ ୪୨,୨୭୪ଜଣ ପରିବାରର ରୋଜଗାରକ୍ଷମ ଅଭିଭାବକଙ୍କୁ ହରାଇଛନ୍ତି। ଏ ସମସ୍ତ ଶିଶୁଙ୍କୁ ସହାୟତା ଯୋଗାଇ ଦିଆଯାଇଥିବା ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ବିଧାୟକ ଧ୍ରୁବ ଚରଣ ସାହୁଙ୍କ ପ୍ରଶ୍ନରେ ବୁଧବାର ବିଧାନସଭାରେ ଉତ୍ତର ଦେଇଛନ୍ତି। ସେହିଭଳି ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟର ଶିଶୁ ଶ୍ରମିକଙ୍କ ସଂଖ୍ୟା ୯୨ ହଜାର ୮୭ ରହିଛି। କିନ୍ତୁ କୋଭିଡ୍‌ରେ ମା’ ବାପାଙ୍କୁ ହରାଇଥିବା ପିଲା ଶ୍ରମିକ ହେବାକୁ ବାଧ ହୋଇଥିବା ତଥ୍ୟ ବିଭାଗର ଉପଲବ୍ଧି ହୋଇନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

# ବାହାର ରାଜ୍ୟରୁ ଆସିଛନ୍ତି ୨୯ ହଜାର ଶ୍ରମିକ

ଅନ୍ୟ ରାଜ୍ୟରୁ ୨୯,୨୪୯ ଜଣ ପ୍ରବାସୀ ଶ୍ରମିକ ଓଡ଼ିଶାରେ ଶ୍ରମିକ ଆଇନ ୧୯୭୯ ଅନୁଯାୟୀ ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କ ଜରିଆରେ ନିଯୁକ୍ତି ପାଇଛନ୍ତି। ଓଡ଼ିଶାରେ କାର୍ଯ୍ୟରତ ଏହି ଶ୍ରମିକମାନଙ୍କ ମଧ୍ୟରୁ ସର୍ବାଧିକ ୭୬୪୮ ଜଣ ଢେଙ୍କାନାଳ ଜିଲାରେ ଥିବା ଇସ୍ପାତ, ଝୋଟ, ଖଣି, ଶକ୍ତି ଓ ଆଜବେଷ୍ଟସ ତିଆରି ଶିଳ୍ପସଂସ୍ଥାଗୁଡ଼ିକରେ କାର୍ଯ୍ୟ କରୁଛନ୍ତି। ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଝାରସୁଗୁଡ଼ା ଜିଲାରେ ୪୨୬୭, କନ୍ଧମାଳରେ ୩୨୦୪, ଭଦ୍ରକରେ ୨୪୯୪, ଖୋର୍ଦ୍ଧାରେ ୧୬୮୭, ରାୟଗଡ଼ାରେ ୧୭୨୭, କଟକରେ ୧୫୭୦, ସମ୍ବଲପୁରରେ ୧୮୨୬, କେନ୍ଦୁଝରରେ ୧୪୧୩ ଜଣ ଅନ୍ୟ ରାଜ୍ୟର ଶ୍ରମିକ କାର୍ଯ୍ୟ କରୁଛନ୍ତି। କୋରାପୁଟ, ନୂଆପଡ଼ା, କନ୍ଧମାଳ, ଗଜପତି ଓ ବୌଦ୍ଧ ଜିଲାରେ ଜଣେ ହେଲେ ରାଜ୍ୟ ବାହାରର ଶ୍ରମିକ ନ ଥିବା ମନ୍ତ୍ରୀଙ୍କ ଉତ୍ତରରେ ଜଣାଯାଇଛି।

# ସମବାୟ ବ୍ୟାଙ୍କରେ ୮୮୦.୧୪ ଲକ୍ଷ ଟଙ୍କାର ଋଣ ଜାଲିଆତି: ୪ ଗିରଫ

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କରେ ବର୍ତ୍ତମାନ ସୁଦ୍ଧା ୮୮୦.୧୪ ଲକ୍ଷ ଟଙ୍କାର ଋଣ ଜାଲିଆତି ଧରାପଡ଼ିଛି। ବିଜେଡି ସଭ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ସମବାୟ ବ୍ୟାଙ୍କରେ ବଡ଼ ଧରଣର ଋଣ ଜାଲିଆତି ହୋଇଛି। ତଦନ୍ତ ପରେ ତା’ର ରହସ୍ୟ ଉନ୍ମୋଚନ ହୋଇଛି। ବର୍ତ୍ତମାନ ସୁଦ୍ଧା ୮୮୦.୧୪ ଲକ୍ଷ ଟଙ୍କାର ହୋଇଥିବା ଋଣ ଜାଲିଆତି ମଧ୍ୟରୁ ୫୬.୨୪ ଲକ୍ଷ ଟଙ୍କା ଉଦ୍ଧାର ହୋଇଛି। ଏହି ଜାଲିଆତିରେ ସମ୍ପୃକ୍ତ ୪ ଜଣ କର୍ମଚାରୀ ଗିରଫ ହୋଇଛନ୍ତି। ହେଲେ କୌଣସି କର୍ମଚାରୀ ଜେଲରେ ନାହାନ୍ତି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

# ୨୨ରେ ନିଯୁକ୍ତି ପାଇବେ ୫୧୦ ମେଡିକାଲ ଅଫିସର

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ରାଜ୍ୟରେ ଡାକ୍ତର ଅଭାବ ଦୂର ହେବ। ଏଥିପାଇଁ ଆସନ୍ତା ଶୁକ୍ରବାର ୫୧୦ଜଣ ନୂତନ ମେଡିକାଲ ଅଫିସରଙ୍କୁ ନିଯୁକ୍ତି ଦିଆଯିବ। ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ବିଧାନସଭାରେ ବିବୃତି ରଖି ଏହା କହିଛନ୍ତି। ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟରେ ଗତ ୪ବର୍ଷ ଧରି ସରକାର ଓଡ଼ିଶା ଲୋକସେବା ଆୟୋଗର ଚୟନ ପ୍ରକ୍ରିୟା ମାଧ୍ୟମରେ ଡାକ୍ତର ନିଯୁକ୍ତି କରୁଛନ୍ତି। ଏହି କ୍ରମରେ ଆସନ୍ତା ୨୨ ତାରିଖରେ ୫୧୦ଜଣଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତିପତ୍ର ଦେବେ। ଏମାନଙ୍କ ମଧ୍ୟରୁ ୩୫୮ଜଣ ଏଲୋପାଥିକ ଡାକ୍ତର, ୧୧୬ଜଣ ହୋମିଓପାଥିକ ଡାକ୍ତର ଏବଂ ୩୬ଜଣ ହୋମିଓପାଥିକ ଅଧ୍ୟାପକ ଅଛନ୍ତି। ନୂତନ ଡାକ୍ତରଙ୍କ ନିଯୁକ୍ତି ଦ୍ୱାରା ରାଜ୍ୟରେ ଡାକ୍ତରୀ ସମସ୍ୟା ଅନେକାଂଶରେ ଦୂର ହେବା ସହ ରାଜ୍ୟର ସହରାଞ୍ଚଳ ତଥା ଗ୍ରାମାଞ୍ଚଳରେ କୋଭିଡ୍ ଓ ଅନ୍ୟାନ୍ୟ ଜନସ୍ୱାସ୍ଥ୍ୟ ଚିକିତ୍ସା ସଦୃଢ଼ ହେବାରେ ସହାୟକ ହୋଇପାରିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

# ଦିନରେ ବି ମହିଳା ସୁରକ୍ଷିତ ନୁହନ୍ତି: ବିରୋଧୀ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି। ପୋଲିସ ଲୋକଙ୍କ ପାଇଁ ନ ହୋଇ ସବୁବେଳେ ସରକାରଙ୍କ ପାଇଁ କାର୍ଯ୍ୟ କରୁଛି। ମହିଳା, ବିଧାୟକ, ସାଧାରଣ ଜନତା କେହିହେଲେ ସୁରକ୍ଷିତ ନାହାନ୍ତି। ରାଜ୍ୟରେ ମହିଳା ନିର୍ଯାତନା ବଢ଼ିଚାଲିଛି। ଝିଅଟିଏ ଦିନରେ ମଧ୍ୟ ସୁରକ୍ଷିତ ରହୁ ନାହିଁ। କଲେଜରେ ଝିଅଙ୍କ ପାଇଁ ସୁରକ୍ଷା ନାହିଁ। ହତ୍ୟା, ବଳାତ୍କାର ବଢ଼ିଚାଲିଛି। ସାଇବର ଅପରାଧ ମଧ୍ୟ ବଢ଼ିଚାଲିଛି। ବିଭିନ୍ନ ବିଭାଗରେ ବହୁ ପଦବୀ ଖାଲି ପଡ଼ିଛି। ଏଭଳି ଅଭିଯୋଗ ଆଣି ବିରୋଧୀ ସରକାରଙ୍କୁ ଘେରିଛନ୍ତି। ବୁଧବାର ଗୃହ ବିଭାଗ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇ ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ ରାଜ୍ୟର ଆଇନଶୃଙ୍ଖଳାକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଦିନ ଦ୍ୱିପ୍ରହରରେ ହତ୍ୟା, ବୋମାମାଡ଼ ହେଉଛି। କେନ୍ଦୁଝରର ସୁନ୍ଦ ସେଠୀଙ୍କୁ ହତ୍ୟା କରିଥିବା ଆସାମୀଙ୍କୁ ଧରାଯାଉନାହିଁ। ଢେଙ୍କାନାଳ ମ୍ୟୁନିସିପାଲିଟିର ଜୟନ୍ତୀ ପାତ୍ରଙ୍କ ଘରେ ବୋମା ପଡ଼ିଲା ଏବଂ ବିଧାୟକ ମୋହନ ମାଝିଙ୍କ ଉପରକୁ ବୋମା ଫିଙ୍ଗିଥିବା ଅପରାଧୀଙ୍କୁ ଏ ପର୍ଯ୍ୟନ୍ତ ଧରାଗଲା ନାହିଁ। ରାଜ୍ୟରେ ସାଇବର ଅପରାଧ ବଢ଼ି ଚାଲିଛି। ଚାକିରି ଦେବା ନାମରେ ଠକେଇ ହେଉଛି। କଳିଙ୍ଗନଗର ଅପରାଧର ପେଣ୍ଠସ୍ଥଳ ପାଲଟିଗଲାଣି। ଗାଁ ଗଣ୍ଡା ଦୋକାନରେ ତେଲ ମିଳିବନି, କିନ୍ତୁ ବିଦେଶୀ ମଦ ମିଳିବ। ମଦ ପିଇ ବାପପୁଅ, ଭାଇଭାଇ ହଣାକଟା ହେଉଛନ୍ତି। ବିଜେଡି ସଦସ୍ୟ ଦେବୀ ପ୍ରସାଦ ମିଶ୍ର କହିଲେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ଅଛି। ମାଓବାଦୀ ହିଂସା, ମାଦକ ଦ୍ରବ୍ୟ ଚୋରାଚାଲାଣକୁ ରୋକାଯାଇ ପାରିଛି। ରାଜ୍ୟରେ ୪୩.୧୦ ପ୍ରତିଶତ ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡବିଧାନ କରାଯାଉଛି। ଗୃହ ବିଭାଗ ବଜେଟ ୨୦୦୦-୦୧ରେ ୪୭୭ କୋଟି ଟଙ୍କା ଥିବାବେଳେ ଏବେ ୫୪୩୫ କୋଟିରେ ପହଞ୍ଚିଲାଣି। ଦୁର୍ନୀତି ପ୍ରତି ରାଜ୍ୟ ସରକାର ସର୍ବଦା ଶୂନ ସହନଶୀଳ ନୀତି ଅବଲମ୍ବନ କରି ଆସିଛନ୍ତି। ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସାଇବର ଅପରାଧ ରୋକିବାକୁ ସ୍ୱତନ୍ତ୍ର ଥାନା କରାଯାଇଛି। ବିଜେଡି ସଭ୍ୟ ପ୍ରତାପ ଜେନା କହିଲେ, କୌଣସି ଅଭିଯୁକ୍ତଙ୍କୁ ସରକାର ଛାଡ଼ିନାହାନ୍ତି। ମନ୍ତ୍ରୀ ଥିବାବେଳେ ମୋ ନାଁରେ ମଧ୍ୟ ପୋଲିସ ଏଫ୍ଆଇଆର କରିଛି। ଭାଜପା ସଭ୍ୟ ମୋହନ ମାଝି ପଏଣ୍ଟ ଅର୍ଡର ଜରିଆରେ ଆପତ୍ତି ଉଠାଇଥିଲେ ଯେ, ମାହାଙ୍ଗା ଡବଲ ମର୍ଡର କେସ୍‌ରେ ଅଭିଯୁକ୍ତ ଥିବା ବିଧାୟକ ପ୍ରତାପ ଜେନା ଗୃହରେ ଆଇନଶୃଙ୍ଖଳା ଉପରେ କହିପାରିବେ ନାହିଁ। ବିଜେଡି ସଭ୍ୟ ଅରୁଣ ସାହୁ କହିଲେ, ବିଶ୍ୱର ସବୁଠାରେ ସାମ୍ପ୍ରଦାୟିକ ସମସ୍ୟା ଦେଖାଦେଇଛି। ଓଡ଼ିଶାରେ ଭାଇଚାରା କାଏମ ରହିଛି। ମୁଖ୍ୟମନ୍ତ୍ରୀ ସମ୍ବିଧାନରେ ଅହିଂସାକୁ ସାମିଲ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଭାଜପା ସଭ୍ୟ ସନାତନ ବିଜୁଳି କହିଛନ୍ତି ଯେ ରାଜ୍ୟରେ ସାଇବର ଅପରାଧ ବଢ଼ିଚାଲିଛି। ଦେଶରେ ବଳାତ୍କାରରେ ମଧ୍ୟ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି। ପ୍ରତିଦିନ ୮ ଜଣ ନାବାଳିକା ବଳାତ୍କାରର ଶିକାର ହେଉଛନ୍ତି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ କହିଲେ, ସମ୍ବିଧାନରେ ଅହିଂସା ଯୋଡ଼ିଲେ କିଛି ହେବ ନାହିଁ। ରାଜ୍ୟ ସରକାର ପ୍ରଥମେ ମଦ ବନ୍ଦ କରନ୍ତୁ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, ରାଜ୍ୟରେ ମାଓବାଦୀ ଶୂନ୍ୟ ହୋଇନାହାନ୍ତି। ସେମାନେ ସୁଯୋଗକୁ ଅପେକ୍ଷା କରିଛନ୍ତି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ବିଜେଡି ସଭ୍ୟ ଭୂପିନ୍ଦର ସିଂ, ଲତିକା ପ୍ରଧାନ, ଦେବେଶ ଆଚାର୍ଯ୍ୟ, ଭାଜପା ସଭ୍ୟ କୁସୁମ ଟେଟେ ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜର ମତ ରଖିଥିଲେ।

# ଘରୋଇ ସ୍କୁଲରେ ୨୧.୨୬% ପିଲା

ଭୁବନେଶ୍ୱର, ୨୦।୭ (ବ୍ୟୁରୋ)

ରାଜ୍ୟରେ ଯେତିକି ପିଲା ପ୍ରାଥମିକ ବିଦ୍ୟାଳୟରେ ପଢୁଛନ୍ତି ୨୦୨୦-୨୧ ବର୍ଷରେ ସେମାନଙ୍କ ମଧ୍ୟରୁ ୨୧.୨୬% ଘରୋଇ ବିଦ୍ୟାଳୟରେ ନାମ ଲେଖାଇଥିଲେ। ୨୦୧୦-୧୧ ବର୍ଷରେ ଏହି ପରିମାଣ ମାତ୍ର ୯.୧୨% ଥିଲା। ଭାଜପା ସଭ୍ୟ ନାଉରି ନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୧୦-୧୧ ବର୍ଷରେ ୯.୧୨% ଛାତ୍ରୀଛାତ୍ର ଘରୋଇ ବିଦ୍ୟାଳୟରେ ପଢୁଥିବା ବେଳେ ୨୦୨୧-୨୨ରେ ତାହା ୨୧.୨୬%ରେ ପହଞ୍ଚିଥିଲା। ସେହିଭଳି ମାଧ୍ୟମିକ ଶ୍ରେଣୀରେ ୨୦୧୧-୧୨ ବର୍ଷରେ ୧୨.୮% ଛାତ୍ରୀଛାତ୍ର ଘରୋଇ ବିଦ୍ୟାଳୟରେ ପଢୁଥିବା ବେଳେ ୨୦୨୦-୨୧ ବର୍ଷରେ ତାହା ୧୦.୩୭% ରହିଥିଲା। ଖୋର୍ଦ୍ଧା ଜିଲାରୁ ଘରୋଇ ସ୍କୁଲରେ ପ୍ରାଥମିକ ଶ୍ରେଣୀରେ ୫୦.୩୮% ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ମାଧ୍ୟମିକ ଶ୍ରେଣୀରେ ଏମାନଙ୍କ ସଂଖ୍ୟା ୩୨.୮% ରହିଛି। ସେହିଭଳି ଝାରସୁଗୁଡ଼ାରେ ପ୍ରାଥମିକ ଶ୍ରେଣୀରେ ଘରୋଇ ବିଦ୍ୟାଳୟଗୁଡ଼ିକରେ ୩୭.୨୯% ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ମାଧ୍ୟମିକ ଶ୍ରେଣୀରେ ଏମାନଙ୍କ ସଂଖ୍ୟା ୨୬.୫୩% ରହିଛ। ଘରୋଇ ବିଦ୍ୟାଳୟଗୁଡ଼ିକର ପ୍ରାଥମିକ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଗତ୍‌ସିଂହପୁର ଜିଲାରେ ୩୪.୭୮% ଥିବାବେଳେ କଟକରେ ୩୪.୬୯, ସମ୍ବଲପୁରରେ ୨୯.୩୩, ସୁନ୍ଦରଗଡ଼ରେ ୨୮.୦୬, ଯାଜପୁରରେ ୨୩.୧୪ ଓ ବାଲେଶ୍ୱରରେ ୨୭.୨୧% ଛାତ୍ରୀଛାତ୍ର ରହିଛନ୍ତି। ମାଧ୍ୟମିକ ଶ୍ରେଣୀରେ ଖୋର୍ଦ୍ଧା, ଝାରସୁଗୁଡ଼ା, କଟକ, ବରଗଡ଼, ବାଲେଶ୍ୱର, କୋରାପୁଟ, ସମ୍ବଲପୁର ଓ ସୁନ୍ଦରଗଡ଼କୁ ବାଦ୍ ଦେଲେ ଅନ୍ୟ ଜିଲାଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ନାମଲେଖା ହାର ୧୦% ତଳେ ରହିଛି।

# ୧୦ ବର୍ଷରେ ୩ ରାଗିଂ ଘଟଣା

ଗତ ୧୦ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ କଲେଜରେ ମାତ୍ର ୩ଟି ରାଗିଂ ଘଟଣା ନଜରକୁ ଆସିଛି। ଏହି ୩ଟି ଘଟଣାରେ ଜଣେ ଛାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଦୁଇଟି ଘଟଣା ଆପୋସ ଆଲୋଚନା ମଧ୍ୟରେ ସମାଧାନ ହୋଇଛି। ଭାଜପା ସଭ୍ୟ ଭାସ୍କର ମଢ଼େଇଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୧୦ ବର୍ଷ ମଧ୍ୟରେ ଘଟିଥିବା ୩ଟି ରାଗିଂ ଘଟଣା ମଧ୍ୟରୁ ଖୋର୍ଦ୍ଧା ଜିଲାର ବିଜେବି କଲେଜ, ପୁରୀର ଏସ୍‌ସିଏସ୍ କଲେଜ ଓ କଟକର ଶୈଳବାଳା ମହିଳା ମହାବିଦ୍ୟାଳୟରେ ହୋଇଛି। ରାଗିଂ ନିରାକରଣ ପାଇଁ ସରକାର ପ୍ରତି କଲେଜରେ ଆଣ୍ଟି ରାଗିଂ କମିଟି ଗଠନ କରିଛନ୍ତି। ଏହାଦ୍ୱାରା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ରାଗିଂର ପ୍ରତିହତ ପାଇଁ ନାମଲେଖା ସମୟରେ ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକଙ୍କଠାରୁ ରାଗିଂ ସମ୍ବନ୍ଧୀୟ ସତ୍ୟପାଠ ନିଆଯାଉଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ଶ୍ରୀଲଙ୍କାରେ ୱିକ୍ରମସିଂଘେ ସରକାର

## ଆଜି ରାଷ୍ଟ୍ରପତି ଭାବେ ଶପଥ ନେବେ

**କଲମ୍ବୋ,୨୦।୭**

ଶ୍ରୀଲଙ୍କା ପାର୍ଲାମେଣ୍ଟରେ ରାନିଲ ୱିକ୍ରମସିଂଘେ ବୁଧବାର ଦେଶର ନୂଆ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ୨୨୫ ସଦସ୍ୟତା ବିଶିଷ୍ଟ ସଂସଦର ୧୩୪ ଏମ୍‌ପି ରାନିଲଙ୍କ ସପକ୍ଷରେ ଭୋଟ ଦେଇଥିବାବେଳେ ଶାସକ ଶ୍ରୀଲଙ୍କା ପୋଦୁଜନ ପେରାମୁନା (ଏସ୍‌ଏଲ୍‌ପିପି)ର ବିଦ୍ରୋହୀ ପ୍ରାର୍ଥୀ ଦୁଲ୍ଲାସ ଆଲାହପ୍ପେରୁମାଙ୍କୁ ୮୨ ଭୋଟ ମିଳିଛି। ବାମପନ୍ଥୀ ଜନତା ବିମୁକ୍ତି ପେରାମୁନା (ଜେଭିପି) ନେତା ଅନୁରା କୁମାରା ଦିସାନାୟକେଙ୍କୁ ମାତ୍ର ୩ ଖଣ୍ଡ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ୬ ଥର ପ୍ରଧାନମନ୍ତ୍ରୀ ହୋଇଥିବା ବର୍ତ୍ତମାନର କାମଚଳା ରାଷ୍ଟ୍ରପତି ରାନିଲ ଗୁରୁବାର ନୂଆ ରାଷ୍ଟ୍ରପତି ଭାବେ ଶପଥ ନେବେ। ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ୭୩ ବର୍ଷୀୟ ରାନିଲ ୱିକ୍ରମସିଂଘେ ଗଣତାନ୍ତ୍ରିକ ପରମ୍ପରାକୁ ବଜାୟ ରଖିଥିବାରୁ ପାର୍ଲାମେଣ୍ଟକୁ ଧନ୍ୟବାଦ ଦେଇଥିଲେ। ଏଥିସହ ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଉଭୟ ପ୍ରାର୍ଥୀଙ୍କ ସମେତ ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେ ଏବଂ ମୈତ୍ରିପାଳ ସିରିସେନାଙ୍କ ସହଯୋଗ ଲୋଡ଼ିଥିଲେ। ସେହିପରି ତାମିଲ ନେତାମାନଙ୍କୁ ମଧ୍ୟ ୱିକ୍ରମସିଂଘେ ତାଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ।



> ମୁଁ ପାର୍ଲାମେଣ୍ଟରେ ୪୫ ବର୍ଷ କାର୍ଯ୍ୟ କରିଛି। ଏହି ପାର୍ଲାମେଣ୍ଟ ହେଉଛି ମୋ ଜୀବନ। ମୋତେ ରାଷ୍ଟ୍ରପତି ନିର୍ବାଚିତ କରି ସମ୍ମାନ ଦେଇଥିବାରୁ ସଂସଦକୁ ଧନ୍ୟବାଦ ଜଣାଉଛି। ସମସ୍ୟାରେ ଛନ୍ଦି ନ ହୋଇ ଆମକୁ ଆଗକୁ ବଢ଼ିବାକୁ ପଡ଼ିବ।
>
> **–ରାନିଲ ୱିକ୍ରମସିଂଘେ, ଶ୍ରୀଲଙ୍କାର ନବନିର୍ବାଚିତ ରାଷ୍ଟ୍ରପତି**

ଏହି ଅବସରରେ ୱିକ୍ରମସିଂଘେ କହିଥିଲେ, ବର୍ତ୍ତମାନ ସାରା ବିଶ୍ୱରେ ଅନେକ ସମସ୍ୟା ଦେଖାଦେଇଛି। ଶ୍ରୀଲଙ୍କା ସେଥିରୁ ବାଦ୍ ପଡ଼ିନାହିଁ। ଦେଶର ଅର୍ଥନୀତିକୁ ବଦଳାଇବା ପାଇଁ ଯୁବପିଢ଼ି ଦାବି କରୁଛନ୍ତି। ସମସ୍ୟାରେ ଛନ୍ଦି ନ ହୋଇ ଆମକୁ ଆଗକୁ ବଢ଼ିବାକୁ ପଡ଼ିବ ବୋଲି କହିଥିଲେ। ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ପାଇଁ ଦେଶବାସୀ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କୁ ଦାୟୀ କରି ଆନ୍ଦୋଳନ କରିବା ପରେ ସେ ସିଙ୍ଗାପୁର ପଳାୟନ କରି ସେଠାରୁ ନିଜ ଇସ୍ତଫାପତ୍ର ପଠାଇଥିଲେ। ତାଙ୍କ ଉତ୍ତରାଧିକାରୀ ଭାବେ ୱିକ୍ରମସିଂଘେଙ୍କ କାର୍ଯ୍ୟକାଳ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ରହିବ। ପୂର୍ବରୁ କୌଣସି ରାଷ୍ଟ୍ରପତି ପାର୍ଲାମେଣ୍ଟରେ ଶପଥ ନେଇ ନ ଥିଲେ ହେଁ ୱିକ୍ରମସିଂଘେ ସଂସଦରେ ଶପଥ ନେବା ପାଇଁ ଅନୁମତି ଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ।

# ସ୍କୁଲ ପିଲାଙ୍କୁ ଶ୍ରମିକ ସଜାଇଲେ

**ଅହମ୍ମଦାବାଦ, ୨୦।୭**

**୪ ଜଣଙ୍କ ନାଁରେ ଏମ୍‌ଜିଏନ୍‌ଆର୍‌ଇଜିଏ ଜବ୍‌କାର୍ଡ**




ଭାଜପା ଶାସିତ ରାଜ୍ୟଗୁଡ଼ିକରେ ବିଭିନ୍ନ ଯୋଜନାକୁ ନେଇ ବିବାଦ ଲାଗି ରହିଥିବାବେଳେ ଗୁଜରାଟରୁ ଚକିତ କଲାଭଳି ଏକ ଖବର ଆସିଛି। ଛୋଟା ଉଦେପୁର ଜିଲାର ଏକ ଗାଁରେ ୪ ଜଣ ସ୍କୁଲ ପିଲାଙ୍କ ନାଁରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) ଅଧୀନରେ ଜବ୍‌କାର୍ଡ ଜାରି କରାଯାଇଛି। ଏପରି କି ସେମାନଙ୍କ ନାମରେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ପାଇଁ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଖୋଲାଯାଇଛି। ଜିଲା ପ୍ରଶାସନ ଏ ସମ୍ପର୍କରେ ଜାଣିବା ପରେ ଡିଷ୍ଟ୍ରିକ୍ଟ ଡେଭେଲପମେଣ୍ଟ ଅଫିସର ଗଙ୍ଗା ସିଂ ଗ୍ରାମ ରୋଜଗାର ସେବକ ଲାଲ୍‌ଜୀ ଡୁଙ୍ଗରଭିଲ୍‌ଙ୍କୁ ନିଲମ୍ବିତ ଏବଂ ସରପଞ୍ଚଙ୍କୁ ନୋଟିସ କରିଛନ୍ତି। ଲାଲ୍‌ଜୀ ୪ ସ୍କୁଲ ପିଲାଙ୍କ ନାଁରେ ଜବ୍‌କାର୍ଡ ଇସ୍ୟୁ କରିଥିଲେ। ବିଭାଗ ପକ୍ଷରୁ ତଦନ୍ତ ପରେ ତାଙ୍କୁ ଚାକିରିରୁ ବାହାର କରାଯାଇଛି। ସରପଞ୍ଚଙ୍କ ସ୍ପଷ୍ଟୀକରଣ ସନ୍ତୋଷଜନକ ନ ହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କୁକର୍ଦା ସରପଞ୍ଚ ଗୌନାବେନ ଡୁଙ୍ଗରଭିଲଙ୍କ ସ୍ୱାମୀ ଅମ୍ବାଲାଲ କହିଛନ୍ତି, ତାଙ୍କ ସ୍ତ୍ରୀ ନିରକ୍ଷର ହୋଇଥିବାରୁ ଲାଲ୍‌ଜୀ ପ୍ରସ୍ତୁତ କରିଥିବା ନିଯୋଜନ ତାଲିକାରେ ସ୍ୱାକ୍ଷର କରିଦେଇଥିଲେ। ସ୍ତ୍ରୀ ଦାବି କରିବା ସତ୍ତ୍ୱେ ଲାଲ୍‌ଜୀ ତାଙ୍କୁ ଜବ୍‌କାର୍ଡ ସହ ହିତାଧିକାରୀଙ୍କ ଫଟୋ ଦେଖାଇବାକୁ ମନା କରିଥିଲେ। ଜବ୍‌କାର୍ଡରେ ସ୍ୱାକ୍ଷର କରି ସେ କିଛି ଭୁଲ୍ କରିନାହାନ୍ତି।

# ୨୩ ଘଣ୍ଟାରେ ଆମେରିକାରୁ ଚେନ୍ନାଇ

**ଚେନ୍ନାଇ,୨୦।୭**

ଏୟାର ଆମ୍ବୁଲାନ୍ସ ଜରିଆରେ ଆମେରିକାରୁ ଜଣେ ଗୁରୁତର ରୋଗୀଙ୍କୁ ଚେନ୍ନାଇ ଅଣାଯାଇଛି। ଭାରତରେ ଆସି ପହଞ୍ଚିବାକୁ ତାଙ୍କୁ ମାତ୍ର ୨୩ ଘଣ୍ଟା ସମୟ ଲାଗିଛି। ମହିଳାଙ୍କୁ ଆମେରିକାର ପୋର୍ଟଲାଣ୍ଡରୁ ଚେନ୍ନାଇ ଆଣିବା ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଚେନ୍ନାଇ ଆପୋଲୋ ହସ୍ପିଟାଲର କାର୍ଡିଓଲୋଜିଷ୍ଟ ଡା. ସାଇ ସତୀଶ ଏବଂ ତାଙ୍କ ଟିମ୍ ମହିଳାଙ୍କ ଚିକିତ୍ସା କରୁଛନ୍ତି। ଆମେରିକାରେ ଥିବା ସମୟରେ ମହିଳାଙ୍କୁ ହୃଦ୍‌ଘାତ ହୋଇଥିଲା। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ରେନାଲ ଫେଲୁଅର ହେବାପରେ ତାଙ୍କର ଡାଏଲେସିସ୍ କରାଯାଇଥିଲା। ମହିଳାଙ୍କ ଅବସ୍ଥା ଗୁରୁତର ହେଉଥିବା ଦେଖି ଆମେରିକାର ଡା. ଶାଲିନି ନାଲୱାଦଙ୍କ ଇଣ୍ଟରନ୍ୟାଶନାଲ କ୍ରିଟିକାଲ-କେୟାର ଏୟାର ଟ୍ରାନ୍ସଫର୍ ଟିମ୍ (ଆଇସିଏଟିଟି) ସହ ଯୋଗାଯୋଗ କରିଥିଲେ। ସ୍ଥାନାନ୍ତରଣ ପାଇଁ ଆଇସିଏଟିଟି ଟିମ୍ ଚେନ୍ନାଇ ଆପୋଲୋର ଡା. ସାଇ ସତୀଶଙ୍କ ସହ ଯୋଗାଯୋଗ କରିଥିଲା। ଡାକ୍ତରୀ ଟିମ୍‌ର ପରାମର୍ଶ ପରେ ସୋମବାର ଦିନ ସ୍ଥାନୀୟ ସମୟ ସାଢ଼େ ଦୁଇଟାବେଳେ ଏୟାର ଆମ୍ବୁଲାନ୍ସଟି ପୋର୍ଟଲାଣ୍ଡରୁ ବାହାରିଥିବାବେଳେ ମଙ୍ଗଳବାର ରାତି ସାଢ଼େ ୨ଟାରେ ଏହା ଚେନ୍ନାଇରେ ପହଞ୍ଚିଥିଲା।

# ଇସ୍ତଫା ଦେଲେ ୟୁପି ମନ୍ତ୍ରୀ

**ଲକ୍ଷ୍ନୌ, ୨୦।୭**

ସ୍ତ ମାସ ତଳେ ପୁନଃକ୍ଷମତାସୀନ ହୋଇଥିବା ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାରରେ ସବୁକିଛି ଠିକ୍ ଚାଲୁନାହିଁ। ଜଣେ ମନ୍ତ୍ରୀ ଇସ୍ତଫା ଦେଇଥିବାବେଳେ ଆଉ ଜଣେ ମନ୍ତ୍ରୀ ଭାଜପା ହାଇକମାଣ୍ଡଙ୍କ ନିକଟରେ ଫେରାଦ ହେବା ପାଇଁ ଦିଲ୍ଲୀରେ ଡେରା ପକାଇଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ପାଇଁ କେନ୍ଦ୍ରର ମୋଦି ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଥିବାବେଳେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ୟୁପିରେ ଏଭଳି ଖୋଲାଖୋଲି ଅସନ୍ତୋଷ ଗୈରିକ ଦଳ ପାଇଁ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି କରିଛି। ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଦିନେଶ ଖଟିକ୍ ଗୁରୁବାର ଯୋଗୀ କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନିକଟକୁ ପଠାଇଥିବା ନିଜ ଇସ୍ତଫା ପତ୍ରରେ ଦିନେଶ କହିଛନ୍ତି, ସେ ଜଣେ ଦଳିତ ବୋଲି ତାଙ୍କୁ କ୍ୟାବିନେଟରେ କେହି ଗୁରୁତ୍ୱ ଦେଉନାହାନ୍ତି। ମନ୍ତ୍ରୀ ଭାବେ ତାଙ୍କର କୌଣସି କର୍ତ୍ତୃତ୍ୱ ନାହିଁ। ଦଳିତ ବୋଲି କୌଣସି ମିଟିଂକୁ ତାଙ୍କୁ ଡକାଯାଉନାହିଁ। ଏହାକୁ ଦଳିତ ସମୁଦାୟ ପ୍ରତି ଏକ ଅପମାନ ମନେ କରି ସେ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ଭାଜପା ନେତୃବୃନ୍ଦ ତାଙ୍କୁ ମନାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଅନ୍ୟପକ୍ଷେ ନିର୍ବାଚନ ପୂର୍ବରୁ ବ୍ରାହ୍ମଣ ଭୋଟ ବ୍ୟାଙ୍କୁ ଅକ୍ଷୁଣ୍ଣ ରଖିବା ପାଇଁ ଭାଜପା କଂଗ୍ରେସରୁ ଯେଉଁ ଜିତିନ ପ୍ରସାଦଙ୍କୁ ଆଣିଥିଲା ଏବେ ତାଙ୍କ ପକ୍ଷଛେଦନ କରିଛି। ପୂର୍ବ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଜିତିନ ମନ୍ତ୍ରୀ ହେବା ପରେ ତାଙ୍କ ବିରୋଧରେ ବଡ଼ ଦୁର୍ନୀତି ଅଭିଯୋଗ ଆସିଥିଲା। ବଦଳି ପାଇଁ ବିଭାଗୀୟ ଅମଲାତନ୍ତ୍ରୀମାନେ ମୋଟା ଅଙ୍କର ଲାଞ୍ଚ ନେଉଥିବା ଯୋଗୀଙ୍କ ନିକଟରେ ଅଭିଯୋଗ ପହଞ୍ଚିଥିଲା। ଯୋଗୀ ଜିତିନଙ୍କ ଓଏସ୍‌ଡି ଅନିଲ କୁମାର(ଆଇଏଏସ୍ ଅଧିକାରୀ)ଙ୍କୁ ହଟାଇବା ସହ ଆଉ କେତେଜଣ ଅଫିସରଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜିତିନ ପ୍ରସାଦ ଏଥିରେ କ୍ଷୁବ୍ଧ ହୋଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବା ପାଇଁ ଦିଲ୍ଲୀ ଯାଇଛନ୍ତି। ଆଗକୁ ଏହି କନ୍ଦଳ ଦଳ ପାଇଁ କାଳ ହେବ ବୋଲି କୁହାଯାଉଛି।

**ଦଳିତ ବୋଲି ଅଣଦେଖା, କଥା ଶୁଣୁନାହାନ୍ତି ଅଧିକାରୀ: ଖଟିକ୍**



# ଜିଲ୍ ବାଇଡେନ୍‌ଙ୍କୁ ଭେଟିଲେ ଜେଲେନ୍‌ସ୍କିଙ୍କ ସ୍ତ୍ରୀ



**ୱାଶିଂଟନ୍, ୨୦।୭**

ୟୁକ୍ରେନ୍‌ର ପ୍ରଥମ ମହିଳା ତଥା ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସ୍ତ୍ରୀ ଓଲେନା ଜେଲେନ୍‌ସ୍କା ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ତାଙ୍କ ସ୍ତ୍ରୀ ଜିଲ୍ ବାଇଡେନ୍‌ଙ୍କୁ ଭେଟିଛନ୍ତି। ଏଥିସହ ଜିଲ୍ ବାଇଡେନ୍‌ଙ୍କ ସହ ଜେଲେନ୍‌ସ୍କା ବ୍ୟକ୍ତିଗତ ଭାବେ ଏକ ବୈଠକ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ବାଇଡେନ୍ ଏବଂ ଜିଲ୍ ବାଇଡେନ୍ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ରୁଷିଆ ଆକ୍ରମଣରୁ ଆତ୍ମରକ୍ଷା ପାଇଁ ମସ୍କୋ ସୈନ୍ୟଙ୍କ ସହ ଲଢ଼ିବା ନିମନ୍ତେ ୟୁକ୍ରେନ୍‌କୁ ଆମେରିକା ଅଧିକ ସହାୟତା ପ୍ରଦାନ ଉପରେ ଉଭୟ ରାଷ୍ଟ୍ରର ପ୍ରଥମ ମହିଳା ଆଲୋଚନା କରିଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଏଥିସହ ସେ ଆମେରିକା କଂଗ୍ରେସରେ ଉଦ୍‌ବୋଧନ ଦେଇ ୟୁକ୍ରେନ୍ ପାଇଁ ସହାୟତା ମାଗିଛନ୍ତି।

# ୯.୭୯ ଲକ୍ଷ କେନ୍ଦ୍ରୀୟ ପଦବୀ ଖାଲିପଡ଼ିଛି

**ନୂଆଦିଲ୍ଲୀ, ୨୦।୭**

କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଗତବର୍ଷ ମାର୍ଚ୍ଚ ସୁଦ୍ଧା ୪୦.୩୫ ଲକ୍ଷ ପଦବୀ ମଧ୍ୟରୁ ୯.୭୯ ଲକ୍ଷ ପୋଷ୍ଟ ଖାଲି ପଡ଼ିଥିବା କାର୍ମିକ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ବୁଧବାର ଲୋକ ସଭାରେ ସୂଚନା ଦେଇଛନ୍ତି। ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ ଗୁଡ଼ିକରେ ୪୦,୩୫,୨୦୩ ପଦବୀ ପୂରଣ ନିମନ୍ତେ ସ୍ୱୀକୃତି ମିଳିଥିଲା ବୋଲି ସେ କହିଛନ୍ତି। ସେଥିମଧ୍ୟରୁ ୩୦,୫୫,୮୭୬ ପୋଷ୍ଟ ପୂରଣ ହୋଇଛି। ପଦବୀ ସୃଷ୍ଟି କରିବା ଏବଂ ସେଗୁଡ଼ିକୁ ପୂରଣ କରିବା ଦାୟିତ୍ୱ ସମ୍ପୃକ୍ତ ମନ୍ତ୍ରଣାଳୟ ଓ ବିଭାଗର। ଏହା ଏକ ନିରନ୍ତର ପ୍ରକ୍ରିୟା। ତେଣୁ ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗ ଆକ୍ସନ ମୋଡରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପଦବୀଗୁଡ଼ିକ ପୂରଣ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ଟୋଲ୍ ବୁଥ୍‌ରେ ପିଟିହେଲା ଆମ୍ବୁଲାନ୍ସ : ୩ ମୃତ

**ବେଙ୍ଗାଲୁରୁ,୨୦।୭**

କର୍ଣ୍ଣାଟକ ଶିରୁରରେ ଟୋଲ୍ ବୁଥ୍‌ରେ ଆମ୍ବୁଲାନ୍ସ ପିଟି ହେବା ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଆମ୍ବୁଲାନ୍ସ ଆସୁଥିବାର ଦେଖି ଟୋଲବୁଥ୍‌ର ଜଣେ କର୍ମଚାରୀ ପ୍ଲାଷ୍ଟିକ୍ ବ୍ୟାରିକେଡ୍ ହଟାଇଥିଲେ। ଠିକ୍ ସେହି ସମୟରେ ଦ୍ରୁତ ଗତିରେ ଆସୁଥିବା ଆମ୍ବୁଲାନ୍ସର ଚକା ଓଦା ସଡ଼କରେ ନିୟନ୍ତ୍ରଣ ହରାଇ ଖସୁଡ଼ିବା ଫଳରେ ଗାଡ଼ି ଓଲଟିପଡ଼ିଥିଲା। ଆମ୍ବୁଲାନ୍ସଟି ଟୋଲ ବୁଥ୍‌ରେ ଯାଇ ପିଟି ହୋଇଥିଲା, ଯାହା ଫଳରେ ସେଠାରେ ଉପସ୍ଥିତ ୩ ଜଣଙ୍କ ମୃତ୍ୟୁ ହୋଇଯାଇଛି। ଘଟଣାଟି ସମ୍ପୂର୍ଣ୍ଣ ଭାବେ ସେଠାରେ ଥିବା ସିସିଟିଭି ଫୁଟେଜ୍‌ରେ କଏଦ ରହିଛି। ଆମ୍ବୁଲାନ୍ସଟି ହୋନ୍ନାଭାରାରୁ କୁନ୍ଦାପୁର ଅଭିମୁଖେ ଯାଉଥିଲା।

# ତ୍ରିପୁରା ମୁଖ୍ୟମନ୍ତ୍ରୀଙ୍କୁ କରୋନା

**ଅଗରତାଳା,୨୦।୭:** ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହା କୋଭିଡ୍‌ରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତି ବିଶେଷ ତୁରନ୍ତ କରୋନା ଟେଷ୍ଟ କରିନେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ମାନିକଙ୍କଠାରେ କରୋନାର କୌଣସି ଲକ୍ଷଣ ଦେଖାଯାଉ ନ ଥିବାବେଳେ ସେ ବର୍ତ୍ତମାନ ସୁସ୍ଥ ଥିବା କହିଛନ୍ତି।




POLICE COMMISSIONERATE
BHUBANESWAR-CUTTACK
ODISHA SPECIAL ARMED POLICE
7TH BATTALION, BHUBANESWAR

ପ୍ରାପ୍ତେଷୁ,

**ଶ୍ରୀ ଦୀପକ କୁମାର ରଞ୍ଜନ**, ସିପାହୀ ନଂ. ୭୬୯
ପିତା: ରବୀନ୍ଦ୍ର ନାଥ ସେଠୀ,
ଗ୍ରାମ: ନନ୍ଦବର, ପୋ.ଅ.: କରାବର
ଥାନା: ଫତେଗଡ଼, ଜିଲ୍ଲା: ନୟାଗଡ଼

No. D-111: ଆପଣ ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱରରୁ ତା୦୨।୦୫।୨୦୨୨ରିଖ ପୂର୍ବାହ୍ଣଠାରୁ ତା୧୨।୦୬।୨୦୨୨ରିଖ ଅପରାହ୍ଣ ପର୍ଯ୍ୟନ୍ତ ଅର୍ଜିତ ଛୁଟିରେ ଥିଲେ। ଆପଣଙ୍କୁ ନିଜ କାର୍ଯ୍ୟରେ ତା୧୩।୦୬।୨୦୨୨ରିଖ ପୂର୍ବାହ୍ଣରେ ଯୋଗ ଦେବାର ଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ବାଟାଲିଅନରେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ଆପଣଙ୍କ ପାଖକୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୯୫୯/ଆର୍.ଓ., ତା୨୦।୦୬।୨୦୨୨, ୯୬୦/ଆର୍.ଓ., ତା୨୦।୦୬।୨୦୨୨ ଏବଂ ୯୬୧/ଆର୍.ଓ., ତା୨୦।୦୬।୨୦୨୨ ମାଧ୍ୟମରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଏହା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି କି ଅନୁପସ୍ଥିତ ବିଷୟରେ କାର୍ଯ୍ୟାଳୟକୁ ଅବଗତ କରୁନାହାନ୍ତି।

ଏଣୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଆରକ୍ଷୀ ଉପ–ଆୟୁକ୍ତ (ସଶସ୍ତ୍ର), (ଭାରପ୍ରାପ୍ତ)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର
OIPR-12121/11/0010/2223



POLICE COMMISSIONERATE
BHUBANESWAR-CUTTACK
ODISHA SPECIAL ARMED POLICE
7TH BATTALION, BHUBANESWAR

ପ୍ରାପ୍ତେଷୁ,

**ଶ୍ରୀ ଭୀମସେନ ନାୟକ**, ସିପାହୀ ନଂ. ୮୬୧
ପିତା: ଜଗନ୍ନାଥ ନାୟକ,
ଗ୍ରାମ: ନନ୍ଦଳା, ପୋ.ଅ.: ରାମଲେଙ୍କା
ଥାନା: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ

No. D-112: ଏତଦ୍ଦ୍ୱରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣ ତା୨୭।୦୫।୨୦୨୨ରିଖ ପୂର୍ବାହ୍ଣଠାରୁ ତା୦୧।୦୬।୨୦୨୨ରିଖ ଅପରାହ୍ଣ ପର୍ଯ୍ୟନ୍ତ ୦୬ଦିନ ପାଇଁ ସାମୟିକ ଛୁଟିରେ ଥିଲେ। ଆପଣଙ୍କୁ ତା୦୨।୦୬।୨୦୨୨ରିଖ ପୂର୍ବାହ୍ଣରେ କର୍ତ୍ତବ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ କିଛି ନ ଜଣାଇ ଅନୁପସ୍ଥିତ ଅଛନ୍ତି। କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ଆପଣଙ୍କ ପାଖକୁ କାର୍ଯ୍ୟାଳୟ ପତ୍ରସଂଖ୍ୟା ୮୯୩/ଆର୍.ଓ., ତା୦୨।୦୬।୨୦୨୨, ୮୯୪/ଆର୍.ଓ., ତା୦୨।୦୬।୨୦୨୨ ଏବଂ ୮୯୫/ଆର୍.ଓ., ତା୦୨।୦୬।୨୦୨୨ ମାଧ୍ୟମରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଏହା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି କି ଅନୁପସ୍ଥିତ ବିଷୟରେ କାର୍ଯ୍ୟାଳୟକୁ ଅବଗତ କରୁନାହାନ୍ତି।

ଏଣୁ ଆପଣଙ୍କୁ ଏହି ବିଜ୍ଞାପନ ଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଆପଣ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ଲିଖିତ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ୍ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଆରକ୍ଷୀ ଉପ–ଆୟୁକ୍ତ (ସଶସ୍ତ୍ର), (ଭାରପ୍ରାପ୍ତ)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର
OIPR-12121/11/0009/2223



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA-JAJPUR
AT/PO- Nayabazar, Cuttack -753004, Tel No. 0671-2444488, Email-serw_kpd@yahoo.com
No. Tender Online RCK-20/22 Letter No.1728 Date:19.07.2022

E-Procurement NOTICE

**No.O-692:The Chief Construction Engineer, R. W. Circle, Kendrapara-Jajpur on behalf of Odisha State Rural Road Agency invites the percentage rate** bids in electronic tendering system for construction of roads under Pradhan Mantri Gram Sadak Yojana in the districts of **Jajpur for 4 (Four)** numbers of packages with estimated cost totaling to **Rs.1592.47** lakh (Approximately) including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-procurement: dtd 25.07.2022**

**Availability of Bid Documents and mode of submission:** The bid document is available online and should be submitted online in www.pmgsytenders.gov.in The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security declaration and(c) original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **Chief Construction Engineer, R W. Circle, Kendrapara-Jajpur** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Summary for key dates is provided below;**

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara- Jajpur | Tender RCK-20/22 | 25.07.2022 at 11.00 A.M. | 16.08.2022 to 5.00 P.M. | 12.08.2022 upto 5.00 P.M. | 17.08.2022 at 11.00 A.M. | Will be intimated later |

**Date of Submission of original documents such as Bid Security Declaration, Cost of Bid document and Affidavit: Dt** 17.08.2022 **at 11.30 A.M. to** 20.08.2022 **at 5.30 P.M.**
Further details can be seen from the website **www.pmgsytenders.gov.in**
**Sd./- Chief Construction Engineer, Rural Works Circle, Kendrapara- Jajpur**
**OIPR-25129/11/0020/2223**



ZILLA SWASTHYA SAMITI, SUNDARGARH
DISTRICT PROGRAMME MANAGEMENT UNIT, NHM
O/o- CDM & PHO, SUNDARGARH, DIST- SUNDARGARH
No. 3106 ADVERTISEMENT Date:19/07/2022

**No.E-336:**Applications are invited from eligible candidate for filling up of the following contractual positions under ZillaSwasthyaSamiti, Sundargarh.All the positions are purely temporary in nature, subject to renewal and co-terminus with the scheme as per the terms&conditions of OSH & FW Society. Lower age limit for all the positions is 21 Years as on 01.07.2022.

| Sl. No. | Name of the post | Vacancy | Remuneration& Performance Incentive (P.I) | Remarks |
|---|---|---|---|---|
| 1 | District Programme Coordinator (DPC) ,NTEP | 1 No. | Rs.30,018 + Performance Incentive | Applications are invited through Regd. Post / Speed Post only on or before 05/08/2022 up to 5.00 pm |
| 2 | Senior Treatment Supervisor ( STS), NTEP | 2 Nos. | Rs.21,174 + Performance Incentive | |

The interested eligible candidates for the above said posts are required to submit application in the prescribed format along with copy of self-attested photocopies of required testimonials to the **Office of the CDM& PHO, Sundargarh, District Headquarter Hospital, Sundargarh, Pin Code -770001 on or before dtd. 05/08/2022 up to 05.00 P.M through registered post/speed post only and the application must be superscribed with the name of the post applied for.** The details eligibility criteria, remuneration & application form can be downloaded from the official website of Sundargarh District i.e. **www.sundergarh.nic.in** Incomplete application in any form and application received after the due date will summarily be rejected. The undersigned reserves the right to cancel any or all the applications without assigning any reason thereof. The vacancy as mentioned may vary during the time of actual engagement.
**Sd/- Chief District Medical & PHO cum District Mission Director, NHM, Sundargarh**



ZILLA SWASTHYA SAMITI, SUNDARGARH
DISTRICT PROGRAMME MANAGEMENT UNIT, NHM
O/o- CDM & PHO, SUNDARGARH, DIST- SUNDARGARH
No. 3107 IN-HOUSE ADVERTISEMENT Date:19/07/2022

Applications are invited from the contractual employees currently working under NHM in the same position of OSH & FW society in other district, desiring to be posted in Sundargarh District against the vacant position mentioned below.

| Sl. No. | Name of the positions | No. of Vacancy | Remarks |
|---|---|---|---|
| 1 | RMNCH/FP Counsellor | 1 No. | Dt.29.07.2022, Regd.Time 11.00 A.M. to 1.00 P.M. |

Interested In-house candidates of NHM may login www.sundergarh.nic.in for details terms and conditions & application form etc. The eligible candidates may attend at office of the Chief District Medical & Public Health Officer, Sundargarh on dt- 29/07/2022 from 11.00 A.M to 01.00 P.M along with the required documents and application form. No candidates shall be allowed beyond the schedule time. The undersigned reserves the right to cancel / reject any or all the applications without assigning any reason thereof.
**Sd/- Chief District Medical & PHO cum DMD, Sundargarh**
**OIPR-10100/11/0016/2223**



GOVT. OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MAHANADI NORTH DIVISION-I, JAGATPUR, CUTTACK
E-mail ID:- exengr.mnd@gmail.com
'e' Procurement Notice No- MND-04/2022-23

**No.A-412:**The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal www.tendersorissa.gov.in. The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020.**

1. Nature of Work : Road works in Canals & River Embankments
2. Total No. of Works : 10 (Ten) works
3. Bid Identification No : MND-04/2022-23
4. Tender Cost : Between Rs. 9.00 Lakhs to Rs. 75.00 Lakhs •
5. EMD : **Bid Security declaration to be furnished in the format given in Annexure-B of Section-6 of Technical Bid document**
6. Period of completion : Two Months
7. Other Details : As noted below

a) Procurement Officer : Superintending Engineer, Mahanadi North Division-1,Jagatpur email: exengr.mnd@gmail.com Ph:- 0671-2491546
b) Availability of Tender On-line for bidding : 10.00 Hours of 21.07.2022 to17.00 Hours of 30.07.2022
c) Last date & time of submission of bid document : 17.00 Hours of 30.07.2022
d) Date, time & place of Opening of Bid : 01.08.2022 at 11.30 Hours in the O/o the Superintending Engineer, Mahanadi North Division-I, Jagatpur
e) Date of Lottery (if required): 06.08.2022 at 11.30 Hours

Further details can be seen from the Govt. website **"https://tendersodisha.gov.in"**

**Sd./- Superintending Engineer,**
**Mahanadi North Division-I, Jagatpur**
**OIPR-32003/11/0006/2223**

ଧରିତ୍ରୀ
DHARITRI
Bhubaneswar, Thursday, July 21, 2022

**ସେନ୍‌ସେକ୍ସରେ ୬୩୦ ପଏଣ୍ଟ ବୃଦ୍ଧି**

**ନୂଆଦିଲ୍ଲୀ:** ଗତ କିଛିଦିନର ବଜାର ଅସ୍ଥିରତା ପରେ ଚଳିତ ସପ୍ତାହରେ ଷ୍ଟକ୍ ବଜାରର କାରବାର ପୂର୍ବ ସପ୍ତାହ ତୁଳନାରେ ଭଲ ରହିଛି। ଏପରିକି ଅନ୍ତଃରାଷ୍ଟ୍ରୀୟ ସମସ୍ୟା, ଜିଏସ୍‌ଟି ହାର ବୃଦ୍ଧି ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଭଳି ଘଟଣା ସତ୍ତ୍ୱେ ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଫଳରେ ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ୧%ରୁ ଊର୍ଦ୍ଧ୍ୱ କାରବାର ବୃଦ୍ଧି ଘଟିଛି। ବୁଧବାର ସେନ୍‌ସେକ୍ସ ୬୨୯.୯୧ ପଏଣ୍ଟ (୧.୧୫%) ବୃଦ୍ଧି ଘଟି ୫୫,୩୯୭.୫୩ ଅଙ୍କରେ ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ୧୮୦.୩୦ପଏଣ୍ଟ (୧.୧%) ବଢ଼ି ୧୬,୫୨୦.୮୫ ଅଙ୍କରେ କାରବାର ଶେଷ କରିଥିବା ଜଣାପଡ଼ିଛି।



**ସଂକ୍ଷେପରେ**

## ୪.୭୦ କୋଟି ଟଙ୍କା ଦେଲା ଏସ୍‌ବିଆଇ

**ନୂଆଦିଲ୍ଲୀ,୨୦।୭:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସ୍‌ବିଆଇ) ପକ୍ଷରୁ ଆର୍ମି ସେଣ୍ଟ୍ରାଲ୍ ୱେଲ୍‌ଫେୟାର ଫଣ୍ଡକୁ ୪.୭୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ପାଣ୍ଠି ମୁଖ୍ୟତଃ ମୋହାଲିରେ ଥିବା ଭାରତୀୟ ସେନାର ପାରାପ୍ଲେଜିକ୍ ହୋମ୍‌ର କାର୍ଯ୍ୟକଳାପ ଏବଂ ଦିବ୍ୟାଙ୍ଗ ସେନା କର୍ମଚାରୀ-ଭେଟେରାନ୍‌ଙ୍କ ଅନ୍ୟାନ୍ୟ କଲ୍ୟାଣମୂଳକ କାର୍ଯ୍ୟକଳାପ ପ୍ରତି ସହାୟତା ପ୍ରଦାନ କରିବ। ସେହିଭଳି ବୁଧବାର ନୂଆଦିଲ୍ଲୀରେ ଏସ୍‌ବିଆଇ ଡିଏମ୍‌ଡି ପି.ସି.କାଣ୍ଡପାଳ,ଏସ୍‌ବିଆଇର ସିଜିଏମ୍ ଦେବେନ୍ଦ୍ର କୁମାର ଓ ଭାରତୀୟ ସେନାର ଆଡଜୁଟାଣ୍ଟ ଜେନେରାଲ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ସି.ବି.ପୋପନ୍ନାଙ୍କ ଉପସ୍ଥିତିରେ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ ମନୋଜ ପାଣ୍ଡେଙ୍କୁ ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା ଚେକ୍ ହସ୍ତାନ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦିନେଶ କହିଛନ୍ତି, ସାରା ଦେଶରେ ପ୍ରତିରକ୍ଷା କର୍ମଚାରୀଙ୍କୁ ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା ପ୍ରଦାନ କରିବାରେ ଏହାର ପ୍ରତିବଦ୍ଧତା ପାଇଁ ଏସ୍‌ବିଆଇ ଗର୍ବିତ ମନେକରୁଛି। ଏସ୍‌ବିଆଇରେ ଆମେ ନିରନ୍ତର ନବସୃଜନ ଜାରି ରଖିବାକୁ ଏବଂ ବ୍ୟାଙ୍କିଙ୍ଗ୍ ସମାଧାନ ଆଣିବାକୁ ଲକ୍ଷ୍ୟ ରଖିଛୁ।

## ୟୁନିୟନ ଗିଲ୍‌ଟ ଫଣ୍ଡର ପ୍ରଚଳନ

**ନୂଆଦିଲ୍ଲୀ,୨୦।୭:** ୟୁନିୟନ ଏଏମ୍‌ସି ପକ୍ଷରୁ ୟୁନିୟନ ଗିଲ୍‌ଟ ଫଣ୍ଡର ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏକ ଓପନ ଏଣ୍ଡେଡ ଡେବିଟ ସ୍କିମ୍, ଯାହା ନିଜର ମୋଟ ସମ୍ପତ୍ତିର ସର୍ବନିମ୍ନ ୮୦% ସରକାରୀ ପ୍ରତିଭୂତିରେ ନିବେଶ କରୁଛି। ଗିଲ୍‌ଟ ମ୍ୟୁଚୁଆଲ ଫଣ୍ଡ ସମୂହ ବ୍ୟାଙ୍କ ପ୍ରତିବଦଳରେ ଏକ ଚମତ୍କାର ନିବେଶ ହୋଇପାରିବ। ସେଗୁଡିକ ନିରାପଦ ଏବଂ ବ୍ୟାଙ୍କ ଏଫ୍‌ଡି ତୁଳନାରେ ଯଥେଷ୍ଟ ଅଧିକ ରିଟର୍ନ ଦେଇଥାଏ। ୟୁନିୟନ ଗିଲ୍‌ଟ ଫଣ୍ଡର ନ୍ୟୁ ଫଣ୍ଡ ଅଫର ୨୦୨୨ ଜୁଲାଇ ୧୮ରେ ଉନ୍ମୁକ୍ତ ହୋଇଛି ଏବଂ ୨୦୨୨ ଅଗଷ୍ଟ ୧ରେ ବନ୍ଦ ହେବ।

# ଚିନ୍ତା ବଢ଼ାଉଛି ଟଙ୍କାର ମୂଲ୍ୟ ହ୍ରାସ

ନୂଆଦିଲ୍ଲୀ,୨୦।୭

ଗତ କିଛି ବର୍ଷ ହେବ ବିଭିନ୍ନ ସମସ୍ୟା ଓ ଦରବୃଦ୍ଧିକୁ ନେଇ କେନ୍ଦ୍ର ସରକାର ଚିନ୍ତାରେ ଥିବାବେଳେ ବର୍ତ୍ତମାନ ଲଗାତର ଭାବେ ଟଙ୍କାର ମୂଲ୍ୟ ଦୁର୍ବଳ ହେବା ସରକାରଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଛି। ଏପରିକି ରୁଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଟଙ୍କାର ଅବମୂଲ୍ୟାୟନ ଆରମ୍ଭ ହୋଇଥିଲା। ଫଳରେ କ୍ରମାଗତ ଭାବେ ଟଙ୍କାର ମୂଲ୍ୟ ଦୁର୍ବଳ ହୋଇ ୮୦ ଟଙ୍କା ପାର କରିଛି। ଯଦି ଏହି ଧାରା ଜାରି ରୁହେ ତେବେ ଆଗାମୀ ଦିନ ମଧ୍ୟରେ ଡଲାର ମୂଲ୍ୟ ଆହୁରି ବୃଦ୍ଧି ଘଟିପାରେ ବୋଲି ବଜାର ବିଶେଷଜ୍ଞ ଓ ବରିଷ୍ଠ ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି।

ବୁଧବାର ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ପ୍ରାୟ ୧୩ ପଇସା ହ୍ରାସ ପାଇ ୭୯.୯୯ ଟଙ୍କାରେ ରହିଛି। ଉଲ୍ଲେଖଯୋଗ୍ୟ ଯେ ପ୍ରଥମଥର ପାଇଁ ଏକ ଡଲାର ମୂଲ୍ୟ ୮୦ ଟଙ୍କା ଟପିଯାଇଛି। ମୁଖ୍ୟତଃ ଆନ୍ତଃ ଗ୍ରୀନ୍‌ବ୍ୟାକ ଏବଂ ବ୍ୟାଙ୍କ ମୁଦ୍ରା ବିନିମୟ ବଜାର କାରବାର ସମୟରେ ଡଲାର ମୂଲ୍ୟ ୮୦.୦୫ ଟଙ୍କା ହୋଇଯାଇଥିଲା। ଏଭଳି ପରିସ୍ଥିତିରେ ଟଙ୍କାକୁ ବଞ୍ଚାଇବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ହସ୍ତକ୍ଷେପ ସାଙ୍ଗକୁ ଠିକ ଆବଶ୍ୟକ ପଦକ୍ଷେପ ଯୋଗୁ ସ୍ଥିତିରେ ସୁଧାର ଆସିଥିଲା। ଫଳରେ ମୁଦ୍ରା ବଜାର କାରବାର ଶେଷ ବେଳକୁ ଡଲାର ମୂଲ୍ୟ ୭୯.୯୨ ଟଙ୍କାରେ ବନ୍ଦ ହୋଇଥିଲା। ସେହିଭଳି ଆର୍‌ବିଆଇ ମଧ୍ୟ ଉଭୟ ସ୍ପଟ୍ ଓ ଫର୍‌ୱାର୍ଡ ମାର୍କେଟରେ ହସ୍ତକ୍ଷେପ କରି ଟଙ୍କାର ନିମ୍ନଗତିକୁ ରୋକିବାକୁ ପ୍ରୟାସ କରିଥିଲା। ସମଗ୍ର ବିଶ୍ୱରେ ଆମେରିକୀୟ ଡଲାର ଶକ୍ତିଶାଳୀ ରହିଛି, ତା'ର ପ୍ରଭାବରେ ଭାରତୀୟ ମୁଦ୍ରା, ଡଲାର ତୁଳନାରେ ଦୁର୍ବଳ ରହୁଛି ବୋଲି ଆକଳନ କରାଯାଉଛି। ସେହିପରି ରିଜର୍ଭ ବ୍ୟାଙ୍କ ନିକଟରେ ୨ଦୁଇ ଥର ଏହାର ସୁଧ ହାରରେ ୦.୯% ବୃଦ୍ଧି କରିଛନ୍ତି। ସେହିଭଳି କେନ୍ଦ୍ର ସରକାର ବିଭିନ୍ନ ସାମଗ୍ରୀର ଆମଦାନୀ ଟିକସକୁ ହ୍ରାସ କରିଥିବା ବେଳେ କିଛି ସାମଗ୍ରୀର ରପ୍ତାନି ଟିକସକୁ ମଧ୍ୟ ବଢାଇଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶ ଭିତରେ ଲୋକମାନଙ୍କୁ ବିଭିନ୍ନ ସାମଗ୍ରୀ ଯଥା ସମ୍ଭବ କମ୍ ଦାମରେ ଉପଲବ୍ଧ କରାଇବା। ଅପରପକ୍ଷରେ ଅର୍ଥନୀତିଜ୍ଞଙ୍କ କହିବା ଅନୁସାରେ ଦୁର୍ବଳ ମୁଦ୍ରା ଅର୍ଥନୀତି ପାଇଁ ଘାତକ ସାବ୍ୟସ୍ତ ହୋଇପାରେ। ସେହିପରି ଆମେରିକାର ଫେଡେରାଲ ରିଜର୍ଭ ଯେବେ ଠାରୁ ସୁଧ ବଢ଼ାଇଛି ସେବେଠାରୁ ବିଦେଶୀ ନିବେଶକମାନେ ଅଧିକ ରିଟର୍ନ ପାଇବା ଆଶାରେ ଭାରତ ଭଳି ବିକାଶଶୀଳ ଦେଶରୁ ପାଣ୍ଠି ପ୍ରତ୍ୟାହାର କରି ଡଲାରରେ କାରବାର ହେଉଥିବା ଦେଶ ବିଶେଷକରି ଆମେରିକାରେ ତାହାକୁ ନିବେଶ କରୁଛନ୍ତି ବିଦେଶୀ ମୁଦ୍ରା ଆସିବା କମ୍ ହୋଇଥିବାରୁ ଦେଶର ଗଚ୍ଛିତ ବିଦେଶୀ ମୁଦ୍ରାଭଣ୍ଡାର ଉପରେ ମଧ୍ୟ ଚାପ ସୃଷ୍ଟି ହୋଇଛି।




**ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୦ ଟପିଲା**

## ବିଓଏମ୍‌ର ୧ମ ତ୍ରୈମାସିକ ନେଟ୍ ଲାଭ ୪୫୨ କୋଟି




ଭୁବନେଶ୍ୱର,୨୦।୭

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକ ସୁଦ୍ଧା ୪୫୨ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହକରି ଶତକଡା ୧୧୭.୨୫% ଅଭିବୃଦ୍ଧି ହାର ହାସଲ କରିପାରିଛି। ଏ ସମ୍ପର୍କରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଏ.ଏସ୍. ରାଜୀବ କହିଛନ୍ତି, କର୍ମଚାରୀମାନଙ୍କ ସ୍ଥାନାନ୍ତର ତଥା ପଦୋନ୍ନତି ସତ୍ତ୍ୱେ ବ୍ୟାଙ୍କ ଉତ୍ତମ ପ୍ରଦର୍ଶନ କରିଛି। ବ୍ୟାଙ୍କର ନେଟ୍ ସୁଧ ଆୟ ୨୦% ଅଭିବୃଦ୍ଧି ହାର ହାସଲ କରି ୧,୬୮୬ କୋଟି ଟଙ୍କାରେ ପହଞ୍ଚିପାରିଛି, ଯାହା ପୂର୍ବ ବର୍ଷ ଏହି ସମୟରେ ୧,୪୦୬ କୋଟି ଟଙ୍କା ଥିଲା। ବ୍ୟାଙ୍କର ନେଟ୍ ଇଣ୍ଟରେଷ୍ଟ ମାର୍ଜିନ୍ (ଏନ୍‌ଆଇଏମ୍) ୩.୦୫%ରୁ ୩.୨୮%କୁ ବୃଦ୍ଧି ପାଇଛି। ନେଟ୍ ଏନ୍‌ପିଏ ୨.୨୨% ରୁ ହ୍ରାସ ପାଇ ୦.୮୮% ରେ ପହଞ୍ଚିଛି। ରିପୋର୍ଟିଂ କ୍ୱାର୍ଟରରେ ବ୍ୟାଙ୍କର ରିକଭରି ଓ ଅପ୍‌ଗ୍ରେଡେଶନ ୩୮୮ କୋଟି ଟଙ୍କା ରହିଥିବା ବେଳେ ଏହା ଆର୍ଥିକ ବର୍ଷ ୨୦୨୩ ସୁଦ୍ଧା ୩୦୦୦କୋଟି ଟଙ୍କାରେ ପହଞ୍ଚିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ରାଜୀବ ସୂଚନା ଦେଇଛନ୍ତି। ସେହିଭଳି ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ ୯୦.୭୦%ରୁ ୯୫.୦୪% କୁ ବୃଦ୍ଧି ପାଇଛି। ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର ୧୨.୧୬% ରୁ ୧୬.୧୫% କୁ ବୃଦ୍ଧି ପାଇଛି। ବ୍ୟାଙ୍କର ଅଗ୍ରିମ ଋଣ ହାର ପୂର୍ବ ବର୍ଷ ତୁଳନାରେ ୨୭.୧୦% ଅଭିବୃଦ୍ଧି ହାରରେ ୧,୪୦,୫୬୧ କୋଟି ଟଙ୍କାରେ ପହଞ୍ଚିଛି ଏବଂ ଜମା ହାର ଶତକଡା ୧୨.୩୫% ଅଭିବୃଦ୍ଧି ହାରରେ ୧,୯୫,୯୦୯ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଅଗ୍ରିମ ଋଣରେ ୨୦ରୁ୨୨% ଏବଂ ଜମା କ୍ଷେତ୍ରରେ ୧୨ରୁ୧୪% ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ବ୍ୟାଙ୍କ ପକ୍ଷରୁ ୨୦,୦୦୦ରୁ ୨୨,୦୦୦ କୋଟି ଟଙ୍କାର ଋଣ କର୍ପୋରେଟ୍ କ୍ଷେତ୍ରକୁ ଏବଂ ୬,୦୦୦ରୁ ୭,୦୦୦ କୋଟି ଟଙ୍କାର ଋଣ ଏମ୍‌ଏସ୍‌ଏମ୍‌ଇ ଓ ଅନ୍ୟାନ୍ୟ କ୍ଷେତ୍ରକୁ ମଞ୍ଜୁରୀ କରାଯାଇଛି। ବ୍ୟାଙ୍କର ଅଂଶଧନ ୩.୧୧% ବୃଦ୍ଧି ପାଇ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ରେ ଶତକଡ଼ା ୧୬.୬% ରେ ସମାପ୍ତ ହୋଇଛି।

# ୩ ବର୍ଷରେ ୫ ଲକ୍ଷ କାର୍ ବିକ୍ରି

ନୂଆଦିଲ୍ଲୀ,୨୦।୭

ଦେଶର ପ୍ରମୁଖ ଚାରିଚକିଆ ଯାନ (କାର୍) ନିର୍ମାତା 'କିଆ ଇଣ୍ଡିଆ' ନିକଟ ଅତୀତରେ ଭାରତ ବଜାରରେ ପ୍ରବେଶ କରିଥିଲା। କମ୍ପାନୀ ଲକ୍ଷ୍ୟସ୍ଥଳ ଓ କର୍ମଚାରୀଙ୍କ କଠିନ ପରିଶ୍ରମ ଫଳରେ ମାତ୍ର ୩ ବର୍ଷର କାର୍ଯ୍ୟକ୍ଷମ ସମୟ ମଧ୍ୟରେ କମ୍ପାନୀ ୫ଲକ୍ଷ କାର୍ ବିକ୍ରିକରି ଏକ ମାଇଲଖୁଣ୍ଟ ହାସଲ ସହ ଭାରତରେ ଦ୍ରୁତ କାର ନିର୍ମାତାର ସ୍ୱୀକୃତି ଲାଭ କରିପାରିଛି। ରପ୍ତାନି ସହ କିଆ ଇଣ୍ଡିଆର କ୍ରମବର୍ଦ୍ଧନଶୀଳ ଡେସ୍‌ପାଚ ୬,୩୪,୨୨୪ ୟୁନିଟ୍ ଏହାର ଅନନ୍ତପୁର ନିର୍ମାଣ କେନ୍ଦ୍ରରୁ ହୋଇପାରିଛି।

ଏ ସମ୍ପର୍କରେ କିଆ ଇଣ୍ଡିଆର ମୁଖ୍ୟ ସେଲ୍‌ସ ଅଧ୍ୟକ୍ଷ ମ୍ୟୁଙ୍ଗ-ସିକ୍ ସୋନ କହିଛନ୍ତି, ଭାରତରେ ୩ବର୍ଷର ସ୍ୱଚ୍ଛ ସମୟ ମଧ୍ୟରେ ଆମେ କେବଳ ନିଜକୁ ଟ୍ରେଣ୍ଡର ଅଗ୍ରଣୀ ଏବଂ ପ୍ରେରଣାଦାୟକ ବ୍ରାଣ୍ଡ ଭାବରେ ଉପସ୍ଥାପନ କରିନାହୁଁ ବରଂ ଏହା ସହିତ ନୂତନ ପ୍ରଯୁକ୍ତିର ମଧ୍ୟ ଗ୍ରହଣ କରିଛୁ। କିଆ ଇଣ୍ଡିଆର ସଫଳତା ପଛରେ ସଭିଙ୍କର ଯୋଗଦାନ ରହିଛି, ଯେଉଁମାନେ ଏହି ଇକୋସିଷ୍ଟମର ଏକ ଅଂଶ ଭାବରେ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ମୁଁ ମୋର ଗ୍ରାହକମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବାକୁ ଚାହୁଁଛି।



**କିଆ ଇଣ୍ଡିଆର ମାଇଲଖୁଣ୍ଟ ହାସଲ**

## ଏସ୍‌ବିଆଇର ହ୍ୱାଟ୍ସଆପ୍ ବ୍ୟାଙ୍କିଙ୍ଗ୍ ସେବା

ନୂଆଦିଲ୍ଲୀ,୨୦।୭

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ହ୍ୱାଟ୍ସଆପ୍ ବ୍ୟାଙ୍କିଙ୍ଗ୍ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଜରିଆରେ ବ୍ୟାଙ୍କର ଗ୍ରାହକମାନେ ହ୍ୱାଟ୍ସଆପ୍ ମାଧ୍ୟମରେ କେତେକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ସେବା, ଯେ ପରିକି ବାଲାନ୍ସ ଚେକ୍, ମିନି ଷ୍ଟେଟ୍‌ମେଣ୍ଟ ଆଦି ପାଇପାରିବେ। ବୁଧବାର ଏସ୍‌ବିଆଇ ପକ୍ଷରୁ ଏ ନେଇ ଏକ ଟୁଇଟ କରି ଉକ୍ତ ସେବା ଆରମ୍ଭ କରାଯିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସେବା ଆରମ୍ଭ ହେବା ପରେ ଗ୍ରାହକମାନଙ୍କୁ ବାଲାନ୍ସ ଚେକ୍ କିମ୍ବା ମିନି ଷ୍ଟେଟ୍‌ମେଣ୍ଟ ପାଇଁ ଆପ୍ ଡାଉନ୍‌ଲୋଡ୍ କିମ୍ବା ଏଟିଏମ୍ ଯିବାକୁ ପଡ଼ିବ ନାହିଁ।

## ବିଓବିର ୧୧୫ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୦।୭

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏହାର ୧୧୫ତମ ପ୍ରତିଷ୍ଠା ଦିବସ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର, ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସହ ଭୁବନେଶ୍ୱରସ୍ଥିତ ଡମଣା ସ୍କୋୟାରଠାରେ ଥିବା ମା' ଆନନ୍ଦ ଆଶ୍ରମକୁ ବୁକ୍ ସେଲ୍ଫ ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ୟାଙ୍କ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ଅଡିଟୋରିୟମ୍‌ରେ ଆୟୋଜିତ ହୋଇଥିଲା। ଏହି ଅବସରରେ ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ ରାଜୀବ କ୍ରିଷ୍ଣା ବ୍ୟାଙ୍କ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**ଫୁର୍‌ସତ୍**

# କୋବିନ୍ଦଙ୍କ ନୂଆ ଠିକଣା: ରାଷ୍ଟ୍ରପତି ଭବନରୁ ୧୨ ଜନପଥ

**ନୂଆଦିଲ୍ଲୀ:** ଖୁବ୍ ଶୀଘ୍ର ଶେଷ ହେବାକୁ ଯାଉଛି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ। ଏହାପରେ କୋବିନ୍ଦଙ୍କ ଠିକଣା ମଧ୍ୟ ବଦଳିଯିବ। ରାଷ୍ଟ୍ରପତି ଭବନ ଛାଡ଼ିବା ପରେ ଦିଲ୍ଲୀ ସ୍ଥିତ ୧୨ ଜନପଥରେ ଥିବା ବଙ୍ଗଳାରେ ରହିବେ ରାମନାଥ। ତେବେ ଏହି ବଙ୍ଗଳା ପାଖରେ ରୁହନ୍ତି କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ। ୧୦ ଜନପଥରେ ସେ ରହୁଥିବାବେଳେ କୋବିନ୍ଦ ତାଙ୍କ ପଡ଼ିଶା ହେବାକୁ ଯାଉଛନ୍ତି। ଜୁଲାଇ ୨୨ରେ ରାଷ୍ଟ୍ରପତିଙ୍କ ପରିବାର ଲୋକେ ବଙ୍ଗଳାକୁ ସ୍ଥାନାନ୍ତର ହେବାକୁ ଥିବାବେଳେ ଜୁଲାଇ ୨୫ରେ ରାମନାଥ ରାଷ୍ଟ୍ରପତି ଭବନ ଛାଡ଼ିବେ। ପୂର୍ବରୁ ଉକ୍ତ ବଙ୍ଗଳାରେ ରାମବିଳାସ ପାଶ୍ୱାନ ରହୁଥିଲେ। ରାମ ବିଳାସ ୨୦ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ଏଠାରେ ରହିଥିଲେ। ମାତ୍ର ତାଙ୍କ ବିୟୋଗ ପରେ ପରିବାର ଲୋକେ ଏହି ବଙ୍ଗଳା ଖାଲି କରିଥିଲେ। ବର୍ତ୍ତମାନ ଏହି ଘରକୁ ରାମନାଥ କୋବିନ୍ଦଙ୍କ ପାଇଁ ଆଲର୍ଟ କରାଯାଇଛି। ତେବେ ଏହି ବଙ୍ଗଳାର ଡିଜାଇନ୍ ପରିବର୍ତ୍ତନ କରାଯାଉଥିବାବେଳେ ଏହାର ଦେଖାରେଖା କରୁଛନ୍ତି ରାଷ୍ଟ୍ରପତିଙ୍କ ଝିଅ ସ୍ୱାତୀ କୋବିନ୍ଦ। ରାମ ବିଳାସଙ୍କ ମୃତ୍ୟୁ ପରେ ଭାଇ ପଶୁପତିଙ୍କୁ ଏହି ବଙ୍ଗଳାଟି ଆଲର୍ଟ କରାଯାଇଥିବାବେଳେ ସେ ବଙ୍ଗଳାରେ ରହିବାକୁ ମନା କରିଥିଲେ। ବର୍ତ୍ତମାନ ଏହି ବଙ୍ଗଳାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରହୁଛନ୍ତି। ତେବେ କୋବିନ୍ଦ ବଙ୍ଗଳାକୁ ଆସିବା ପୂର୍ବରୁ ଅଶ୍ୱିନୀ ବୈଷ୍ଣବ ଅନ୍ୟ ବଙ୍ଗଳାକୁ ସ୍ଥାନାନ୍ତର ହେବେ।



**ସୋନିଆଙ୍କ ପଡ଼ୋଶୀ**



### ସେଣ୍ଟ୍ରାଲ ହଲ୍‌ରେ ହେବ ବିଦାୟୀ ସଭା

ଜୁଲାଇ ୨୪ରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ୨୩ରେ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ପାର୍ଲାମେଣ୍ଟ ସ୍ଥିତ ସେଣ୍ଟ୍ରାଲ ହଲ୍‌ରେ ଏକ ବିଦାୟୀ ସଭାର ଆୟୋଜନ କରିବେ। ଏହି ବିଦାୟକାଳୀନ ସଭାରେ କୋବିନ୍ଦଙ୍କୁ ଏକ ମେମେଣ୍ଟୋ ଏବଂ ସିଗ୍‌ନେଚର ବୁକ୍ ଉପହାର ସ୍ୱରୂପ ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବାଚସ୍ପତି ଓମ୍ ବିର୍ଲାଙ୍କ ସହିତ ଉଭୟ ଗୃହର ସଦସ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବେ।

### ସରକାରୀ ସୁବିଧା

ଅବସର ପରେ କୋବିନ୍ଦଙ୍କୁ ମାସିକ ୧.୫ ଲକ୍ଷ ପେନ୍‌ସନ ସରକାର ଦେବେ। ଏହା ବ୍ୟତୀତ କୋବିନ୍ଦଙ୍କ ସଚିବାଳୟ କର୍ମଚାରୀ ଓ ଅଫିସ ପାଇଁ ମାସକୁ ୬୦ ହଜାର ଟଙ୍କା ସରକାର ପ୍ରଦାନ କରିବେ। ବଙ୍ଗଳା ଭଡ଼ା ପାଇଁ ତାଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ସେହିପରି ସରକାରଙ୍କ ତରଫରୁ ତାଙ୍କୁ ଦୁଇଟି ଲାଣ୍ଡଲାଇନ୍ ଫୋନ୍, ମୋବାଇଲ, ବ୍ରଡ୍‌ବ୍ୟାଣ୍ଡ ଏବଂ ଇଣ୍ଟରନେଟ୍ କନେକ୍ଟରର ସୁବିଧା ଯୋଗାଇ ଦିଆଯିବ। ଇଲେକ୍ଟ୍ରିସିଟି ଓ ପାଣି ବିଲ୍ ତାଙ୍କୁ ଦେବାକୁ ପଡ଼ିବ ନାହିଁ। ତେବେ ସରକାରଙ୍କ ତରଫରୁ କୋବିନ୍ଦଙ୍କୁ ଜଣେ ଡ୍ରାଇଭର ଓ କାର୍ ଦିଆଯିବ।

## ସାହାଯ୍ୟ ମାଗୁଛନ୍ତି ତନୁଶ୍ରୀ

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ତୁନଶ୍ରୀ ଦତ୍ତ ଏବେ ଅଡୁଆରେ ପଡ଼ିଯାଇଛନ୍ତି। ଦିନପ୍ରତିଦିନ ତାଙ୍କ ସହ କିଛି ନା କିଛି ଅଘଟଣ ଘଟୁଥିବା ସେ କହିଛନ୍ତି। ନିଜ ଇନ୍‌ଷ୍ଟାଗ୍ରମରେ ଏକ ପୋଷ୍ଟ ଶେୟାର କରି ତନୁଶ୍ରୀ ସାହାଯ୍ୟ ଲୋଡ଼ିଛନ୍ତି। ସେ କହିଛନ୍ତି ଯେ, ମୁଁ ବର୍ତ୍ତମାନ ବଲିଉଡ୍ ମାଫିଆଙ୍କ ଟାର୍ଗେଟରେ। ସେମାନେ ମୋତେ ମାରିବାକୁ ଚାହୁଁଥିବା ବେଳେ ଆକ୍ରୋଶମୂଳକ ଭାବେ ସେମାନେ ବିଭିନ୍ନ ଘଟଣା ଘଟାଉଥିବା ସେ କହିଛନ୍ତି। କିଛିଦିନ ପୂର୍ବେ ତାଙ୍କ ଘରେ କାମ କରୁଥିବା ଜଣେ ମହିଳା ତନୁଶ୍ରୀଙ୍କ ପାନୀୟରେ ଔଷଧ ମିଶାଇ ତାଙ୍କୁ ହାନି ପହଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ ଜାଣିଶୁଣି ତାଙ୍କ ଗାଡ଼ି କେତେଜଣ ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ସେ କହିଛନ୍ତି। ବଲିଉଡ୍ ମାଫିଆ ତାଙ୍କୁ ଜୀବନରୁ ମାରି ଦେବା ପାଇଁ ଚାହୁଁଥିବା ଭଳି ସଙ୍ଗିନ ଅଭିଯୋଗ ସେ ଆଣିଛନ୍ତି। ୨୦୧୮ ମସିହାରେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଆରମ୍ଭ ହୋଇଥିବା ମି ଟୁ ' ଅଭିଯାନର ଅଂଶ ପାଲଟିଥିଲେ ତନୁଶ୍ରୀ। ପ୍ରଖ୍ୟାତ ଅଭିନେତା ନାନା ପାଟେକରଙ୍କ ବିରୋଧରେ ସେ ଅଭିଯୋଗ ଆଣି ବିବାଦକୁ ଆସିଥିଲେ।



## ଗୁମ୍ଫାରେ ସଙ୍ଗୀତ ସମାରୋହ

**ଶିଲଂ:** ଭାରତର ଅଧିକାଂଶ ଲୋକ ମନୋରଞ୍ଜନ ପ୍ରେମୀ, ଯାହାକୁ ନେଇ ଅନେକ ସମୟରେ ବିଭିନ୍ନ ସଙ୍ଗୀତ ସମାରୋହର ଆୟୋଜନ କରାଯାଇଥାଏ। ତେବେ ମେଘାଳୟରେ ଅନୁଷ୍ଠିତ ଏକ ସଙ୍ଗୀତ ସମାରୋହ କାର୍ଯ୍ୟକ୍ରମର ଆୟୋଜନ ଏକ ଗୁମ୍ଫାରେ କରାଯାଇଛି। ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଦେଶରେ ପ୍ରଥମ। ମେଘାଳୟର ସୋହରାରେ ଥିବା ଅରୱାହ ଗୁମ୍ଫାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତେବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏହାର ଆୟୋଜନ କରାଯାଇଥିବା ଜଣାପଡ଼ିଛି। ଆଞ୍ଚଳିକ ଭାଷାରେ ଏହି କାର୍ଯ୍ୟକ୍ରମର ନାଁ 'କି ସୁର ନା ପୁବୋନ' ରଖାଯାଇଥିଲା, ଏହାକୁ ଇଂଲିଶରେ 'ମେସେଜ୍ ଫ୍ରମ୍ ଦ କେଭ୍' ବୋଲି କୁହାଯିବ। ପ୍ରକୃତିକୁ ସୁରକ୍ଷା ଦେବା ବାର୍ତ୍ତା ପ୍ରଚାର ପାଇଁ ଏହାର ଆୟୋଜନ କରାଯାଇଥିବା ଏହି କ୍ୟାମ୍ପେନ୍‌ର ମୁଖ୍ୟ ଆଲାନ ୱେଷ୍ଟ ଖାକୋଙ୍ଗୋର କହିଛନ୍ତି।



## ବର୍ଷା ପାଇଁ ବେଙ୍ଗ ବାହାଘର

**ଲକ୍ଷ୍ନୌ:** ଏବେବି କିଛି ଅଞ୍ଚଳ ରହିଛି ଯେଉଁଠାରେ ଲୋକଙ୍କ ମନରେ ଅନେକ ଜିନିଷକୁ ନେଇ ଅନ୍ଧ ବିଶ୍ୱାସ ଘର କରିଛି। ଉତ୍ତର ପ୍ରଦେଶ ଗୋରଖପୁରରେ ଦେଖିବାକୁ ମିଳିଛି ଏମିତି ଏକ ଘଟଣା। ବର୍ଷା ପାଇଁ ଏଠାକାର ଲୋକେ ଦୁଇ ବେଙ୍ଗଙ୍କ ବାହାଘର କରିଛନ୍ତି। ଗୋରଖପୁରରେ ଆବଶ୍ୟକତାଠାରୁ କମ୍ ପରିମାଣର ବର୍ଷା ହେବା କାରଣରୁ ଏଠାକାର ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତେବେ ଏ ପ୍ରକାର ଅସୁବିଧାକୁ ଦୂର କରିବା ପାଇଁ ହିନ୍ଦୁ ମହାସଂଘ ପକ୍ଷରୁ ଏହି ବାହାଘର ଅନୁଷ୍ଠିତ ହୋଇଥିଲା। ତେବେ ସ୍ଥାନୀୟ କାଳିବାର ମନ୍ଦିରରେ ଏହି ବାହାଘର କରାଯାଇଛି। ଇନ୍ଦ୍ର ଦେବଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ବାହାଘର କରାଯାଇଥିବା ହିନ୍ଦୁ ମହାସଂଘର ସଦସ୍ୟ ରମାକାନ୍ତ ବର୍ମା କହିଛନ୍ତି।



**ମହିଳାଙ୍କୁ ବ୍ଲାକମେଲିଂ**

ଭୁବନେଶ୍ୱର, (ବ୍ୟୁରୋ) ବେଙ୍ଗାଲୁରୁରେ ଚାକିରି କରିଛି। ମାସକୁ ଦରମା ୫୦ ହଜାର। କିଛି ଅସୁବିଧା ହେବ ନାହିଁ। ତୁମେ ଖାଲି ରାଜି ହୋଇଯାଅ। ଦେଖିବ ସବୁ ଠିକ୍ ହୋଇଯିବ। ଏହିଭଳି ଭାବେ ଜଣେ ବିଧବାଙ୍କୁ ଅନ୍‌ଲାଇନ ଜରିଆରେ ପ୍ରେମ ଜାଲରେ ଫସାଇ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରିରୀକ ସମ୍ପର୍କ ରଖିଥିଲେ ଯୁବକ। ମହିଳାଜଣକ ବିବାହ ପାଇଁ କହିବାରୁ ଅନ୍ତରଙ୍ଗ ଭିଡିଓ ଭାଇରାଲ କରିବାକୁ ଧମକ ଦେଲେ। ଶେଷରେ ସେ ଭୁବନେଶ୍ୱର ସାଇବର ଥାନାରେ ସମ୍ପୃକ୍ତ ଯୁବକଙ୍କ ନାମରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଯୁବକଙ୍କ ଘର କଣାସ ଅଞ୍ଚଳରେ ବୋଲି ପୋଲିସ ଜାଣିବାକୁ ପାଇଛି।

## ସଂକ୍ଷେପରେ

### ଆଜିଠାରୁ ମଲ୍‌ରେ ବୁଷ୍ଟର ଡୋଜ୍

ଭୁବନେଶ୍ୱର,୨୦।୭(ବ୍ୟୁରୋ): ଭୁବନେଶ୍ୱରରେ ଟିକାକରଣକୁ ସୁଗମ କରିବା ପାଇଁ ଆଉ ପାଦେ ଆଗେଇଛି ବିଏମ୍‌ସି। ୭୫ଦିନ ଧରି ଚାଲୁଥିବା ବୁଷ୍ଟର ଡୋଜ୍ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ବିଏମ୍‌ସି ପକ୍ଷରୁ ମଲ୍‌ରେ ଟିକାକରଣ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଉତ୍ତର ଜୋନ୍‌ସ୍ଥିତ ରୁଦ୍ରପୁରଠାରେ ଥିବା ସିମ୍ଫୋନି ମଲ୍, ଦକ୍ଷିଣ ପଶ୍ଚିମ ଜୋନ୍ ଅନ୍ତର୍ଗତ ପାତ୍ରପଡାସ୍ଥିତ ଡିଏନ୍ ରେଗାଲିଆ ମଲ୍ ଏବଂ ଦକ୍ଷିଣ-ପୂର୍ବ ଜୋନ୍ ଅନ୍ତର୍ଗତ ରସୁଲଗଡ଼ସ୍ଥିତ ଏସ୍ପ୍ଲାନେଡ୍ ମଲ୍ ଚିହ୍ନଟ କରାଯାଇଛି। ଗୁରୁବାରଠାରୁ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟତୀତ ଏହି ଚିହ୍ନଟ ହୋଇଥିବା ମଲ୍‌ଗୁଡିକରେ ବୁଷ୍ଟର ଡୋଜ୍ ପ୍ରଦାନ କରାଯିବ। ହିତାଧିକାରୀମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଟିକା ନେଇପାରିବେ। ତେବେ ଏଥିପାଇଁ ହିତାଧିକାରୀଙ୍କୁ cowin.gov.in ଆପ୍‌ରେ ସ୍ଲଟ୍ ବୁକିଂ କରିବାକୁ ପଡିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

### ୨୩ରୁ ହାର୍ଟଫୁଲନେସ୍ ପକ୍ଷରୁ ଅନ୍ତର୍ଜାତୀୟ ସମାବେଶ

ଭୁବନେଶ୍ୱର, ୨୦।୭: ଆଧାତ୍ମିକ ଗୁରୁ ପାର୍ଥସାରଥି ରାଜଗୋପାଳଚାରୀଙ୍କ ଜନ୍ମ ଉତ୍ସବ ଉପଲକ୍ଷେ ହାର୍ଟଫୁଲନେସ୍ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୨୩ରୁ ୨୫ତାରିଖ ପର୍ଯ୍ୟନ୍ତ ତେଲଙ୍ଗାନା ରାଜ୍ୟ ହାଇଦ୍ରାବାଦ ସହର ନିକଟସ୍ଥ କାହ୍ନା ଶାନ୍ତିବନ ଆଶ୍ରମଠାରେ ଏକ ଅନ୍ତର୍ଜାତୀୟ ସମାବେଶ ଅନୁଷ୍ଠିତ ହେବ। ସମାବେଶରେ ଧ୍ୟାନ, ଯୋଗ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ଅଭ୍ୟାସ ସମ୍ପର୍କରେ ନିଃଶୁଳ୍କ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ନ ରହିପାରିଲେ ଯେ କେହି ଅନ୍‌ଲାଇନ ଦ୍ୱାରା ପ୍ରଶିକ୍ଷଣ ନେଇପାରିବେ। ହାର୍ଟଫୁଲନେସ୍ ଅନୁଷ୍ଠାନ ଏକ ନିଃଶୁଳ୍କ ଅନ୍ତର୍ଜାତୀୟ ସଂସ୍ଥା। ଏହା ସମଗ୍ର ପୃଥିବୀରେ ବିନା ବ୍ୟୟରେ ଜାତି, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ଆଧାତ୍ମିକ ଶିକ୍ଷା ପ୍ରଦାନ କରିଆସୁଛି। ବିଶ୍ୱର ୧୬୦ରୁ ଊର୍ଦ୍ଧ୍ୱ ଦେଶରେ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ସଂସ୍ଥା ହୃଦୟ କେନ୍ଦ୍ରିତ କୌଶଳ ଶିକ୍ଷା ଦେଇଆସୁଛି। ଭୁବନେଶ୍ୱର ଓ ଏହାର ଉପକଣ୍ଠରେ ହାର୍ଟଫୁଲନେସ୍ ପ୍ରଶିକ୍ଷକମାନେ ନିଃଶୁଳ୍କ ସେବା ମାଧ୍ୟମରେ ଧ୍ୟାନ ଶିଖାଉଛନ୍ତି।

### ଯାତ୍ରୀଙ୍କଠାରୁ ଲୁଟ,୨ ଗିରଫ

ଭୁବନେଶ୍ୱର,୨୦।୭(ବ୍ୟୁରୋ): ଭୁବନେଶ୍ୱର ରେଳ ଷ୍ଟେଶନରେ ମାତିଛନ୍ତି ଲୁଟେରା। ରାତି ଅଧରେ ଆସୁଥିବା ଯାତ୍ରୀଙ୍କୁ ଟାର୍ଗେଟ କରି ଲୁଟୁଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯାତ୍ରୀଙ୍କଠାରୁ ମୋବାଇଲ ଓ ବ୍ୟାଗ ଝାମ୍ପି ନେବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ଫେରାର ହୋଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନୟାଗଡର ବିକ୍ରମ ନାୟକ (୩୨) ଓ ବିହାରର ଅଶୋକ କୁମାର ସିଂ (୪୦)। ତାଙ୍କଠାରୁ ଗୋଟିଏ ବ୍ୟାଗ ଓ ମୋବାଇଲ ଫୋନ ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ.୪୧୫/୨୨) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ବିରୋଧ ପରେ ଆଲୋଚନା, ଆଜି ନିଷ୍ପତ୍ତି

## ବିଏମ୍‌ସିର ରାତ୍ରିକାଳୀନ ସଫେଇ ଅଭିଯାନ

ଭୁବନେଶ୍ୱର,୨୦।୭ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ପରୀକ୍ଷାମୂଳକ ଭାବେ ରାତ୍ରିକାଳୀନ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଏହାକୁ ଆରମ୍ଭରୁ ସଫେଇ କର୍ମୀମାନେ ଜୋର୍‌ଦାର ବିରୋଧ କରିଛନ୍ତି। ଫଳରେ ଦାବି ସମ୍ପର୍କରେ ଆଲୋଚନା ପାଇଁ ବୁଧବାର କମିଶନର ସଫେଇ କର୍ମୀଙ୍କ ପ୍ରତିନିଧିଙ୍କୁ ଡାକିଥିଲେ। ସଫେଇ କର୍ମୀମାନେ ସେମାନଙ୍କର ବିଭିନ୍ନ ଦାବି ଯଥା ସୁରକ୍ଷା, ସର୍ବନିମ୍ନ ମଜୁରି ୨୨୬ରୁ ୩୨୬ଟଙ୍କାକୁ ବୃଦ୍ଧି କରିବା, ଇପିଏଫ୍, ଇଏସ୍‌ଆଇ, ପେ ସ୍ଲିପ୍ ସହିତ ସେମାନଙ୍କୁ ରେନ୍‌କୋଟ, ମାସ୍କ, ଜୋତା ଆଦି ପ୍ରଦାନ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ତେବେ ସମସ୍ତ ଦାବି ଶୁଣିବା ପରେ କମିଶନର ଗୁରୁବାର ଏନେଇ ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ରାତ୍ରି ସଫେଇ ହୋଇପାରିବ ନାହିଁ ବୋଲି ବିଏମ୍‌ସି ସଫେଇ ମଜଦୁର ସଂଘ ସାଧାରଣ ସମ୍ପାଦକ ସହଦେବ ନାୟକ କହିଛନ୍ତି। ଏହାପରେ ସନ୍ଧ୍ୟାରେ ଡେପୁଟି କମିଶନର ଶୁଭେନ୍ଦୁ ସାହୁ ଏବଂ ବିଏମ୍‌ସି ଅଧିକାରୀ ୱାର୍ଡ ନଂ. ୪୦ରେ ସଫେଇ କର୍ମୀଙ୍କୁ ରେନ୍‌କୋଟ୍ ଏବଂ ମାସ୍କ ବଣ୍ଟନ କରିଥିଲେ। ଗୁରୁବାର ସେମାନଙ୍କ ଅନ୍ୟାନ୍ୟ ଦାବି ଉପରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦେଇଥିଲେ। ସଂଘର ଦାବି କିଛି ମାତ୍ରାରେ ପୂରଣ ହେବା ପରେ ବୁଧବାର ରାତିରୁ ହିଁ ୱାର୍ଡ ଅନ୍ତର୍ଗତ ୟୁନିଟ୍-୧ ଓ ୨ରେ ସଫେଇ କାମ ଆରମ୍ଭ ହୋଇଥିଲା। ସାଧାରଣ ସମ୍ପାଦକଙ୍କ କହିବା ଅନୁଯାୟୀ, ଦୀର୍ଘଦିନରୁ ଆମେ ଦାବି ନେଇ ବିଏମ୍‌ସି ଅଧିକାରୀଙ୍କୁ ଅବଗତ କରାଇ ଆସୁଛୁ। ମାତ୍ର ସେମାନେ ଏହାକୁ ଅଣଦେଖା କରୁଛନ୍ତି। ୱାର୍ଡରେ ପ୍ରାୟ ୧୫୦ଜଣ ସଫେଇ କର୍ମଚାରୀ ଥିବାବେଳେ ଆମ ସହିତ ଆଲୋଚନା ନ କରି ମାତ୍ର ୧୦/୧୨ଜଣ କର୍ମୀଙ୍କୁ ନେଇ କାମ କରୁଥିଲେ। ଖବର ପାଇ ଆମେ କାମ ବନ୍ଦ କରିଥିଲୁ। ତେବେ ବିଏମ୍‌ସି ଅଧିକାରୀ ଆମର କିଛିଟା ଦାବି ପୂରଣ କରିଥିବାରୁ ଯେଉଁଠାରୁ କାମ ବନ୍ଦ ହୋଇଥିଲା, ସେହିଠାରୁ କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ବିଏମ୍‌ସିର ନୂଆ ବ୍ୟବସ୍ଥା ଅନୁଯାୟୀ, ଏଥର ଦିନବେଳା ପରିବର୍ତ୍ତେ ରାତି ସମୟରେ ସଫେଇ କାର୍ଯ୍ୟ କରାଯିବ। ସନ୍ଧ୍ୟା ୭ଟାରୁ ରାତି ୧ଟା ଯାଏ ସହରର ଗଳିକନ୍ଦିରୁ ଆରମ୍ଭ କରି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ସଫେଇ କରାଯିବ। ସଫେଇ କର୍ମୀମାନେ ସକାଳୁ ଯେମିତି ଘର ଘର ବୁଲି ଅଳିଆ ସଂଗ୍ରହ କରୁଛନ୍ତି, ସନ୍ଧ୍ୟାରେ ସେମିତି ଅଳିଆ ସଂଗ୍ରହ କରିବେ। ଏହାଦ୍ୱାରା ଧୂଳିଜନିତ ସମସ୍ୟା ଦୂର ହେବା ସହ ଦୁର୍ଘଟଣା ମଧ୍ୟ ହ୍ରାସ ପାଇବ।

ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ ପରୀକ୍ଷାମୂଳକ ଭାବେ ବିଏମ୍‌ସି ରାତ୍ରି ସଫେଇ ଆରମ୍ଭ କରିଥିଲା। ୱାର୍ଡ ନଂ. ୪୦ରୁ ରାତି ସଫେଇ ବ୍ୟବସ୍ଥାର ଟ୍ରାଏଲ୍ ରନ୍ ଆରମ୍ଭ ହୋଇଥିଲା। ୟୁନିଟ୍-୧ ହାଟରେ ସଫେଇ ଆରମ୍ଭ ସମୟରେ କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଡେପୁଟି କମିଶନର ଶୁଭେନ୍ଦୁ ସାହୁଙ୍କ ସମେତ ବିଏମ୍‌ସି ଏବଂ ସଫେଇ ଦାୟିତ୍ୱ ନେଇଥିବା ଏଜେନ୍ସିର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କିଛି ସମୟ ସଫେଇ ଚାଲିବା ପରେ ସଫେଇ ସଂଘର ଅନ୍ୟ କର୍ମୀମାନେ ସେଠାରେ ପହଞ୍ଚିଥିଲେ। ହୋ ହଲ୍ଲା କରିବା ସହିତ ବ୍ୟବସ୍ଥାକୁ ତୁରନ୍ତ ବନ୍ଦ କରିବାକୁ ଦାବି କରି ବିଏମ୍‌ସି ଅଧିକାରୀଙ୍କୁ ଘେରିଥିଲେ। ଫଳରେ ବାଧ ହୋଇ ଅଧାରୁ କାମ ବନ୍ଦ କରାଯାଇଥିଲା।

## ବିଏମ୍‌ସି କମିଶନରଙ୍କୁ ଚିଠି ଲେଖିଲା ପୂର୍ତ୍ତ ବିଭାଗ

### ବଡ଼ଗଡ଼ ବ୍ରିଟ୍‌ରେ ଜଳବନ୍ଦୀ ସମସ୍ୟା ପ୍ରସଙ୍ଗ

ପୁରୁଣା ଭୁବନେଶ୍ୱର,୨୦।୭(ଡି.ଏନ୍.ଏ.)

ବଡ଼ଗଡ଼ ବ୍ରିଟ୍‌ର ଜଗନ୍ନାଥ ଆଶ୍ରମରୁ ଫୁଜନ କ୍ଲବ ଏବଂ ଫୁଜନ କ୍ଲବଠାରୁ ଚାରିଛକ ପର୍ଯ୍ୟନ୍ତ ରାସ୍ତାରେ ଉପୁଜୁଥିବା ଜଳବନ୍ଦୀ ସମସ୍ୟା ପାଇଁ ଇ.ଏ କଲୋନୀର ଶତାଧିକ ବାସିନ୍ଦାଙ୍କ ସହ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାରେ ପଡୁଛନ୍ତି। ଏହା ଦୀର୍ଘ ୪ବର୍ଷର ସମସ୍ୟା। ତେଣୁ ମଙ୍ଗଳବାର ଘଟଣା ଗୁରୁତ୍ୱର ସହ ନେଇ ବିଏମ୍‌ସି କମିଶନରଙ୍କୁ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଚିଠି କରାଯାଇଛି। ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ଚିଠି ନଂ-୫୯୫୮ରେ ବିଏମ୍‌ସି କମିଶନରଙ୍କୁ ଜଣାଇଛନ୍ତି, ବଡ଼ଗଡ଼ ବ୍ରିଟ୍ ଅଞ୍ଚଳରେ ଦେଖାଯାଉଥିବା ଜଳବନ୍ଦୀ ସମସ୍ୟା ଯୋଗୁ କେବଳ ବର୍ଷା ଦିନେ ନୁହେଁ ଅନ୍ୟବେଳେ ଅସରାଏ ବର୍ଷାରେ ମଧ୍ୟ ଅଞ୍ଚଳ ଜଳାର୍ଣ୍ଣବ ହେଉଛି। ତୁରନ୍ତ ଉଭୟଙ୍କ ସମନ୍ୱୟରେ ଡ୍ରେନ ହେଉ କିମ୍ବା ବାଇପାସ ମାଧ୍ୟରେ ଜଳ ନିଷ୍କାସନ ନେଇ ସ୍ଥାନ ନିରୂପଣ କରାଯିବାକୁ ସ୍ଥିର କରାଯାଇଛି। ସୂଚନା ଥାଉକି, ୪୪ନଂ ୱାର୍ଡ଼ର ବଡ଼ଗଡ଼ ବ୍ରିଟ୍‌ର ଜଳ ସମସ୍ୟାକୁ ନେଇ ସ୍ଥାନୀୟ ବାସିନ୍ଦା ସଂଗ୍ରାମ ମାର୍ଥା ଶତାଧିକ ଯୁବକଙ୍କ ସହ ବାରମ୍ବାର ବିଭାଗରେ ପତ୍ର ମାଧ୍ୟମରେ ଅଭିଯୋଗ କରିଆସୁଛନ୍ତି। ସୂଚନାଥାଉକି, ଏହି ସ୍ଥାନ ପୂର୍ତ୍ତ ବିଭାଗ ଏବଂ ବିଏମ୍‌ସିର ସୀମା ବିବାଦ ଯୋଗୁ ଜଳ ନିଷ୍କାସନ ନ ହେବା ଏହି ଅଞ୍ଚଳବାସୀ ହଇରାଣ ହେଉଥିବା ଅଭିଯୋଗ ହୋଇଛି।




## ଲଳିତ କଳା ଏକାଡେମୀ ପକ୍ଷରୁ ଚିତ୍ରକଳା ଶିବିର

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଲଳିତ କଳା ଏକାଡ଼େମୀ ନୂଆଦିଲ୍ଲୀର ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ବୁଧବାର ବୁଦ୍ଧ ମନ୍ଦିର ପରିସରରେ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ପାଇଁ ସଂଗ୍ରାମୀମାନଙ୍କର ଅତୁଳନୀୟ ଭୂମିକାକୁ ନେଇ ମହାନାୟକମାନଙ୍କର ପ୍ରତିକୃତି ଓ ତାଙ୍କର ଘଟଣା ସମ୍ବନ୍ଧୀୟ ଚିତ୍ରକଳାକୁ ୫ ଦିନ ଧରି ଘରେ ରହି ଚିତ୍ରଶିଳ୍ପୀମାନେ ଅଙ୍କନ କରିବେ । ଏହି ଶିବିରକୁ ମୁଖ୍ୟ ଅତିଥି ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ପରାମର୍ଶଦାତା ଏସ.ସି. ବର୍ମା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ।

ଲଳିତ କଳା ଏକାଡ଼େମୀର ସଚିବ ରାମକୃଷ୍ଣ ବେଦାଲା, ଲଳିତ କଳା ଏକାଡ଼େମୀର ସଭ୍ୟ ତଥା ଶିବିର ସଂଯୋଜକ ବଳଦେବ ପ୍ରସାଦ ମହାରଥା, ଚିତ୍ରଶିଳ୍ପୀ ତାରାକାନ୍ତ ପରିଡ଼ା, ପଞ୍ଚାନନ ସାମଲ, ସତ୍ୟଭାମା ମାଝୀ, ରବି ନାରାୟଣ ରଥ ପ୍ରମୁଖ ୩୫ଜଣ ଶିଳ୍ପୀ ଏହି ଚିତ୍ରକଳା ଶିବିରରେ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ ଧରି ରବୀନ୍ଦ୍ରମଣ୍ଡପଠାରେ କଳିଙ୍ଗ ଉତ୍ସବ ପାଳନ ଅବସରରେ ଶିଳ୍ପୀମାନଙ୍କ ସ୍ୱକୀୟ ଚିତ୍ରକଳାଗୁଡ଼ିକର ପ୍ରଦର୍ଶନୀ ଜନସାଧାରଣଙ୍କ ପାଇଁ ଖୋଲା ରହିବ। ରାଜଧାନୀ ଉତ୍ସବରେ ୩୫ଜଣ ଶିଳ୍ପୀଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ଏକାଡ଼େମୀ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନାରୀ ଶିଳ୍ପୀ ସତ୍ୟଭାମା ମାଝୀ ସଞ୍ଚାଳନ କରିଥିଲେ।

## ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

- ମୁକୁଳା ଡ୍ରେନ୍‌ରେ ପଡ଼ି ରିକ୍ସା ଚାଳକଙ୍କ ମୃତ୍ୟୁ ଘଟଣା
- ୬ ସପ୍ତାହରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

ପୁରୀ ଅଫିସ, ୨୦।୭

ମାର୍କେଟ ଛକର ମୁକୁଳା ଡ୍ରେନ୍‌ରେ ପଡ଼ି ପ୍ରାଣ ହରାଇଥିବା ରିକ୍ସାଚାଳକ ନିଧି ସାହୁଙ୍କୁ କ୍ଷତିପୂରଣ ଦେବା ସହ ପ୍ରଶାସନିକ ଅନିୟମିତତା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରି ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାଶ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ କମିଶନ ବୁଧବାର ପୁରୀ ଜିଲାପାଳଙ୍କୁ ନୋଟିସ କରିଛନ୍ତି। ଆସନ୍ତା ୮ସପ୍ତାହ ମଧ୍ୟରେ ଆକ୍ସନ ଟେକେନ୍ (କ'ଣ ପଦକ୍ଷେପ ନିଆଯାଇଛି) ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗର ଠିକ୍ ତଦନ୍ତ ପାଇଁ ଆବଶ୍ୟକ ପଦକ୍ଷେପ ନେଇ ରିପୋର୍ଟ ପ୍ରସ୍ତୁତ କରିବାକୁ ଜିଲାପାଳଙ୍କୁ କମିଶନ କହିଛନ୍ତି। ସେହିପରି ଅଭିଯୋଗ ଯଦି ସତ୍ୟ ହୋଇଥାଏ ତେବେ ଏହା ମାନବ ଅଧିକାରର ଉଲ୍ଲଂଘନ। ଉକ୍ତ ଘଟଣାରେ ସମ୍ବିଧାନର ଧାରା ୨୧ର ଉଲ୍ଲଂଘନ ହୋଇଛି ବୋଲି କମିଶନ କହିଛନ୍ତି। ଏନେଇ ସୂଚନା ଅଧିକାର କର୍ମୀ ଜୟନ୍ତ କହିଛନ୍ତି, ସରକାରୀ ଅଧିକାରୀଙ୍କ ଚରମ ଅବହେଳାରୁ ଏକ ନିରୀହ ଜୀବନ ଚାଲିଗଲା। ତେଣୁ ଜିଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଅନ୍ତୁ।

ସୂଚନାଯୋଗ୍ୟ, ମେ ୧୭ତାରିଖ ରାତିରେ ବୀରନରସିଂହପୁର ଅଞ୍ଚଳର ନିଧି ସାହୁ ପୁରୀ ମାର୍କେଟ ଛକସ୍ଥିତ ମୁକୁଳା ଡ୍ରେନ୍‌ରେ ପଡ଼ିଯାଇଥିଲେ। ବିଳମ୍ବିତ ରାତ୍ରରେ ତାଙ୍କୁ ଉଦ୍ଧାର କରିବାକୁ କେହି ନ ଥିଲେ। ଶ୍ୱାସରୁଦ୍ଧ କାରଣରୁ ତାଙ୍କର ଜୀବନ ଚାଲିଯାଇଥିଲା। ତେବେ ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇନାହିଁ। ନିଧିଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଓ ନାବାଳକ ପୁତ୍ର ରହିଛନ୍ତି। ଏକମାତ୍ର ରୋଜଗାରକ୍ଷମ ନିଧିଙ୍କ ମୃତ୍ୟୁ ପରେ ପରିବାର ଲୋକେ ପ୍ରଶାସନର ସହଯୋଗ ଲୋଡ଼ିଛନ୍ତି।

## ନୂଆ ରୂପ ନେବ ରବି ଟକିଜ୍ ଟଙ୍କପାଣି ରୋଡ୍

### ଉନ୍ନତୀକରଣ ପାଇଁ ୨.୬୮ କୋଟି

ପୁରୁଣା ଭୁବନେଶ୍ୱର, ୨୦।୭ (ଡି.ଏନ୍.ଏ.)

ରାଜଧାନୀର ରବି ଟକିଜ୍ ଟଙ୍କପାଣି ରାସ୍ତାର ରୂପରେଖ ବଦଳିବ। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ଟଙ୍କପାଣି ରୋଡ୍ ଦେଇ ୩୧୬ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ବାଇପାସ୍‌କୁ ସଂଯୋଗ କରୁଛି। ରାସ୍ତାଟିର ଜବରଦଖଲ ହଟାଇବା ସହ ଉନ୍ନତୀକରଣ ନିମନ୍ତେ ପୂର୍ତ୍ତବିଭାଗ ପକ୍ଷରୁ ପ୍ରାୟ ୨କି.ମି ରାସ୍ତା ପାଇଁ ୨.୬୮କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ବୁଧବାର ଏହି ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା। ଏହିଭଳି ବିଏମ୍‌ସି ଦ୍ୱାରା ୧୧ଲକ୍ଷ ଟଙ୍କାରେ ୫୬ନଂ.ୱାର୍ଡ଼ ଗଧିଆଖାଲ ଡ୍ରେନ ସହ କଭର ସ୍ଲାବ ଏବଂ ୨୦ଲକ୍ଷ ଟଙ୍କାର ବିଜେବି ନଗରରେ ଏକ ରାସ୍ତା ପାଇଁ ମଧ୍ୟ ମନ୍ତ୍ରୀ ପଣ୍ଡା ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ସୁଶାନ୍ତ ରାଉତ, ପ୍ରଣବ ବଳବନ୍ତ ରାୟ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର କେ.ଶାନ୍ତି, ଶିବ ପ୍ରସାଦ ରାୟ, ଅଜିତ୍ ବେହେରା, ନମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଲୁଟେରା ଗିରଫ, ୭ ମୋବାଇଲ ଜବତ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ଛାତ୍ରଙ୍କୁ ଚୋରା ମୋବାଇଲ ଫୋନ୍ ବିକ୍ରି ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଜଣେ ଲୁଟେରାଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗର ଶଙ୍କର ମଣ୍ଡଳ (୨୫)। ତାଙ୍କଠାରୁ ୭ ଦାମୀ ମୋବାଇଲ ଫୋନ ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ. ୩୨୯/୨୨) ରୁଜୁ କରି ଅଭିଯୁକ୍ତ ଶଙ୍କରଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଅଭିଯୁକ୍ତ ଶଙ୍କର ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ମୋବାଇଲ ଚୋରି ଓ ଲୁଟ୍ କରିଥାନ୍ତି। ଉକ୍ତ ମୋବାଇଲଗୁଡିକୁ କମ୍ ଦାମ୍‌ରେ ବିକ୍ରି କରିଥାନ୍ତି। ବୁଧବାର ସେ ବାଣୀବିହାର ଛାତ୍ରଙ୍କୁ ବିକ୍ରି କରିବାକୁ ଅପେକ୍ଷା କରିଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ଅଭିଯୁକ୍ତଙ୍କୁ ସନ୍ଦେହରେ ଧରି ପଚରାଉରା କରିବାରୁ ଘଟଣା ସମ୍ପର୍କରେ ଜଣାପଡିଥିଲା।

## ବିବାହ ଜିଦ୍‌ରେ ଥାନାରେ ବସିଲେ ଆଉଜଣେ ମହିଳା

### ଶାରୀରିକ ସମ୍ପର୍କ ରଖି ଯୁବକ ଗିରଫ

ଭୁବନେଶ୍ୱର,୨୦।୭ (ବ୍ୟୁରୋ)

କିଛିଦିନ ତଳେ ରାଜଧାନୀରେ ଟୁଙ୍ଗୁରୁ ଭୋଳ ଓ ବର୍ଷାଙ୍କ ସମ୍ପର୍କକୁ ନେଇ ସାଧାରଣରେ ବେଶ ଚର୍ଚ୍ଚା ହୋଇଥିଲା। ବୁଧବାର ପୁଣି ସେଭଳି ଏକ ଘଟଣା ସାମ୍ନାକୁ ଆସିଛି। ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ଧୋକା ଦେଇଥିବା ଯୁବକଙ୍କୁ ପାଇବା ପାଇଁ ଜଣେ ବିବାହିତା ମହିଳା ଜିଦ୍ କରିଛନ୍ତି। ମହିଳା ଜଣକ ନୟାପଲ୍ଲୀ ଥାନାର ଦ୍ୱାରସ୍ଥ ହେବାପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଗଞ୍ଜାମର ଶଙ୍କର କହଁର। ପୋଲିସ ମାମଲା (ନଂ.୪୫୧/୨୨) ରୁଜୁ କରି ଶଙ୍କରଙ୍କୁ କୋର୍ଟ ଚାଲାଣ କିରଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ମହିଳା ଜଣକ ଶଙ୍କରଙ୍କୁ ବିବାହ କରିବାକୁ ଜିଦ୍ ଧରି ଦିନ ତମାମ୍ ଥାନାରେ ବସି ରହିବା ଘଟଣାକୁ ନେଇ ଆଉଏକ ଚର୍ଚ୍ଚା ଆରମ୍ଭ ହୋଇଛି।

ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଲକ୍‌ଡାଉନ ସମୟରେ କାମ ଖୋଜିବାକୁ ମାଷ୍ଟରକ୍ୟାଣ୍ଟିନ ଯାଇଥିବାବେଳେ ସେଠାରେ ଚା' ଦୋକାନ ଦେଇଥିବା ଶଙ୍କର ସହ ପରିଚୟ ହୋଇଥିଲା। ପରେ ଶଙ୍କର ତାଙ୍କୁ ନିଜ ଚା' ଦୋକାନରେ କାମ କରିବାକୁ କହିଥିଲେ। ପରବର୍ତ୍ତୀ ସମୟରେ ବିବାହର ପ୍ରତିଶ୍ରୁତି ଦେଇ ଶଙ୍କର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ ନ କରିବାରୁ ମହିଳା ଜଣକ ଜିଆର୍‌ପି ଥାନାରେ ପ୍ରଥମେ ଜଣାଇବା ପରେ ପୋଲିସର ପରାମର୍ଶକ୍ରମେ ମହିଳା ଥାନାରେ ଅଭିଯୋଗ କରିଥିଲେ। ମହିଳା ଥାନା ପୋଲିସ ଶଙ୍କରଙ୍କୁ ଡାକି ଥାନାରେ ପଚରାଉଚରା କରିଥିଲେ। ଶଙ୍କର ଉକ୍ତ ମହିଳାଙ୍କୁ ବିବାହ କରି ପାଖରେ ରଖିବେ ବୋଲି କହିଥିଲେ। କିନ୍ତୁ ଶଙ୍କର ଗତ ଜୁଲାଇ ୫ରେ ମହିଳାଙ୍କ ଘରକୁ ଯାଇ ତାଙ୍କୁ ନିସ୍ଠୁର ପିଟିବା ସହ ବଳାତ୍କାର କରିଥିବା ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ହେଲେ ଶଙ୍କର ତାଙ୍କୁ ବିବାହ ନ କରି ଅନ୍ୟ ଜଣଙ୍କୁ ବିବାହ କରିଥିବା ଜାଣିବା ପରେ ବୁଧବାର ନୟାପଲ୍ଲୀ ଥାନାର ଦ୍ୱାରସ୍ଥ ହୋଇ ବିବାହ କରିବାକୁ ଜିଦ୍ ଧରି ବସିଥିଲେ। ମୋ ସ୍ୱାମୀ ମୋତେ ଆଉ ରଖିବେନି। ମୋର ଶଙ୍କର ଦରକାର ବୋଲି କହିଥିଲେ।

## ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ




ପୁସ୍ତକ 'ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣି' ଏବଂ 'ଭାବସମୁଦ୍ର'ର ଚତୁର୍ଥ ସଂସ୍କରଣକୁ ଅତିଥି ଓ ସମ୍ପାଦକମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୦।୭

ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ବୁଧବାର ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟାଳୟଠାରେ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୋକୁଳାନନ୍ଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ସୁରେନ୍ଦ୍ର ନାଥ ଦାଶ, ଡ. ସ୍ମିତା ପ୍ରଧାନଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣି ଉନ୍ମୋଚିତ ହୋଇଥିଲା। ସମ୍ମାନିତ ଅତିଥି ଡ. ପୀତବାସ ରାଉତରାୟ ପ୍ରତିଷ୍ଠାନ ଦ୍ୱାରା ସମ୍ପାଦିତ 'ଭାବସମୁଦ୍ର'ର ଚତୁର୍ଥ ସଂସ୍କରଣ ଉନ୍ମୋଚନ କରି ତାଙ୍କ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ଦ୍ୱାରା ଦୀର୍ଘ ୧୬ବର୍ଷ ଧରି ପ୍ରକାଶିତ ହେଉଥିବା ଅନୁଭୂତିରେ ଶ୍ରୀଜଗନ୍ନାଥ ପୁସ୍ତକର ସମ୍ପାଦନାରେ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ତାହା କିପରି ସଫଳ ହୋଇପାରିଛି ସେସମ୍ପର୍କରେ କହିଥିଲେ ।

ଉତ୍ସବରେ ସଭାପତିତ୍ୱ କରି ପ୍ରତିଷ୍ଠାନର ସଭାପତି ପ୍ରଫେସର ସୁରେନ୍ଦ୍ରନାଥ ଦାଶ ଅତିଥି ପରିଚୟ ସହ ପୁସ୍ତକ ଦୁଇଟିକୁ ସମୀକ୍ଷା ମଧ୍ୟ କରିଥିଲେ । ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ ହେବାକୁ ଯାଉଥିବା ଓଡ଼ିଆ ସାହିତ୍ୟର ସମ୍ପୂର୍ଣ୍ଣ ଇତିହାସ-ପ୍ରାକ୍ ସାରଳା ଆଧୁନିକ ଯୁଗ ୨୦୨୦ ପର୍ଯ୍ୟନ୍ତ ସମୟକୁ ୫ଭାଗରେ ବିଭକ୍ତକରି ଏକ ନୂତନ ଶୈଳୀରେ ତଥ୍ୟ ଓ ଇତିହାସ ରଚନା କରିବା ସମ୍ପର୍କରେ ଗବେଷଣା ପ୍ରକଳ୍ପର ସଂଯୋଜକ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ପ୍ରତିଷ୍ଠାନ ଦ୍ୱାରା ସମସ୍ତ ଅତିଥିମାନଙ୍କୁ ପ୍ରତିଷ୍ଠାନର ପୃଷ୍ଠପୋଷକ ଅଲେଖ କୁମାର ଦାସ ଉତ୍ତରୀୟ ତଥା ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରି ଉପସ୍ଥାପକ ପୁଣ୍ୟ ଦର୍ଶନ ସାହୁଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ପ୍ରଫେସର ନାରାୟଣ ସାହୁ, ପ୍ରଫେସର ପ୍ରମୋଦ କୁମାର ପରିଡ଼ା, ପ୍ରାଧ୍ୟାପକ ରୁଦ୍ରନାରାୟଣ ମହାପାତ୍ର, ଡ. ନିବେଦିତା ମହାନ୍ତି, ଡ. ସ୍ମିତା ପ୍ରଧାନ, ପୁସ୍ତକ ପ୍ରକାଶକ ବିଜୟ କୁମାର ମହାପାତ୍ର ତଥା ଗବେଷକ ଲିଙ୍ଗରାଜ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜିଠୁ ଭାରତ ରଙ୍ଗ ମହୋତ୍ସବ

# ପ୍ରଦର୍ଶିତ ହେବ ୨ ଓଡ଼ିଆ ନାଟକ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସଂସ୍କୃତି ମନ୍ତ୍ରଣାଳୟ ଓ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ(ଏନ୍‌ଏସ୍‌ଡି) ନୂଆଦିଲ୍ଲୀ ପକ୍ଷରୁ ଜାତୀୟ ସ୍ତରରେ ଗତ ୧୬ ତାରିଖରୁ ୨୨ତମ ଭାରତ ରଙ୍ଗ ମହୋତ୍ସବ ଆରମ୍ଭ ହୋଇଛି। ଭୁବନେଶ୍ୱରଠାରେ ଏହା ଗୁରୁବାରଠାରୁ କିଟ୍ ଅଡିଟୋରିୟମଠାରେ ପାଞ୍ଚଦିନ ଧରି ୨୫ ତାରିଖ ଯାଏ ଚାଲିବ। ସନ୍ଧ୍ୟା ୬ଟା ୩୦ରୁ ନାଟକ ଆରମ୍ଭ ହେବ। ଏହି ମହୋତ୍ସବକୁ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ଘାଟନ କରିବେ। ପ୍ରଥମ ସନ୍ଧ୍ୟାରେ ମହାସଂଗ୍ରାମର ମହାନାୟକ ବକ୍ସି ଜଗବନ୍ଧୁ ପରିବେଷିତ ହେବ, ଏହାକୁ ରାଜ୍ୟପାଳ ହରିଚନ୍ଦନ ଲେଖିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ମଞ୍ଚ ନିର୍ଦ୍ଦେଶକ ତଥା ଅଭିନେତା ଧୀର ମଲ୍ଲିକ। ଭୁବନେଶ୍ୱରର ଶତାବ୍ଦୀର କଳାକାର ପକ୍ଷରୁ ଏହା ପ୍ରସ୍ତୁତ କରାଯାଇଛି। ଶେଷ ସନ୍ଧ୍ୟାରେ ଓଡ଼ିଆ ନାଟକ ଗାନ୍ଧୀଙ୍କ ଓଡ଼ିଶା ପରିବେଷିତ ହେବ। ଏଥିରେ ମୋଟ ୫ଟି ନାଟକ ପରିବେଷିତ ହେବାକୁ ଥିବାବେଳେ ପ୍ରଥମ ଦିନ ଓଡିଆ, ଦ୍ୱିତୀୟ ଦିନ ଆସାମ, ତୃତୀୟ ଦିନ ବେଙ୍ଗଲି, ଚତୁର୍ଥ ଦିନ ଆସାମ ଓ ପଞ୍ଚମ ଦିନ ପୁନର୍ବାର ଓଡିଆ ନାଟକ ପରିବେଷିତ ହେବ। ଏ ନେଇ ବୁଧବାର ଖବରଦାତା ସମ୍ମିଳନୀରେ ମହୋତ୍ସବ ପକ୍ଷରୁ ସୁମନ ବୈଦ୍ୟ, ଏନ୍‌ଏସ୍‌ଡିଆନ୍ ସମରେଶ ରାଉତରାୟ ଓ ନାଟ୍ୟ ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ନେଇ ବିସ୍ତୃତ ସୂଚନା ଦେଇଛନ୍ତି।




ଖବରଦାତା ସମ୍ମିଳନୀରେ ମହୋତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି।

# ପଥପାର୍ଶ୍ୱ ବିକ୍ରେତା ଅସହାୟ

- ଅର୍ଥନୈତିକ ଅଭିବୃଦ୍ଧି ନୈରାଶ୍ୟଜନକ
- ୧୧୪ ସହରରେ ୧,୦୫,୨୩୨ ଚିହ୍ନଟ
- ବହୁ ଦୂରରେ ଖାଦ୍ୟ ନିରାପତ୍ତା, ସ୍ୱଚ୍ଛତା

ଯାଜପୁର ଅଫିସ,୨୦।୭

ସହରର ଅର୍ଥନୀତି କ୍ଷେତ୍ରରେ ପଥପାର୍ଶ୍ୱ ବିକ୍ରେତାଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହି ପରିପ୍ରେକ୍ଷୀରେ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଓ ସୁରକ୍ଷା ନିମନ୍ତେ ଏକାଧିକ ଯୋଜନା ପ୍ରଣୟନ କରାଯାଇ ଲକ୍ଷାଧିକ ଟଙ୍କା ବିନିଯୋଗ ହୋଇଛି। ହେଲେ ଆଜି ବି ପଥପାର୍ଶ୍ୱ ବିକ୍ରେତା ଅସହାୟ ଅବସ୍ଥାରେ ପଡି ରହିଛନ୍ତି। ଏପରିକି ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତାକୁ ନେଇ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାଜ୍ୟର ବିଭିନ୍ନ ପୌର ପରିଷଦ ଏବଂ ବିଜ୍ଞାପିତ ପରିଷଦ ଅଞ୍ଚଳ କର୍ତ୍ତୃପକ୍ଷ ସେମାନଙ୍କଠାରୁ କେବଳ ଟିକସ ଆଦାୟରେ ପଦକ୍ଷେପ ସୀମିତ ରହୁଥିବା ମତପ୍ରକାଶ ପାଇଛି। ଜାତୀୟ ସହରାଞ୍ଚଳ ଜୀବିକା ମିଶନର ଗାଇଡ୍ ଲାଇନ ଅନୁଯାୟୀ ୨୦୧୭-୧୮ ବର୍ଷରେ ପଥପାର୍ଶ୍ୱ ବିକ୍ରେତାଙ୍କ ସର୍ଭେ ଆରମ୍ଭ ହୋଇଥିଲା। ଏହି କ୍ରମରେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଏଯାଏ ୧,୦୫,୨୩୨ ପଥପାର୍ଶ୍ୱ ବିକ୍ରେତା ଚିହ୍ନଟ ହୋଇଛନ୍ତି। ଫୁଟ୍‌ପାଥ୍, ପାର୍କ, ବସ୍‌ଷ୍ଟାଣ୍ଡ, ରେସିଡେନ୍ସିଆଲ ପ୍ରମୁଖ ସ୍ଥାନରେ ଛୋଟବଡ ବିକ୍ରେତାଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୬୩,୧୧୬ ସଂଖ୍ୟକ ପଥପାର୍ଶ୍ୱ ବିକ୍ରେତା ଚିହ୍ନଟ ହୋଇଥିଲାବେଳେ ପ୍ରଧାନମନ୍ତ୍ରୀ ଷ୍ଟ୍ରିଟଭେଣ୍ଡର ଆତ୍ମନିର୍ଭର ନିଧି(ପିଏମ୍ ଏସ୍‌ଭିଏନିଧି) ଯୋଜନା କାର୍ଯ୍ୟକାରୀ ହେବା ପରେ ନୂତନ ଭାବେ ୪୨୧୧୬ ଜଣଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ସେମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ନିୟମାବଳୀ, ଦାୟିତ୍ୱ ଓ କର୍ତ୍ତବ୍ୟ ସହ ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ଅଗ୍ନି ନିରୋଧକ ବାବଦରେ ସଚେତନତା ଓ ବୀମା ସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଉଛି। ଏହିକ୍ରମରେ ଜାତୀୟ ସହରାଞ୍ଚଳ ଜୀବିକା ମିଶନ ମାଧ୍ୟମରେ ୨୦୧୮-୧୯ ଏବଂ ୨୦୧୯-୨୦ ବର୍ଷରେ ୮୭ ପୌରାଞ୍ଚଳମାନଙ୍କୁ ୨୮,୪୪,୩୦୦ ଟଙ୍କା ଯୋଗାଇ ଦିଆଯାଇଛି। ଏହାବାଦ୍ ପିଏମ୍ ଏସ୍‌ଭିଏନିଧି ଯୋଜନାରେ ୨୦୨୦-୨୧ ବର୍ଷଠାରୁ ଅଦ୍ୟାବଧି ୩୭,୭୭୯ ପଥପାର୍ଶ୍ୱ ବିକ୍ରେତା ବ୍ୟାଙ୍କ ମାଧ୍ୟମରେ ଋଣ ପାଇଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୧୯-୨୦ ବର୍ଷରେ ରାଜ୍ୟର ୬ ପୌରାଞ୍ଚଳର ୧୭,୦୮୯ ଜଣ ପଥପାର୍ଶ୍ୱ ବିକ୍ରେତାଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଫନୀ ବାତ୍ୟା ସମୟରେ ୧୭ କୋଟି ୮ ଲକ୍ଷ ୯୦ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଇଛି। ଏତଦ୍‌ବ୍ୟତୀତ କୋଭିଡ୍-୧୯ ମହାମାରୀ ସମୟରେ ପଥପାର୍ଶ୍ୱ ବିକ୍ରେତାମାନଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ପର୍ଯ୍ୟାୟରେ ୨,୫୧,୬୧୮ ଜଣଙ୍କୁ ମୁଣ୍ଡପିଛା ୩ ହଜାର ଟଙ୍କା ହିସାବରେ ୭୫ କୋଟି ୪୮ ଲକ୍ଷ ୫୪ ହଜାର ଟଙ୍କା ଆବଣ୍ଟନ କରାଯାଇଛି। ଚଳିତ ବିଧାନସଭାରେ ବିଧାୟକ ମୋହନଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଉପରୋକ୍ତ ତଥ୍ୟ ରଖିଛନ୍ତି। ହେଲେ ବାସ୍ତବରେ ପଥପାର୍ଶ୍ୱ ବିକ୍ରେତାମାନେ ଏହିସବୁ ସରକାରୀ ଯୋଜନାରେ ଉପକୃତ ହୋଇଛନ୍ତି କି ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ମତ ପ୍ରକାଶ ପାଇଛି।



ବ୍ୟାସନଗର ସହରର ଗଣେଶ ବଜାରରେ ପଥପାର୍ଶ୍ୱ ବିକ୍ରେତା ବର୍ଷା ପାଣିରେ ବସି ବ୍ୟବସାୟ କରୁଛନ୍ତି।

## ସଂକ୍ଷେପରେ

### ଯୁକ୍ତ୨ ନାମଲେଖା ପାଇଁ ଆବେଦନ ଆରମ୍ଭ

**ଭୁବନେଶ୍ୱର,୨୦।୭(ବ୍ୟୁରୋ):** ୨୦୨୨-୨୩ ଶିକ୍ଷାବର୍ଷରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ବୁଧବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ରାତି ସାଢ଼େ ୯ଟା ସୁଦ୍ଧା ମୋଟ ୭୭,୦୧୫ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୫୫,୩୫୫ଜଣ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। ସେହିପରି ୫୪,୭୬୭ଜଣ ଆବେଦନ ପ୍ରକ୍ରିୟା ପାଇଁ ଥିବା ଟଙ୍କା ପୈଠ କରିସାରିଛନ୍ତି। ଅଗଷ୍ଟ ୧୦ତାରିଖ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଚାଲୁ ରହିବ। ଅଗଷ୍ଟ ୧୭ତାରିଖ ଅପରାହ୍ନ ୩ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ୧୯ ରୁ ୨୫ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଚାଲିବ। ତେବେ ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ଯୁକ୍ତ୨ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ରାଜ୍ୟରେ ୨,୦୫୮ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ୪ଲକ୍ଷ ୨୪ହଜାର ୭୩୯ ସିଟ୍ ରହିଛି। ତେବେ ୨୩୧ଟି ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ୧୧,୦୮୮ ଏବଂ ୧୭୪ଟି ସଂସ୍କୃତ ସ୍କୁଲରେ ଥିବା ୧୨,୦୨୦ଟି ସିଟ୍ ଲାଗି ନାମଲେଖା ପ୍ରକ୍ରିୟା କରାଯିବ। ଯଦି ସିଟ୍ ଅଭାବ ପରିଲକ୍ଷିତ ହୁଏ, ତେବେ ସିଟ୍ ବୃଦ୍ଧି କରାଯିବ ବୋଲି ପୂର୍ବରୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସୂଚନା ଦେଇଥିଲେ।

### ଚିକିତ୍ସାରେ ଅର୍ଥ ବାଧକ: ଜୀବନ ହାରିଲେ ମହିଳା

**ଢେଙ୍କାନାଳ ଅଫିସ, ୨୦।୭:** ଢେଙ୍କାନାଳ ସଦର ଥାନା ଭାଟକାଟେଣୀ ଗ୍ରାମରେ ବୁଧବାର ଘଟିଛି ଏକ ଅଭାବନୀୟ ଘଟଣା। ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତା ଜଣେ ମହିଳାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଥିବାବେଳେ ଯନ୍ତ୍ରଣା ଅସହ୍ୟ ହେବାରୁ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି। ମୃତା ମହିଳା ହେଲେ ଜିତୁ ନାୟକଙ୍କ ସ୍ତ୍ରୀ ଗାୟତ୍ରୀ (୨୭)। ପୋଲିସ ସୂଚନା ଅନୁଯାୟୀ, ଗାୟତ୍ରୀ କୌଣସି ଏକ ଜଟିଳ ରୋଗରେ ପୀଡ଼ିତ ଥିଲେ। ଚିକିତ୍ସା ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ହେଉ ନ ଥିଲା। ସ୍ୱାମୀ ଜିତୁ ଜଣେ ଦିନ ମଜୁରିଆ ହୋଇଥିବାବେଳେ ଗାୟତ୍ରୀଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଥିଲା। ଦିନକୁ ଦିନ ରୋଗ ସହ ଯନ୍ତ୍ରଣା ମଧ୍ୟ ବଢ଼ିବାରେ ଲାଗିଥିଲା। ଏଥିରେ ନିରାଶ ହୋଇ ଗାୟତ୍ରୀ ଏକ ଗାମୁଛା ସହାୟତାରେ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି। ଏହି ଘଟଣାକୁ ନେଇ ଗାୟତ୍ରୀଙ୍କ ବାପଘର ପକ୍ଷରୁ ହତ୍ୟା ଅଭିଯୋଗ ଅଣାଯାଇଥିଲା, ଯାହାକୁ ନେଇ ମୃତ ମହିଳାଙ୍କ ସ୍ୱାମୀ ଜିତୁ ଏବଂ ଶ୍ୱଶୁର ଘର ଲୋକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଟାଉନ ଥାନା ପୋଲିସ ପହଞ୍ଚି ଜିତୁଙ୍କୁ ଉଦ୍ଧାର କରିଥିଲା। ପରେ ସଦର ଥାନା ପୋଲିସ ତାଙ୍କୁ ହେପାଜତକୁ ନେଇ ପଚରାଉଚରା ଚଳାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ କେସ୍ ନଂ. ୩୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଗାୟତ୍ରୀଙ୍କ ମୃତ୍ୟୁ ପରେ ତାଙ୍କର ୩ମାସର ଏକ କନ୍ୟା ସନ୍ତାନ ମା' ଛେଉଣ୍ଡ ହୋଇଯାଇଥିବା ପୋଲିସ କହିଛି।

### ସାର ଯୋଗାଣ ବ୍ୟବସ୍ଥିତ କର: ମନ୍ତ୍ରୀ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ):** ଖରିଫ ଋତୁରେ ସାରର ସୁଷମ ବଣ୍ଟନ ବ୍ୟବସ୍ଥିତ କରିବାକୁ କୃଷି ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସାର କଳାବଜାର ରୋକିବା ଲାଗି ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କୃଷି ସଚିବ ସଞ୍ଜୀବ ଚୋପ୍ରା ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖିଛନ୍ତି। ଚାଷୀଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣରେ ସାର ଉପଲବ୍ଧ କରାଇବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ କୋଅପରେଟିଭ ସଂସ୍ଥାର ଡିଲର ଏବଂ ଘରୋଇ ଡିଲରଙ୍କୁ ସାର ଯୋଗାଇ ଦିଆଯାଇଛି। ପ୍ରତି ବ୍ଲକ୍‌ରେ ଅଧିସୂଚିତ କ୍ଷେତ୍ରୀୟ ଅଧିକାରୀଙ୍କୁ ସାର ନିରୀକ୍ଷକ ଭାବେ ନିୟୋଜିତ କରାଯାଇଛି। ବ୍ଲକ୍‌ସ୍ତରରେ ଯାଞ୍ଚକାରୀ ଦଳକୁ ଅଧିକ ସୁଦୃଢ଼ ଏବଂ କ୍ରିୟାଶୀଳ କରିବା ନିମନ୍ତେ ଜିଲାପାଳଙ୍କୁ କୁହାଯାଇଛି। ରାଜ୍ୟର ଆବଶ୍ୟକତା ଅନୁସାରେ ଡିଏପି ଓ ପଟାସ ସାର ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ଏଥିସହିତ ବିଭିନ୍ନ ର୍‍ୟାକ୍ ପଏଣ୍ଟରୁ ନିର୍ଦ୍ଧାରିତ ଜିଲାଗୁଡ଼ିକୁ ସାରର ବିତରଣ ଓ ଯୋଗାଣ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଜିଲାପାଳମାନଙ୍କୁ ଅନୁରୋଧ କରାଯାଇଛି।

## 'ଏନ୍‌ଏଚ୍ କାର୍ଯ୍ୟ ତୁରନ୍ତ ସାର'

### ମୁଖ୍ୟ ଶାସନ ସଚିବଙ୍କ ବୈଠକ

ଭୁବନେଶ୍ୱର(ବ୍ୟୁରୋ)/ ଅନୁଗୋଳ ଅଫିସ, ୨୦।୭

ଅନୁଗୋଳ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ୫୫ ଓ ୧୪୯ର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ମୁଖ୍ୟତଃ ବଣ୍ଡରପାଳଠାରେ ଉଭୟ ରାଜପଥରେ ଆଣ୍ଠୁଏ ଲେଖାଏଁ ଖାଲ ସାଙ୍ଗକୁ କାଦୁଅ ପଚପଚ ଅବସ୍ଥା ସୃଷ୍ଟି ହୋଇଛି। ଏ ନେଇ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଭିଡିଓ ଭାଇରାଲ ହେଉଥିବା ବେଳେ ପ୍ରଶାସନ, ଲୋକ ପ୍ରତିନିଧିମାନଙ୍କୁ ଜିଲାବାସୀ ଭର୍ତ୍ସନା କରୁଛନ୍ତି। ବୁଧବାର ବିଧାନସଭାରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ରାଜପଥର ଶୋଚନୀୟ ଅବସ୍ଥା ସମ୍ପର୍କରେ ପ୍ରଶ୍ନ ଉଠାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ରାଜ୍ୟ ସଚିବାଳୟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ଆଲୋଚନା କରିଛନ୍ତି। ଏହି ବୈଠକରେ ଯୋଗଦେଇଥିବା ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କୁ ବଣ୍ଡରପାଳ- ଅନୁଗୋଳ ସିଟି ଷ୍ଟ୍ରେଚ୍ ଓ ଏନ୍‌ଏଚ୍ ୫୫ର ତୁରନ୍ତ ମରାମତି ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଭିଡିଓ କନଫରେନ୍ସିଂ ଜରିଆରେ ଆୟୋଜିତ ଏହି ବୈଠକରେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ମୁଖ୍ୟ ସଚିବ(କାର୍ଯ୍ୟ) ବୀର ବିକ୍ରମ ଯାଦବ, ଇଞ୍ଜିନିୟର ଇନ୍ ଚିଫ ମନୋରଞ୍ଜନ ମିଶ୍ର, ମୁଖ୍ୟ ସଚିବଙ୍କ ଓଏସ୍‌ଡି ଦିଲୀପ ରାଉତରାୟ ଏବଂ ଏନ୍‌ଏଚ୍‌ଏଆଇ ସିଜିଏମ୍ ରାମଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଏନ୍‌ଏଚ୍‌ଏଆଇର ରିଜିଓନାଲ ହେଡ୍‌ଙ୍କୁ ତୁରନ୍ତ କାର୍ଯ୍ୟ କରିବା ସହ ଡ୍ରେନ୍ ଓ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଏଚ୍‌ଏଆଇ କାହିଁକି କାର୍ଯ୍ୟ ବିଳମ୍ବ କରୁଛି ସେ ନେଇ ମୁଖ୍ୟ ଶାସନ ସଚିବ ବିରକ୍ତି ଭାବ ପ୍ରକାଶ କରିଥିଲେ। ଏଥିସହ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ମଧ୍ୟ ରାଜପଥର ତୁରନ୍ତ ମରାମତି କରିବା ପାଇଁ କହିଛନ୍ତି।

## କାଶୀପୁର ଝାଡ଼ାବାନ୍ତି ପଛରେ ଦୂଷିତ ଝରଣାଜଳ

## ସ୍ଥିତି ସମୀକ୍ଷା କଲେ ଆର୍‌ଡିସି



ଦକ୍ଷିଣାଞ୍ଚଳ ଆର୍‌ଡିସି ଟି. ଆପଙ୍ଗ ଆଓ ଡାକ୍ତରଖାନାରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

ଭୁବନେଶ୍ୱର (ବ୍ୟୁରୋ)/ ରାୟଗଡ଼ା ଅଫିସ୍, ୨୦।୭

ଦୂଷିତ ଝରଣା ପାଣି ହିଁ ରାୟଗଡ଼ା ଜିଲା କାଶୀପୁରରେ ବ୍ୟାପିଥିବା ଝାଡ଼ାବାନ୍ତିର କାରଣ। ସେଠାରେ ଭିବ୍ରିଓ କଲେରା ବ୍ୟାକ୍ଟେରିଆ ଠାବ ହୋଇଥିବାବେଳେ ଏହାର ମୂଳ ସଂକ୍ରମଣ ପାଣି ଉତ୍ସରୁ ହିଁ ଆରମ୍ଭ ହୋଇଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। ଏଠାରେ ଝାଡ଼ାବାନ୍ତିରେ ଅଦ୍ୟାବଧି ୧୦୪ ଆକ୍ରାନ୍ତ ହୋଇଥିବାବେଳେ ୭ଜଣଙ୍କ ମୃତ୍ୟୁ ଘଟି ସାରିଲାଣି। ସଂକ୍ରମଣ ଚେନ୍ ଭାଙ୍ଗିବାକୁ ରାୟଗଡ଼ା, କୋରାପୁଟର ସ୍ୱାସ୍ଥ୍ୟ ବିଭାଗ ଟିମ୍ ନିୟୋଜିତ ଅଛନ୍ତି। ଝରଣା ପାଣି ବ୍ୟବହାର ନ କରିବାକୁ ଲୋକଙ୍କୁ ବୁଝାଯାଉଛି। ଜଳ ବିଶୋଧନ କାର୍ଯ୍ୟକ୍ରମ ଚାଲିଛି। ସ୍ଥିତି ନିୟନ୍ତ୍ରଣରେ ଅଛି। ବୁଧବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ରାୟଗଡ଼ା ଓ କୋରାପୁଟ ଯାଇଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମହାପାତ୍ର ସୂଚନା ଦେଇଛନ୍ତି।

ଅନ୍ୟପଟେ ଦକ୍ଷିଣାଞ୍ଚଳ ଆର୍‌ଡିସି ଟି. ଆପାଙ୍ଗ ଆଓ କାଶୀପୁର ବ୍ଲକର ଝାଡ଼ାବାନ୍ତି ପ୍ରଭାବିତ ବିଭିନ୍ନ ଗ୍ରାମ, ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର,, କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ର, ଉଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ବେଡ୍ ଉପଲବ୍ଧ ନ ଥିଲେ ରୋଗୀଙ୍କୁ ତଳେ ନ ଶୁଆଇ ଉଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆର୍‌ଡିସି ଝାଡ଼ାବାନ୍ତିରେ ସର୍ବାଧିକ ପ୍ରଭାବିତ ଦୁଦୁକାବାହାଲ ଗ୍ରାମ ନିକଟବର୍ତ୍ତୀ ଜଳ ଉତ୍ସ ବୁଲି ଦେଖିଛନ୍ତି। ସେହିପରି ଜିଲାପାଳ ସ୍ୱାଧାଦେବ ସିଂ ଡଙ୍ଗାସିଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ସହ ଆଲୋଚନା କରିବା ସହିତ ଆକ୍ରାନ୍ତଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ପ୍ରସ୍ତୁତ ରହିବାକୁ କହିଛନ୍ତି। ଫାର୍ମାସିଷ୍ଟ ନ ଥିବାରୁ ତୁରନ୍ତ ଏଠାରେ ଜଣେ ଫାର୍ମାସିଷ୍ଟଙ୍କୁ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାଳିଝରଣ, କାକୁଡ଼ିପଦରରେ ଜଳ ବିଶୋଧନ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଏଥିସହ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀ ଏବଂ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ସନ୍ଦେହ

### ପୁଣି ଦାନ୍ତ କାଟିନେଲେ ଶିକାରୀ

ଭଞ୍ଜନଗର/ ଜଗନ୍ନାଥପ୍ରସାଦ,୨୦।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ପୁଣି ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଜଗନ୍ନାଥପ୍ରସାଦ ରେଞ୍ଜ ବିଡ଼ିପୁର ବିଟ କନ୍ଧ ନୂଆପଲ୍ଲୀ ନିକଟ କାଜୁ ବଗିଚାରେ ଦନ୍ତାହାତୀ ମୃତଦେହ ପଡ଼ିଥିବା ବୁଧବାର ରାତି ପ୍ରାୟ ୮ଟା ସମୟରେ ସୂଚନା ମିଳିଛି। ଡିଏଫ୍‌ଓ ସୁଦର୍ଶନ ବେହେରା, ଜଗନ୍ନାଥପ୍ରସାଦ ରେଞ୍ଜର ଉମାକାନ୍ତ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ବିଦ୍ୟୁତ୍ ଆଘାତରେ ହାତୀଟିର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ହାତୀର ପଛପଟେ ଏକ କ୍ଷତ ଚିହ୍ନ ରହିଥିବା ବେଳେ ଗୋଟିଏ ଦାନ୍ତର ପ୍ରାୟ ୬୦ ପ୍ରତିଶତ ନାହିଁ। କୌଣସି ଦୁର୍ବୃତ୍ତ ଏହାକୁ କାଟି ନେଇଥିବା ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ଗତ ୬ ତାରିଖରେ ମୁଜାଗଡ଼ ରେଞ୍ଜରେ ଏକ ହାତୀକୁ ଶିକାରୀମାନେ ଗୁଳି କରି ଦାନ୍ତ ଦୁଇଟି ଲୁଟି ନେଇଥିଲେ। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯିବା ସହ ଚୋରି ହାତୀଦାନ୍ତ ଉଦ୍ଧାର କରାଯାଇଥିଲା।



ମୃତ ହାତୀ।

## ଜେଲଗଲେ ଡାକ୍ତର

ଢେଙ୍କାନାଳ ଅଫିସ, ୨୦।୭

ଜୀବନ ବୀମା କାଗଜପତ୍ରରେ କାଉଣ୍ଟର ସାଇନ୍ କରିବା ଲାଗି ଜଣେ ଏଜେଣ୍ଟଙ୍କଠାରୁ ୧୧ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଫରେନ୍‌ସିକ ମେଡିସିନ ଟେକ୍ସୋକୋଲୋଜି ବିଭାଗର ସହକାରୀ ଡାକ୍ତର ଉମାକାନ୍ତ ଖେଜୁରିଆ ବୁଧବାର ଗିରଫ ହୋଇଛନ୍ତି। ଅପରାହ୍ନ ୨ଟାରେ କଟକ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଢେଙ୍କାନାଳ ଆଣି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଇଥିଲେ। ଜାମିନ ନାମଞ୍ଜୁର ହେବା ପରେ ଅଭିଯୁକ୍ତ ଡାକ୍ତର ଖେଜୁରିଆଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୭ଦିନ ମଧ୍ୟରେ ମାମଲାର କେସ୍ ଡାଏରି ଦାଖଲ କରିବା ପାଇଁ କୋର୍ଟ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଦାଧର ସାହୁ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ ମାମଲା ପରିଚାଳନା କରିଥିଲେ।



ଡାକ୍ତର ଅରବିନ୍ଦ ଖେଜୁରିଆଙ୍କୁ କୋର୍ଟ ଚାଲାଣ କରାଯାଉଛି।

### ରସିକିଆ ଡାକ୍ତରଙ୍କ ଆଲବମ୍ ନିଶା

ପେସାରେ ଡାକ୍ତର। ହେଲେ ନିଶା ଥିଲା ଆଲ୍‌ବମରେ ଅଭିନୟ। ଏଥିପାଇଁ ସେ ଖର୍ଚ୍ଚ କରୁଥିଲେ ବିପୁଳ ଟଙ୍କା। ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ଡାକ୍ତର ଉମାକାନ୍ତ ଖେଜୁରିଆଙ୍କ ଏଭଳି ରସିକିଆ ରୂପ ପଦାକୁ ଆସିଛି। ଡାକ୍ତର ଖେଜୁରିଆ ବିଭିନ୍ନ ଓଡ଼ିଆ ଆଲବମ୍ ଶୁଟିଂ କରି ଏହାକୁ ସୋସିଆଲ୍ ମିଡିଆରେ ଅପ୍‌ଲୋଡ୍ କରୁଥିଲେ। ଲଭର-୪୨୦, ଜିରୋ ଫିଗରବାଲି, କୁତୁକୁତିଆ ପ୍ରେମ ଭଳି ଅନେକ ଆଲ୍‌ବମରେ ସେ ଅଭିନୟ କରିଛନ୍ତି। ଏହା ଜଣାପଡ଼ିବା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଫୋନ୍ ଜବତ କରାଯାଇଛି। ଆଲ୍‌ବମ୍ ପ୍ରସ୍ତୁତିରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, ଏଥିରେ ବିନିଯୋଗ କରାଯାଇଥିବା ଟଙ୍କା ସେ କେଉଁଠୁ ଆଣୁଥିଲେ, ଲାଞ୍ଚ ଟଙ୍କା ସହିତ ଏହାର କୌଣସି ଲିଙ୍କ୍ ଅଛି କି ନାହିଁ ସେ ସଂକ୍ରାନ୍ତରେ ଭିଜିଲାନ୍ସ ପକ୍ଷରୁ ଖୋଳତାଡ଼ ଜାରି ରହିଛି।


୧୨ତମ ଜନ୍ମଦିନ ଶୁଭେଚ୍ଛା



ଲିପ୍‌ସା ଦାସ (ଲକି)

ଆଜି ତୋର ୧୨ତମ ଜନ୍ମବାର୍ଷିକୀ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଦାସ ପରିବାରବର୍ଗ
ଜୟ ମାତାଦୀ
ଶ୍ରୀରାମ ନଗର, ଓଲ୍ଡ ଟାଉନ୍
ଧ-୭୩୩୩୫


### ଚାକିରି ଦେବାକୁ କହି ୪୩ ଲକ୍ଷ ଚଳୁ

ଅନୁଗୋଳ ଅଫିସ/ ବଣ୍ଡରପାଳ,୨୦।୭

ରେଳୱେରେ ଚାକିରି କରାଇ ଦେବାକୁ କହି ଅନୁଗୋଳ ଜିଲା ବଣ୍ଡରପାଳ ବ୍ଲକ ଅଞ୍ଚଳର କେତେଜଣ ଶିକ୍ଷିତ ବେକାର ଯୁବକଙ୍କଠାରୁ ୨୦୧୯ରେ ୪୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଥିବା ଜଣେ ବ୍ୟକ୍ତି ଓ ତାଙ୍କ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱରର ରାଫିଉଦ୍ଦିନ ଖାନ୍ ଏବଂ ଅନୁଗୋଳ ମହୀଧରପୁରର ରାଜେଶ ନାଏକ। ଗୋଟମରା ଗାଁର ନିରଞ୍ଜନ ବରାହଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୨୧୭/୨୨ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ମହୀଧରପୁରର ରାଜେଶ ନାଏକଙ୍କ ମଧ୍ୟସ୍ଥତାରେ ମୁଖ୍ୟ ଅଭିଯୁକ୍ତ ରାଫିଉଦ୍ଦିନ ଖାନ ନିରଞ୍ଜନଙ୍କ ପୁଅ ବିଶ୍ୱଜିତ ବରାହ, ନୂଆହତାର ବିଶ୍ୱଜିତ ମାଝି, ନାଲ୍‌କୋ ଗିରାଙ୍ଗ ଅଞ୍ଚଳର ସଞ୍ଜୀବ ସାମଲଙ୍କୁ ରେଳୱେରେ ଚାକିରି କରାଇ ଦେବାକୁ କହି ଟଙ୍କା ନେଇଥିଲେ। ଏପରିକି ସେମାନଙ୍କୁ କୋଲକାତା ନେଇ ମେଡିକାଲ ଟେଷ୍ଟ, ଟ୍ରେନିଂ ଦେଇଥିଲେ। ତାଲିମ ସାରିବା ପରେ ଜଏନିଂ ଲେଟର ପାଇଁ ଅଧିକ ଟଙ୍କା ମାଗିବାରୁ ରାଫିଉଦ୍ଦିନଙ୍କ ଆକାଉଣ୍ଟରେ ୪ ଲକ୍ଷ ୫୦ ହଜାର ଟଙ୍କା ଜମା କରାଯାଇଥିଲା। ଏହିଭଳି ଭାବେ ରାଫିଉଦ୍ଦିନ ୧୫ ଜଣ ଆଶାୟୀଙ୍କଠାରୁ ୪୩ ଲକ୍ଷ ଟଙ୍କା ନେଇଥିଲେ। କିଛିଦିନ ପରେ ଚାକିରି ହୋଇଯାଇଥିବା କହି ଧାନବାଦ, ଖଡଗପୁର ଏବଂ ବର୍ଦ୍ଧମାନ ପଠାଇଥିଲେ। କିନ୍ତୁ ସେଠାରୁ ଆଶାୟୀମାନେ ନିରାଶାରେ ଫେରିବା ପରେ ଠକେଇର ଶିକାର ହୋଇଥିବା ସନ୍ଦେହ କରି ଟଙ୍କା ଫେରସ୍ତ ମାଗିଥିଲେ। ହେଲେ ରାଫିଉଦ୍ଦିନ ସେମାନଙ୍କୁ ଧମକ ଦେଇଥିଲେ। ଏ ନେଇ ନିରଞ୍ଜନ ବରାହ ବଣ୍ଡରପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।


CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE
For Booking Contact: 0674-2580385, 8637280816, 7894447167, 9338226625

KUBER FINANCE
(Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
9417930815

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଊନବିଂଶ (19th) ଶ୍ରାଦ୍ଧବାର୍ଷିକୀ



୰ସିପ୍ରା ଦାଶ
ଗ୍ରାମ: ବୀରରାମଚନ୍ଦ୍ରପୁର, ସାକ୍ଷିଗୋପାଳ, ଜି:- ପୁରୀ
ତିରୋଧାନ: ତା. ୨୨।୦୭।୨୦୦୩
ନିନା, ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସତ୍ୟବାଦିତା, କର୍ତ୍ତବ୍ୟପରାୟଣତା ଆମ୍ଭମାନଙ୍କୁ ଚିରକାଳ ଅନୁପ୍ରାଣିତ କରୁଥିବ। ତୋର ଅନୁପସ୍ଥିତି ଆମ୍ଭ ସମସ୍ତଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛି।
-:ଶୋକସନ୍ତପ୍ତ:-
ସ୍ୱାମୀ- ମନୋଜ କୁମାର ଦାଶ ଓ ପରିବାରବର୍ଗ।
ଧ-୭୩୨୮୨

୧୦ମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତି
ତିରୋଧାନ: ୧୨।୦୭।୨୦୧୨
(ଶ୍ରାବଣ କୃଷ୍ଣପକ୍ଷ ନବମୀ ତିଥି)
ଗ୍ରାମ-ଜଳପୋକ, ଜିଲ୍ଲା-କେନ୍ଦ୍ରାପଡ଼ା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ-ଅନସୂୟା ମହାନ୍ତି,
ପୁଅ: ଜନ୍ମେଜୟ ମହାନ୍ତି, ବୋହୂ: କୃଷ୍ଣପ୍ରିୟା ମହାନ୍ତି, ପୁଅ: ମୃତ୍ୟୁଞ୍ଜୟ ମହାନ୍ତି, ମମତାଞ୍ଜଳି ମହାନ୍ତି, ନାତୁଣୀ: ଶାଶ୍ୱତୀ ମହାନ୍ତି ଏବଂ ପରିବାରବର୍ଗ।
ଧ-୧୦୫୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିକ୍ରମ କେଶରୀ ବରାଳ
ଆବିର୍ଭାବ- ୧୭ ଜୁନ୍ ୧୯୬୯
ତିରୋଧାନ- ୨୭ ଜୁଲାଇ ୨୦୦୮
ଭାଇ, ତୁମ କଥା ସବୁବେଳେ ମନେପଡୁଛି। ତୁମର ସ୍ୱର୍ଗବାସ ସୁଖମୟ ହେଉ, ଏହି କାମନା କରୁଅଛୁ।
ତୁମର ଭଣଜା- ଶାଶ୍ୱତ, ଭଉଣୀ- ନିବେଦିତା
ଧ-୧୦୪୯

## ନୀରବତା ଅନ୍ତରାଳେ..

ସୈଫ୍ ତନୟା ସାରା ଅଲ୍ଲୀ ଖାଁ ଏବେ ଅଧିକାଂଶ ସମୟ ନୀରବ ରହୁଛନ୍ତି। ଅଯଥା କୌଣସି କଥାରେ ମନ୍ତବ୍ୟ ଦେବାକୁ ଚାହୁଁନାହାନ୍ତି। ହେଲେ ହଠାତ୍ ତାଙ୍କର ଏଭଳି ଅବତାର ପଛରେ ନିଶ୍ଚୟ ତ କିଛି କାରଣ ଥିବ। ତେବେ ଆସନ୍ତୁ ଜାଣିବା ତାହା କ'ଣ। ଏ ନେଇ ସାରା କହନ୍ତି, 'ବର୍ତ୍ତମାନ ମୁଁ ମୋ କ୍ୟାରିୟର ପ୍ରତି ବେଶ୍ ସଚେତନ। କେମିତି ଆକ୍ଟିଂରେ ଆହୁରି ସଫଳତା ଅର୍ଜନ କରିବି ସେ ନେଇ ଯୋଜନା କରିସାରିଛି। ମୋର ମାର୍ଗଦର୍ଶକ ମୋତେ କିଛି ମାସ ନୀରବତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ବାସ୍, ତାହାକୁ ମୁଁ ଜଷ୍ଟ ଫଲୋ କରୁଛି। ଏହା ପଛରେ ଆଉ ସେମିତି କିଛି କାରଣ ନାହିଁ।' ସାରା ଯେତେବେଳେ ମାର୍କେଟ ଯାଇଥାଆନ୍ତି ଗୋଟିଏ ଜିନିଷ କିଣିବାକୁ ପଛାଇ ନ ଥାନ୍ତି। ତାହା ହେଲା ମନଲାଖି ଡ୍ରେସ୍। ବେଳେବେଳେ ଏପରି ଡ୍ରେସ ଚଏସ କରିବାକୁ ସେ ଘଣ୍ଟା ଘଣ୍ଟା ଲଗାଇ ଦିଅନ୍ତି। ସାରା ନନ୍-ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି। ତେବେ ଦେଖାଯାଉ, ସାରାଙ୍କ ନୀରବତା ତାଙ୍କର କ୍ୟାରିୟରକୁ କି ମାଇଲେଜ ଦେଉଛି।



# କରୀନାଙ୍କ ପୂର୍ବାନୁମାନ

ମନରେ ପୁଳାଏ ଆଶା। ତାହା ପୁଣି କେମିତି ରହିବନି କହୁନାହାନ୍ତି? ଯେଉଁ ଫିଲ୍ମଟିର ଶୁଟିଂ ସମୟରେ ସେ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି ତାହାର ସଫଳତାକୁ ନେଇ ଆଶା ବାନ୍ଧିବା କ'ଣ ଭୁଲ? ହଁ, ସେ ହେଲେ କରୀନା କପୁର। କଥା କ'ଣ କି ଆମିର ଖାଁ-କରୀନାଙ୍କୁ ନେଇ ନିର୍ମିତ 'ଲାଲ୍ ସିଂ ଚଢ଼ା' ଆସନ୍ତା ମାସ ୧୧ରେ ମୁକ୍ତିଲାଭ କରିବ। ତେଣୁ ଏ ନେଇ ବେଶ୍ ଉତ୍ସୁକ ଅଛନ୍ତି କରୀନା। ଏ ବିଷୟରେ କରୀନା କହନ୍ତି, 'ଏହି ଫିଲ୍ମଟିର କାହାଣୀ ବେଶ୍ ଦମଦାର। ତା'ସହ ଶୁଟିଂ ସମୟରେ ପ୍ରତିଟି ବିଷୟକୁ ବେଶ୍ ଗମ୍ଭୀରତାର ସହ ନେଇଥିଲେ ନିର୍ଦ୍ଦେଶକ ଅଦ୍ୱୈତ ଚନ୍ଦନ। ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହାକୁ ଶତ ପ୍ରତିଶତ ସଫଳ କରିବାକୁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। 'ଲାଲ୍ ସିଂ ଚଢ଼ା' ମୋ କ୍ୟାରିୟର ଅନ୍ୟତମ ହିଟ୍ ଫିଲ୍ମ ହେବ ବୋଲି ଆଶା ରଖିଛି। ଫିଲ୍ମଟିର ରିଲିଜ ଡେଟ୍ ଯେତିକି ପାଖେଇ ଆସୁଛି ମୋ ମନରେ ଆଗ୍ରହ ସେତିକି ବଢ଼ିବାରେ ଲାଗିଛି।' ତେବେ ଫିଲ୍ମଟି ବକ୍ସ ଅଫିସରେ କି କମାଲ କରୁଛି ତାହା ଅଗଷ୍ଟ ୧୧ ପରେ ହିଁ ଜଣାପଡିବ।

### ଅପେରା ହାଲ୍‌ଚାଲ୍

## ସମ୍ପର୍କ ମିଛକୁ ସପନ ମିଛ

ସମ୍ପର୍କକୁ ଆଧାର କରି ତଥା ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଅପେରା ନାଟକ 'ସମ୍ପର୍କ ମିଛକୁ ସପନ ମିଛ' (ରଚନା-ସଚ୍ଚି ସ୍ୱାଇଁ, ନିର୍ଦ୍ଦେଶନା-ବୀରେନ୍ଦ୍ର ମଲ୍ଲିକ)। ଏଭଳି ଏକ ନାଟକକୁ ନେଇ ଏଥର ମଇଦାନକୁ ଓହ୍ଲାଉଛି ଚଳିତବର୍ଷ ନବଗଠିତ ହାଇବଜେଟ୍ ଅପେରା ପାର୍ଟି 'ଯାତ୍ରା ରାଜନନ୍ଦିନୀ'। ଷ୍ଟାର-ଷ୍ଟଡେଡ୍ ଏହି ପାର୍ଟି ଦ୍ୱାରା ଉକ୍ତ ନାଟକର ରିହରସାଲ ଭଦ୍ରକର ରାଣୀପୋଲଠାରେ ଚାଲୁ ରହିଛି। ଏହି ପାର୍ଟିର ଅନୁସନ୍ଧାନ ନାଟକଦ୍ୱୟ ('ଗୁପ୍ତ ସମ୍ପର୍କ' ଫେମ୍ ନବଘନ ରାଉଳଙ୍କ 'ସ୍କୁଲ ମାଷ୍ଟର' ଏବଂ ବଙ୍କିମ ସ୍ୱାଇଁଙ୍କ 'ମଲ୍ଲୀମାଳ ଶ୍ୟାମକୁ ଦେବି'ର ପ୍ରସ୍ତୁତି ଚାଲିଛି ବୋଲି ସୂଚନା ଦେଇଛନ୍ତି ପାର୍ଟିର ମୁଖ୍ୟ ପରିଚାଳକ ଭାନୁ ମିଶ୍ର। ଏ ସମ୍ପର୍କରେ ସେ କହନ୍ତି, 'ଯାତ୍ରା ରାଜନନ୍ଦିନୀ ଏଥର ଫୁଲ୍ ଜୋସ୍‌ରେ ମଇଦାନକୁ ଓହ୍ଲାଇବ। ଏହି ପାର୍ଟି ଆସନ୍ତା ସିଜନରେ ବାଜିମାତ କରିବ ବୋଲି ଦୃଢ଼ ବିଶ୍ୱାସ ରହିଛି।' ସ୍ମୃତି ରଞ୍ଜନ ପଲେଇଙ୍କ ପ୍ରଯୋଜନା ଏବଂ ସରୋଜ ସେନାପତିଙ୍କ ସହ ପ୍ରଯୋଜନାରେ ଉକ୍ତ ଅପେରା ପାର୍ଟିରେ କୈଳାସ ବେହେରା, ସୁର-ରଞ୍ଜି, ବୁଲୁ ବିଶ୍ୱାଳ, ଗୋପାଳ, ମାନସ, ସୁଦର୍ଶନ, ପ୍ରଭୁ, ଜିତ୍, କାର୍ତ୍ତିକ, ନୃସିଂହ, ବିନ୍ନି, ଟିଙ୍କି, ବେବି, ମୀନା ଏବଂ ଜୟନ୍ତୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।


ବିନ୍ନି

## ଖୋଜିଲା ଚିଜ ମିଳିଗଲା

ଗୋଟିଏ ବ୍ୟାନରରେ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ସିନେମାରେ ନାୟିକା ସାଜିବେ ଭୂମି ପେଦେନକର। ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। ଏପରି ହ୍ୟାଟ୍ରିକ୍ ଚାନ୍ସ ସମ୍ପର୍କରେ ଭୂମି କହନ୍ତି, 'ଏହା ଏକ ନୂଆ ବ୍ୟାନର। କିନ୍ତୁ ଏଥିରେ ନିର୍ମିତ ହେବାକୁ ଯାଉଥିବା ତିନୋଟି ଫିଲ୍ମର କାହାଣୀ ଭିନ୍ନ ଭିନ୍ନ। ଗୋଟିଏ ସିନେମା ଲଭ୍‌ଷ୍ଟୋରି ଉପରେ ଆଧାରିତ। ଅନ୍ୟଟି ପାରିବାରିକ କାହାଣୀକୁ ନେଇ ପ୍ରସ୍ତୁତ କରାଯିବ। ଆଉ ତୃତୀୟ ଫିଲ୍ମରେ ଜଣେ ନାରୀ ନିଜ ପରିବାରକୁ ବଞ୍ଚାଇବା ଲାଗି କିପରି ନିଜ ଜୀବନକୁ ବାଜି ଲଗାଇ ଦେଉଛି ତାହା ଦେଖିବାକୁ ମିଳିବ। ଏହି କାହାଣୀଗୁଡ଼ିକ ମୋତେ ବେଶ୍ ପ୍ରଭାବିତ କରିଛି ଏବଂ ସେଗୁଡ଼ିକ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛି। ତା'ସହ ସେଗୁଡ଼ିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫରକୁ ଗ୍ରହଣ କରିଛି। ଏଗୁଡ଼ିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ।' ତେବେ ଏହି ଫିଲ୍ମଗୁଡ଼ିକ ଭୂମିଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ଭୂମି

## ବଡ଼ ସୁଯୋଗକୁ ଅପେକ୍ଷା

'ଅଭିନୟ ଏକ ସହଜ କଥା ନୁହେଁ। ବର୍ତ୍ତମାନ ସୁଦ୍ଧା ମୋତେ ଯେତୋଟି ଅଫର ମିଳିଛି ସେଥିରେ ନିଜ ଦକ୍ଷତା ଦେଖାଇବାରେ ମୁଁ ଆଦୌ ଅବହେଳା କରିନାହିଁ। ବାସ୍, ଏକ ବଡ଼ ସୁଯୋଗ ଅପେକ୍ଷାରେ ଅଛି ବୋଲି କହନ୍ତି ପଲ୍ଲବୀ।' ଓଡ଼ିଆ ଫିଲ୍ମ 'ତେଜସ୍ୱିନୀ'ରେ ଶିଶୁ କଳାକାର ଭାବରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏହାର ସଫଳତା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ବର୍ତ୍ତମାନ ସେ ଅଭିନୟ କରିଥିବା ଓଡ଼ିଆ ଚିତ୍ର 'ବାଏ ବାଏ ଦିଲ୍' ଖୁବ୍ ଶୀଘ୍ର ମୁକ୍ତିଲାଭ କରିବାକୁ ଯାଉଛି। ମଲ୍ହାର ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏବଂ କୁନାଲ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ତାଙ୍କୁ ଅନ୍ୟତମ ଲିଡ୍ ରୋଲ୍‌ରେ ଦେଖିବାକୁ ମିଳିବ। ପଲ୍ଲବୀଙ୍କ ବ୍ୟତୀତ ଏଥିରେ ନାୟକ ଭୂମିକାରେ ରାଜ୍ ଏବଂ ଅନ୍ୟତମ ନାୟିକା ଭୂମିକାରେ ରୁଷିଆ ସୁନ୍ଦରୀ ସାସା, କୁନାଲ ପଟ୍ଟନାୟକ, ଜୀବନ ପଣ୍ଡା, ପ୍ରୀତିରାଜ ଅଭିନୟ କରିଛନ୍ତି। ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୫ରେ ଅଧ୍ୟୟନରତା ପଲ୍ଲବୀ ଗ୍ରାଜୁଏଶନ ପରେ ପୁଣେସ୍ଥିତ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାରେ ଅଧ୍ୟୟନ କରିବାକୁ ଆଶା ରଖିଛନ୍ତି।


ପଲ୍ଲବୀ

## ଓମ୍ ଶ୍ରୀ ପ୍ରଜାପତୟେ ନମଃ

ନୂଆ ଓଡ଼ିଆ ସିନେମା 'ଓମ୍ ଶ୍ରୀ ପ୍ରଜାପତୟେ ନମଃ'ର ଶୁଟିଂ ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଓମ୍ ଫିଲ୍ମସ ବ୍ୟାନରରେ ଏହା ହେଉଛି ତୃତୀୟ ଚଳଚ୍ଚିତ୍ର। ଏହାର ପ୍ରଯୋଜନା କରିଛନ୍ତି ଶୁଭଲକ୍ଷ୍ମୀ ପଟ୍ଟନାୟକ। ଉମେଶ ପଟ୍ଟନାୟକଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ସୁନୀଲ। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦନାଥ ଦାଶ। ବର୍ତ୍ତମାନର ଅନ୍ୟତମ ବ୍ୟସ୍ତ ଅଭିନେତା ସମ୍ବିତ ଫିଲ୍ମର ନାୟକ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି 'ଆସ୍ତିକ ନାସ୍ତିକ'ର ନାୟିକା କୁକିଜ୍। ଏମାନଙ୍କ ବ୍ୟତୀତ ଅସିତ ପତି, ପିଣ୍ଟୁ ନନ୍ଦ, ରାଜୀବ ମହାନ୍ତି, ତୃପ୍ତି ସିହ୍ନା, ଲୋପାମୁଦ୍ରା ଏବଂ ତାପସ ପାଢ଼ୀ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏହାର ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ସଞ୍ଜୀବ ଦ୍ୱିବେଦୀ। ଏହା ପୂର୍ବରୁ ସଞ୍ଜୀବ ଓଡ଼ିଆ ସିନେମା 'ସାଥୀ ତୁ ସାତ ଜନମର' ବ୍ୟତୀତ ୨୦ଟି ସାନ୍ତାଳୀ ଏବଂ ଭୋଜପୁରୀ ଫିଲ୍ମର ନିର୍ଦ୍ଦେଶନା ଦେଇସାରିଛନ୍ତି।


ସମ୍ବିତ-କୁକିଜ୍

## ଏବେ ବି ମନେ ପଡ଼େ 'ବାଗୀ'

ଟାଇଗର ଶ୍ରଫଙ୍କ ଅଭିନୀତ 'ବାଗୀ' ହିଟ୍ ଫିଲ୍ମ ଭାବରେ ସାବ୍ୟସ୍ତ ହୋଇଥିଲା। କିନ୍ତୁ ଏହାର କାଷ୍ଟିଂ ସମୟର ଘଟଣାକୁ ଏ ପର୍ଯ୍ୟନ୍ତ ଭୁଲି ପାରୁନାହାନ୍ତି ଦିଶା ପଟାନି। ଏହି ଫିଲ୍ମରେ ଟାଇଗରଙ୍କ ଅପୋଜିଟ୍‌ରେ କିଏ ନାୟିକା ସାଜିବ ସେ ନେଇ ଟିକେ ଅଡୁଆରେ ପଡିଥିଲେ ନିର୍ଦ୍ଦେଶକ ସବୀର ଖାଁ। ହେଲେ ହଠାତ୍ ଦିଶା ପଟାନିଙ୍କ ନାମ ତାଙ୍କ ମନକୁ ଆସିଥିଲା। ବିଳମ୍ବ ନ କରି ତାଙ୍କ ସହ ସେ ଯୋଗାଯୋଗ କରିଥିଲେ। ଏହି ଫିଲ୍ମ ବିଷୟରେ ସବୁ କିଛି ଜାଣିବା ପରେ ଦିଶା ଏଥିରେ ଅଭିନୟ କରିବେ ବୋଲି ରାଜି ମଧ୍ୟ ହୋଇଥିଲେ। କିନ୍ତୁ ରାତାରାତି ଚକ ଏମିତି ଓଲଟି ଗଲା ଯେ ଦେଖିଲା ବେଳକୁ ଦିଶା ଆଉଟ୍ ଆଉ ଶ୍ରଦ୍ଧା କପୁର ଇନ୍। ଏ ସମ୍ପର୍କରେ ଦିଶା କହନ୍ତି, ' ଏ ପର୍ଯ୍ୟନ୍ତ ମୁଁ ବି ଜାଣିପାରୁନି ମୋତେ କାହିଁକି କାଷ୍ଟିଂରୁ ଆଉଟ୍ କରାଗଲା। ଏ ନେଇ ମୁଁ ଯେତେବେଳେ ପ୍ରଯୋଜନା ସଂସ୍ଥାକୁ ପଚାରିଲି ସେମାନେ ଉତ୍ତର ଦେଲେ ଯେ କାହାଣୀରେ ପରିବର୍ତ୍ତନ ହେବା ପରେ ଏହାର ନାୟିକା ଭୂମିକାରେ ଶ୍ରଦ୍ଧାଙ୍କୁ ନିଆଯାଇଥିଲା। ଯଦି ମୁଁ ସେଥିରେ ଆକ୍ଟିଂ କରିବାର ସୁଯୋଗ ପାଇଥାଆନ୍ତି ତେବେ ଆହୁରି ଖୁସି ହୋଇଥାଆନ୍ତି। ସେ ନେଇ ମୁଁ ଅନୁଶୋଚନା ନାହିଁ। ଏବେ ନିଜ କ୍ୟାରିୟର ପ୍ରତି ଅଧିକ ଧ୍ୟାନ ଦେଉଛି।'


ଦିଶା

## ସ୍ପେଶାଲ ସଜବାଜ

ଥରେ ମନେପକାନ୍ତୁ ନା ଓଡ଼ିଆ ଚଳଚ୍ଚିତ୍ର 'ଯୋଗୀ'କୁ। ଏହାର ନିର୍ଦ୍ଦେଶକ ଇତି ମଧ୍ୟରେ ବେଶ୍ କେତୋଟି ଫିଲ୍ମର ନିର୍ଦ୍ଦେଶନା ଦେଇସାରିଲେଣି। ହେଲେ ଏବେ ସେ ସ୍ପେଶାଲ ସଜଜବାଜ ହେଉଛନ୍ତି। କାରଣ କ'ଣ ଜାଣିବେନି? ତା' ପୂର୍ବରୁ ସେହି ନିର୍ଦ୍ଦେଶକ ଜଣଙ୍କ କିଏ ତାହା ସୂଚାଇ ଦେବା ଠିକ୍ ହେବ। ସେ ହେଲେ ନିରଞ୍ଜନ ବେହେରା। ବର୍ତ୍ତମାନ ଏକ ଭିନ୍ନ ଧରଣର ଲଭ୍ ଷ୍ଟୋରିକୁ ଆଧାର କରି ଏକ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି ସେ। ଏ ସମ୍ପର୍କରେ ନିରଞ୍ଜନ କହନ୍ତି, 'ଏବେ ଟିନ୍ ଏଜ୍ ପ୍ରେମ କାହାଣୀର ଚାହିଦା ରହିଛି। କାରଣ ଯୁବପିଢ଼ିଙ୍କର ସିନେମା ପ୍ରତି ଅଧିକ ଆକର୍ଷଣ ଅଛି। ତେଣୁ ସେହିପରି ଏକ ଦମଦାର କାହାଣୀଟିଏ ପାଇବା ପରେ ତାହାକୁ ଆଧାର କରି ସିନେମାଟିଏ ନିର୍ମାଣ କରିବାକୁ ଅଣ୍ଟା ଭିଡିଛି। ଆଶା ରଖିଛି ଏହି ଫିଲ୍ମଟି ସବୁ ବର୍ଗର ଦର୍ଶକଙ୍କ ମନକୁ ଛୁଇଁ ପାରିବ।' ଏହାପୂର୍ବରୁ ନିରଞ୍ଜନ 'ଆଣ୍ଟିନମସ୍କାର', 'ପ୍ରେମ ପାଇଁ ମହାଭାରତ', 'ହୀରୋ ନଂ ଜିରୋ', 'ପ୍ରେମଲୀଳା', 'ଫ୍ଲପ୍ ସିନେମା', 'ପ୍ରଥମ ପ୍ରେମ', 'ପ୍ରେମ ପାଇଁ କିଛି ବି' ଏବଂ ଜି ସାର୍ଥକ ପରିବାର ପୁରସ୍କାର ପାଇଥିବା 'ସାହାଣୀ ଘରର କାହାଣୀ'ର ନିର୍ଦ୍ଦେଶନା ଦେଇସାରିଛନ୍ତି।


ନିରଞ୍ଜନ




ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବରେ ବାମରୁ କର୍ନାଟକ ସ୍ପୋର୍ଟ୍ସ ଏକାଡେମୀ ସଭାପତି ଗୋପାଲ ହୋସୁର, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ବଲିଉଡ୍ ଅଭିନେତା ଆର୍. ମାଧବନ, କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ ଏବଂ କମିଶନର ଆର୍. ଭିନିଲ କ୍ରିଷ୍ଣା । ଟ୍ରଫି ସହ ଚାମ୍ପିୟନ କର୍ନାଟକ ଦଳ ।

# ୧୫ ପଦକ ସହିତ ଭାରତ ପ୍ରଥମ

**ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍**

ଚାଙ୍ଗଓନ୍,୨୦।୭(ପି.ଟି)

କୋରିଆର ଚାଙ୍ଗଓନ୍‌ରେ ଖେଳାଯାଉଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍ ସମାପ୍ତ ହୋଇଛି। ମୋଟ୍ ୧୫ ପଦକ ହାସଲ କରି ଭାରତ ପ୍ରଥମ ସ୍ଥାନରେ ରହି ନିଜର ଅଭିଯାନ ଶେଷ କରିଛି। ଏହା ମଧ୍ୟରେ ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ ବ୍ରୋଞ୍ଜ ସାମିଲ ରହିଛି। ପ୍ରତିଯୋଗିତାର ଅନ୍ତିମ ଦିନରେ ୨୫ ମିଟର ରାପିଡ୍ ଫାୟାର ପିସ୍ତଲ ଇଭେଣ୍ଟରେ ଭାରତୀୟ ପୁରୁଷ ଦଳ ରୌପ୍ୟ ହାସଲ କରିଥିଲା। ଅନିଶ ଭନୱାଲା, ବିଜୟବୀର ସିଦ୍ଧୁ ଓ ସମୀରଙ୍କ ଦଳ ଆରମ୍ଭରୁ ୧୦-୨ର ଅଗ୍ରଣୀ ହାସଲ କରିଥିଲା। ମାତ୍ର ଅଭିଜ୍ଞ ଚେକ୍ ରିପବ୍ଲିକ୍ ଦଳ ଶେଷରେ ୧୭-୧୫ ବ୍ୟବଧାନରେ ଜିତି ନେଇଥିଲା। ସ୍କିଟ୍‌ରେ ଭାରତୀୟ ମିକ୍ସଡ ଟିମ୍ ମୈରାଜ ଅହମ୍ମଦ୍ ଖାନ୍ ଓ ମୁଫାଦ୍ଦାଲ ଦିସାୱାଲା ନବମ ସ୍ଥାନରେ ରହିଥିଲେ। ୨୦୧୯ରେ ଭାରତ ସମସ୍ତ ୫ଟିଯାକ ଶୁଟିଂ ବିଶ୍ୱକପ୍‌ରେ ବିଜୟୀ ହୋଇଥିବା ବେଳେ ୨୦୨୧ରେ ଅନୁଷ୍ଠିତ ଗୋଟିଏ ଇଭେଣ୍ଟକୁ ମଧ୍ୟ ଭାରତୀୟ ଦଳ ଜିତି ନେଇଥିଲା। କାଇରୋରେ ଅନୁଷ୍ଠିତ ୨୦୨୨ର ପ୍ରଥମ ବିଶ୍ୱକପ୍‌କୁ ଭାରତୀୟ ଦଳ ଜିତିଥିବା ବେଳେ ଆସନ୍ତା ଅକ୍ଟୋବରରେ ସମାନ ଭେନ୍ୟୁରେ ଖେଳାଯିବ ବିଶ୍ୱ ଚାମ୍ପିୟନଶିପ୍।

# ୬୨୩ ପଏଣ୍ଟ ସହ କର୍ନାଟକ ଦଳଗତ ଚାମ୍ପିୟନ

ଭୁବନେଶ୍ୱର, ୨୦।୭ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ୪୮ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ କର୍ନାଟକ ୩୮ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୧୬ ବ୍ରୋଞ୍ଜ ସମେତ ମୋଟ ୭୮ ପଦକ ଜିତି ଦଳଗତ ଚାମ୍ପିୟନ ହୋଇଛି। କର୍ନାଟକକୁ ମୋଟ ୬୨୩ ପଏଣ୍ଟ ମିଳିଛି। ଏହି ଦଳ ଗ୍ରୁପ୍-୧ ବାଳକ ବିଭାଗରେ ୧୨୦ ଓ ବାଳିକାରେ ୧୫୮ ପଏଣ୍ଟ ପାଇଛି। ସେହିପରି ଗ୍ରୁପ୍-୨ ବାଳକ ବିଭାଗରେ ୧୪୨ ଓ ବାଳିକାରେ ୨୦୩ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛି। ୱାଟର ପୋଲୋର ବାଳକ ବିଭାଗରେ ବେଙ୍ଗଲ ଓ ବାଳିକାରେ କେରଳ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ମୋଟ ୨୬ଟି ନୂଆ ମିଟ୍ ରେକର୍ଡ ସ୍ଥାପନ ହୋଇଛି।

ବାଳିକା ବିଭାଗ ଗ୍ରୁପ୍-୧ରେ ମହାରାଷ୍ଟ୍ରର ଅପେକ୍ଷା ଫର୍ନାଣ୍ଡିଜ୍ (୫ ସ୍ୱର୍ଣ୍ଣ) ଓ ଗ୍ରୁପ୍-୨ରେ ହର୍ଷିକା ରାମଚନ୍ଦ୍ର (୪ ସ୍ୱର୍ଣ୍ଣ, ୧ ରୌପ୍ୟ) ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି। ସେହିପରି ବାଳକ ବିଭାଗ କାଟେଗୋରି-୧ରେ କର୍ନାଟକର ଉତ୍କର୍ଷ ପାଟିଲ (୩ ସ୍ୱର୍ଣ୍ଣ, ୧ ରୌପ୍ୟ) ଓ ଗୁଜରାଟର ଦେବାଂଶ ପାର୍ମର (୩ ସ୍ୱର୍ଣ୍ଣ, ୧ ରୌପ୍ୟ) ଏବଂ ଗ୍ରୁପ୍-୨ରେ କର୍ନାଟକର ଆର.ନବନୀତ ଗୌଡ଼ା (୫ ସ୍ୱର୍ଣ୍ଣ) ଶ୍ରେଷ୍ଠ ସନ୍ତରଣକାରୀ ପୁରସ୍କାର ପାଇଛନ୍ତି।

**ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ**

**ୱାଟର ପୋଲୋ ବାଳିକାରେ କେରଳ, ବାଳକରେ ବେଙ୍ଗଲ ଚାମ୍ପିୟନ**

କର୍ନାଟକ ବାଳକ ବିଭାଗରେ ୧୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ଜିତିଥିବାବେଳେ ବାଳିକାରେ ୨୨ ସ୍ୱର୍ଣ୍ଣ, ୧୭ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ହାସଲ କରିଛି। ମହାରାଷ୍ଟ୍ର ୧୫ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୧୫ ବ୍ରୋଞ୍ଜ ସମେତ ୪୨ ପଦକ ପାଇ ଦ୍ୱିତୀୟ ଓ ତେଲଙ୍ଗାନା ୭ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ସହ ୧୭ ପଦକ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଆସାମ (୪-୯-୪), ଗୁଜରାଟ (୩-୫-୨), ତାମିଲନାଡୁ (୨-୧୦-୧୩), ଦିଲ୍ଲୀ (୨-୪-୭), ବେଙ୍ଗଲ (୨-୩-୭), ପଞ୍ଜାବ (୨-୨-୨) ଓ ହରିୟାଣା (୨-୧-୨) ଟପ୍-୧୦ ଫିନିଶ୍ କରି ପଛକୁ ପଛ ରହିଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଏବଂ ଚଳଚ୍ଚିତ୍ର ଅଭିନେତା ଆର. ମାଧବନ, ରାଜ୍ୟ କ୍ରୀଡ଼ା ବିଭାଗର ସଚିବ ଓ କମିଶନର ଆର. ଭିନିଲ କ୍ରିଷ୍ଣା, କେଏସ୍‌ଏ ସଭାପତି ଗୋପାଳ ହୋସୁର, ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆର ମହାସଚିବ ମୋନାଲ ଚୋକ୍‌ସି, ଟିଓଏସ୍‌ଏସ୍‌ଏ କାର୍ଯ୍ୟକାରୀ ସଭାପତି ସୋମା ମିଶ୍ର ଓ ସାଧାରଣ ସମ୍ପାଦକ ଗୋଲାପ ମହନ୍ତ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଫାଓ ଲିଗ୍: କିଶୋର କ୍ଲବ ବିଜୟୀ



ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ରେ ବୁଧବାର କିଶୋର କ୍ଲବ ଓ ଆଜାଦ ହିନ୍ଦ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଭୁବନେଶ୍ୱର, ୨୦।୭ (କ୍ରୀଡ଼ା ପ୍ରତିନିଧି)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ କିଶୋର କ୍ଲବ ବିଜୟ ହାସଲ କରିଛି। ଅବଦୁଲ ରଜାକ ସିଲିକିଙ୍କ ଡବଲ ଗୋଲ ବଳରେ କିଶୋର କ୍ଲବ ୪-୨ ଗୋଲରେ ଆଜାଦ ହିନ୍ଦ କ୍ଲବକୁ ପରାସ୍ତ କରିଛି। ସିଲିକି ୩୨ ଓ ୫୮ତମ ମିନିଟରେ ଗୋଲ ଦୁଇଟି ଦେଇଥିଲେ। କିଶୋର କ୍ଲବ ପକ୍ଷରୁ ଅନ୍ୟ ୨ଟି ଗୋଲ ଅନୁରାଗ ସାହୁ ୨୨ ଏବଂ ବିବେକ ବାଗ ୭୧ତମ ମିନିଟରେ ଦେଇଥିଲେ। ଆଜାନ୍ଦ ହିନ୍ଦ କ୍ଲବର ଭାବଗ୍ରାହୀ କୁମୁରା ୭ମ ଏବଂ ଘନଶ୍ୟାମ ଶ' ୪୭ତମ ମିନିଟରେ ଗୋଲ ସ୍କୋର କରିଥିଲେ। ଆଶର୍ବାଦ କାନୁନ୍‌ଗୋ, ଅରୁଣ ନାୟକ, ଉତ୍କମଣୀ ବେହେରା ଓ ଜ୍ୟୋତି ରଞ୍ଜନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ଦୁର୍ଗା ମାଧବ ନାୟକ ମ୍ୟାଚ କମିଶନର ଥିଲେ। ଗୁରୁବାର ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଏବଂ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଭାରତୀୟ ମହିଳା ରଗ୍‌ବୀ ଦଳରେ କିସ୍‌ର ୩ ଛାତ୍ରୀ

ଭୁବନେଶ୍ୱର, ୨୦।୭ (ସ୍ପୋର୍ଟ୍ସ ବ୍ୟୁରୋ)

ରଗ୍‌ବୀ ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ଏସିଆ ରଗ୍‌ବୀ ସେଭେନ୍‌ସ ଟ୍ରଫି ୨୦୨୨ ପାଇଁ ୧୪ ଜଣିଆ ମହିଳା ଦଳ ଘୋଷଣା କରାଯାଇଛି। ଆସନ୍ତା ଅଗଷ୍ଟ ୬ ଓ ୭ ତାରିଖରେ ଇଣ୍ଡୋନେସିଆର ଜାକାର୍ତ୍ତାରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏହି ଭାରତୀୟ ମହିଳା ଦଳରେ କିସ୍‌ର ୩ ଜଣ ଛାତ୍ରୀ ହୁପି ମାଝୀ, ଡୁମୁଣୀ ମାରାଣ୍ଡି ଓ ତରୁଲତା ନାୟକ ସ୍ଥାନ ପାଇଛନ୍ତି। ୨୦ ତାରିଖରେ ଦଳ ଥାଇଲାଣ୍ଡ ଗସ୍ତ କରି ଏକ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲା ଖେଳିବ। ଏହାପରେ ଦଳ ଇଣ୍ଡୋନେସିଆ ଯାଇ ସିଆ ରଗ୍‌ବୀ ସେଭେନ୍‌ସ ଟ୍ରଫି ୨୦୨୨ରେ ଅଂଶଗ୍ରହଣ କରିବ। ଏସିଆ ରଗ୍‌ବୀ ସେଭେନ୍‌ସ ମହିଳା ବର୍ଗରେ ସମୁଦାୟ ୭ ଦଳ ଅଂଶଗ୍ରହଣ କରିବେ। ଭାରତୀୟ ଦଳରେ ସ୍ଥାନ ପାଇଥିବା ୩ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ।

**ମହିଳା ଦଳ:** ଭାବିଜ ଭରୁଚା (ଅଧିନାୟିକା), ବୈଷ୍ଣବୀ ପାଟିଲ, ଶ୍ୱେତା ଶାହି, ଆରତୀ କୁମାରୀ, ହୁପି ମାଝି, ଡୁମୁଣୀ ମାରାଣ୍ଡି, ତରୁଲତା ନାୟକ, ସନ୍ଧ୍ୟା ରାୟ, ଶିଖା ଯାଦବ, ନନ୍ଦିନୀ, ପ୍ରିୟା ବଂଶଲ, ଶୀତଲ ଶର୍ମା, ଗୋମତୀ ଏବଂ ରମନିକ କୌର୍।

# ଓଡ଼ିଶା ପ୍ରତିଯୋଗୀଙ୍କୁ ଦୁଇ ପଦକ

**ଏସିଆନ୍ ବଡି ବିଲ୍‌ଡିଂ**

ଭୁବନେଶ୍ୱର, ୨୦।୭ (କ୍ରୀଡ଼ା ପ୍ରତିନିଧି)

୫୪ତମ ଏସିଆନ୍ ବଡି ବିଲ୍‌ଡିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀ ହାସଲ କରିଛନ୍ତି ଦୁଇ ପଦକ। ତରୁଣ କୁମାର ଚାଟାର୍ଜୀ ସ୍ୱର୍ଣ୍ଣ ଓ ବିଚିତ୍ର ନାୟକ ରୌପ୍ୟ ପଦକ ହାସଲ କରିଛନ୍ତି। ମାଲଡେଭିସ୍‌ରେ ଗତ ୧୫ ତାରିଖରୁ ଏହି ୭ ଦିନିଆ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଇଣ୍ଡିଆନ୍ ବଡି ବିଲ୍‌ଡିଙ୍ଗ୍ ଫେଡେରେଶନ ପକ୍ଷରୁ ଓଡ଼ିଶାର ଏକ ୫ ଜଣିଆ ଦଳ ପଠାଯାଇଥିଲା। ଏହି ଦଳରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ତରୁଣ କୁମାର ଚାଟାର୍ଜୀ ସ୍ୱର୍ଣ୍ଣ ପଦକ ହାସଲ କରି ୬୫ କିଗ୍ରା ଓଜନ ବର୍ଗରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ ଏବଂ କାର୍ଯ୍ୟକାରୀ ଉପସଭାପତି ବାବୁଲି ଚରଣ ସ୍ୱାଇଁ ବିଚାରକ ଭାବେ ଯୋଗଦେଇଥିଲେ। ଉଭୟ ତରୁଣ ଓ ବିଚିତ୍ର ଦୀର୍ଘଦିନ ହେବ ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ବେଳେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଯୋଗଦେଇଛନ୍ତି। ଏହି ସଫଳତା ପାଇଁ ସୁମିତ୍ରା ତ୍ରିପାଠୀ, ମୁଖ୍ୟ ଉପଦେଷ୍ଟା ମାନସରଞ୍ଜନ ମହାପାତ୍ର ଏବଂ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର ଅଭିନନ୍ଦନ ଜଣାଇଛନ୍ତି।



କର୍ମକର୍ତ୍ତାଙ୍କ ଗହଣରେ ପଦକ ବିଜେତା ବଡିବିଲ୍ଡର।

# ଆଥ୍‌ଲେଟଙ୍କୁ ସଫଳତାର ମନ୍ତ୍ର ଦେଲେ ମୋଦି

**ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨**

ନୂଆଦିଲ୍ଲୀ,୨୦।୭(ପି.ଟି)

ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ ପୂର୍ବରୁ ଆଥ୍‌ଲେଟମାନଙ୍କ ସହିତ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭିଡିଓ କନଫରେନ୍ସ ଜରିଆରେ ମୋଦି ଆଥ୍‌ଲେଟମାନଙ୍କ ସହିତ ଆଲୋଚନା କରିବା ସହିତ ସଫଳତାର ମନ୍ତ୍ର ପ୍ରଦାନ କରିଛନ୍ତି। ବର୍ମିଂହାମରେ ହେବାକୁ ଥିବା ଏହି ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୂର୍ବରୁ ବୁଧବାର ମୋଦି ସମସ୍ତ ଖେଳାଳିଙ୍କ ସହିତ ଆଲୋଚନା କରିଥିଲେ। 'କ୍ୟୁଁ ପଡେ ହୋ ଚକ୍କର ମେଁ କୋଇ ନେହିଁ ହେ ଟକ୍କର ମେ' ନିଜ ବିପକ୍ଷ ଖେଳାଳିଙ୍କୁ ଭେଟିବା ପୂର୍ବରୁ ସର୍ବଦା ଏହି ମନ୍ତ୍ର ଉପରେ ଧ୍ୟାନ ଦେବାକୁ ମୋଦି ପରାମର୍ଶ ଦେଇଥିଲେ। ଏହା ସହିତ ସମସ୍ତ ଖେଳାଳିଙ୍କ ସଫଳତା କାମନା କରିଥିଲେ ପ୍ରଧାନମନ୍ତ୍ରୀ ମୋଦି।

ବର୍ତ୍ତମାନ ସମୟ ଭାରତୀୟ କ୍ରୀଡ଼ା ଇତିହାସରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଆପଣମାନେ ଦେଶ ପାଇଁ ପ୍ରଦର୍ଶନ କରିବାର ଯେଉଁ ସୁଯୋଗ ପାଇଛନ୍ତି ନିଶ୍ଚୟ ଗର୍ବ ଅନୁଭବ କରୁଥିବେ। ଆପଣମାନେ ସଫଳତାର ଶିଖରରେ ପହଞ୍ଚିବା ସହିତ ନୂତନ ଇତିହାସ ସୃଷ୍ଟି କରୁଛନ୍ତି। ବହୁ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ଅନେକ ରେକର୍ଡ କରିସାରିଛନ୍ତି। ତେବେ ପ୍ରଥମ ଥର ଯେଉଁ ଖେଳାଳିମାନେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି ମୁଁ ସେମାନଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି କହିଥିଲେ ମୋଦି। ୧୪୧ଟି କ୍ରୀଡ଼ା ଇଭେଣ୍ଟ ପାଇଁ ୨୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଥିବା ବେଳେ ଏଥି ମଧ୍ୟରୁ ୬୫ ଜଣ ପ୍ରଥମ ଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ଏହି ଆଲୋଚନା ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଅବିନାଶ ସାବଲେ, ଅଚିନ୍ତା ଶେଉଲି ଓ ତ୍ରିସା ଜୋଲିଙ୍କ ସହିତ ଆଲୋଚନା କରିଥିଲେ।




# ଡୋପ୍ ଟେଷ୍ଟରେ ବିଫଳ ଧନଲକ୍ଷ୍ମୀ ଓ ଐଶ୍ୱର୍ଯ୍ୟା

ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨ ପୂର୍ବରୁ ଭାରତକୁ ବଡ ଝଟକା। ଡୋପ ଟେଷ୍ଟରେ ବିଫଳ ହୋଇଛନ୍ତି ଦୁଇ ଜଣ ଆଥଲେଟ। ସ୍ପ୍ରିଣ୍ଟର ଏସ୍. ଧନଲକ୍ଷ୍ମୀ ଏବଂ ଟ୍ରିପଲ୍ ଜମ୍ପର ଐଶ୍ୱର୍ଯ୍ୟା ବାବୁ ଡୋପ ଟେଷ୍ଟରେ ବିଫଳ ହୋଇଛନ୍ତି। ଫଳରେ ଏହି ଦୁଇ ଖେଳାଳି ରାଜ୍ୟ ଗୋଷ୍ଠୀ କ୍ରୀଡାରେ ଅଂଶଗ୍ରହଣ କରିପାରିବେ ନାହିଁ। ୱାଡାର ଆଥଲେଟିକ୍ସ ଇଣ୍ଟିଗ୍ରେସନ୍ ୟୁନିଟ୍(ଏଆଇୟୁ) ପକ୍ଷରୁ କରାଯାଇଥିବା ଡୋପ୍ ଟେଷ୍ଟରେ ଧନଲକ୍ଷ୍ମୀ ବିଫଳ ହୋଇଥିବା ଜଣାପଡିଛି। ଧନଲକ୍ଷ୍ମୀ ଭାରତ ପକ୍ଷରୁ ୧୦୦ ମିଟର ରେସ୍ ଏବଂ ୪ ଗୁଣା ୧୦୦ ମିଟର ରିଲେରେ ଅଂଶଗ୍ରହଣ କରିଥାନ୍ତେ। ୨୪ ବର୍ଷୀୟ ଧନଲକ୍ଷ୍ମୀ ରାଜ୍ୟଗୋଷ୍ଠୀ କ୍ରୀଡା ସହିତ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ ଦଳରେ ମଧ୍ୟ ରହିଥିଲେ। ହେଲେ ଭିଜା ସମସ୍ୟା କାରଣରୁ ସେ ଅଂଶଗ୍ରହଣରେ ସମର୍ଥ ହୋଇ ନ ଥିଲେ। ସେହିପରି ନାଡା ପକ୍ଷରୁ ଐଶ୍ୱର୍ଯ୍ୟାଙ୍କ ନମୁନା ପରୀକ୍ଷଣ ପାଇଁ ନିଆଯାଇଥିଲା। ବିଗତ ମାସରେ ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପରେ ୧୪.୧୪ ମିଟର ଟ୍ରିପଲ ଜମ୍ପ ସହିତ ସେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏହି ଚାମ୍ପିୟନଶିପରେ ନିଆଯାଇଥିବା ନମୁନା ପଜିଟିଭ୍ ଆସିଥିବା ଜଣାପଡିଛି।



ଏସ୍. ଧନଲକ୍ଷ୍ମୀ ଓ ଐଶ୍ୱର୍ଯ୍ୟା ବାବୁ।

# ପାକିସ୍ତାନ ୧-୦ରେ ଆଗୁଆ

**ଗାଲେ,୨୦।୭:** ଶ୍ରୀଲଙ୍କା ବିପକ୍ଷ ଗାଲେ ଟେଷ୍ଟରେ ଅସମ୍ଭବକୁ ସମ୍ଭବ କରି ଦେଖାଇଛି ପାକିସ୍ତାନ। ଗାଲେ ପରି ସ୍ପିନ ସହାୟକ ପିଚ୍‌ରେ ଦଳ ଚତୁର୍ଥ ଇନିଂସରେ ୩୪୨ ରନ୍‌ର ପିଛା କରି ବିଜୟୀ ହୋଇଛି। ଅନ୍ତିମ ଦୁଇ ଦିନରେ ବିଜୟ ପାଇଁ ରନ୍‌ର ପାହାଡ ଆବଶ୍ୟକ ଥିବା ବେଳେ ଓପନର ଅବଦୁଲ୍ଲା ଶଫିକ୍‌ଙ୍କ ଅପରାଜିତ ଶତକ ବଳରେ ଦଳ ୬ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିବା ସହିତ ସିରିଜରେ ଆଗୁଆ ରହିଛି। ଶ୍ରୀଲଙ୍କା ୩ ଜଣ ସ୍ପେଶାଲିଷ୍ଟ ସ୍ପିନରଙ୍କୁ ନେଇ ଖେଳୁଥିବା ବେଳେ ଏକ ଧୈର୍ଯ୍ୟଭରା ମାରାଥନ ଇନିଂସ ଖେଳିଥିଲେ ଶଫିକ୍। ୪୦୮ ବଲ୍‌ର ଏହି ମାରାଥନ ଇନିଂସରେ ଶଫିକ୍ ୭ଟି ଚୌକା ଓ ଗୋଟିଏ ଛକା ସହିତ ୧୬୦ ରନରେ ଅପରାଜିତ ରହିଥିଲେ।

ଅନ୍ତିମ ଦିନରେ ପାକିସ୍ତାନକୁ ବିଜୟ ପାଇଁ ୧୨୦ ରନ ଆବଶ୍ୟକ ରହିଥିବା ବେଳେ ଶ୍ରୀଲଙ୍କାକୁ ଆବଶ୍ୟକ ରହିଥିଲା ୭ ଉଇକେଟ। ମହମ୍ମଦ ରିଜୱାନ ୪୦ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ଦଳକୁ ବିଜୟୀ କରାଇଥିଲେ। ଶ୍ରୀଲଙ୍କା ପକ୍ଷରୁ ପ୍ରଭାତ ଜୟସୁରିୟା ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଅବଦୁଲ୍ଲା ଶଫିକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ**

ବୋଲଗଡ଼,(ଡି.ଏନ୍.ଏ.): ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଞ୍ଚଳ ଅସରଳା ଗ୍ରାମଠାରେ ଏକ ଘରୋଇ ଫାଇନାନ୍ସ ସଂସ୍ଥାର ଜଣେ ମହିଳା କର୍ମଚାରୀଙ୍କୁ ଆକ୍ରମଣ ହୋଇଥିବାର ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ମହିଳା କର୍ମଚାରୀ ଜଣକ ଫାଇନାନ୍ସ ସଂସ୍ଥାର ଅନ୍ୟ କର୍ମଚାରୀଙ୍କ ସହିତ ମିଶି ଏକ ଟ୍ରାକ୍ଟର ଜବତ କରିବାକୁ ଯାଇ ଫେରୁଥିଲେ। ଏହି ସମୟରେ ରାସ୍ତାରେ ଉକ୍ତ ମହିଳା କର୍ମଚାରୀଙ୍କୁ ଜଣେ ବ୍ୟକ୍ତି ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇ ପ୍ରଥମେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ହୋଇଥିଲେ। ସ୍ୱାସ୍ଥ୍ୟବସ୍ଥା ସଂକଟାପୂର୍ଣ୍ଣ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ତେବେ ବୋଲଗଡ଼ ଥାନା ଆଇ ଆଇସି ରଶ୍ମିରଂଜନ ସାହୁଙ୍କୁ ପଚାରିବାରୁ ଏଭଳି ଏକ ଘଟଣା ଘଟିଥିବା ବେଳେ ଥାନାରେ ଅଭିଯୋଗ ହୋଇନାହିଁ ବୋଲି ସୂଚନା ଦେଇଥିଲେ।

## ସଂକ୍ଷେପରେ

### ସିପିଆଇର ବୋଲଗଡ଼ ଜୋନ ସମ୍ମିଳନୀ

ବୋଲଗଡ଼,୨୦।୭(ଡି.ଏନ୍.ଏ.): ସିପିଆଇର ବୋଲଗଡ଼ ଜୋନ ସମ୍ମିଳନୀ ବୁଧବାର ବୋଲଗଡ଼ ନନ୍ଦିଘୋଷ ଭବନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅବସରପ୍ରାପ୍ତ ବିଇଓ ପୁରେନ୍ଦ୍ର ବେହେରା ସିପିଆଇ ପତାକା ଉତ୍ତୋଳନ କରିଥିଲେ। କମ୍ରେଡ ବସନ୍ତ ମଞ୍ଜରୀ ପରମଗୁରୁ ବୈପ୍ଳବିକ ସଂଗୀତ ଗାନ କରିଥିଲେ। ଏହି ସମ୍ମିଳନୀର ଆବାହକ ଆଇନଜୀବୀ ଅମିୟ ପଟ୍ଟନାୟକ ପ୍ରାରମ୍ଭିକ ଅଭିଭାଷଣ ଓ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସିପିଆଇର ଖୋର୍ଦ୍ଧା ଜିଲା ସମ୍ପାଦକ ନୃସିଂହ ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବେଗୁନିଆ ଜୋନ ସମ୍ପାଦକ ବିଜୟକୁମାର ଗୁମାନସିଂହ ଏବଂ ପ୍ରଦୀପ ବାରିକ ମଞ୍ଚାସୀନ ରହି ସିପିଆଇର କାର୍ଯ୍ୟ ସମ୍ମିଳନୀ ବିଷୟରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ଜୋନ ର ୧୨ଟି ଶାଖାରୁ ୮୮ଜଣ ଯୋଗଦେଇଥିଲେ। ନୂତନ ଗଠିତ ୨୧ଜଣିଆ ଜୋନ କମିଟିରେ ସମ୍ପାଦକ ଭାବେ ଲକ୍ଷ୍ମଣ ସେଠୀ ଏବଂ ସହ ସମ୍ପାଦକ ପଦବୀ ପାଇଁ ଧନୁର୍ଜୟ ନାୟକଙ୍କୁ ସର୍ବସମ୍ମତି କ୍ରମେ ମନୋନିତ୍ତ କରାଯାଇଥିବା ସମ୍ମିଳନୀର ଆବାହକ ପଟ୍ଟନାୟକ ସୂଚନା ଦେଇଛନ୍ତି। ସଭାପତି ମଣ୍ଡଳୀରେ ଶିକ୍ଷକ ନେତା ଦିବାକର ପରମଗୁରୁ, ଆଦିବାସୀ ନେତା ଗଗନ ନାୟକ ଏବଂ ଶିକ୍ଷାବିତ ପ୍ରଫୁଲ୍ଲ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଲେଜ ଅଧକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୨୦।୭(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରକ୍ଷୁଣୀ ଦେବୀ ଚିଲିକା ଡିଗ୍ରୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅକ୍ଷୟ କୁମାର ଜେନାଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଧର୍ମାନନ୍ଦ ପଲେଇଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ଡିଗ୍ରୀ କଲେଜ ସାତପଡାର ଇତିହାସ ବିଭାଗ ଅଧାପକ ପବିତ୍ର ମୋହନ ଦାସ, ଅଧାପକ ପ୍ରସନ୍ନ ସାହୁ, ଦୟା ବିହାର ଡିଗ୍ରୀ କଲେଜର ଅଧାପକ ସଂଗ୍ରାମ କେଶରୀ ପରିଡା, ରକ୍ଷୁଣୀ ଦେବୀ ଚିଲିକା +୨ କଲେଜର ଅଧାପିକା ଡ.ଅନ୍ନପୂର୍ଣ୍ଣା ମହାପାତ୍ର, ଉମାକାନ୍ତ ଲେଙ୍କା, ନଳିନୀକାନ୍ତ ପାହାଣ ପ୍ରମୁଖ ଯୋଗଦେଇ ପୂର୍ବତନ ଅଧକ୍ଷ ଅକ୍ଷୟଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ କହିଥିଲେ। ବରିଷ୍ଠ ଅଧାପକ ଗୋପାଳ କୃଷ୍ଣ ଜେନା କାର୍ଯ୍ୟ ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ତରଫରୁ ବିଦାୟୀ ଅଧକ୍ଷ ଜେନାଙ୍କୁ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନାରେ ଅଧକ୍ଷଙ୍କ ଦକ୍ଷତା, ସମୟାନୁବର୍ତ୍ତିତା ସର୍ବୋପରି ଅଧାପକଙ୍କ ସହ ସହଭାଗିତା ଆମ୍ଭମାନଙ୍କୁ ଅନେକ ପ୍ରେରଣା ଦେଇଛି ବୋଲି ମହାବିଦ୍ୟାଳୟର କର୍ମକର୍ତ୍ତା ମତ ଦେଇଥିଲେ।

### ସାଗରଗୁଆଁ ସମବାୟ ସମିତି ସଭାପତିଙ୍କ ଦାୟିତ୍ୱ ଗ୍ରହଣ



ବୋଲଗଡ,୨୦।୭(ଡି.ଏନ୍.ଏ.): ବୋଲଗଡ ବ୍ଲକ ସାଗରଗୁଆଁ ସେବା ସମବାୟ ସମିତିର ସଭାପତି ଭାବେ ନିର୍ବାଚିତ କୃଷ୍ଣଚନ୍ଦ୍ର ବାରିକ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିନେଇ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ କୃଷକ ସମାରୋହରେ ସମିତି ସମ୍ପାଦକ ପରମାନନ୍ଦ ବେହେରାଙ୍କ ଅଧକ୍ଷତାରେ ରାଜସୁନାଖଳା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସନ୍ଦୀପ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମିତିସଭ୍ୟ ତୋଫାନ ବେହେରା,ଚାଷୀ ଗୋପାଳ ମହାନ୍ତି ଓ ଅଜୟ ରାଉତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସଭାପତି ବାରିକ, ଉପସଭାପତି ରୂପ ଦେଈ ଓ ଅନ୍ୟ ୧୩ ଜଣ ପରିଚାଳନା ପରିଷଦ ସଦସ୍ୟଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସଭାପତି ବାରିକ ଅଞ୍ଚଳର ଚାଷୀ କର୍ଯ୍ୟରେ ଉନ୍ନତି ପାଇଁ କାର୍ଯ୍ୟ କରିବି ବୋଲି କହିଥିଲେ। ଉପସ୍ଥିତ ସଦସ୍ୟ ଓ କୃଷକମାନେ ବିହନ ସାର ଓ କୀଟନାଶକରେ ରିହାତି ଓ ୧ ଲକ୍ଷ ଟଙ୍କା କୃଷି ଋଣ ଉପରେ ସୁଧ ଛାଡ ନିଷ୍ପତ୍ତି ପାଇଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ବର୍ତ୍ତମାନ ନିଜ ଜମିଚାଷ ପାଇଁ କୃଷିଋଣରେ ବୀମା ଭୁକ୍ତ ହେବାକୁ ଫର୍ମ ଗ୍ରହଣ କରିଥିଲେ ପରିଶେଷରେ ସୁକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ କ୍ରଶର ମାଲିକ

ଖୋର୍ଦ୍ଧା ଅଫିସ,୨୦।୭



ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଆସିଥିବା ତାପଙ୍ଗ ଆଞ୍ଚଳିକ କ୍ରଶର ଆସୋସିଏଶନର କର୍ମକର୍ତ୍ତା।

ଖୋର୍ଦ୍ଧାରେ ଲଘୁ ଖଣିଜ ଚୋରା ଚାଲାଣ ବଢ଼ିଚାଲିଛି। ଏହାକୁ ରୋକିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ବେଆଇନ ପଥର ଖଣି ଏବଂ କ୍ରଶର ଶିଳ୍ପ ଉପରେ ଚଢ଼ାଉ ଜାରି ରହିଛି। ଗତ ୧୦ ଦିନରେ ଶହେରୁ ଉର୍ଦ୍ଧ୍ୱ କ୍ରଶର ୟୁନିଟ୍ ସିଲ୍ କରାଯାଇଥିବା ବେଳେ ଶିଳ୍ପ ସଂସ୍ଥାକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଏହାର ପ୍ରତିବାଦରେ ତାପଙ୍ଗ ଆଞ୍ଚଳିକ କ୍ରଶର ଆସୋସିଏଶନ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଆସୋସିଏଶନର ସଦସ୍ୟମାନେ ପୂର୍ବାହ୍ନ ୧୧ଟାରେ ନୂଆ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। କ୍ରଶର ଶିଳ୍ପସଂସ୍ଥା ବନ୍ଦ ଯୋଗୁ ଏଥିରେ କାର୍ଯ୍ୟ କରୁଥିବା ପ୍ରାୟ ୫୦ହଜାର ଶ୍ରମିକ କାମ ହରାଇଛନ୍ତି। ତୁରନ୍ତ ଏହି ସମସ୍ୟା ସମାଧାନ କରା ନ ଗଲେ ଆସନ୍ତା ୨୬ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯିବ ବୋଲି ଆସୋସିଏଶନର କର୍ମକର୍ତ୍ତା କହିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ୨୦୧୯ ଅକ୍ଟୋବର ୪ରେ ତତ୍କାଳୀନ ଜିଲାପାଳ ସୀତାଂଶୁ ରାଉତଙ୍କ ଅଧ୍ୟକ୍ଷତାରେ କ୍ରଶର ମାଲିକମାନଙ୍କ ସହିତ ପ୍ରଶାସନର ଏକ ବୈଠକ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ତତ୍କାଳୀନ ଜିଲା ଯୋଜନା କମିଟି ସଭାପତି, ଜିଲା ପରିଷଦ ସଭାପତି ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ, ଦୁଇମାସ ମଧ୍ୟରେ ସମସ୍ତ କ୍ରଶର ମାଲିକ ସିଟିଂ ସାର୍ଟିଫିକେଟ ଲାଗି ଆବେଦନ କରିବେ। ଇତିମଧ୍ୟରେ କ୍ରଶର ୟୁନିଟ୍ ଚଲାଇବା ଲାଗି ରାଜ୍ୟ ପ୍ରଦୂଷଣ ବୋର୍ଡ ସିଙ୍ଗଲ ୱିଣ୍ଡୋ ସିଷ୍ଟମରେ ଅନୁମତି ଦେଇଛନ୍ତି। କୋଭିଡ-୧୯ ସଂକ୍ରମଣ ଯୋଗୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ପ୍ରବେଶ ବନ୍ଦ ରହିଥିଲା। ଫଳରେ ଏହି ସମୟ ମଧ୍ୟରେ ସିଟିଂ ସାର୍ଟିଫିକେଟ ଲାଗି ଜିଲାପାଳଙ୍କ କାର୍ଯ୍ୟାଳୟରେ ବାରମ୍ବାର ଆବେଦନ ସତ୍ତ୍ୱେ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ।

**କ୍ରଶର ସିଲ୍, ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପ୍ରସଙ୍ଗ**

- ସମାଧାନ ନ ହେଲେ ହାଇକୋର୍ଟ ଯିବୁ: ସଂଘ
- ବେଆଇନ କ୍ରଶର ସିଲ୍ କରାଯିବ : ଜିଲାପାଳ

ଖୋର୍ଦ୍ଧା ଜିଲାର ବହୁ ଯୁବତୀ ଯୁବକ ଓ ଶ୍ରମିକ ଏହି କ୍ରଶରଗୁଡ଼ିକରେ କାର୍ଯ୍ୟ କରୁଛନ୍ତି। ଅନେକ ପରିବାର ଏହି ଶିଳ୍ପସଂସ୍ଥା ଉପରେ ନିର୍ଭରଶୀଳ। ତେବେ ଜିଲା ପ୍ରଶାସନ ଅଚାନକ କ୍ରଶର ୟୁନିଟ୍ ସିଲ କରିଦେବାରୁ ଜୀବିକା ପ୍ରଭାବିତ ହୋଇଛି। ତାପଙ୍ଗ କ୍ରଶର ୟୁନିଟ୍ ସିଲ୍ ସହ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ଯୋଗୁ ସନ୍ଧ୍ୟା ହେଲେ ସେଠାରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ପାନୀୟଜଳରୁ ବଞ୍ଚିତ ହେବା ସହ ହିଂସ୍ରଜନ୍ତୁଙ୍କ ଆକ୍ରମଣ ଆଶଙ୍କା ରହିଛି।

କ୍ରଶର ସଂଘର କାର୍ଯ୍ୟକାରୀ ସଭାପତି ପ୍ରକାଶ ସାମନ୍ତରାୟ ଏବଂ ସମ୍ପାଦକ କେଦାର ନାଥ ନରେନ୍ଦ୍ର କହିଛନ୍ତି, ୨୦୧୯ରୁ କ୍ରଶର ସିଟିଂ ସାର୍ଟିଫିକେଟ ଲାଗି ଶତାଧିକ କ୍ରଶର ସଂସ୍ଥା ଆବେଦନ କରିଛନ୍ତି। ମାତ୍ର କୌଣସି ପଦକ୍ଷେପ ନିଆଯାଇନାହିଁ। ଅନ୍ୟପଟେ ପ୍ରଶାସନ ବିନା ଆଲୋଚନାରେ ଏକତରଫା ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଆମେ ଏହାକୁ ତୀବ୍ର ବିରୋଧ କରୁଛୁ। ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ହାଇକୋର୍ଟ ଯିବାକୁ ବାଧ୍ୟ ହେବୁ। ଅନ୍ୟପକ୍ଷରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ବେଆଇନ ଭାବେ ଚାଲିଥିବା କ୍ରଶର ୟୁନିଟ୍ ଉପରେ ଚଢ଼ାଉ ଜାରି ରହିଛି। ସିଟିଂ କ୍ରାଇଟେରିଆ ଡକ୍ୟୁମେଣ୍ଟ ଏବଂ ପରିବେଶ ମଞ୍ଜୁର ନ ଥିବା କ୍ରଶର ୟୁନିଟକୁ ବନ୍ଦ କରାଯିବ। କ୍ରଶର ୟୁନିଟ୍ ଚଲାଇବା ପାଇଁ ଆସିଥିବା ଆବେଦନଗୁଡ଼ିକ ସମ୍ପର୍କରେ ଗାଇଡ୍‌ଲାଇନ ଅନୁଯାୟୀ ପଦକ୍ଷେପ ନିଆଯିବ।

## କରତକଳରେ ଚଢ଼ାଉ: ଯନ୍ତ୍ରାଂଶ, ଟ୍ରାକ୍ଟର ଜବତ

ନିରାକାରପୁର,୨୦।୭(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଭୂଷଣ୍ଡପୁର ଫରେଷ୍ଟର ଅଧୀନରେ ଥିବା ଭଜାଗଡ ଫରେଷ୍ଟ କାଜୁ ଜଙ୍ଗଲରେ ଦୀର୍ଘଦିନ ଧରି ଚାଲୁ ଆସୁଥିବା କରତକଳ ଉପରେ ବନ ଵିଭାଗ ବୁଧବାର ଚଢାଉ କରିଥିଲା। ଚଢାଉ ସମୟରେ ଅନେକ କାଠ ଯନ୍ତ୍ରାଂଶ ସହ ଗୋଟିଏ ଟ୍ରାକ୍ଟର ଜବତ ହୋଇଛି। ତେବେ ବନ ବିଭାଗ ଆସିବା ଖବରପାଇ କରତକଳ ମାଲିକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। କିଛି ଦିନ ପୂର୍ବେ ଡମଣଭୂଇଁ, କମାଗୁରୁ, ଗୋଳବାଇ କାୟାଠାରେ ଚାଲୁଥିବା ବେଆଇନ କରତ କଳ ଉପରେ ଚଢାଉ କରିଥିଲେ ମଧ୍ୟ ଅନୁରୂପ ଭାବେ ମାଲିକ ଫେରାର ଥିବାରୁ ଗିରଫ କରାଯାଇପାରି ନ ଥିଲା। କିଛିଦିନ ମଧ୍ୟରେ ୪ଟି କରତକଳରେ ଚଢାଉ ହୋଇ ଲକ୍ଷ ଲକ୍ଷ ଟଙ୍କାର ଯନ୍ତ୍ରାଂଶ, କାଠ, ଟ୍ରାକ୍ଟର ଜବତ ହେଉଥିବା ବେଳେ ମାଫିଆନେ ମାଫିଆମାନେ ଧରା ନ ପଡ଼ିବା ନେଇ ବୁଦ୍ଧିଜୀବୀ ମହଲରେ ନାନା ଆଲୋଚନା ହେଉଛି। ଏ ନେଇ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କହିଛନ୍ତି, ବେଆଇନ କରତକଳ ଚାଲୁଥିବା ଖବରପାଇ ଚଢାଉ କରୁଛୁ। ହେଲେ କେହି ପୂର୍ବରୁ କରତକଳ ମାଲିକଙ୍କୁ ସୂଚନା ଦେଉଥିବାରୁ ଖସିଯାଉଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଧରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ବରୁଣେଇରେ ବିଜୟ ଉତ୍ସବ, ଜମିଲା ପାଇକ ଆଖଡ଼ା




ଓଡ଼ିଶା ବୀର ମହାସଂଘ ପକ୍ଷରୁ ବରୁଣେଇ ପୀଠରେ ବାହାରିଥିବା ପାଇକ ଶୋଭାଯାତ୍ରା।

ଖୋର୍ଦ୍ଧା ଅଫିସ,୨୦।୭

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ବିଦ୍ରୋହର ସ୍ମୃତି ସ୍ୱରୂପ ନିର୍ମାଣ ହେବାକୁ ଥିବା ପାଇକ ସ୍ମାରକୀ ଲାଗି ରାଜ୍ୟ ସରକାର ମାଗଣାରେ ୯. ୬୮୫ ଏକର ଜମି କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟକୁ ଯୋଗାଇ ଦେଇଛନ୍ତି। ରାଜ୍ୟ ସଂସ୍କୃତି ବିଭାଗର ପ୍ରସ୍ତାବ କ୍ରମେ ରାଜ୍ୟ କ୍ୟାବିନେଟ ୩୧କୋଟି ୯୭ଲକ୍ଷ ୬୨ହଜାର ୯୩୪ ଟଙ୍କା ଛାଡ଼ କରିବାକୁ ନିଷ୍ପତ୍ତି ନେଇଛି। ଏନେଇ ବିଭିନ୍ନ ମହଲରେ ଆନନ୍ଦ ଖେଳିଯାଇଛି। ଖୋର୍ଦ୍ଧା ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଜିଲା ଯୁବ ବିଜେଡି ସଭାପତି ରାଜେଶ ପରିଡ଼ା ଏବଂ ବିସିଜେଡି ଜିଲା ସଭାପତି ବିଶ୍ୱଦୀପ ପ୍ରଧାନଙ୍କ ସଂଯୋଜନାରେ ସ୍ଥାନୀୟ ବିଜେବି ହାଇସ୍କୁଲରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପୌର ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରୁଦ୍ରନାଥ ଦତ୍ତ, ବିସିଜେଡି ରାଜ୍ୟ ସମ୍ପାଦକ ନସିମ ଖାନ, ଜିଲା ସାଧାରଣ ସମ୍ପାଦକ ଲଳିତ ମୋହନ ମହାପାତ୍ର, ସଂଗ୍ରାମ ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗଦେଇ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଧାୟକ ମିତ୍ର କହିଲେ, ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ଅସ୍ମିତା। ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ବୀଜ ଏଠାରୁ ରୋପଣ ହୋଇ ସାରା ଭାରତକୁ ବ୍ୟାପିଥିଲା। ପାଇକ ବୀରଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ଖୋର୍ଦ୍ଧା ଏକ ବୀର ମାଟି। ପାଇକ ବୀରଙ୍କ ଲାଗି ଏ ମାଟି ଜାତୀୟସ୍ତରରେ ଗୌରବ ଅର୍ଜନ କରିଛି।

**■ ପାଇକ ସ୍ମାରକୀ ନିର୍ମାଣ ଲାଗି ଜମି ଯୋଗାଇବା ପ୍ରସଙ୍ଗ**

**■ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ବିଜୁ ଯୁବ ଓ ଛାତ୍ର ସଙ୍ଗଠନ**

ସେହିପରି ଓଡ଼ିଶା ବୀର ମହାସଂଘ ପକ୍ଷରୁ ବରୁଣେଇ ପୀଠରୁ ପାଇକ ଶୋଭାଯାତ୍ରାରେ ବାହାରି ପ୍ରସ୍ତାବିତ ସ୍ମାରକୀ ସ୍ଥଳରେ ବିଜୟ ଉତ୍ସବ ପାଳନ କରାଯାଇଛି। ବାଣ ଫୁଟାଇ, ନଡ଼ିଆ ପିଟି, ପ୍ରଦୀପ ଜାଳି ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଦାବି କରାଯାଇଛି। ଏଥିରେ ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ସମ୍ପାଦକ ଡ. ଦିଲୀପ ଶ୍ରୀଚନ୍ଦନ, ସଂଯୋଜକ ନରେନ୍ଦ୍ର ପୃଷ୍ଟିଙ୍କ ସମେତ ବହୁ ସଦସ୍ୟ ଏବଂ ପାଇକ ଆଖଡ଼ା ସଂଘର କର୍ମକର୍ତ୍ତା ଯୋଗଦେଇ ସମର କଳା ପ୍ରଦର୍ଶନ କରିଥିଲେ। ବୀର ମହାସଂଘ ସମ୍ପାଦକ ଶ୍ରୀଚନ୍ଦନ କହିଲେ, ମାଗଣାରେ ଜମି ଯୋଗାଇବା ଲାଗି ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା। ଏଠାରେ ପାଇକ ସ୍ମାରକୀ ନିର୍ମାଣ ହେଲେ ଓଡ଼ିଆ ଜାତିର ଗୌରବ ବୃଦ୍ଧି ପାଇବ। ପର୍ଯ୍ୟଟନର ବିକାଶ ସହ ଗବେଷକ, ଆଗାମୀ ପିଢ଼ିଙ୍କୁ ପ୍ରେରଣା ଯୋଗାଇବ।

## ଚାଲାଣ ସମୟରେ ୨ ନାବାଳକ ଉଦ୍ଧାର

ଜଟଣୀ,୨୦।୭(ଡି.ଏନ୍.ଏ.)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳ ସୁରକ୍ଷାବଳ ପକ୍ଷରୁ ଚାଲାଣ ହେଉଥିବା ଦୁଇ ନାବାଳକ ଉଦ୍ଧାର କରିବା ସହିତ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଉଦ୍ଧାର ନାବାଳକ ହେଲେ ବିହାର ରାଜ୍ୟ ମୁଜାଫରପୁର ଅଞ୍ଚଳର ଅଙ୍କିତ କୁମାର (୧୫) ଏବଂ ଏମ୍‌ଡି. ଫେଜାଲ। ଉଭୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଭୈରବୀ କ୍ଲବରେ ରଖାଯାଇଥିବା ବେଳେ ଚାଲାଣକାରୀ ନୀତେଶ କୁମାରଙ୍କୁ ଗିରଫ କରିଛି। ଏ ନେଇ ଜିଆରପି ଥାନା ନଂ. ୮୯/୨୨ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଆରପିଏଫ୍ ପୋଷ୍ଟ ଅଧିକାରୀ ମୁନୁ ଶର୍ମାଙ୍କ ସୂଚନା ମୁତାବକ, ଗତ ୧୯ ତାରିଖରେ ମୁଜାଫରପୁର-ୟଶବନ୍ତପୁର ଏକ୍ସପ୍ରେସ ଟ୍ରେନରେ ଅଭିଯୁକ୍ତ ଚାଲାଣକାରୀ ଉକ୍ତ ଦୁଇ ନାବାଳକଙ୍କୁ ବାଙ୍ଗାଲୋର ନେଇ ଯାଉଥିଲେ। ବିଶେଷସୂତ୍ରରୁ ଖବରପାଇ ଟ୍ରେନ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନର ୫ନମ୍ବର ପ୍ଲାଟଫର୍ମରେ ପହଞ୍ଚିବା ପରେ ସଦଳବଳେ ଟ୍ରେନରେ ତଲାସି କରିଥିଲେ। ଏହି ସମୟରେ ଉକ୍ତ ଦୁଇ ନାବାଳକ ଏବଂ ଚାଲାଣକାରୀକୁ ଟ୍ରେନର ସାଧାରଣ ବଗିରେ ପାଇଥିଲେ। ଥାନାକୁ ଆଣି ପଚରାଉଚରା କରିବାରେ ସେମାନଙ୍କୁ ଚାଲାଣକାରୀ ବାଙ୍ଗାଲୋର ଏକ ଫାକ୍ଟ୍ରିରେ ମାସକୁ ୧୦ ହଜାର ବେତନରେ ଶ୍ରମିକ ଭାବେ ନେଉଥିବା କହିଥିଲେ। ସମସ୍ତ ତଦନ୍ତ ପରେ ଆରପିଏଫ ଥାନା ଅଧିକାରୀ ଶର୍ମା କାର୍ଯ୍ୟାନୁଷ୍ଠାନ ପାଇଁ ଖୋର୍ଦ୍ଧାରୋଡ ଜିଆରପି ଥାନାଧିକାରୀ ଧରଣୀଧର ପ୍ରଧାନଙ୍କ ଜିମା ଦେଇଥିଲେ।

## ସ୍ଥାୟୀ ପଟ୍ଟା, ଆବାସ ଯୋଜନାରେ ସାମିଲ ଦାବି

ଖୋର୍ଦ୍ଧା ଅଫିସ,୨୦।୭

ସ୍ଥାୟୀ ପଟ୍ଟା ଦାବିରେ ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ୬ନଂ. ୱାର୍ଡ ସ୍ୱପ୍ନେଶ୍ୱର ସାହିର ବସ୍ତିବାସିନ୍ଦା ବୁଧବାର ପୌର କାର୍ଯ୍ୟାଳୟ ଫାଟକକୁ ବନ୍ଦ କରି ଧାରଣା ଦେଇଥିଲେ। ଏଥିସହିତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅଧିକାରୀ ବିଭିନ୍ନ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅଭିଯୋଗରେ ଦର୍ଶାଯାଇଛି, ଏହି ସାହିରେ ୨୩୨ ପରିବାର ବସବାସ କରିଛନ୍ତି। ସମସ୍ତ ପରିବାର ଦିନ ମଜୁରିଆ ଶ୍ରେଣୀର। ଏଠାରେ ଦୀର୍ଘ ୪୦ବର୍ଷ ଧରି ପରିବାର ସହ ରହି ଆସୁଛନ୍ତି। ଓଡ଼ିଶା ସରକାରଙ୍କ ଜାଗା ମିଶନ ଜରିଆରେ ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି। ତେବେ ଆମ୍ଭେ ବସ୍ତିର ସେଥିରୁ ବଞ୍ଚିତ ହୋଇ ରହିଛି। ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଥିବା ବେଳେ ଯୋଗ୍ୟତା ପ୍ରମାଣପତ୍ର ବ୍ୟତୀତ ଅନ୍ୟ କୌଣସି ସୁବିଧା ମିଳୁନାହିଁ। କେତେଜଣ ଲୋକଙ୍କୁ ଭୂମିପଟ୍ଟା ସହିତ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ତେବେ ବଞ୍ଚିତ ଥିବା ବାସିନ୍ଦାଙ୍କୁ ଏଥିରେ ସାମିଲ କରିବା ଲାଗି ପ୍ରଶାସନ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଜାଗା ମିଶନ ଜରିଆରେ ଭୂମି ପଟ୍ଟା ସହ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବା ଲାଗି ଦାବି କରିଛନ୍ତି।

## ଲଗାଣ ବର୍ଷାରେ ହଜାର ଏକର ଚାଷଜମି ଜଳମଗ୍ନ

କୃଷ୍ଣପ୍ରସାଦ,୨୦।୭(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକରେ ଲଗାଣ ବର୍ଷା ଫଳରେ ଚିଲିକାର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁ ଚିଲିକା ତଟବର୍ତ୍ତୀ ଏକର ଏକର ଚାଷ ଜମିରୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଜମିରେ ୩ ଫୁଟ ଉଚ୍ଚରେ ଜମା ହୋଇରହିଛି। ଫଳରେ ଧାନ ଗଛଗୁଡିକ ନଷ୍ଟ ହୋଇଥିବାର ଆଶଙ୍କା ରହିଛି। ଏକର ଏକର ଚାଷ ଜମିରେ ବର୍ଷାଜଳ ଲହଡି ଭାଙ୍ଗୁଥିବାରୁ ଚାଷୀକୁଳ ଚିନ୍ତାରେ ଅଛନ୍ତି। ଅପରପକ୍ଷେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଯୋଗାଇ ଦିଆଯାଇଥିବା ଧାନ ବିହନଗୁଡିକ ଗଜା ହୋଇ ନ ଥିବା କୃଷ୍ଣପ୍ରସାଦ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ପରିସ୍ଥିତିରେ ଚାଷୀମାନେ ଭାଙ୍ଗିପଡ଼ିଥିବା ବେଳେ ବିଭାଗୀୟ ପ୍ରଶାସନିକ ଅଧିକାରୀ ଓ କୃଷି ଅଧିକାରୀମାନେ କେହି ହେଲେ ଚାଷୀଙ୍କ ପାଖରେ ପହଞ୍ଚି ନାହାନ୍ତି। ଚିଲିକାର ଜଳସ୍ତର ବୃଦ୍ଧି ପାଉଥିବାରୁ ଚାଷ ଜମିରୁ ଚିଲିକାକୁ ପାଣି ନିଷ୍କାସନ ହୋଇ ନ ପାରିବା ଏକ ବିଷମ ସମସ୍ୟା ସୃଷ୍ଟି କରିଛି। ତେଣୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆର୍ଥିକ ସହାୟତା ରାଶି ଯୋଗାଇଦେବା ନିମନ୍ତେ ସ୍ଥାନୀୟ ବ୍ଲକ ଓ ତହସିଲ ପ୍ରଶାସନ ଦୃଷ୍ଟି ଦେବାକୁ କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ, ମିନର୍ଭା ପାତ୍ର, ବଡଅଁଳ ସରପଞ୍ଚ ବିଣାପାଣୀ ପ୍ରଧାନ, ନାଏବ ସରପଞ୍ଚ ସୀତା ତରେଇ, ରମେଶ ଚନ୍ଦ୍ର ସିଂହସାମନ୍ତ, ଜିତେନ୍ଦ୍ର ବିଶ୍ୱାଳ, ବିଷ୍ଣୁ ପ୍ରସାଦ ବେହେରା ଓ ରମେଶ ଚନ୍ଦ୍ର ବିଶ୍ୱାଳ ଦାବି କରିଛନ୍ତି।

# 'ବିଶ୍ୱନାଥଙ୍କ ଅବଦାନ ଅତୁଳନୀୟ'

ଖୋର୍ଦ୍ଧା ଅଫିସ,୨୦।୭

ବିଶ୍ୱନାଥ ସାମନ୍ତ ସ୍ମୃତି ପରିଷଦ ଆନୁକୂଲ୍ୟରେ ବୁଧବାର ସ୍ୱାଧୀନତା ସଂଗ୍ରାମୀ, ସାମାଜିକ କର୍ମୀ, ଖବରଦାତା, ଆଇନଜ୍ଞ ସ୍ୱର୍ଗତ ବିଶ୍ୱନାଥ ସାମନ୍ତଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ସ୍ଥାନୀୟ ଶାନ୍ତି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସଭାପତିତ୍ୱ କରିଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ଗବେଷକ ପ୍ରଫେସର ନାରାୟଣ ରାଓ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଶ୍ୱନାଥଙ୍କ ସ୍ମୃତିଚାରଣ କରିଥିଲେ।

ପାଇକ ସଂଗ୍ରାମର ପ୍ରଚାର ଓ ପ୍ରସାର ଦିଗରେ ବିଶ୍ୱନାଥଙ୍କ ଅବଦାନ ଅତୁଳନୀୟ। ସ୍ୱାଧୀନତା ପୂର୍ବରୁ ସାପ୍ତାହିକ ଓଡ଼ିଆ ଖବର କାଗଜ 'ଜନତା'ରୁ ସାମ୍ବାଦିକତା ଆରମ୍ଭ କରିଥିଲେ। ଶେଷରେ ନିଜ ପ୍ରଚେଷ୍ଟାରେ ଦୁଇଟି ପତ୍ରିକା 'ବନ୍ଦେ ମାତରମ' ଓ 'ଆଚ୍ଛା' ପ୍ରକାଶିତ କରି ପ୍ରଶଂସା ସାଉଁଟିଥିଲେ। ଅସହାୟଙ୍କୁ ସହଯୋଗର ହାତ ବଢାଉଥିଲେ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଦୁର୍ଗମ ପଥର ପାନ୍ଥ-ବିଶ୍ୱନାଥ ସାମନ୍ତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, କୃପାସିନ୍ଧୁ ବିଶ୍ୱାଳ, ଶିଶିର ପରିଡ଼ା, ଭୀମସେନ ପ୍ରଧାନ, ପ୍ରଫୁଲ୍ଲ ସାମନ୍ତରାୟ, ସୁରେଶ ଛୋଟରାୟ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସତ୍ୟବାଦୀ ବଳିଆରସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସ୍ୱର୍ଗତ ସାମନ୍ତଙ୍କ ତିନି ପୁଅ ଅଟଳ, ଅରବିନ୍ଦ, ଅଜୟ ଏବଂ ନାତି ସୋମନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଦୁର୍ଗମ ପଥର ପାନ୍ଥ-ବିଶ୍ୱନାଥ ସାମନ୍ତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ମେଡିକାଲ ଚତୁଃପାର୍ଶ୍ୱ ପ୍ରାଚୀର ନିର୍ମାଣକୁ ବିରୋଧ




ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ପରିସରରେ ହୋଇଥିବା ପାଚେରି ନିର୍ମାଣକୁ ବିରୋଧ କରି ଦୋକାନୀ ଓ ସ୍ଥାନୀୟ ବାସିନ୍ଦା ବିକ୍ଷୋଭ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୨୦।୭

ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ଦିନ ପରେ ପ୍ରଶାସନ ପକ୍ଷରୁ ମେଡିକାଲ ଚତୁଃପାର୍ଶ୍ୱ ପାଚେରି ନିର୍ମାଣ କରାଯାଇଛି। ପାଚେରି ନିର୍ମାଣକୁ ନେଇ ଚତୁଃପାର୍ଶ୍ୱରେ ଥିବା ଦୋକାନୀମାନେ ବିରୋଧ କରିବା ସହ ଅସନ୍ତୋଷ ବଢ଼ିବାରେ ଲାଗିଛି। ପାଚେରି ନିର୍ମାଣ ଯୋଗୁ ବ୍ୟବସାୟୀମାନେ ବେପାର ହରାଇଛନ୍ତି। ଦୋକାନ ଗୃହକୁ ଯିବା ଲାଗି ଯାତାୟାତ ରାସ୍ତା ଛାଡିବା ଦାବିରେ ବୁଧବାର ସମସ୍ତ ଦୋକାନୀ ମେଡିକାଲ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି, ଚିକିତ୍ସାଳୟ ପରିସର ପଶ୍ଚିମ ଓ ଉତ୍ତର ପାର୍ଶ୍ୱରେ ଅନେକ ଦୋକାନ ଗୃହ ଓ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଏହି ଗୃହର ବାସିନ୍ଦାମାନେ ଚିକିତ୍ସାଳୟ ପରିସର ଦେଇ ଯାତାୟାତ କରୁଥିଲେ। ପାଚେରି ନିର୍ମାଣ ପରେ ଏହିସବୁ ଗୃହ ଓ ବ୍ୟବସାୟିକ ଅନୁଷ୍ଠାନକୁ ଯିବା ଲାଗି ଅନ୍ୟ ବିକଳ୍ପ ବ୍ୟବସ୍ଥା ନାହିଁ। ଚିକିତ୍ସାଳୟ ହେବା ଦିନଠାରୁ ଏହି ଦୁଇ ଦିଗରେ ପାଚେରି ନିର୍ମାଣ ହୋଇନଥିଲା। ଏଥିଲାଗି ସ୍ଥାନୀୟ ବିଧାୟକ, ଜିଲା ପ୍ରଶାସନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏହି ଦିଗରେ ୨ରୁ ୩ଟି ଯାତାୟାତ ରାସ୍ତା ଛାଡିବା ଲାଗି ନିବେଦନ କରାଯାଇଥିଲା। ପାଚେରି ନିର୍ମାଣ ସମୟରେ ରାସ୍ତା ଛଡାଯାଇଥିଲା। ଶେଷରେ ତତ୍କାଳୀନ ଜିଲାପାଳ ବାଟ ଛାଡିବାକୁ ପ୍ରତିଶ୍ରୁତି ଦେଇ ପରେ ଯାତାୟାତ ରାସ୍ତା ବନ୍ଦ କରିଦେଇଥିଲେ। ଏହାର ବିକଳ୍ପ ବ୍ୟବସ୍ଥା ଲାଗି ପ୍ରଶାସନ ନିକଟରେ ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ। ପାଚେରି ନିର୍ମାଣ ପରେ ବ୍ୟବସାୟୀ ଏବଂ ସ୍ଥାନୀୟ ଲୋକେ ପାଚେରି ଡେଇଁ ଯାତାୟତ କରୁଥିବା ବେଳେ ମଙ୍ଗଳବାର ଏହାକୁ ମଧ୍ୟ ବନ୍ଦ କରି ଦିଆଯାଇଛି। ଏହି ରାସ୍ତା ଦେଇ କେବଳ ବ୍ୟବସାୟୀ ନୁହେଁ ରୋଗୀ, ତାଙ୍କ ସମ୍ପର୍କୀୟ ମଧ୍ୟ ଯାତାୟାତ କରୁଛନ୍ତି। ଏଣୁ ଏଠି ରାସ୍ତା ଛଡାଯିବା ନେଇ ଦାବି କରିଛନ୍ତି। ଘନଶ୍ୟାମ ହୋତା, ବିଜୟ ନାୟକ, ପ୍ରଶାନ୍ତ କର, ନରେଶ ପ୍ରଧାନ, ବିଚିତ୍ର ଦାସ, ଜେ ଆର. ଅଗ୍ରୱାଲଙ୍କ ସମେତ ଏକାଧିକ ବ୍ୟବସାୟୀ ଏବଂ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**■ ଦୋକାନ ଗୃହକୁ ଯାତାୟାତ ରାସ୍ତା ଦାବି**

**■ ମେଡିକାଲ ପରିସରରେ ବିଭିନ୍ନ ଦୋକାନୀଙ୍କ ବିକ୍ଷୋଭ**

## ସଂକ୍ଷେପରେ

### ସମବାୟ ସମିତି ସଭାପତିଙ୍କ ଦାୟିତ୍ୱ ଗ୍ରହଣ

**କଣ୍ଟାପଡା,୨୦।୭(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ନାହାଲପୁର ସେବା ସମବାୟ ସମିତିର ନବନିର୍ବାଚିତ ସଭାପତି ସନ୍ତୋଷ ପ୍ରଧାନ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଚଳିତ ନିର୍ବାଚନରେ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଦାୟୀତ୍ୱ ଗ୍ରହଣ ସମୟରେ ସମିତି ସମ୍ପାଦକ ବିଭୂତି ନାୟକ, ସ୍ଥାନୀୟ ସରପଞ୍ଚ ନିରୁପମା ଜେନା, ସମିତିସଭ୍ୟ ପ୍ରିୟବ୍ରତ ବେଉରା, କୃଷ୍ଣଚନ୍ଦ୍ର ମଲ୍ଲିକ, ବିଭୂତି ଭୂଷଣ ପ୍ରଧାନ, ବୀରକିଶୋର ଜେନା, ରବୀନ୍ଦ୍ର ସାହୁ, ଜୟନ୍ତ ଦାସ, ଦତ୍ତକିଶୋର ମଲ୍ଲିକ, ଜୟନ୍ତ ନାୟକ, କୃଷକ ନେତା ଶ୍ରୀଧର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସୋଆ, ଓୟୁଏଟି କୃଷି ବିଜ୍ଞାନୀଙ୍କ ପରିବାରେ ରୋଗ ପୋକର ଅନୁଧ୍ୟାନ

**ବାଙ୍କୀ,୨୦।୭(ସ୍ୱ.ପ୍ର):** ମା' ଚର୍ଚ୍ଚିକା ଫାର୍ମର୍ସ କମ୍ପାନୀ ଲିମିଟେଡ୍, ସୋଆ ଭୁବନେଶ୍ୱର ଓ ଓୟୁଏଟି ଓଡ଼ିଶାର କୃଷି ବିଜ୍ଞାନୀ ଓ ପ୍ରଫେସରଙ୍କୁ ନେଇ ବୁଧବାର ବାଙ୍କୀ ବ୍ଲକ ନୂଆଗାଁଠାରେ ଚାଷୀମାନଙ୍କ ଦ୍ୱାରା କରାଯାଇଥିବା ବାଇଗଣ ଫସଲରେ ରୋଗପୋକ ଲାଗି ନଷ୍ଟ ହୋଇଥିବା ଫସଲର ସ୍ଥିତିକୁ କୃଷି କ୍ଷେତକୁ ଯାଇ ଅନୁଧ୍ୟାନ କରି ସମୀକ୍ଷା କରିଥିଲେ। ବରିଷ୍ଠ କୃଷି ବିଜ୍ଞାନୀ ଓ ସୋଆର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଷୀମାନଙ୍କ ସହ ଆଲୋଚନା କରି ଏହାର ନିରାକରଣ ଉପରେ ଗବେଷଣା କରିବାକୁ ମତବ୍ୟକ୍ତ କରିଥିଲେ। ବାଙ୍କୀର ଉଦ୍ୟାନ ବିଭାଗ, କୃଷି ବିଭାଗର ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ମା' ଚର୍ଚ୍ଚିକା ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀର ସଦସ୍ୟ ଓ ଉପଦେଷ୍ଟାମଣ୍ଡଳୀ ସ୍ଥାନୀୟ ଚାଷୀ, ସରପଞ୍ଚଙ୍କ ସହ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହି ଏଭଳି କାର୍ଯ୍ୟକୁ ସ୍ୱାଗତ କରିଥିଲେ। ଏଥିରେ ରୋଗପୋକ ବିଶେଷଜ୍ଞ ଡ. ବ୍ରଜକିଶୋର ସାହୁ, ସୋଆର ପ୍ଲାଣ୍ଟ୍ ପାଥୋଲୋଜି ଆସୋସିଏଟ୍ ପ୍ରଫେସର ଅଭିଷେକ ତ୍ରିପାଠୀ, ପ୍ରୋଜେକ୍ଟ ମ୍ୟାନେଜର ଗୋପବନ୍ଧୁ ପଟ୍ଟନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ବିତ୍ ତ୍ରିପାଠୀ, ଡ. ପ୍ରିୟବ୍ରତ ପଟ୍ଟନାୟକ, ସହକାରୀ ଡିନ୍ ସୋଆ ରିସର୍ଚ୍ଚ ୟୁନିଭର୍ସିଟି, ମା' ଚର୍ଚ୍ଚିକା ଫାର୍ମର୍ସ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ମଦନ ମୋହନ ରାଉତ, ଅଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ନିର୍ଦ୍ଦେଶକ ସିଦ୍ଧେଶ୍ୱର ପାଇକରାୟ, ଉଦ୍ୟାନ ବିଭାଗର ଦୋଳଗୋବିନ୍ଦ ଜେନା ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଥିଲେ।

### ଉପଡାକଘର ସମ୍ମୁଖରେ ଧାରଣା

**କଟକ ସଦର,୨୦।୭(ଡି.ଏନ୍.ଏ.):** ଇଣ୍ଟରନେଟ୍ ସେବା ବ୍ୟାହତ ଯୋଗୁ ୪୨ ମୌଜା ଡେଲ୍ଟା ଅଞ୍ଚଳରେ ଥିବା ବେଣ୍ଟକାର ଉପଡାକଘରେ ଗତ ୧ ସପ୍ତାହ ଧରି କାର୍ଯ୍ୟ ବାଧାପ୍ରାପ୍ତ ହୋଇପଡିଛି। ଏଥିସହ ୪ ଶାଖା ଡାକଘର କାର୍ଯ୍ୟ ମଧ ପ୍ରଭାବିତ ହୋଇଛି। ଏହାର ପ୍ରତିବାଦରେ କଳପଡ଼ା, ଦଧିବାମନପୁର, ଝାରକଟା, ବ୍ରହ୍ମପୁର ପଞ୍ଚାୟତର ଲୋକମାନେ ବୁଧବାର ବେଣ୍ଟକାର ଉପଡାକଘର ସମ୍ମୁଖରେ ଧାରଣା ଦେଇଥିଲେ। ୨୪ ଘଣ୍ଟା ମଧ୍ୟରେ ଡାକ ସେବା ଚାଲୁ କରା ନ ଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ୪୨ ମୌଜା ଯାଦବ ମହାସଭା ସଭାପତି ବୁଲେଇ ବେହେରା ଚେତାବନୀ ଦେଇଛନ୍ତି।

### ସଂକୀର୍ତ୍ତନ ଗୁରୁ ଗୋବର୍ଦ୍ଧନ ରାଉତଙ୍କ ପରଲୋକ

**ବାଙ୍କୀ,୨୦।୭(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ଗାଁର ସଂକୀର୍ତ୍ତନ ଗୁରୁ ଗୋବର୍ଦ୍ଧନ ରାଉତଙ୍କ ବୁଧବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ (୮୫)ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୩ ପୁତ୍ର, ପୁତ୍ରବଧୂ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ମହେନ୍ଦ୍ର କୁମାର ବେଉରା, ମନୋଜ କୁମାର ସ୍ୱାଇଁ, ଦୁଷ୍ମନ୍ତ ବଳ, ସୁଧାକର ଜେନା ପ୍ରମୁଖ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ ଖବରଦାତା ଡ. ସତ୍ୟ ରାୟ, ଅକ୍ଷୟ କୁମାର ସାମଲ, ପ୍ରାଧାପକ ମନୋଜ କୁମାର ମହାପାତ୍ର, ବ୍ରହ୍ମାନନ୍ଦ ମହାନ୍ତି, ନଳିନୀ କୁମାର ରାୟ, ଅଧାପକ ଡ. ଅମରେଶ ଚନ୍ଦ୍ର ସାହୁ, କଳା ଓ ସଂସ୍କୃତି ପରିଷଦର ରାଜ୍ୟ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହ, ସୁବୁଦ୍ଧେଶ୍ୱର ସାହିତ୍ୟ ସଂସଦର ଉପଦେଷ୍ଟା ଚନ୍ଦନ ଦତ୍ତ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ମୃତଦେହକୁ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ଗୌରାଙ୍ଗ ମୁଖାଗ୍ନି ପ୍ରଦାନ କରିଥିଲେ।



ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରୁ ବର୍ଷାଜଳ ନିଷ୍କାସନ ଦାବିରେ ସିଏମ୍ସି ଅଫିସ ସମ୍ମୁଖରେ ଛାତ୍ରାବାସ ଅନ୍ତେବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବର୍ଷାରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଜଳାର୍ଣ୍ଣବ

**କଟକ ଅଫିସ,୨୦।୭**

- ଜଳ ନିଷ୍କାସନ ଦାବିରେ ସିଏମ୍ସି ଅଫିସ ସମ୍ମୁଖରେ ବିକ୍ଷୋଭ
- ହଷ୍ଟେଲ, ଷ୍ଟାଫ୍ କ୍ୱାର୍ଟର୍ସରେ ପାଣି
- ସ୍ଥିତି ଅନୁଧ୍ୟାନ କଲେ ମେୟର, କମିଶନର ଓ ବିଧାୟକ
- ଖୁବ୍‌ଶୀଘ୍ର ଡ୍ରେନ୍ ନିର୍ମାଣ କରାଯିବ

ବର୍ଷା ଯୋଗୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମେତ ନିୟୁ ପିଜି ହଷ୍ଟେଲ, ନିୟୁ ହଷ୍ଟେଲ, ଧର୍ମପଦ ହଷ୍ଟେଲ, ଲଳିତଗିରି ହଷ୍ଟେଲ ସହ କର୍ମଚାରୀମାନଙ୍କ କ୍ୱାର୍ଟର୍ସରେ ବର୍ଷା ଓ ଡ୍ରେନ୍ ପାଣି ଜମି ରହିଛି। ଉକ୍ତ ପାଣି ନିଷ୍କାସନ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ମଙ୍ଗଳବାର ରାତିରେ ବର୍ଷା ଯୋଗୁ ଅବସ୍ଥା ଶୋଚନୀୟ ହୋଇପଡିଥିଲା। ଏହାକୁ ନେଇ ହଷ୍ଟେଲ ଅନ୍ତେବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ଜଳ ନିଷ୍କାସନ ଦାବିରେ ଅନ୍ତେବାସୀମାନେ ବୁଧବାର ବିଶ୍ୱବିଦ୍ୟାଳୟରୁ ପଦଯାତ୍ରାରେ ଯାଇ ସିଏମ୍ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟରେ



ବିଶ୍ୱବିଦ୍ୟାଳୟ ପରିସର ଷ୍ଟାଫ୍ କ୍ୱାର୍ଟର୍ସରେ ଜମି ରହିଥିବା ବର୍ଷାପାଣି।

ଡ୍ରେନେଜ୍ ବ୍ୟବସ୍ଥା ନ ଥିବା ସହ ଛତ୍ରବଜାର ପାର୍ଶ୍ୱରେ ଜାଇକା କାର୍ଯ୍ୟ ଜାରି ରହିଥିବା ଯୋଗୁ ଏପରି ଜଳବନ୍ଦୀ ସମସ୍ୟା ଉପୁଜିଥିବା ଛାତ୍ରମାନେ ସିଏମ୍ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପଵନ କଲ୍ୟାଣଙ୍କୁ ଜଣାଇଥିଲେ। ପରେ ମେୟର, କମିଶନର ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଜାଇକା କର୍ତ୍ତୃପକ୍ଷଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ମେୟର ସିଂ କହିଛନ୍ତି, ବିଶ୍ୱବିଦ୍ୟାଳୟ ଓ ହଷ୍ଟେଲରେ ଜଳ ନିଷ୍କାସନ ପାଇଁ ପାଣି ପମ୍ପ ବ୍ୟବସ୍ଥା କରାଯାଇଥିଲା। ହେଲେ ଏହାର ସ୍ଥାୟୀ ସମାଧାନ ପାଇଁ ଡ୍ରେନ୍ ନିର୍ମାଣ କରାଯିବ। ଖୁବ୍‌ଶୀଘ୍ର ଏ ନେଇ କାର୍ଯ୍ୟ ଆରମ୍ଭ ହେବ। ସେହିପରି ବିଧାୟକ ବିଶ୍ୱାଳ କହିଛନ୍ତି, ଚଳିତବର୍ଷ ପ୍ରଥମଥର ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଏହାର ମୁଖ୍ୟ କାରଣ ହେଉଛି ଜାଇକା। ଜାଇକା କାର୍ଯ୍ୟ ଶେଷ ହୋଇଗଲେ ଏଭଳି ସମସ୍ୟା ଉପୁଜିବ ନାହିଁ। ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଉକ୍ତ ବିଶ୍ୱବିଦ୍ୟାଳୟରେ ଡ୍ରେନ୍ ନିର୍ମାଣ ପାଇଁ ୨ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି ଟଙ୍କାରେ ଆଭ୍ୟନ୍ତରୀଣ ଡ୍ରେନ୍ ନିର୍ମାଣ ହେଲେ ଜଳବନ୍ଦୀ ସମସ୍ୟା ଉପୁଜିବ ନାହିଁ।

## ସିଟି ହସ୍ପିଟାଲକୁ ବିରେନ୍ ମିତ୍ରଙ୍କ ନାମରେ ନାମିତ କରାଯାଉ

**କଟକ ଅଫିସ,୨୦।୭**

କଟକ ମହାନଗର ନିଗମ(ସିଏମ୍ସି) ବିଜୁଭବନ ପରିସରରେ ଶିକ୍ଷା, ମନୋରଞ୍ଜନ ଏବଂ ସଂସ୍କୃତି ବିଭାଗ ଷ୍ଟାଣ୍ଡିଂ କମିଟିର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରରେ ବନ୍ଦ ରହିଥିବା ପାଠାଗାରଗୁଡିକ ଖୋଲିବା, ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିର ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା ହୋଇଥିଲା। ଅନେକ ସହରରେ କ୍ଲକ୍ ଟାୱାର ଥିବାବେଳେ କଟକରେ ନାହିଁ। ତେଣୁ କଟକ ବେଲ୍‌ଭ୍ୟୁ ଛକରେ ଏକ କ୍ଲକ୍ ଟାୱାର ନିର୍ମାଣ କରିବା, ସହରରେ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବା ଏବଂ ସିଟି ହସ୍ପିଟାଲକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିରେନ୍ ମିତ୍ରଙ୍କ ନାମରେ ନାମିତ କରିବା ପାଇଁ ଉକ୍ତ କମିଟି ଅଧ୍ୟକ୍ଷା ମୋନାଲିସା ଦାସ ପ୍ରସ୍ତାବ ଦେଇଛନ୍ତି। ବନ ବିଭାଗ ପକ୍ଷରୁ ମିଳୁଥିବା ପ୍ରାୟ ୧୦ ହଜାର ଚାରାକୁ ପ୍ରତି ୱାର୍ଡରେ ବଣ୍ଟାଯିବ। ପ୍ରତି ୱାର୍ଡର କର୍ପୋରେଟର ଅତିକମ୍‌ରେ ୧୦୦ ଚାରା ଲଗାଇବେ। ସେହିପରି ଚଳିତବର୍ଷ ସିଏମ୍ସି ପକ୍ଷରୁ ସ୍ୱାୟତ ଶାସନ ଦିବସ ପାଳନ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଅପରପକ୍ଷେ ବନ୍ଦ ପଡିଥିବା ଉର୍ଦ୍ଦୁ ପାଠାଗାରକୁ ସମ୍ପୂର୍ଣ୍ଣ ଭାବେ ସିଏମ୍ସି ଅଧୀନକୁ ଆଣିବା ପାଇଁ ମଧ ଆଲୋଚନା ହୋଇଥିଲା। ଏଥିସହ ସହରର ଛୋଟ ପାର୍କ ମଧ୍ୟରେ ପାଠାଗାର ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହି ବୈଠକରେ ସିଏମ୍ସି ଡେପୁଟି କମିଶନର ଅଜୟ ମହାନ୍ତି, କର୍ପୋରେଟର ଏସ୍. ଶ୍ରୀଦେବୀ, ମମତା ମହାନ୍ତି, ଶୁଭାଶିଷ କୁମାର ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ବେହେରା, ରୀତାଞ୍ଜଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୨୭ ନିର୍ବାଚିତ ସମବାୟ ସମିତି ସଭାପତିଙ୍କୁ ସମ୍ବର୍ଦ୍ଧନା



୨୭ ସମବାୟ ସମିତି ସଭାପତିଙ୍କ ଗହଣରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ।

**ଆଠଗଡ଼, ୨୦।୭(ସ୍ୱ.ପ୍ର.)**

କଟକ ଜିଲା ଆଠଗଡ଼ ବ୍ଲକ ଅଧୀନ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଦ୍ୱାରା ଅନୁବନ୍ଧିତ ୨୭ଟି ସେବା ସମବାୟ ସମିତିର ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ନୃସିଂହ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ନିର୍ବାଚିତ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ସରକାର କୃଷକମାନଙ୍କ ପାଇଁ ପ୍ରସ୍ତୁତ କରିଥିବା ବିଭିନ୍ନ ଯୋଜନାକୁ ପ୍ରକୃତ ଚାଷୀଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ସରକାରଙ୍କ ଦ୍ୱାରା କୃଷକ କଲ୍ୟାଣ ନିମନ୍ତେ ସମସ୍ତ ସୁବିଧାର ଉପଲବ୍ଧ ପାଇଁ କୃଷକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ମନ୍ତ୍ରୀ ସ୍ୱାଇଁ ପରାମର୍ଶ କରିଥିଲେ।

ଏଥିରେ ଆମ୍ବାର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ରାଉତ, ସମବାୟବିତ୍ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ, କୃଷକ ନେତା ନିରାକାର ଲେଙ୍କା, ଆଠଗଡ଼ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଅଶୋକ କୁମାର ପାଣି, ଉପନିବନ୍ଧକ ଆଲୋକ କୁମାର ବଳ, ସହକାରୀ ନିବନ୍ଧକ ସଞ୍ଜୀବ କୁମାର ପଣ୍ଡା, ଆଠଗଡ଼ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ କାହ୍ନୁଚରଣ ସାହୁ ଯୋଗଦେଇ ନିର୍ବାଚିତ ସଭାପତିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମବାୟ ମାଧ୍ୟମରେ କିପରି ଅଧିକ ଚାଷୀ ଉପକୃତ ହେବେ ସେନେଇ ପରାମର୍ଶ ଦେଇଥିଲେ।

## ଅର୍ଥନୀତି ଉପରେ ସନ୍ଦର୍ଭ ଉପସ୍ଥାପନା

**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ**

**ବାଙ୍କୀ,୨୦।୭(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ଅର୍ଥନୀତି ଉପରେ ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନା ସହ ଶେଷବର୍ଷ ସ୍ନାତକ ଛାତ୍ରୀଛାତ୍ରଙ୍କୁ ବୁଧବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ରାଜକିଶୋର ପାଲ୍ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ କ୍ୟାପ୍‌ଟେନ ଭବାନୀ ପ୍ରସାଦ ହୋତା ଯୋଗଦେଇଥିଲେ। ଅଧ୍ୟକ୍ଷ ହୋତା ଅର୍ଥନୀତି ଏକ ସୁଦୂରପ୍ରସାରୀ ବିଭାଗ, ଯାହାକି ଘରଠାରୁ ଆରମ୍ଭ କରି ରାଷ୍ଟ୍ର ପର୍ଯ୍ୟନ୍ତ ନିର୍ଭର କରେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗ ଦେଇ ଅର୍ଥନୀତି ବ୍ୟବସ୍ଥାକୁ ଠିକ୍ ଭାବେ ପରିଚାଳନା କରିପାରିଲେ ଆର୍ଥିକ ସମସ୍ୟା ଦୂର ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରତ୍ନାକର ଦାଶ ଓ ଅଧ୍ୟାପିକା ପୂର୍ଣ୍ଣିମା ମହାନ୍ତି ଯୋଗଦାନ କରି ଶେଷବର୍ଷର ଛାତ୍ରୀଛାତ୍ର ଭଲ ପାଠ ପଢ଼ି କଲେଜର ମାନ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରୀ ପ୍ରୀତିମୟୀ ପତି ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତୀକରଣ ଯୋଜନା ସମ୍ବନ୍ଧରେ ସଚେତନ କରାଯିବ

**କଟକ ଅଫିସ, ୨୦।୭**

**ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟତ ପାୱାର ପ୍ରସ୍ତୁତି ବୈଠକ**

- ଉଦ୍‌ଯାପନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ଉପଭୋକ୍ତାଙ୍କ ସହ କଥା ହେବେ

କଟକ ଜିଲା ଆଠଗଡ଼ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଆସନ୍ତା ୨୮ ତାରିଖରେ ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟତ ପାୱାର ୨୦୪୭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାର ଉଦ୍‌ଯାପନୀ ଉତ୍ସବ କଟକ ସହୀଦ ଭବନଠାରେ ୩୦ ତାରିଖରେ ପାଳନ କରାଯିବ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍‌ଲାଇନ ଯୋଗେ ସିଧା ପ୍ରସାରଣରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ଉକ୍ତ ଦିନ ବିଜୁଳି ଉପଭୋକ୍ତାମାନଙ୍କ ସହିତ ମତ ବିନିମୟ କରିବେ ବୋଲି ସୂଚନା ମିଳିଛି। ଆଜାଦୀ କା ଅମୃତ ମହୋତ୍ସବ ଅନ୍ତର୍ଗତ ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟତ ପାୱାର ୨୦୪୭ କାର୍ଯ୍ୟକ୍ରମ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ) କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର ଅଧ୍ୟକ୍ଷତା କରି ବିଜୁଳି ଶକ୍ତି ସଂରକ୍ଷଣ, ଉପଭୋକ୍ତାମାନଙ୍କ ଗୃହକୁ ବିଦ୍ୟୁତୀକରଣର ପ୍ରଭାବ, ପ୍ରିପେଡ ସ୍ମାର୍ଟ ମିଟର, ଗ୍ରାମ ବିଦ୍ୟୁତୀକରଣ, ଭବିଷ୍ୟତ ପାଇଁ ଶକ୍ତିକୁ ସଂରକ୍ଷଣ କରି ରଖିବା ଉପରେ ଲୋକଙ୍କୁ ସଚେତନ କରାଯିବ। କେନ୍ଦ୍ର ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଅଧୀନ ରାଜ୍ୟ ବଣ୍ଟନ ଏବଂ ଶକ୍ତିଶାଳୀ ପ୍ରକଳ୍ପ (ଓଡିଏସ୍‌ଏସ୍‌ପି), ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା, ବିଜୁ ସହରାଞ୍ଚଳ ବିଦ୍ୟୁତୀକରଣ ଯୋଜନା, ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା, ସହଜ ବିଜୁଳି ହରଘର ଯୋଜନା, ସମନ୍ୱିତ ଶକ୍ତି ଉନ୍ନୟନ ଯୋଜନାଗୁଡିକର ସଫଳ ରୂପାୟନ ସମ୍ବନ୍ଧରେ ଉପଭୋକ୍ତାଙ୍କୁ ସଚେତନ କରାଯିବ ବୋଲି କର କହିଥିଲେ। ଏହି ବୈଠକରେ ଟିପିସିଓଡିଏଲ ନିର୍ବାହୀଯନ୍ତ୍ରୀ ଦୀପକ କୁମାର ରାଉତ, ଓପିଟିସିଏଲ ଡିଜିଏମ୍ ବଂଶୀଧର ଦାସ, ଏନ୍‌ଟିପିସି ପରିଚାଳକ ବାବୁଲା କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି, ୭ ଗିରଫ

**ମାହାଙ୍ଗା,୨୦।୭(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଥାନା ଶ୍ରୀକୃଷ୍ଣପୁର ପଞ୍ଚାୟତ ଅଡମମହେଶପୁର ଗାଁରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପର ଉଚ୍ଚ ପାଣିଟାଙ୍କିରୁ ବହୁ ମୂଲ୍ୟବାନ ନିର୍ମାଣ ସାମଗ୍ରୀ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି କରାଯାଉଥିଲା। ଗ୍ରାମବାସୀ ଏହା ଜାଣି ପାରି ଚୋରିରେ ବ୍ୟବହୃତ ଗାଡ଼ି, ଲୁହାରଡ୍, ପାଇପ୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ୭ ଯୁବକଙ୍କୁ କାବୁ କରିଥିଲେ। ପରେ ଗ୍ରାମବାସୀ ସେମାନଙ୍କୁ ପୋଲିସ ଜିମା ଦେଇଥିଲେ।

ମାହାଙ୍ଗା ବ୍ଲକର ୩୭ ପଞ୍ଚାୟତରେ ପାନୀୟ ଜଳ ଲାଗି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଏହାକୁ ମାହାଙ୍ଗା ପାନୀୟ ଜଳ ଓ ପରିମଳ ବିଭାଗ ପକ୍ଷରୁ କରାଯାଉଛି। ୩୭ ପଞ୍ଚାୟତରୁ ୨୯ଟିରେ ଉଚ୍ଚ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ହେଉଛି। ହେଲେ ବିଭିନ୍ନ ସମୟରେ ସେଠାରୁ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହେଉଥିବା ଅଭିଯୋଗ ହୋଇଆସୁଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଅଡ଼ମମହେଶପୁର ଗାଁରେ ନିର୍ମାଣାଧୀନ ଉଚ୍ଚ ପାଣିଟାଙ୍କି ନିକଟରୁ ଦାୟିତ୍ୱରେ ଥିବା ଘରୋଇ ସୁରକ୍ଷାକର୍ମୀ ଓ ୫ ଜଣ ଅଣଓଡ଼ିଆ ଯୁବକ ମିଶି ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଲୁହା ଜଗ୍, ରଡ୍ ଓ ପାଇପ୍‌କୁ ଚୋରି କରି ଏକ ଟାଟା ଏସିଇ(ନଂ. ଓଡି୦୫ଏ ୮୬୬୯)ରେ ଲୋଡ୍‌କରି ନେଉଥିଲେ। ଏହା ଜାଣି ରାତି ପ୍ରାୟ ୨ଟାରେ ଗ୍ରାମବାସୀ ଗାଡ଼ି ସହ ସମସ୍ତ ଦୁର୍ବୃତ୍ତଙ୍କୁ କାବୁ କରିଥିଲେ। ପରେ ସକାଳୁ ଏହି ପ୍ରକଳ୍ପ କାମ ନେଇଥିବା ଠିକାସଂସ୍ଥାର ଅଧିକାରୀ ସୂଚନା ପାଇ ଥାନାରେ ପହଞ୍ଚି ଚୋରି ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତରପ୍ରଦେଶର ୫ ଜଣ ଅଣଓଡ଼ିଆ ସଜିମ ସେକ୍, ଅର୍‌ମାନ ବେଗ, ସୁମୁ ମହମ୍ମଦ, ଅରସଦ ଦିନ, ସେକ୍ ଦୁରମସ, ଗ୍ଲୋବାଲ ସିକ୍ୟୁରିଟି ସଂସ୍ଥାର ଗାର୍ଡ କୋଳିଅଠା ଗାଁର କ୍ଷେତ୍ରବାସୀ ଜେନା ଏବଂ ଗାଡ଼ି ଚାଳକ ପଦ୍ମପୁର ଅଞ୍ଚଳର ସଇଫୁଲା ଖାଁଙ୍କୁ ଗିରଫ କରି ଥାନାକୁ ନେଇଥିଲା। ସେମାନଙ୍କଠାରୁ ପୋଲିସ ଚୋରିରେ ବ୍ୟବହୃତ ଗାଡ଼ି ସହ ଚୋରି ସାମଗ୍ରୀ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ଠିକାସଂସ୍ଥାର ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ କୁମାର ଦାସଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୭୦/୨୨ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚାଲୁ ରଖିଥିବା ଥାନା ସୂତ୍ରରୁ ପ୍ରକାଶ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ କଂଗ୍ରେସର ବିକ୍ଷୋଭ

**କଟକ ଅଫିସ, ୨୦।୭**

କଟକ ସହରରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଗତ ୧ ସପ୍ତାହ ମଧ୍ୟରେ ଜଣେ ମହିଳାଙ୍କ ଗଳା କାଟି ହତ୍ୟା କରାଯାଇଥିବାବେଳେ ଆଉ ଜଣେ ଖାଦ୍ୟ ଡେଲିଭରି ବୟଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହି ଦୁଇଟି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ ବୋଲି ନଗର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ତୁରନ୍ତ ଅଭିଯୁକ୍ତଙ୍କ ଗିରଫ ଦାବିରେ ଦଳ ପକ୍ଷରୁ କଟକ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଦଳର ଏକ ପ୍ରତିନିଧିମଣ୍ଡଳୀ ଡିସିପି ପିନାକ ମିଶ୍ରଙ୍କୁ ଦାବିପତ୍ର ଦେଇଥିଲେ।

ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଲାଲବାଗ ଥାନା ଅଧୀନ ଓଡ଼ିଆ ବଜାରସ୍ଥିତ କୁତାଖାଇ ଗଳିର ଏକ ଘରେ ଗତ ୧୫ ତାରିଖରେ ବି. ଗୁଣାବତୀ ନାମ୍ନୀ ଜଣେ ମହିଳାଙ୍କ ତଣ୍ଟି କାଟି ହତ୍ୟା କରାଯାଇଥିଲା। ଏହି ଘଟଣାର ତଦନ୍ତ ଜାରି ରହିଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ



ଡିସିପି ଅଫିସ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

**ଡେଲିଭରି ବୟଙ୍କ ସନ୍ଦେହଜନକ ମୃତ୍ୟୁ, ମହିଳାଙ୍କ ଗଳାକାଟି ହତ୍ୟା ଘଟଣା**

- ପୋଲିସ ପାଟ୍ରୋଲିଂ, ସିସିଟିଭି କ୍ୟାମେରା ଲଗାଇବା ପାଇଁ ଦାବିପତ୍ର

ହୋଇଛି। ସେହିପରି ଗତ ୧୭ ତାରିଖରେ କଟକ ଫେଜ୍-୨ ଥାନା ଅଧୀନ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନିକଟରେ ଜଣେ ଡେଲିଭରି ବୟଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସେ ହେଲେ ସିଡିଏ ସେକ୍ଟର-୭ ଅଞ୍ଚଳର ନିରାକାର ବେତାଳ। ପୋଲିସ ଫରେନ୍‌ସିକ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ନିରାକାରଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ନିୟମିତ ଭାବେ ପୋଲିସ ପାଟ୍ରୋଲିଂ କରାଯାଉ ନ ଥିବାରୁ ଏଭଳି ଘଟଣା ଘଟୁଛି। ଏହି ଦୁଇଟି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା, ସହରର ନିଛାଟିଆ ଓ ସମ୍ବେଦନଶୀଳ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଯିବା ଓ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ମଜିଦ୍ ଖାନ୍, ଅଶ୍ୱିନୀ ମହାରଣା, ତୃପ୍ତି ଦାସ, ଶୈଳବାଳା ଜେନା, ଲିଜାରାଣୀ ରାଉତ, ବିକି ଚକ୍ରବର୍ତ୍ତୀ, ଇର୍ସାଦ ଖାନ୍, ସନ୍ତୋଷ ପାତ୍ର, ସ୍ମୃତିରଞ୍ଜନ ରାଉତ, ଜୟଶ୍ରୀ ସାମଲ, ସୟଦ ରମ୍‌ଜାନ୍ ଅଲ୍ଲୀ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୧ ଜୁଲାଇ, ୨୦୨୨



# କାମରେ ଲାଗୁନି ନୂଆ ବସ୍‌ଷ୍ଟାଣ୍ଡ

ବିଚିତ୍ରାନନ୍ଦ ସାହୁ
ନିମାପଡ଼ା, ୨୦।୭ (ଡି.ଏନ୍.ଏ.)




**ଦୁଇବର୍ଷ ତଳେ ଉଦ୍‌ଘାଟନ ହୋଇଥିଲା**
- ଖର୍ଚ୍ଚ ହୋଇଥିଲା ୨କୋଟି ୫୯ ଲକ୍ଷ
- ଆଡ୍ଡା ଜମାଇଲେଣି ଅସାମାଜିକ ବ୍ୟକ୍ତି

ନିମାପଡ଼ାରେ ନବନିର୍ମିତ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇ ନ ପାରି ଦୀର୍ଘଦିନ ଧରି ଅହେଳିତ ଅବସ୍ଥାରେ ରହିଛି। ଫଳରେ ନୂଆ ବସ୍‌ଷ୍ଟାଣ୍ଡ କାହା ସ୍ୱାର୍ଥ ପାଇଁ ନିର୍ମିତ ବୋଲି ନିମାପଡ଼ାବାସୀଙ୍କ ମଧ୍ୟରେ ପ୍ରଶ୍ନ ସୃଷ୍ଟି ହୋଇଛି। ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପରେ ନିମାପଡ଼ାରେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଥିଲା। ଏଥିପାଇଁ ସ୍ଥାନୀୟ ଏନ୍‌ଏସି ପକ୍ଷରୁ ୨ କୋଟି ୫୯ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ୨୦୧୮-୧୯ରେ ତତ୍କାଳୀନ ପରିବହନ ମନ୍ତ୍ରୀ ନୃସିଂହ ସାହୁ ଓ ବର୍ତ୍ତମାନର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବସ୍‌ଷ୍ଟାଣ୍ଡକୁ ଉଦ୍‌ଘାଟନ କରିଥିଲେ। ହେଲେ ସେବେଠାରୁ ବସ୍‌ଷ୍ଟାଣ୍ଡଟି ଯାତ୍ରୀଙ୍କ କାମରେ ଲାଗିପାରିନାହିଁ।

ଉଦ୍‌ଘାଟନର କିଛି ମାସ ପର୍ଯ୍ୟନ୍ତ ନିମାପଡ଼ା ଦେଇ ଯାଉଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକ ଷ୍ଟାଣ୍ଡରେ ରହୁଥିଲା। ହେଲେ ଏବେ ପୁରୀ, ଭୁବନେଶ୍ୱର, କଟକ, କୋଣାର୍କ, କାକଟପୁର, ଅସ୍ତରଙ୍ଗ, ବଳଙ୍ଗା ଅଞ୍ଚଳକୁ ଯାତାୟାତ କରୁଥିବା ବହୁ ବସ୍ ନୂଆ ବସ୍‌ଷ୍ଟାଣ୍ଡକୁ ଆସୁନାହିଁ। ସେଗୁଡ଼ିକ ପୁରୁଣା ଷ୍ଟାଣ୍ଡରେ ମୁଖ୍ୟ ରାସ୍ତା ଅବରୋଧ କରି ରହୁଛି। ଯାତ୍ରୀଙ୍କ ସୁବିଧା ନିମନ୍ତେ ନୂଆ ବସ୍‌ଷ୍ଟାଣ୍ଡରେ ବିଶ୍ରାମ କକ୍ଷ, ମହିଳା ଓ ପୁରୁଷଙ୍କ ନିମନ୍ତେ ପୃଥକ ଶୌଚାଳୟ, ପରିସ୍ରାଗାର, ଟିକେଟ୍ କାଉଣ୍ଟର, ପାନୀୟଜଳ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଆଦି ସୁବିଧା ରହିଛି। ହେଲେ ଏତେ ସବୁ ସୁବିଧା ସତ୍ତ୍ୱେ ବସ୍‌ଗୁଡ଼ିକ ସେଠାକୁ ଯାଉନାହିଁ। ପୁରୁଣା ଷ୍ଟାଣ୍ଡରେ ଖରା ବର୍ଷାରେ ରାସ୍ତାକଡ଼ରେ ଦୀର୍ଘ ସମୟ ଧରି ଠିଆ ହୋଇ ବସ୍‌କୁ ଯାତ୍ରୀମାନେ ଅପେକ୍ଷା କରିବାକୁ ପଡୁଛି। ଏହା କଷ୍ଟଦାୟକ ବୋଲି ବହୁ ଯାତ୍ରୀ କ୍ଷୋଭ ପ୍ରକାଶ କରି କହିଛନ୍ତି। ନୂତନ ବସ୍‌ଷ୍ଟାଣ୍ଡରେ ଟର୍ମିନାଲ ବ୍ୟବସ୍ଥା ନ ଥିବାବେଳେ ଶୌଚାଳୟ, ବିଶ୍ରାମ କକ୍ଷ, ଟିକେଟ କାଉଣ୍ଟର, ଥଣ୍ଡା ପାନୀୟ ଜଳ ମେଶିନ ଆଦି ଅବ୍ୟବହୃତ ଅବସ୍ଥାରେ ରହିଛି। ସେହି ସ୍ଥାନ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଲାଣି। ଏ ଦିଗରେ ପ୍ରଶାସନର ଦୃଷ୍ଟି ପଡୁନାହିଁ। ଏଥିଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଅବହେଳା, ଉଦାସୀନତା, ଅପାରଗତା ଯୋଗୁ ନୂଆ ବସ୍‌ଷ୍ଟାଣ୍ଡ ଅବହେଳିତ ଅବସ୍ଥାରେ ରହିଥିବା ସ୍ଥାନୀୟ ବାସିନ୍ଦା ପୂର୍ଣ୍ଣଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ସାହୁ, ରାମଚନ୍ଦ୍ର ପ୍ରଧାନ ଏବଂ ମନୋଜ ବେହେରା ପ୍ରମୁଖ କହିଛନ୍ତି। ଷ୍ଟାଣ୍ଡରେ ସମସ୍ତ ଯାତ୍ରୀବାହୀ ବସ୍ ରହଣି ବ୍ୟବସ୍ଥା ଲାଗି ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ନିମାପଡ଼ା ଘରୋଇ ବସ୍ ମାଲିକ ସଂଘର ସଭାପତି ବିଚିତ୍ରାନନ୍ଦ ଖଟୋଇ, ବସ୍ ମାଲିକ ସଞ୍ଜୟ ସାହୁ, ସନ୍ତୋଷ ସେନାପତି, ଅନାମ ଚରଣ ସ୍ୱାଇଁ ଏବଂ ବିଜୟ ମିଶ୍ର ପ୍ରମୁଖ କହିଛନ୍ତି, ନିମାପଡ଼ା ରାସ୍ତାରେ ମୋ' ବସ୍ ଚଳାଚଳ ଯୋଗୁ ବସ୍‌ର ସମୟ ନିର୍ଘଣ୍ଟକୁ ନେଇ ବିବାଦ ଓ ସମସ୍ୟା ଉପୁଜୁଛି। ଏନେଇ ପ୍ରଶାସନ ଓ ବସ୍ ମାଲିକଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ନୂଆ ବସ୍‌ଷ୍ଟାଣ୍ଡର ଦୂରତା ୧ କିମିରୁ ଊର୍ଦ୍ଧ୍ୱ ହୋଇଥିବାରୁ ଯାତ୍ରୀମାନେ ସେଠାକୁ ଯାଉନାହାନ୍ତି। ତେଣୁ ପୁରୁଣା ସ୍ଥାନରେ ବସ୍ ରହୁଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ ଏବଂ ଉପାଧ୍ୟକ୍ଷ ସନ୍ତୋଷ ଦାଶ କହିଛନ୍ତି, ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ଓ ଗାଡ଼ି ମାଲିକମାନଙ୍କ ସହ ଆଲୋଚନା କରାଯିବ। ଖୁବ୍‌ଶୀଘ୍ର ନୂଆ ବସ୍‌ଷ୍ଟାଣ୍ଡରେ ଯାତ୍ରୀବାହୀ ବସ୍ ରହଣିର ବ୍ୟବସ୍ଥା କରାଯିବ।

## ସଂକ୍ଷେପରେ

### ଖବରଦାତାଙ୍କୁ ମାଡ଼ ମାରି ଭୁଲ୍ ମାଗିଲେ

**ପୁରୀ ଅଫିସ ୨୦।୭:** ଦିନ ଦ୍ୱିପ୍ରହରରେ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଦୁଇଜଣ ସରକାରୀ କର୍ମଚାରୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି ଜଣେ ଖବରଦାତା। ଏ ନେଇ ଖବରଦାତା ଥାନାରେ ଅଭିଯୋଗ କରିବା ପରେ କର୍ମଚାରୀମାନେ ତାଙ୍କୁ ଭୁଲ ମାଗିଥିଲେ। ଆହାତ ଖବରଦାତା ଜଣଙ୍କ ହେଉଛନ୍ତି ବୈଦ୍ୟୁତିକ ଗଣମାଧ୍ୟମର ପୁରୀ ପ୍ରତିନିଧି ଚନ୍ଦ୍ରଶେଖର ଓମ୍ ପାତ୍ର। ସୂଚନାଯୋଗ୍ୟ, ଖବରଦାତା ଚନ୍ଦ୍ରଶେଖର ଖବର ସଂଗ୍ରହ କରିବାକୁ ବୁଧବାର ପ୍ରାୟ ୧୧ଟାରେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେହି ସମୟରେ କାର୍ଯ୍ୟାଳୟ ନିକଟରେ ୨ଜଣଙ୍କ ମଧ୍ୟରେ ଗାଳି ଗୁଲଜ କରିବା ସହ ହାତାହାତି ହୋଇଥିଲେ। ଏପରି ଘଟଣା ଦେଖି ଚନ୍ଦ୍ରଶେଖର ତାଙ୍କ ମୋବାଇଲରେ ଘଟଣାକୁ ଉତ୍ତୋଳନ କରିଥିଲେ। ଉକ୍ତ ଦୁଇ ବ୍ୟକ୍ତି ଖବରଦାତାଙ୍କୁ ଭିଡିଓ କରିବାର ବିରୋଧ କରିବା ସହ ଗାଳି କରି ମୋବାଇଲ ଫୋନ ଛଡାଇ ନେବା ସହ ମାଡ ମାରିଥିଲେ। ଏନେଇ ଚନ୍ଦ୍ରଶେଖର ସମୁଦ୍ରକୂଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ୨ ଆକ୍ରମଣକାରୀ ଥାନାକୁ ଆସି ସରକାରୀ କର୍ମଚାରୀ ବୋଲି କହିଥିଲେ। ପରେ ଆପୋସ ବୁଝାବଣା ହୋଇ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ସିଟି ଡିଏସି ଜନାର୍ଦ୍ଦନ ପାଢୀ, ଆଇନଜୀବୀ, ଥାନାଧିକାରୀଙ୍କ ଉପସ୍ଥିତିରେ ଖବରଦାତାଙ୍କୁ ଭୁଲ ମାଗି ଘଟଣାର ସମାଧାନ ହୋଇଥିଲା।

### ଚିକିତ୍ସା ବ୍ୟବସ୍ଥାକୁ ଆଧୁନିକ ଜ୍ଞାନ କୌଶଳ ସୁଗମ କରିଛି

**ପୁରୀ ଅଫିସ, ୨୦।୭:** ଗୋପାଳପୁର ଆଇଏମ୍‌ଟି ଫାର୍ମାସୀ କଲେଜର ଡିଏମ୍‌ଏଲ୍‌ଟି ଏବଂ ବିଏମ୍‌ଏଲ୍‌ଟି ବିଭାଗ ଦ୍ୱାରା ୪ର୍ଥ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ବୁଧବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା 'ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୋଗ ନିଦାନ ଏକ ପ୍ରମୁଖ ଶକ୍ତି'। କାର୍ଯ୍ୟକ୍ରମକୁ କଲେଜର ପ୍ରତିଷ୍ଠାତା ଡ. ବିଶ୍ୱନାଥ ରଥ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜର ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସ୍ୱୟଂପ୍ରଭା ପ୍ରଧାନ, ବାଲେଶ୍ୱରସ୍ଥିତ ଫକୀରମୋହନ ମେଡିକାଲ କଲେଜର ଆସୋସିଏଟ୍ ପ୍ରଫେସର ଡା. ଗାୟତ୍ରୀ ରଥ, ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡା. ପର୍ଶୁରାମ ନାୟକ ବୈଷୟିକ ବିଶେଷଜ୍ଞ ଭାବେ ଯୋଗଦେଇ ରୋଗ ନିରୂପଣରେ ଲାବରେଟୋରି ଟେକ୍ନିସିଆନ୍‌ଙ୍କ ଭୂମିକା ଓ ଅତ୍ୟାଧୁନିକ ଯନ୍ତ୍ରପାତି ତଥା ଜ୍ଞାନକୌଶଳର ବହୁଳ ବ୍ୟବହାର ସ୍ୱାସ୍ଥ୍ୟସେବାକୁ କିପରି ସୁଗମ କରିଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଜ୍ଞାନକୌଶଳ ସଂକ୍ରାନ୍ତ ପୋଷ୍ଟର ଉପସ୍ଥାପନ କରାଯାଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ରଥ, ଡ. ଅନ୍ନଦା ପ୍ରସାଦ ମହାପାତ୍ର, ପ୍ରିନ୍ସିପାଲ ଡ. ଅଗ୍ନିମିତ୍ର ଦିଣ୍ଡା, କମଳାକାନ୍ତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଭାଗ୍ୟଶ୍ରୀ ମିଶ୍ର, ଦେବାଶିଷ ମିଶ୍ର, ଅଳକା ପ୍ରିୟଦର୍ଶିନୀ କର, ସତୀଶ ସିରିପିନି, ଦେବଦତ୍ତ ସାହୁ, ଆଲୋକ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ

କାକଟପୁର,୨୦।୭(ଡି.ଏନ୍.ଏ.)

ପ୍ରାକୃତିକ ବିପର୍ଯ୍ୟୟକୁ କିପରି ସାମ୍ନା କରାଯିବ ସେ ନେଇ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ବୁଧବାର ପ୍ରଶିକ୍ଷଣ ଦିଆଯାଇଛି। ବିଡିଓ ତୁଷାର ଜ୍ୟୋତିରଞ୍ଜନ ଏହାରୁ ଉଦ୍‌ଘାଟନ କରିଥିଲେ। ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଆସିଥିବା ବରିଷ୍ଠ ଅଫିସର ଓ ଅଧସ୍ତନ ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କ ମିଳିତ ସହଯୋଗରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପମ୍ପବୋଟ ଓ ତା'ର କାର୍ଯ୍ୟକାରିତା ସମ୍ପର୍କରେ ପିଲାଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜପାଲ ଗୁଲଜାର(ଏଏସ୍‌ଆଇ), ପଞ୍ଚୁ ନାହାକ, ଆର୍ ଆର୍ ଦାସ, ପଙ୍କଜ ସ୍ୱାଓ୍ୱନ୍ତ, ବାଘ ସିଂଙ୍କ ସହିତ କାକଟପୁର ସରପଞ୍ଚ ଅଭୟ ସେଠୀ, ସ୍କୁଲ ଚେୟାରମ୍ୟାନ ଧୀରେନ୍ଦ୍ର ଚାନ୍ଦ, ସଭ୍ୟ ପ୍ରଭାତ ଦୀକ୍ଷିତ, ପ୍ରଧାନ ଶିକ୍ଷକ ପ୍ରତାପ ରାଉତ, ସହକାରୀ ଶିକ୍ଷକ ପୀତବାସ ଦୀକ୍ଷିତ, ଦିଲୀପ ସ୍ୱାଇଁ ଓ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ପିଲାଙ୍କୁ ଉତ୍ସାହିତ କରିବା ସହ ସହଯୋଗ କରିଥିଲେ।



**କର୍ତ୍ତୃପକ୍ଷଙ୍କ ନଜର ନାହିଁ:** ପୁରୀ ରେଳଷ୍ଟେଶନ ସମ୍ମୁଖରେ ବୁଧବାର ବର୍ଷାଜଳ ଜମି ରହିଛି।

## ସାହିରେ ଜମୁଛି ନିଶା ବେପାର

ପୁରୀ ଅଫିସ, ୨୦।୭

**ଭିଡିଓ ଭାଇରାଲ, କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଦାବିପତ୍ର**

ପୁରୀ ସହରରେ ନିଶା କାରବାର ବଢିଚାଲିଛି। ପୋଲିସ କ୍ରମାଗତ ଭାବେ ବିଭିନ୍ନ ସ୍ଥାନରୁ ବ୍ରାଉନ ସୁଗାର୍ ଜବତ କରିବା ସତ୍ତ୍ୱେ ଚୋରା ଚାଲାଣ କମିବାର ନା ନେଉନାହିଁ । ବୁଧବାର ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା। ଭିଡିଓରେ ବାସେଳି ସାହି ଥାନା ଅନ୍ତର୍ଗତ ମିଶ୍ର ନୋଳିଆ ସାହିର ଜଣେ ବ୍ୟକ୍ତିଙ୍କ ଘର ବାହାରେ ଦୁଇ ଜଣ ଯୁବକ ହାତରେ କିଛି ଟଙ୍କା ଧରି ଠିଆ ହୋଇ ରହିଥିଲେ। ଗେଟ ଅପରପାର୍ଶ୍ୱରେ ଜଣେ ବ୍ୟକ୍ତି ସେହି ଯୁବକଙ୍କଠାରୁ ଟଙ୍କା ନେଲେ ଓ ପ୍ରତିବଦଳରେ ବ୍ରାଉନସୁଗାର ପ୍ୟାକେଟ ଧରାଇ ଦେଲେ। ଏହାପରେ ଯୁବକ ଦ୍ୱୟ ଗାଡ଼ି ବୁଲାଇ ଚାଲିଗଲେ। ସ୍ଥାନୀୟ ଅଞ୍ଚଳର ଜଣେ ବାସିନ୍ଦା କହିଛନ୍ତି, ୮ଜଣ ବ୍ୟକ୍ତି ନିଶା ବେପାର କରୁଛନ୍ତି। ଏ ନେଇ ଆଗୁଆ ଡିଲ୍ ହେଉଛି। ଏହାକୁ ବିରୋଧ କଲେ ଧମକ ମିଳୁଛି। ତେବେ ଏଭଳି ଘଟଣା ସାମ୍ନାକୁ ଆସିବା ପରେ ସାହିର ମହିଳା ସଂଘ ଏବଂ ବୁଢ଼ୀ ମା' ମହିଳା ସଂଘ କର୍ମକର୍ତ୍ତା ବୁଧବାର ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବିପତ୍ର ଦେଇଛନ୍ତି। ସାହି ବାସିନ୍ଦା ସବିତା ନାୟକ କହିଛନ୍ତି, ନିଶା କାରବାର ଘଟଣା ନେଇ ପୋଲିସର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ନିଶା ବେପାରୀଙ୍କଠାରୁ ଧମକ ଚମକ ମିଳୁଛି। ସେହିପରି ଛୋଟ ବେପାରୀଙ୍କୁ ଗିରଫ କରାଯାଉଛି, ବଡ଼ ବେପାରୀ ଖସିଯାଉଛନ୍ତି ବୋଲି ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାସ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା କହିଛନ୍ତି, ଏଭଳି ଭିଡିଓ ସାମ୍ନାକୁ ଆସିବା ପରେ ତଦନ୍ତ ନିର୍ଦ୍ଦେଶ ଦେବା ସହ ଯାଞ୍ଚକୁ ଜୋରଦାର କରିଛୁ। ସେହିଭଳି ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି, ସାହିବାସିନ୍ଦାଙ୍କ ଠାରୁ ତଥ୍ୟ ସଂଗ୍ରହ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

ପୁରୀ ଅଫିସ, ୨୦।୭

- ମୁକୁଳା ଡ୍ରେନ୍‌ରେ ପଡ଼ି ରିକ୍ସା ଚାଳକଙ୍କ ମୃତ୍ୟୁ ଘଟଣା
- ୬ ସପ୍ତାହରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

ମାର୍କେଟ ଛକର ମୁକୁଳା ଡ୍ରେନ୍‌ରେ ପଡ଼ି ପ୍ରାଣ ହରାଇଥିବା ରିକ୍ସାଚାଳକ ନିଧି ସାହୁଙ୍କୁ କ୍ଷତିପୂରଣ ଦେବା ସହ ପ୍ରଶାସନିକ ଅନିୟମିତତା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରି ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାଶ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ କମିଶନ ବୁଧବାର ପୁରୀ ଜିଲାପାଳଙ୍କୁ ନୋଟିସ କରିଛନ୍ତି। ଆସନ୍ତା ୮ସପ୍ତାହ ମଧ୍ୟରେ ଆକ୍ସନ ଟେକେନ୍ (କ'ଣ ପଦକ୍ଷେପ ନିଆଯାଇଛି) ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗର ଠିକ୍ ତଦନ୍ତ ପାଇଁ ଆବଶ୍ୟକ ପଦକ୍ଷେପ ନେଇ ରିପୋର୍ଟ ପ୍ରସ୍ତୁତ କରିବାକୁ ଜିଲାପାଳଙ୍କୁ କମିଶନ କହିଛନ୍ତି। ସେହିପରି ଅଭିଯୋଗ ଯଦି ସତ୍ୟ ହୋଇଥାଏ ତେବେ ଏହା ମାନବ ଅଧିକାରର ଉଲ୍ଲଂଘନ। ଉକ୍ତ ଘଟଣାରେ ସମ୍ବିଧାନର ଧାରା ୨୧ର ଉଲ୍ଲଂଘନ ହୋଇଛି ବୋଲି କମିଶନ କହିଛନ୍ତି। ଏନେଇ ସୂଚନା ଅଧିକାର କର୍ମୀ ଜୟନ୍ତ କହିଛନ୍ତି, ସରକାରୀ ଅଧିକାରୀଙ୍କ ଚରମ ଅବହେଳାରୁ ଏକ ନିରୀହ ଜୀବନ ଚାଲିଗଲା। ତେଣୁ ଜିଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଅନ୍ତୁ।

ସୂଚନାଯୋଗ୍ୟ, ମେ ୧୭ତାରିଖ ରାତିରେ ବୀରନରସିଂହପୁର ଅଞ୍ଚଳର ନିଧି ସାହୁ ପୁରୀ ମାର୍କେଟ ଛକସ୍ଥିତ ମୁକୁଳା ଡ୍ରେନ୍‌ରେ ପଡ଼ିଯାଇଥିଲେ। ବିଳମ୍ବିତ ରାତ୍ରରେ ତାଙ୍କୁ ଉଦ୍ଧାର କରିବାକୁ କେହି ନ ଥିଲେ। ଶ୍ୱାସରୁଦ୍ଧ କାରଣରୁ ତାଙ୍କର ଜୀବନ ଚାଲିଯାଇଥିଲା। ତେବେ ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇନାହିଁ। ନିଧିଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଓ ନାବାଳକ ପୁତ୍ର ରହିଛନ୍ତି। ଏକମାତ୍ର ରୋଜଗାରକ୍ଷମ ନିଧିଙ୍କ ମୃତ୍ୟୁ ପରେ ପରିବାର ଲୋକେ ପ୍ରଶାସନର ସହଯୋଗ ଲୋଡ଼ିଛନ୍ତି।

## ଆଧ୍ୟାତ୍ମିକ ଚିତ୍ରକଳା ପ୍ରଦର୍ଶନୀ

**ପୁରୀ ଅଫିସ, ୨୦।୭:** ବଡ଼ଦାଣ୍ଡସ୍ଥିତ ହୋଟେଲ ଶ୍ରୀହରି ଗ୍ରାଣ୍ଡରେ ଆଧ୍ୟାତ୍ମିକ ଚିତ୍ରକଳା ପ୍ରଦର୍ଶନୀ କାର୍ଯ୍ୟକ୍ରମ 'ସମର୍ପଣ' ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା, ଶ୍ରୀଗୁଣ୍ଡିଚା, ହେରା ପଞ୍ଚମୀ, ବାହୁଡ଼ା ଯାତ୍ରା, ଲକ୍ଷ୍ମୀନାରାୟଣ ଭେଟ, ରଥ ଉପରେ ସୁନାବେଶ, ଅଧରପଣା ଭୋଗ, ନୀଳାଦ୍ରି ବିଜେ ଏବଂ ମହାଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିବାର ନିଖୁଣ ଚିତ୍ରକୁ ରଙ୍ଗ ଓ ତୁଳି ମାଧ୍ୟମରେ ଜୀବନ୍ତ ରୂପ ଦେଇଛନ୍ତି ପୁରୀର ଚିତ୍ରକାର ବିଶ୍ୱମୋହନ ରଥ ଓ ରାଜନନ୍ଦିନୀ ମହାପାତ୍ର। ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତିକାନ୍ତିକୁ ନେଇ ୪୫ ଆକର୍ଷଣୀୟ ଚିତ୍ର ଅଙ୍କନ କରିଛନ୍ତି ରାଜନନ୍ଦିନୀ। ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟାପକ ବିଶ୍ୱମୋହନ ରଥଙ୍କଠାରୁ ଚିତ୍ର ଅଙ୍କନ ଶିକ୍ଷା କରିଥିବା ରାଜନନ୍ଦିନୀ କହିଛନ୍ତି।



ପିପିଲି ଥାନା ପରିସରରେ ବୁଧବାର ଆଇଆଇସି ଅଭିମନ୍ୟୁ ନାୟକ ଏବଂ ଅନ୍ୟ କର୍ମଚାରୀମାନେ ଚାରାରୋପଣ କରୁଛନ୍ତି।

## ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ

ଡେଲାଙ୍ଗ,୨୦।୭(ଡି.ଏନ୍.ଏ.)

**ଯୁବକ ବିଷ ପିଆଇବା ଘଟଣା**

ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ଯୁବକ ବଳପୂର୍ବକ ବିଷ ପିଆଇବା ଦ୍ୱାରା ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣେ ଯୁବତୀଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ବୁଧବାର ମୃତ୍ୟୁ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ଡେଲାଙ୍ଗ ପୋଲିସ ଯୁବତୀଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରିଥିଲା। ବିଶ୍ୱମ୍ଭର ମହାପାତ୍ର ନାମକ ଜଣେ ଯୁବକ ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ବିବାହ ନ କରିବାରୁ ଯୁବତୀ ଏହାର ପ୍ରତିବାଦ କରିଥିଲେ। ଏଥିରେ ରାଗିଯାଇ ବିଶ୍ୱମ୍ଭର ତାଙ୍କୁ ବଳପୂର୍ବକ ବିଷ(ଘାସମରା ଔଷଧ) ପିଆଇ ଦେଇଥିଲେ ବୋଲି ପୋଲିସ ନିକଟରେ ଯୁବତୀ ଜମାନବନ୍ଦୀରେ କହିଥିଲେ। ଗତ ୧୫ତାରିଖରେ ଯୁବତୀଙ୍କ ବାପାଙ୍କ ଅଭିଯୋଗ ଅନୁସାରେ ପୋଲିସ ବିଶ୍ୱମ୍ଭରଙ୍କ ନାମରେ ଏକ ମାମଲା (ନଂ.୧୮୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ବିଶ୍ୱମ୍ଭର ଫେରାର ଥିବା ଥାନା ଅଧିକାରୀ ଅନୀଲ କୁମାର ମହାନ୍ତି କହିଛି।

ସୂଚନା ମୁତାବକ, ଡେଲାଙ୍ଗ ଥାନା ଅଞ୍ଚଳର ବିଶ୍ୱମ୍ଭର ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ବିଶ୍ୱମ୍ଭର ଶାରୀରିକ ସମ୍ପର୍କ ରଖି ପରେ ପ୍ରତାରଣା କରିଥିଲେ। ଯୁବତୀ ଜଣକ ବିବାହ ପାଇଁ ବାଧ କରିବାରୁ ୧୨ତାରିଖରେ ସେ ମନ୍ଦିରରୁ ଫେରିବା ବେଳେ ବିଶ୍ୱମ୍ଭର ତାଙ୍କୁ ବଳପୂର୍ବକ ତାଙ୍କୁ ଘାସମରା ଔଷଧ ପିଆଇ ଦେଇଥିଲେ। ଗ୍ରାମବାସୀ ଏହା ଜାଣି ଯୁବତୀଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଯୁବତୀଙ୍କୁ ପ୍ରଥମେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଯୁବତୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବାବେଳେ ଗୋଟିଏ କିଡ୍‌ନୀ ମଧ୍ୟ ନଷ୍ଟ ହୋଇଯାଇଥିବା ଡାକ୍ତର କହିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ ଘଟିଛି। ଗତ ୧୭ତାରିଖରେ ଯୁବତୀଙ୍କ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଲୋକ ଥାନା ସମ୍ମୁଖରେ ଧାରଣା ଦେବା ସହ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ। ଅଭିଯୁକ୍ତ ବିଶ୍ୱମ୍ଭର ଫେରାର ହୋଇଯାଇଥିବା ଜାଣିବା ପରେ ପୋଲିସ ତାଙ୍କ ବଡ ଭାଇଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

## ୫ ବର୍ଷରେ ୭୦ ଲକ୍ଷ ମହିଳାଙ୍କୁ ଆର୍ଥିକ ସଶକ୍ତୀକରଣ ଲକ୍ଷ୍ୟ

ନିମାପଡ଼ା,୨୦।୭(ଡି.ଏନ୍.ଏ.)

ଆସନ୍ତା ୫ ବର୍ଷ ମଧ୍ୟରେ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୭୦ ଲକ୍ଷ ମହିଳାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କା ବିନିଯୋଗରେ ଆର୍ଥିକ ସଶକ୍ତୀକରଣ କରାଯିବ। ବୁଧବାର ନିମାପଡ଼ା ଟାଉନହଲ୍‌ଠାରେ ଆୟୋଜିତ ବିଜେଡିର ବ୍ଲକସ୍ତରୀୟ ସଂଗଠକ ବୈଠକରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ବୈଠକରେ ସମ୍ମାନିତ ଅତିଥି ଭାବେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ନିମାପଡ଼ା ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଗୋପ ବ୍ଲକ ବିଜେଡି ସମ୍ପାଦକ ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବାକୁ ସାଙ୍ଗଠନିକ ପ୍ରସ୍ତୁତି ଖସଡ଼ା ଓ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ନେତୃବୃନ୍ଦମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବେ। ଏଥିସହ ସମସ୍ତ ସରକାରୀ ଯୋଜନାକୁ ନିର୍ବାଚିତ ଜନ ପ୍ରତିନିଧି, ଦଳୀୟ କର୍ମକର୍ତ୍ତା, ନେତୃବୃନ୍ଦମାନେ ତଳସ୍ତରର ଲୋକଙ୍କ ପାଖରେ ପହଞ୍ଚାଇବାକୁ ଅତିଥିମାନେ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ଏକ ୧୯ ଜଣିଆ ବ୍ଲକ ସ୍ତରୀୟ କମିଟି, ବିଭିନ୍ନ ପଞ୍ଚାୟତ କମିଟି ଗଠନ ହୋଇଥିବାବେଳେ ବ୍ଲକର ୪ଟି ଜୋନ୍‌ରେ ୪ ଜଣ ଦଳୀୟ ନେତାଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି କରାଯାଇଛି। ବୈଠକରେ ଦଳୀୟ ସମର୍ଥିତ ବହୁ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ପ୍ରତ୍ୟେକ ପଞ୍ଚାୟତର ନେତୃବୃନ୍ଦ, ମହିଳା ନେତୃବୃନ୍ଦଙ୍କ ସମେତ ୩ଶହରୁ ଊର୍ଦ୍ଧ୍ୱ ନେତୃତ୍ୱ ଓ କର୍ମୀମାନେ ଯୋଗଦେଇଥିଲେ।



ନିମାପଡ଼ା ଟାଉନହଲ୍‌ରେ ଆୟୋଜିତ ବିଜେଡିର ବ୍ଲକସ୍ତରୀୟ ସଂଗଠକ ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।